ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ (୧୮ ପୃଷ୍ଠା) | Bhubaneswar, Friday, April 10/2026 | Page 18 | ₹ 7.00
୫୨ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 135 | ମୂଲ୍ୟ₹୭/-



Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

**ଦିଲ୍ଲୀରେ ଆଜି**




କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅପମାନଜନକ ମନ୍ତବ୍ୟ ଓ ଖରାପ ଭାଷା ପ୍ରୟୋଗକୁ ବିରୋଧ କରି ଏଆଇସିସି (ଅନୁସୂଚିତ ଜାତି ବିଭାଗ) ପକ୍ଷରୁ ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# ଲେବାନନ୍ ସହ ଆଲୋଚନା କରିବ ଇସ୍ରାଏଲ୍

**ଦୁବାଇ,୯।୪(ଏ.ପି.)**

ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ୍‌ରେ ଆକ୍ରମଣ ଜାରି ରଖିଥିବା ଇସ୍ରାଏଲ୍ ଯଥାଶୀଘ୍ର ସମ୍ଭବ ବିରୁଟ୍ ସହ ଆଲୋଚନା କରିବ। ଏନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗୁରୁବାର ସୂଚନା ଦେଇଛନ୍ତି। ନେତାନ୍ୟାହୁ କହିଛନ୍ତି, ଲେବାବନ୍ ପକ୍ଷରୁ ବାରମ୍ବାର ପ୍ରତ୍ୟକ୍ଷ ଆଲୋଚନା ପାଇଁ ଅନୁରୋଧ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟକ୍ଷ ଆଲୋଚନା କରିବାକୁ ସେ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନାରେ ବିଶେଷକରି ଭବିଷ୍ୟତରେ ସୁରକ୍ଷା ଓ ଦୁଇଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ପ୍ରସଙ୍ଗ ସ୍ଥାନ ପାଇବ। ହେଜ୍‌ବୋଲ୍ଲାକୁ ନିରସ୍ତ୍ର କରିବା ନେଇ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ନେତାନ୍ୟାହୁ କହିଛନ୍ତି।

## ହେଜ୍‌ବୋଲ୍ଲାର ନିରସ୍ତ୍ରୀକରଣ ଉପରେ ଫୋକସ୍



ବେଞ୍ଜାମିନ୍ ନେତାନ୍ୟାହୁ

ନେତାନ୍ୟାହୁଙ୍କ ଏହି ମନ୍ତବ୍ୟର ଘଣ୍ଟାଏ ପୂର୍ବରୁ ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଓଉନ୍ କହିଥିଲେ, ଲେବାନନ୍‌ରେ ଲାଗିରହିଥିବା ସ୍ଥିତିର ଏକମାତ୍ର ସମାଧାନ ହେଉଛି ଇସ୍ରାଏଲ୍ ସହ ସିଜ୍‌ଫାୟାର। ଦୁଇଦେଶ ପ୍ରତ୍ୟକ୍ଷ ଆଲୋଚନା କଲେ ଏହା ସମ୍ଭବ ହୋଇପାରେ।

# ହର୍ମୁଜ୍ ଦେଇ ତୈଳ ପରିବହନ ବନ୍ଦ ରହିଛି



**ୱାଶିଂଟନ୍,୯।୪**

ଆମେରିକା ଓ ଇରାନ୍ ପକ୍ଷରୁ ସାମୟିକ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବ୍ୟବସାୟିକ ପରିବହନ ଜାହାଜଗୁଡ଼ିକ ପାଇଁ ପ୍ରାୟତଃ ବନ୍ଦ ରହିଛି। ଜାହାଜ ଚଳାଚଳ ଉପରେ ନଜର ରଖୁଥିବା ସଂସ୍ଥାଗୁଡ଼ିକରୁ ମିଳିଥିବା ତଥ୍ୟାନୁସାରେ ଅସ୍ତ୍ରବିରତି ପରେ ମଧ୍ୟ ହର୍ମୁଜ୍ ଜଳପଥ ଟ୍ରାଫିକ୍‌ରେ କୌଣସି ପରିବର୍ତ୍ତନ ଆସିନାହିଁ। ଏଭଳି ସ୍ଥିତିରେ ଟ୍ରାଞ୍ଜିଟ୍ ପାଇଁ ତେହରାନ୍‌ର ଟୋଲ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ରହିଥିବା ବିଶ୍ଳେଷକମାନେ କହିଛନ୍ତି।

ଲୟଡ୍ସ ଲିଷ୍ଟ ଅନୁସାରେ ବୁଧବାର ସିଜ୍‌ଫାୟାର ଘୋଷଣା ହେବା ପରେ ହର୍ମୁଜ୍ ପ୍ରଣାଳୀ ଦେଇ ଇରାନ୍‌ର ମାତ୍ର ୩ଟି ଜାହାଜ ଅତିକ୍ରମ କରିଛି। ସେହିପରି ଅନ୍ୟ ୩ଟି ଜାହାଜ ହର୍ମୁଜ୍ ଜଳପଥ ଦେଇ ଅତିକ୍ରମ କରିବାକୁ ଲାରାକ୍ ଦ୍ୱୀପ ନିକଟରେ ଅପେକ୍ଷାରତ ଥିବା ଜଣାପଡ଼ିଛି। ଟ୍ରେଡ୍ ଇଣ୍ଟେଲିଜେନ୍ସ ଫାର୍ମ କେପଲର୍‌ର କ୍ରୁଡ୍ ଆନାଲିଷ୍ଟ ଜସ୍‌ହାନ୍ ପ୍ରେମା କହିଛନ୍ତି, ଏପ୍ରିଲ ୫ରେ ୫.୬ ନିୟୁତ ବ୍ୟାରେଲ

## ଦୈନିକ ୧୫ ଜାହାଜ ଛାଡ଼ିପାରେ ଇରାନ୍

କ୍ରୁଡ୍ ନେଇ ଏକ ତୈଳ ଟ୍ୟାଙ୍କର ହର୍ମୁଜ୍ ଅତିକ୍ରମ କରିଥିଲା। ସେଥିରୁ ସର୍ବାଧିକ ତୈଳ ଇରାନ୍‌ର ହୋଇଥିବାବେଳେ ପ୍ରାୟ ୧ ନିୟୁତ ବ୍ୟାରେଲ ଇରାକ୍‌ର ବସରାହ ହେଭିରୁ ଉତ୍ତୋଳିତ। ତେବେ ସିଜ୍‌ଫାୟାର ଘୋଷଣା ପରେ କୌଣସି ନୂଆ ତୈଳ ଟ୍ରାଞ୍ଜିଟ୍ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଆଗାମୀ ଦିନରେ ସ୍ଥିତିରେ ସ୍ଥିରତା ଆସିଲେ ପରିବହନ ହୋଇପାରେ ବୋଲି 'ଇଣ୍ଡିପେଣ୍ଡେଣ୍ଟ'କୁ ଜସ୍‌ହାନ୍ କହିଛନ୍ତି। ଇତିମଧ୍ୟରେ ପ୍ରାକୃତିକ ବାଷ୍ପ ପରିବହନକାରୀ କୌଣସି ଜାହାଜ ମଧ୍ୟ ହର୍ମୁଜ୍ ଦେଇ ଯାତ୍ରା ଆରମ୍ଭ କରିନାହିଁ। ଅନ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଇରାନ୍ ଦୈନିକ ୧୫ ତୈଳ ଜାହାଜକୁ ହର୍ମୁଜ୍ ଦେଇ ଯାତ୍ରା କରିବାକୁ ଅନୁମତି ଦେଇପାରେ। ଅସ୍ତ୍ରବିରତି ଚୁକ୍ତିରେ ତେହରାନ୍ ଏନେଇ ସହମତି ପ୍ରକାଶ କରିଥିବା ରୁଷିଆର ଟିଏଏସ୍‌ଏସ୍ ନ୍ୟୁଜ୍ ଏକ ଅଜ୍ଞାତ ଇରାନୀୟ ସୂତ୍ରରୁ ରିପୋର୍ଟ କରିଛି।

# ଇସ୍‌ଲାମାବାଦ ଶାନ୍ତି ଆଲୋଚନା ଆଜି

**ଇସ୍‌ଲାମାବାଦ,୯।୪(ପି.ଟି./ଡନ୍)**

ଆମେରିକା-ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ୨ ସପ୍ତାହ ପାଇଁ ଘୋଷିତ ଅସ୍ତ୍ରବିରତି ଉପରେ ପ୍ରତ୍ୟକ୍ଷ ଆଲୋଚନା ଶୁକ୍ରବାର ହେବାକୁ ଯାଉଛି। ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦର ଆଇୱାନ୍ ଇ ସଦର (ପ୍ରେସିଡେନ୍ସିଆଲ ପ୍ୟାଲେସ୍)ରେ ହେବାକୁ ଥିବା ଏହି ଶାନ୍ତି ଆଲୋଚନା ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସମେତ ବିଶ୍ୱର କେତେଜଣ ନେତା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କୁ ଫୋନ୍ କରି ଆଲୋଚନାକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପଶ୍ଚିମ ଏସିଆରେ ଆଗକୁ ଯେପରି ଉତ୍ତେଜନା ନ ବଢ଼ିବ ସେଥିପାଇଁ ଆମେରିକା ଓ ଇରାନ୍ ୨ ସପ୍ତାହ ଲାଗି ସସର୍ତ୍ତ ସିଜ୍‌ଫାୟାର କରିବାକୁ ବୁଧବାର ସହମତି ପ୍ରକାଶ କରିଥିଲେ। ଶତ୍ରୁତାକୁ ଚିରଶାନ୍ତିରେ ପରିଣତ କରିବା ସକାଶେ ଇସ୍‌ଲାମାବାଦ ଉଭୟ ପକ୍ଷ ମଧ୍ୟରେ ସାମ୍ନାସାମ୍ନି ଆଲୋଚନାର ଆୟୋଜନ କରୁଛି। ଇସ୍‌ଲାମାବାଦରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହେବ ଏବଂ କେବଳ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି। ଏଥିରେ ଯୋଗଦେବା ପାଇଁ

### ■ଟିମ୍ ଆମେରିକାର ନେତୃତ୍ୱ ନେବେ ଜେଡି ଭାନ୍ସ
### ■ଇରାନୀୟ ପ୍ରତିନିଧି ଦଳରେ ଆରାଘଚି, ଘଲିବାଫ୍



ଜେଡି ଭାନ୍ସ



ଅବ୍ବାସ୍ ଆରାଘଚି

ଗୁରୁବାର ରାତିରେ ଉଭୟ ପକ୍ଷର ନେତା ଇସ୍‌ଲାମାବାଦରେ ପହଞ୍ଚିଛନ୍ତି। ପାକିସ୍ତାନରେ ଇରାନୀୟ ରାଷ୍ଟ୍ରଦୂତ ରେଜା ଆମିରି ମୋଘାଦମ୍ ଏନେଇ ସ୍ପଷ୍ଟ କରିଛନ୍ତି। ଇରାନ୍ ପକ୍ଷରୁ ୧୦ ସୂତ୍ରୀ ଯୋଜନା ଉପସ୍ଥାପନ କରାଯାଇଥିବା ସେ Xରେ ଉଲ୍ଲେଖ କରିଛନ୍ତି। ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ଉପରାଷ୍ଟ୍ରପତି ଜେଡି ଭାନ୍ସ ନେଉଛନ୍ତି। ତାଙ୍କ ସହ ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର ମଧ୍ୟ ଇସ୍‌ଲାମାବାଦ ଗସ୍ତ କରୁଛନ୍ତି। ଏମାନେ ଆମେରିକା ପକ୍ଷରୁ ୧୫ ସୂତ୍ରୀ ପ୍ରସ୍ତାବ ଉପସ୍ଥାପନ କରିବେ। ଏହି ଆଲୋଚନାକୁ ସଫଳ କରିବା ପାଇଁ ପାକିସ୍ତାନର ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ମାର୍ଚ୍ଚ ଶେଷ ପରଠୁ ଭାନ୍ସଙ୍କ ସମେତ ଅନ୍ୟ କୂଟନୀତିଜ୍ଞଙ୍କ ସହ ଫୋନ୍‌ରେ ଆଲୋଚନା କରିଆସିଛନ୍ତି। ସେହିପରି ପାକିସ୍ତାନର ଉପପ୍ରଧାନମନ୍ତ୍ରୀ (ବହିର୍ବ୍ୟାପାର) ଇଶାକ୍ ଡାର ମଧ୍ୟ ତତ୍ପରତା ସହ ଉଭୟ ପକ୍ଷ ମଧ୍ୟରେ କୂଟନୈତିକ ଉଦ୍ୟମ ଚଳାଇଛନ୍ତି। ସେହିପରି ଟିମ୍ ଇରାନ୍‌ର ନେତୃତ୍ୱ ନେଉଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି। ଇରାନ୍‌ର ଶୀର୍ଷ କୂଟନୀତିଜ୍ଞ ଆରାଘଚିଙ୍କ ସହ ଉକ୍ତ ପ୍ରତିନିଧି ଦଳରେ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ ଯୋଗ ଦେଉଛନ୍ତି। ପୂର୍ବ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଓ ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜ୍‌ତବା ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ରୂପେ ଜଣାଶୁଣା ଘଲିବାଫ୍ ପଛଦ୍ୱାର ଦେଇ ଆମେରିକୀୟ ଟିମ୍ ସହ କିଛିଦିନ ଧରି ଆଲୋଚନା ଚଳାଇଆସିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହା ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ଏବଂ ଏଥିରେ ଇସ୍ରାଏଲ୍‌ର କୌଣସି ନେତା ଯୋଗଦେବେ ନାହିଁ ବୋଲି ଜଣାପଡ଼ିଛି।

**ଶାନ୍ତି ଆଲୋଚନା ହେବାକୁ ଥିବା ଇସ୍‌ଲାମାବାଦର ପ୍ରେସିଡେନ୍ସିଆଲ ପ୍ୟାଲେସ୍**



# ପାକିସ୍ତାନ ଏକ କୂଟନୈତିକ ଆବରଣ: ଥରୁର୍

**ନୂଆଦିଲ୍ଲୀ,୯।୪**

ଇରାନ୍ ସଂଘର୍ଷରେ ଆମେରିକାର ଲଜ୍ଜା ନିବାରଣ ପାଇଁ ପାକିସ୍ତାନ ଏକ କୂଟନୈତିକ ଆବରଣ ବୋଲି ଗୁରୁବାର କଂଗ୍ରେସ ନେତା ଶଶୀ ଥରୁର୍ କହିଛନ୍ତି। ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଶୁକ୍ରବାର ୱାଶିଂଟନ୍ ଓ ତେହରାନ୍ ମଧ୍ୟରେ ଶାନ୍ତି ଆଲୋଚନା ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ଥରୁର୍ ଏପରି ମନ୍ତବ୍ୟ ଦେଇଛନ୍ତି। ଜାତିସଂଘର ପୂର୍ବତନ ଅଧିକାରୀ ଥରୁର୍ ଏକ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଏସିଆ ସଙ୍କଟ ଉପରେ କହିଛନ୍ତି, ପାକିସ୍ତାନ ୱାଶିଂଟନ୍‌କୁ ଲଜ୍ଜିତ ହେବାରୁ ରକ୍ଷାକରିବାକୁ ଯାଇ 'ଡିପ୍ଲୋମାଟିକ୍ ଫିଗ୍ ଲିଫ୍' ଭାବେ କାର୍ଯ୍ୟ କରିଛି। ପ୍ରକୃତ ଆଲୋଚନା ଓ ନିଷ୍ପତ୍ତି ଅନ୍ୟ ପକ୍ଷଙ୍କଠାରୁ ଆସିଥିବାବେଳେ ପାକିସ୍ତାନ କେବଳ ଏକ କୂଟନୈତିକ ଆବରଣ। ସେହିପରି ଭାରତର ଭୂମିକା ଉପରେ ଥରୁର୍ କହିଛନ୍ତି, ପାକିସ୍ତାନ ଜରିଆରେ ମଧ୍ୟସ୍ଥତା ଉଦ୍ୟମ ଚାଲିଥିଲେ ମଧ୍ୟ ନୂଆଦିଲ୍ଲୀ ଆଗକୁ ଆସିବା ଜରୁରୀ। ଭାରତର କ୍ଷେତ୍ରୀୟ ଉତ୍ତରଦାୟିତ୍ୱ ରହିଛି। ତେଣୁ ନୂଆଦିଲ୍ଲୀ ବ୍ୟାପକ ଦୃଷ୍ଟିକୋଣ ଆପଣାଇବା ଉଚିତ ବୋଲି ଥରୁର୍ ମତ ଦେଇଛନ୍ତି।

10001/29/2627

## ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ଚଳିତ ବର୍ଷ ଅପ୍ରେଲ ୧୦ ତାରିଖରେ ସାରା ବିଶ୍ୱ ସହିତ ଆମ ରାଜ୍ୟରେ ମଧ୍ୟ "ବିଶ୍ୱ ହୋମିଓପ୍ୟାଥି ଦିବସ" ପାଳିତ ହେଉଅଛି । ଏହି ଅବସରରେ ଚଳିତ ବର୍ଷର ଆଭିମୁଖ୍ୟ "ସ୍ଥାୟୀ ସ୍ୱାସ୍ଥ୍ୟ ନିମିତ୍ତ ହୋମିଓପ୍ୟାଥି" (Homoeopathy for Sustainable Health) ର ପ୍ରାସଙ୍ଗିକତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହୋମିଓପ୍ୟାଥିକ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ୍ ହାନିମ୍ୟାନଙ୍କ ଜୟନ୍ତୀ ଅବସରରେ ମୁଁ ସମସ୍ତ ହୋମିଓପ୍ୟାଥିକ ଚିକିତ୍ସକ, ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ହୋମିଓପ୍ୟାଥି ଏକ ପ୍ରାକୃତିକ, ସରଳ, ସୁଲଭ ଏବଂ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି ଭାବେ ଆମ ରାଜ୍ୟରେ ବିଶେଷ ଆଦୃତ ହୋଇପାରିଛି । ଏହା କେବଳ ରୋଗର ଲକ୍ଷଣ ନୁହେଁ, ବରଂ ରୋଗର ମୂଳ କାରଣକୁ ଦୂର କରିବାରେ ସହାୟକ ହୋଇଥାଏ । ବିଶେଷ କରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟରକ୍ଷା ଏବଂ ଜଟିଳ ପୁରୁଣା ରୋଗର ନିରାକରଣ କ୍ଷେତ୍ରରେ ହୋମିଓପ୍ୟାଥିର ଅବଦାନ ଅତୁଳନୀୟ ।

ଆମ ସରକାର ପ୍ରତିଟି ଜନସାଧାରଣଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବଦ୍ଧପରିକର । ହୋମିଓପ୍ୟାଥି ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଏକ ସୁସ୍ଥ ଓ ନିରୋଗ ଓଡ଼ିଶା ଗଠନ ଦିଗରେ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ ।

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭେଚ୍ଛା ବାର୍ତ୍ତା

"ବିଶ୍ୱ ହୋମିଓପ୍ୟାଥି ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଉଛି । ଚଳିତ ବର୍ଷର ବିଷୟବସ୍ତୁ "ସ୍ଥାୟୀ ସ୍ୱାସ୍ଥ୍ୟ ନିମିତ୍ତ ହୋମିଓପ୍ୟାଥି" (Homoeopathy for Sustainable Health) ଆମକୁ ଏକ ଦୀର୍ଘସ୍ଥାୟୀ ଓ ପ୍ରାକୃତିକ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ମାର୍ଗଦର୍ଶନ କରୁଛି ।

ହୋମିଓପ୍ୟାଥି ଚିକିତ୍ସାରେ ରୋଗୀର ଶାରୀରିକ ଓ ମାନସିକ ସ୍ଥିତିକୁ ବିଚାର କରି ଚିକିତ୍ସା କରାଯାଉଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ସ୍ୱଳ୍ପ ଖର୍ଚ୍ଚରେ ଜଟିଳ ରୋଗରୁ ମୁକ୍ତି ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ରାଜ୍ୟର କୋଣ ଅନୁକୋଣରେ ଥିବା ସରକାରୀ ହୋମିଓପ୍ୟାଥି ଚିକିତ୍ସାଳୟଗୁଡ଼ିକ ମାଧ୍ୟମରେ ସାଧାରଣ ଲୋକଙ୍କୁ ମାଗଣା ଓ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦିଆଯାଉଛି ।

ଏହି ଅବସରରେ ହୋମିଓପ୍ୟାଥି ସେବାରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ମୁଁ ପ୍ରଶଂସା କରୁଛି । ସାମଗ୍ରିକ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ହୋମିଓପ୍ୟାଥିର ଅବଦାନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ପାଇଁ ଆମେ ସଙ୍କଳ୍ପବଦ୍ଧ ।

ବନ୍ଦେ ଉତ୍କଳ ଜନନୀ

(ଡ଼. ମୁକେଶ ମହାଲିଙ୍ଗ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା

OIPR-10001/10056/2/26-27/0001

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ Bhubaneswar, Friday, April 10/2026

# ହର୍ମୁଜ୍ ଖୋଲିବାକୁ ଇରାନ୍ ଅମଙ୍ଗ

## ଇସ୍ରାଏଲ୍ ଆକ୍ରମଣ: ଲେବାନନ୍‌ରେ ୩୦୦ ଟପିଲା ମୃତ୍ୟୁସଂଖ୍ୟା

ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଚଳାଇଥିବା ଯୁଦ୍ଧକୁ ୨ ସପ୍ତାହ ପାଇଁ ବନ୍ଦ ରଖିବା ନିମନ୍ତେ ସହମତି ଫଳପ୍ରଦ ହେବା ଆଶା କ୍ଷୀଣ ହୋଇଯାଇଛି। ଇସ୍ରାଏଲ ତା'ର ପଡ଼ୋଶୀ ଦେଶ ତଥା ଇରାନ୍‌ର ସହଯୋଗୀ ରାଷ୍ଟ୍ର ଲେବାନନ୍ ଉପରେ ଆକ୍ରମଣ ଜାରି ରଖିଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି। ଇସ୍ରାଏଲ ଅସ୍ତ୍ରବିରତିରେ ଲେବାନନ୍‌କୁ ଅନ୍ତର୍ଭୁକ୍ତ କରି ନ ଥିବାରୁ ଏହାର ପ୍ରତିବାଦ ସ୍ୱରୂପ ଇରାନ ତା'ର ନିୟନ୍ତ୍ରଣରେ ଥିବା ଅନ୍ତର୍ଜାତୀୟ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଖୋଲିବାକୁ ଅମଙ୍ଗ ହୋଇଛି। ଫଳସ୍ୱରୂପ ଗୁରୁବାର ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇବା ସହ ବିଶ୍ୱ ବଜାରରେ ଅସ୍ଥିରତା ଦେଖିବାକୁ ମିଳିଛି। ବ୍ରେଣ୍ଟ କ୍ରୁଡ୍ ତୈଳ ୩.୭% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ଏସିଆ ଏବଂ ୟୁରୋପର ପ୍ରମୁଖ ଶେୟାର ବଜାରଗୁଡ଼ିକ ନିମ୍ନଗାମୀ ହୋଇଛି। ଏଭଳିସ୍ଥଳେ ପାକିସ୍ତାନ ମଧ୍ୟସ୍ଥତାରେ ଶୁକ୍ରବାର ଇସ୍‌ଲାମାବାଦରେ ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱର ନଜର ରହିଛି।



ଲେବାନନ୍‌ର ବିରୁଟ୍‌ରେ ଇସ୍ରାଏଲର ଏକାଧିକ ଏୟାର ଷ୍ଟ୍ରାଇକ୍ ପରେ ଧୂଆଁ ବାହାରୁଛି।

**ବିରୁଟ୍/ତେଲ୍ ଆଭିଭ୍, ୯।୪(ଏ.ପି./ରଏଟର୍ସ)**

ଇରାନ୍ ସହ ଅସ୍ତ୍ରବିରତି, ଲେବାନନ୍ ସହ ନୁହେଁ। ଇସ୍ରାଏଲ୍‌ର ଏଭଳି ଯୁଦ୍ଧନୀତି ମଧ୍ୟପ୍ରାଚ୍ୟକୁ ପୁନର୍ବାର ସାମରିକ ସଂଘର୍ଷର ଏକ ନୂଆ ପର୍ଯ୍ୟାୟକୁ ଟାଣିନେଇଛି। ଆମେରିକା-ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ ବନ୍ଦ କରି ୧୪ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି। କିନ୍ତୁ ଇସ୍ରାଏଲୀ ସେନା ଇରାନ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲାକୁ ଟାର୍ଗେଟ କରି କେନ୍ଦ୍ରୀୟ ବିରୁଟ ସମେତ ଲେବାନନ୍‌ର ବିଭିନ୍ନ ଅଞ୍ଚଳରେ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଏହାର ଘନଘନ ମିଶାଇଲ୍ ମାଡ଼ରେ ବୁଧବାର ୧୮୨ ଲେବାନନୀ ପ୍ରାଣ ହରାଇଥିବାବେଳେ ଗୁରୁବାର ମୃତ୍ୟୁସଂଖ୍ୟା ୩୦୦ ଅତିକ୍ରମ କରିଛି। ୧,୦୦୦ରୁ ଊର୍ଦ୍ଧ୍ୱ ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆକ୍ରମଣ ଥମିବାର ନାଁ ନେଉ ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ କହୁଛି, ଆମେ କେବଳ ଯୁଦ୍ଧରେ ଇରାନ୍‌କୁ ସମର୍ଥନ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ** ସଙ୍କଟରୁ ପରିବର୍ତ୍ତନର ଆଶା

## ତୈଳ ଦର ପୁଣି ବଢ଼ିଲା, ବଜାରରେ ଅନିଶ୍ଚିତତା

- ୧.୨% ଖସିଲା ସେନ୍‌ସେକ୍ସ
- ନିବେଶକ ହରାଇଲେ ୧୪ ଲକ୍ଷ କୋଟି ଟଙ୍କା

**ନ୍ୟୁୟର୍କ/ମୁମ୍ବାଇ, ୯।୪(ଏ.ପି./ପି.ଟି.)**

ଲେବାନନ୍‌ରେ ଇସ୍ରାଏଲ୍‌ର ଧ୍ୱଂସଲୀଳା ଦେଖି ଇରାନ୍ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍‌ର ଜଏଣ୍ଟ ଷ୍ଟ୍ରାଇକ୍ ପରେ ଯେଉଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନଜନିତ ଅଚଳାବସ୍ଥା ଯୋଗୁ କ୍ରୁଡ୍ ମୂଲ୍ୟ ବଢ଼ିଥିଲା, ସେହି ଜଳପଥ ଏବେ ପୁଣି ଭୂରାଜନୈତିକ ଉତ୍ତେଜନାରେ ଛନ୍ଦିହୋଇଯାଇଛି। ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ଖୋଲିବ ନାହିଁ ବୋଲି ପଣ କରିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ହେଉଛି ☞ପୃଷ୍ଠା-୮






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ମଧ୍ୟାହ୍ନ ୧୨ଟା।
- ୬୯ ତମ ବିଦ୍ୟାଳୟ ସମୂହ ରଗବୀ ପ୍ରତିଯୋଗୀତା ଉଦ୍‌ଯାପନୀ ସମାରୋହ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍ ଆଉଟ୍‌ଡୋର୍ ଆଥ୍‌ଲେଟିକ୍ ଗ୍ରାଉଣ୍ଡ, ସମୟ: ଅପରାହ୍ନ ୩ଟା।
- ମହାରଥୀ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନହରକଣ୍ଟା ସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ ଟା ୩୦।
- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ସଂଘ, କେଶରୀ ସିନେମା ହଲ୍ ନିକଟ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଦୁର୍ଗା ମଣ୍ଡପ ପଡ଼ିଆ, ନିଳାଦ୍ରୀ ବିହାର, ସେକ୍ଟର ୨, ସମୟ: ଅପରାହ୍ନ ୫ଟା ୩୦।
- ବିଦ୍ୟାଧର ବାରିକ୍ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ କ୍ୟାନ୍‌ସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା ୧୦।

**କଟକ**
- ବ୍ଲକସ୍ତରୀୟ ଯୋଗଦିବସ ପାଳନ, ସ୍ଥାନ: ସାମାଜିକ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୬ଟା।
- କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ସଚିବଙ୍କ ନୂଆପାଟଣା ଗସ୍ତ, ସ୍ଥାନ: ନୂଆପାଟଣା ନଂ.୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟର ଫର୍ ପ୍ରୋଟେକଶନ୍ ଅଫ୍ ଡେମୋକ୍ରାଟିକ୍ ରାଇଟ୍ସ ଆଣ୍ଡ ସେକୁଲାରିଜିମ୍ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ପୋଲିସ ଡିଜିଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାଙ୍କୀ କେନ୍ଦ୍ର ସମବାୟ ଲିଃର ପ୍ରତିଷ୍ଠାତା ରାୟ ବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ପ୍ରେସ୍ କ୍ଲବ, ବାଙ୍କୀ, ସମୟ: ଅପରାହ୍ନ ୩ଟା ୩୦।

**ପୁରୀ**
- ଉଗ୍ରତାରା ଯୁବକ ସଂଘ ପକ୍ଷରୁ ନିଃଶୁଳ୍କ ବ୍ରତୋପନୟନ, ସ୍ଥାନ: ପଶ୍ଚିମ ଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଆୟକର ନିୟମ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ଆୟକର ଭବନ, ଚକ୍ରତୀର୍ଥ ରୋଡ, ସମୟ: ଅପରାହ୍ନ ୨ଟା ୩୦।
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରିମିୟର୍ ଲିଗ୍, ସ୍ଥାନ: ଶ୍ରୀହରି ସ୍ପୋର୍ଟସ ଏରିନା, ଫାଦର ସ୍କୁଲ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକକଳା ପ୍ରଦର୍ଶନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବସନ୍ତ ଉତ୍ସବ ଓ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବ, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବ, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

**ଭଦ୍ରକ**
- ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ମହତାବ ନଗର ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧୁଷୁରୀ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ', ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ଆଲୋଚନାଚକ୍ର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ, ସ୍ଥାନ: ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ବରିଷ୍ଠ ନାଗରିକ ଉମାକାନ୍ତ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୪୫ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ପୁରୁଣା ସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌ଏସ ପୋଲିସ ହାଇସ୍କୁଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ସୀମାନ୍ତ ମହାବିଦ୍ୟାଳୟ +୩ ଜାତୀୟ ସେବା ଯୋଜନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ଖାରପୋଖରିଆ, ସମୟ: ସକାଳ ୮ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ ଉଦ୍‌ଘାଟନ ଉତ୍ସବ,ସ୍ଥାନ:ପଶୁଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବାରିପଦା କଲେଜ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ, ସ୍ଥାନ: ବାବା ପୂର୍ଣ୍ଣେଶ୍ୱର ମନ୍ଦିର, କୁଚେଇବୁଡ଼ି, ରାଇରଙ୍ଗପୁର,ସମୟ: ଅପରାହ୍ନ ୨ଟା।
- ଖଇରୀ ମହୋତ୍ସବ, ସ୍ଥାନ: ମାହାର୍ଦ୍ଧାପଳସା ମିନି ଷ୍ଟାଡିୟମ, ଯଶୀପୁର, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ,ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- ଲୋକକଳା ପାଇଁ ଦିନଟିଏ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୁଗୁଡା ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ଦ୍ୱିତୀୟ ମହିମା ବହ୍ନିମେଳା ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ ପରିସର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ଓଡ଼ିଆ ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଆଠମଲ୍ଲିକ କଲ୍ୟାଣୀ ମଣ୍ଡପ, ସମୟ: ସକାଳ ୯ଟା।
- ଭାଷା ସଂସ୍କୃତିକୁ ନେଇ ପାଲା ପରିବେଷଣ, ସ୍ଥାନ: ଆଠମଲ୍ଲିକ କଲ୍ୟାଣୀ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ମହୋତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' କାଙ୍ଗୁଲା ଦକ୍ଷିଣକାଳୀଙ୍କ ଦଣ୍ଡନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଖଲାରୀ, ସମୟ: ରାତି ୧୧ଟା।

**ଜଗତ୍‌ସିଂହପୁର**
- ତ୍ରିନାଥ ସାଇ ମନ୍ଦିରର ନବମ ବାର୍ଷିକ ଉତ୍ସବ, ସ୍ଥାନ: ଅଠରବାଙ୍କୀ ଲକ୍‌ପଡା, ପାରାଦୀପ, ସମୟ: ସକାଳ ୬ଟା।
- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ଦାସ ସମ୍ମିଳନୀ କକ୍ଷ, ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆସୋସିଏଶନର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ନରସିଂହପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- ନନ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଜିଲା ସଦର ଡାକ୍ତରଖାନାର ପେ କ୍ୟାବିନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଦର ଡାକ୍ତରଖାନା ନୂଆ ଗୃହର ସେକେଣ୍ଡ ଫ୍ଲୋର, ସମୟ : ସକାଳ ୯ଟା୩୦।
- ବ୍ୟାସନଗର କଲେଜ ସଂସ୍କୃତ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଓଡ଼ିଆ ସ୍ୱାକ୍ଷର ଅଭିଯାନ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପକ୍ଷରୁ ଲୋକକଳା ଗାଁ କୁଞ୍ଜବନଗଡ ଉପରେ ଲୋକକଳା ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚରେ ଢୋଲମରା ବନାମ ବ୍ରହ୍ମପୁରା, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ସିଙ୍ଗିମାଳି ଗସ୍ତ, ସ୍ଥାନ: କାଶୀପୁର ବ୍ଲକ୍, ସିଙ୍ଗିମାଳି ଚତୁଃପାର୍ଶ୍ୱ ଗ୍ରାମ, ସମୟ: ସକାଳ ୯ଟା।

**ନବରଙ୍ଗପୁର**
- ଲୋକକଳା ଦିବସ ପାଳନ ଓ ଯୁବ ଲେଖିକା ଲେଖକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ହୋମିଓପ୍ୟାଥିକ ଦିବସ ପାଳନ, ସ୍ଥାନ: ଗୁମୁଡା ହୋମିଓପ୍ୟାଥିକ ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ ଟ୍ରଫି ନେଇ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ହାଟଗୁଡ଼ା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ପାଠ୍ଲୁଙ୍ଗ ପଞ୍ଚାୟତ ହାଟଗୁଡା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦମକ ଯାତ୍ରା, ସ୍ଥାନ: ବାଲଡ଼ା ନାଗେଶ୍ୱରି ପାହାଡ଼ ଶୀର୍ଷ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।

**ମାଲକାନଗିରି**
- ଭାଜପାର ପ୍ରଶିକ୍ଷଣ ଶିବିର, ସ୍ଥାନ: ବାଲିମେଳା ସହର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଲିମେଳା ସହର, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ମା'ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ମଣ୍ଡପ ସ୍ଥାପନା ଓ ପୂଜାରମ୍ଭ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ସ୍ଥାନ : କଚେରି ଛକ ନିକଟସ୍ଥ ହନୁମାନ ବାଟିକା, ସମୟ : ଅପରାହ୍ନ ୪ଟା।
- ଶ୍ରୀହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବାଇକ ଶୋଭାଯାତ୍ରା, ସ୍ଥାନ: ଗୋବିନ୍ଦଟୋଲା, ସମୟ: ଅପରାହ୍ନ ୪ଟା।
- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- କରାମାଡ଼ କ୍ଷୟକ୍ଷତି ଆକଳନ ଏବଂ ସହାୟତା ଦାବିରେ ବିକ୍ଷୋଭ, ସ୍ଥାନ: ବେଲପଡ଼ା ତହସିଲ ଅଫିସ, ବେଲପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ନୂତନ ଆଇନ ସଂହିତା ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର ୬ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୩ ମେଲଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ସେକ୍ଟର--୬ ବସ୍ତିବାସୀ ୱାଟକୋ ଅଧିକାରୀଙ୍କୁ ଭେଟିବେ, ସ୍ଥାନ: ୱାଟକୋ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ଶିବପୁରାଣ ପଠନ, ସ୍ଥାନ: ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା, ସମୟ: ସକାଳ ୭ଟା।
- ହନୁମାନ, ଦୁର୍ଗା, କରମସାନୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନିଳିବନ୍ଧ ପଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ଭାଷା, କଳା, ସଂସ୍କୃତି ଓ ଗୁରୁ ଭଗବାନ ସାହୁ ଆଲୋଚନାଚକ୍ର, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ତୁଳସୀ ରାମାୟଣ ନବାହ ପାରାୟଣ (ଭରତ ମିଳନ), ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଖଣ୍ଡୁଆଳ ମାଲି ପର୍ବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କୁଲିଙ୍ଗପଦର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ମୁଖ୍ୟମନ୍ତ୍ରୀ ଟ୍ରଫି ଖେଳ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୬ଟା।
- ଲୋକକଳା ପାଇଁ ଦିନଟିଏ, ସ୍ଥାନ: ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ ବ୍ଲକ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ୍ ଗୌଡ଼ନାଳି ଗ୍ରାମ, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର କଲେଜ ପରିସର, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ତରଭା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିନିକାର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ଟିକିଫିଟିଠାରୁ କଲେଜ ପଡିଆ, ସମୟ: ସକାଳ ୮ଟା।
- ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୋଟ୍ରିବାହାଲ ଗାଁ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ନୂଆଗାଁ, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୧୫।
- ଟିକିଫିଟି ଯୋଗୀମଠ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଡିଆଳ ବ୍ଲକ ଡୁକଲା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ବାଦୀ ଗାଁ, ସମୟ: ଦିବାରାତ୍ର ପ୍ରତି ୩ ଘଣ୍ଟାରେ ଥରେ।

**ଝାରସୁଗୁଡ଼ା**
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଅମାପାଲି ଯଜ୍ଞମଣ୍ଡପ, ସମୟ: ସକାଳ ୮ଟା।
- ପ୍ରଥମ ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ସରବାହାଲ କ୍ରିକେଟ୍ ପଡିଆ, ସମୟ: ସକାଳ ୯ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି**
**ସବୁ ଦାନ୍ତକାଠି ମୋହର,**
**ଏଇବାଟେ ଯାଉ କଥା ତୁ ନ କହୁ**
**ଛାତି ଫାଟିଯାଏ ମୋହର।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରିବସେ, ସେତେବେଳେ ତାକୁ ସହିବା ଯେ କେତେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରି ସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନଭରା କ୍ଷୋଭ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଡ଼ା ସୋରିଷର ଟାଙ୍କି**
**ଭଲା ଭାଇବୋହୂ ଆଣିଲି ଘରକୁ**
**ମଲି ମୁଁ କୁଣ୍ଡିଆ ରାମ୍ପି।**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ, ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ, ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ। ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମେ' ୯ ଯାଏ ବଢ଼ିଲା ଓଟିଇଟି ଫର୍ମପୂରଣ

**କଟକ,୯।୪(କାର୍ତ୍ତିକ ସାହୁ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ର ସଦ୍ୟ ଏବଂ ଚାକିରିରେ ଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଫର୍ମପୂରଣ ଅବଧିକୁ ମେ' ୯ ତାରିଖ ଯାଏ ବର୍ଦ୍ଧିତ କରାଯାଇଛି। ବୋର୍ଡ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯିବା ସହ ପରୀକ୍ଷାର ତାରିଖ ପରେ ଘୋଷଣା କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଓଟିଇଟି ନିମନ୍ତେ ଅନଲାଇନ ଫର୍ମ ପୂରଣ ପ୍ରକ୍ରିୟା ମାର୍ଚ୍ଚ ୨୬ରୁ ଆରମ୍ଭ ହୋଇଛି। ବୋର୍ଡ ୱେବ୍‌ସାଇଟ www.bseodisha.nic.in ରେ ଲିଙ୍କ ଉପଲବ୍ଧ ହୋଇଛି। ଅନଲାଇନ ଫର୍ମ ଦାଖଲ ଓ ଦେୟ ପ୍ରଦାନ ନିମନ୍ତେ ଏପ୍ରିଲ ୯ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ଶେଷ ସମୟ ଥିଲା।

# ମନ୍ଦିରରୁ ବାସନ୍ଦ କରାଗଲେ ସମାଜ ବିଭାଜିତ ହେବ: ସୁପ୍ରିମକୋର୍ଟ

### ସାବରିମାଳା ବିବାଦ

**ନୂଆଦିଲ୍ଲୀ,୯।୪(ପି.ଟି.)**

ସମସ୍ତଙ୍କ ପାଇଁ ସବୁ ମନ୍ଦିର ଏବଂ ମଠ ଖୋଲା ରହିବା ଉଚିତ। ମନ୍ଦିରରୁ ବାସନ୍ଦ କରାଗଲେ ତାହା ହିନ୍ଦୁଧର୍ମ ଉପରେ ନକାରାତ୍ମକ ପ୍ରଭାବ ପକାଇବ ଏବଂ ସମାଜକୁ ବିଭାଜିତ କରିବ ବୋଲି ସୁପ୍ରିମକୋର୍ଟ ଗୁରୁବାର ମତ ପ୍ରକାଶ କରିଛନ୍ତି। କେରଳମ୍‌ର ସାବରିମାଳା ମନ୍ଦିର ସମେତ ବିଭିନ୍ନ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ହେଉଥିବା ଭେଦଭାବ ଏବଂ ଧାର୍ମିକ ସ୍ୱାଧୀନତାର ପରିସର ସମ୍ପର୍କିତ ଆବେଦନର ଶୁଣାଣି ସମୟରେ ୯ ଜଣିଆ ସାମ୍ବିଧାନିକ ପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବି.ଭି. ନାଗରତ୍ନା, ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ, ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା, ଜଷ୍ଟିସ୍ ଅରବିନ୍ଦ କୁମାର, ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହ, ଜଷ୍ଟିସ୍ ପ୍ରସନ୍ନା ବି. ବରାଲେ, ଜଷ୍ଟିସ୍ ଆର୍. ମହାଦେବନ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ସାମିଲ ଅଛନ୍ତି।

ଶୁଣାଣି ସମୟରେ ନାୟାର ସର୍ଭିସ୍ ସୋସାଇଟି ଏବଂ ଆୟପ୍ପା ସେବା ସମାଜ ପରି ସଂଗଠନ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ ଯୁକ୍ତି ରଖିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମନ୍ଦିର ନିଜ ଗୋଷ୍ଠୀ ମଧ୍ୟରେ ଉପାସନାକୁ ସୀମିତ ରଖିପାରିବ। ଏହି ପ୍ରସଙ୍ଗରେ ଜଷ୍ଟିସ ନାଗରତ୍ନା କହିଛନ୍ତି, ଯଦି ଆପଣ ପ୍ରବେଶ ଅଧିକାରକୁ ସୀମିତ ରଖିବେ, ତେବେ ଏହା ହିନ୍ଦୁ ଧର୍ମ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ସବୁ ମନ୍ଦିର ଓ ମଠକୁ ସମସ୍ତଙ୍କର ପ୍ରବେଶ ଅଧିକାର ରହିବା ଉଚିତ। ଯଦି ଆପଣ କହିବେ ଯେ ମୋର ଗୋଷ୍ଠୀ ବା ସମ୍ପ୍ରଦାୟ ବ୍ୟତୀତ ଅନ୍ୟ କେହି ମନ୍ଦିରକୁ ଆସିପାରିବେ ନାହିଁ, ତେବେ ତାହା ହିନ୍ଦୁ ଧର୍ମ ପାଇଁ ଶୁଭଙ୍କର ନୁହେଁ। ଅନୁରୂପ ଭାବେ ଜଷ୍ଟିସ କୁମାର କହିଛନ୍ତି, ଏଭଳି ବାସନ୍ଦ ବା ବାଦ୍‌ଦେବା ପ୍ରକ୍ରିୟା ସମାଜକୁ ଭାଗ ଭାଗ କରିଦେବ।

ଆଇନଜୀବୀ ବୈଦ୍ୟନାଥନ ସ୍ପଷ୍ଟ କରିଥିଲେ ଯେ, ଯଦି ମନ୍ଦିରଗୁଡ଼ିକ କେବଳ ନିଜ ସମ୍ପ୍ରଦାୟ ପାଇଁ କାର୍ଯ୍ୟ କରନ୍ତି, ତେବେ ସେମାନେ ସରକାର କିମ୍ବା ସାଧାରଣ ଜନତାଙ୍କଠାରୁ ପାଣ୍ଠି ବା ଅନୁଦାନ ମାଗିପାରିବେ ନାହିଁ, କାରଣ ସେମାନେ ସେମାନଙ୍କ ଉପରେ ନିର୍ଭରଶୀଳ ନୁହନ୍ତି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୦୧୮ରେ ଏକ ୫ ଜଣିଆ ପୀଠ ଶାବରିମାଳା ମନ୍ଦିରକୁ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପ୍ରବେଶ ଉପରେ ଥିବା ନିଷେଧାଦେଶକୁ ହଟାଇଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୨୦୧୯ରେ ତତ୍କାଳୀନ ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଏହି ମାମଲାକୁ ବୃହତର ଖଣ୍ଡପୀଠକୁ ପଠାଯାଇଥିଲା। ବର୍ତ୍ତମାନ ଏହି ୯ ଜଣିଆ ପୀଠ ଧାର୍ମିକ ସ୍ୱାଧୀନତାର ପରିସର ସମ୍ପର୍କିତ ୭ଟି ପ୍ରଶ୍ନର ସମାଧାନ ପାଇଁ ଶୁଣାଣି କରୁଛନ୍ତି।

କେନ୍ଦ୍ର ସରକାର ସାବରିମାଳା ମନ୍ଦିରକୁ ୧୦ରୁ ୫୦ ବର୍ଷ ବୟସର ମହିଳାଙ୍କ ପ୍ରବେଶ ଉପରେ ଥିବା କଟକଣାକୁ ଗୁରୁବାର ସମର୍ଥନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ପୁରୁଷମାନେ ଶ୍ରେଷ୍ଠ ଏବଂ ମହିଳାମାନେ ନିମ୍ନ ସ୍ତରର ବୋଲି ସୁପ୍ରିମକୋର୍ଟ ୨୦୧୮ ମସିହାରେ ଦେଇଥିବା ରାୟ ଉପରେ ଆଧାରିତ ଏକ ଭୁଲ୍ ଧାରଣା। ମେହେଟ୍ଟା କୋର୍ଟଙ୍କୁ କହିଛନ୍ତି ଯେ, ଏହା କେବଳ ପୁରୁଷ-କେନ୍ଦ୍ରିକ ନୁହେଁ। ଅନେକ ସ୍ଥାନରେ ପୁରୁଷମାନଙ୍କୁ ମଧ୍ୟ ବାଦ୍ ଦିଆଯାଏ। ସେ କେରଳମ୍‌ର କୋଟାନକୁଲାଙ୍ଗରା ଶ୍ରୀ ଦେବୀ ମନ୍ଦିରର ଉଦାହରଣ ଦେଇଥିଲେ, ଯେଉଁଠାରେ 'ଚାମୟାଭିଲକ୍କୁ' ଉତ୍ସବ ସମୟରେ ପୁରୁଷମାନେ ମହିଳାଙ୍କ ପରି ଶାଢ଼ି ପିନ୍ଧି ଓ ମେକ୍‌ଅପ୍ ହୋଇ ଯିବାକୁ ପଡ଼ିଥାଏ। ସରକାରଙ୍କ ଅନୁସାରେ, ଏହା କୌଣସି ଲିଙ୍ଗଗତ ଭେଦଭାବ ନୁହେଁ, ବରଂ ଏହା ଏକ ନିର୍ଦ୍ଦିଷ୍ଟ ଆସ୍ଥା ଓ ଧାର୍ମିକ ବିଶ୍ୱାସ। ସାବରିମାଳା କ୍ଷେତ୍ରରେ ଏହି ବିଶ୍ୱାସ 'ନୈଷ୍ଠିକ ବ୍ରହ୍ମଚାରୀ' ରୂପରେ ଥିବା ପ୍ରଭୁ ଆୟପ୍ପାଙ୍କ ସହିତ ଜଡ଼ିତ। ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ କହିଛନ୍ତି ଯେ, କୋର୍ଟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା 'ସାମ୍ବିଧାନିକ ନୈତିକତା' ଅପେକ୍ଷା 'ସାଧାରଣ ନୈତିକତା' ବା ଜନସାଧାରଣଙ୍କ ବିଶ୍ୱାସକୁ ଗୁରୁତ୍ୱ ଦିଆଯିବା ଉଚିତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଦ୍ୱିଜା ନକ୍ଷତ୍ରର ମନ ହର୍ଷିତ ରହିବ। ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଉତ୍ସାହ, ଉଦ୍ଦୀପନା ବୃଦ୍ଧି ପାଇପାରେ। ପରିସ୍ଥିତିବଶତଃ ଅର୍ଥ ସଂକଟ ମଧ୍ୟରେ ଆକସ୍ମିକ ଯାତ୍ରାକରିବାକୁ ବାଧ୍ୟ ହୋଇଶପାରନ୍ତି। ବିଶେଷ ଭ୍ରମଣ ଜନିତ ଶାରିରୀକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ।

**ବୃଷ**
କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ରର ବିବାଦୀୟ ସ୍ଥିତି ଶୀଘ୍ର ସମାଧାନ ହୋଇଯିବ। ବନ୍ଧୁଙ୍କ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ଆପଣଙ୍କ ଆଶା ପୂରଣରେ ସହାୟକ ହୋଇପାରେ। ଆଜି ହଠାତ୍ ଆନୁମାନିକ କାମ ସକାଶେ ଧାଁ ଦଉଡ କରିବାର ସୂଚନା ରହିଛି। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ**
ଆନୁଷଙ୍ଗିକ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ ସମସ୍ୟା ବଢିଯିବ। ଆର୍ଦ୍ରା ନକ୍ଷତ୍ର ସଂକୋଚ ବଶତଃ ବନ୍ଧୁଙ୍କୁ ମନକଥା କହିପାରିବେ ନାହିଁ। କାର୍ଯ୍ୟସିଦ୍ଧିରେ ବିଫଳତାରୁ ନିକଟରେ ରହୁଥିବା ବ୍ୟକ୍ତିଙ୍କୁ ସନ୍ଦେହ କରିପାରନ୍ତି। ଜମିଜମା ବିବାଦ, ଆଇନ, ଅଦାଲତ କ୍ଷେତ୍ରରେ ତଥା ମାଲିମକଦ୍ଦମାର ବିଚାର ସପକ୍ଷରେ ଯାଇପାରେ।

**କର୍କଟ**
ବ୍ୟୟସ୍ଥାନରେ ବୃହସ୍ପତି ବିଭିନ୍ନ ସ୍ଥାନ ଭ୍ରମଣରେ ବ୍ୟସ୍ତ କରାଇପାରନ୍ତି। ହାତକୁ ନେଇଥିବା କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରିବେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହୋଇଯିବ। ଅଶ୍ଳେଷା ନକ୍ଷତ୍ରକୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ମଘା ନକ୍ଷତ୍ର ସକାଶେ ମନ ଅନୁଯାୟୀ କାମ ନ ହୋଇପାରିବାରୁ ବିଚଳିତ ହେବେ। ପାରିବାରିକ କ୍ଷେତ୍ରରେ ମନ କଥା ମନରେ ରଖି କେତେକ କାମ କରିବାକୁ ବାଧ୍ୟ ହେବେ। ଟଙ୍କା ପଇସା ଯୋଗାଡ ସକାଶେ ଫନ୍ଦିଫିକର କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ବନ୍ଧୁମିଳନ ପରିସରରେ ହସ୍ତା ନକ୍ଷତ୍ର ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ସାହାଯ୍ୟ ନେଇ କାମ କଲେ ମଧ୍ୟ ଶାନ୍ତି ପାଇବେ ନାହିଁ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା**
ସ୍ୱାତୀ ନକ୍ଷତ୍ର ଅର୍ଥ, ଜମିଜମା, କଳକବ୍ଜା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କାରଣକୁ ନେଇ ମନରେ ସୁଖ, ସୌହାର୍ଦ୍ଦ୍ୟ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି।

**ବିଛା**
ଆଜି ଯାତ୍ରା, ବାଣିଜ୍ୟ, ସମସ୍ୟା ସମାଧାନ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ଅତୀତ ଘଟଣା ମନକୁ ଆନ୍ଦୋଳିତ କରିବ। ପାରିବାରିକ ପ୍ରତିରୋଧ ସ୍ୱକୀୟ ଚିନ୍ତାଧାରା ଓ କାମକୁ ବିଶୃଙ୍ଖଳିତ କରିପାରେ। ଜ୍ୟେଷ୍ଠା ନକ୍ଷତ୍ରର ରାଜନୈତିକ କାରଣକୁ କେନ୍ଦ୍ରକରି ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ**
ଉତ୍ତରାଷାଢ଼ା ନକ୍ଷତ୍ରର କଠିନ ଶ୍ରମଜନିତ ସ୍ୱାସ୍ଥ୍ୟ ବିଗିଡ଼ିଯାଇପାରେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ ଶତ୍ରୁତା ସମସ୍ୟାକୁ ବଢ଼ାଇଦେବ। ମତଭେଦ କାରଣରୁ ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାର ସମାଧାନ ହୋଇ ନ ପାରେ। କ୍ରୀଡ଼ା, କାରିଗରି, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ମକର**
ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ, ଆଇନ, ଅଦାଲତ ସମ୍ବନ୍ଧୀୟ କ୍ଷେତ୍ରରେ ସଫଳତା ମିଳିବ। ଅର୍ଥବ୍ୟୟ ଏବଂ ଶ୍ରମ ବିନିଯୋଗ କରି ବନ୍ଧୁଙ୍କ ସାହାଯ୍ୟରେ କାମ ହାସଲ କରିବେ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ମାନସିକ ସଂଯମତା କାର୍ଯ୍ୟକ୍ଷେତ୍ରରେ ସହାୟକ ହେବ। ଦୀର୍ଘଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶତଭିଷା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ**
ରେବତୀ ନକ୍ଷତ୍ର ସକାଶେ ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କର କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଈର୍ଷାପରାୟଣ ବନ୍ଧୁମାନଙ୍କ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି।

ଆଜି ଏପ୍ରିଲ ୧୦ ତାରିଖ, ଡା. ହ୍ୟାନିମାନ୍‌ଙ୍କ ଜୟନ୍ତୀ, ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ଅଷ୍ଟମୀ ଶୁକ୍ରବାର, ଶ୍ରୀମନ୍ଦିରରେ ରାମାଭିଷେକ। ରାଶିନକ୍ଷତ୍ର-ଦିବା ଘ. ୧୧।୨୭ ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିଦ୍ୟାରମ୍ଭ ଓ ବ୍ରତୋପନୟନ ପାଇଁ ଶୁଭଦିନ। ସକାଳ ଘ.୦୫।୩୬ ଗତେ ଘ.୦୬।୨୬ ମଧ୍ୟେ, ଘ.୦୭।୧୫ ଗତେ ଘ.୦୮।୪୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୫ ଗତେ ଘ. ୧୧।୪୮ ମଧ୍ୟେ ରାହୁ କାଳ।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ | Bhubaneswar, Friday, April 10/2026 | ପୃଷ୍ଠା-୧


# ଅଘୋଷିତ ବିଦ୍ୟୁତ୍ କାଟ୍ କଲେ ଜେଲ: ମୁଖ୍ୟମନ୍ତ୍ରୀ



ବାଲିଅନ୍ତାଠାରେ ଗୁରୁବାର ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

- **୩ ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ, ୮ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟିତ**
- **ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମିତ**

**ଗ୍ରୀଷ୍ମଋତୁରେ ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ହେବନାହିଁ। ପୂର୍ବରୁ ରାଜ୍ୟରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିଲା। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଗତବର୍ଷ ସରକାରୀ ଅଧିକାରୀଙ୍କୁ ଅଘୋଷିତ ବିଦ୍ୟୁତ୍ କାଟ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତାହା ପାଳନ ହୋଇଥିଲା। ତାହା ଜାରି ରହିବ। ଯଦି ପୂର୍ବରୁ ଘୋଷଣା ନ କରି ବିଦ୍ୟୁତ୍ କାଟ ହେବ ତେବେ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ଗଣାଯିବ। ଦାୟୀ ଅଧିକାରୀ ବା କର୍ମଚାରୀଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କୁ ଜେଲ ଯିବାକୁ ପଡ଼ିବ। ଏହି କଥାରେ କେବେହେଲେ ସାଲିସ୍ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଗୁରୁବାର ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରିବା ଅବସରରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।**

**ଭୁବନେଶ୍ୱର/ବାଲିଅନ୍ତା, ୯।୪ (ସୁନିତ୍ ମିଶ୍ର/ନୀଳମାଧବ ସାହୁ)**

୬୦୦ କୋଟି ଟଙ୍କା ବ୍ୟୟରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ବାଲିଅନ୍ତା, ସତ୍ୟନଗର ଏବଂ କଟକର ଏସ୍‌ସିବି ମେଡିକାଲରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ଏହିସବୁ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହାସହ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ୍ ଉତ୍ସ ସହିତ ସଂଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପ୍ରକଳ୍ପ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବାପରେ ସମସ୍ତ ସମସ୍ୟାର ସମାଧାନ କରାଯାଇ ବର୍ଷକ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ବର୍ଷକ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଯେଉଁଠାରେ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ମଧ୍ୟ ସମ୍ଭବ ହୁଏ। ସେଥିଲାଗି ବର୍ଷକ ମଧ୍ୟରେ ଗ୍ରୀଡ୍ ସବ୍‌ଷ୍ଟେଶନ କାମ ସମ୍ପୂର୍ଣ୍ଣ କରାଯାଇପାରିଛି। ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ୨ ଗୁଣା ହେବ, ଯାହା ବର୍ତ୍ତମାନ ୧ ହଜାର ମେଗାୱାଟ୍ ରହିଛି, ତାହା ୨୦୩୦ ସୁଦ୍ଧା ୨ ହଜାର ମେଗାୱାଟ୍‌ରେ ପହଞ୍ଚିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ କରାଯାଇଛି। ସେହିପରି ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିଶନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି। ☞ପୃଷ୍ଠା-୮

# ପୋଖରୀରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ

**ଉମରକୋଟ, ୯।୪ (ସନ୍ତୋଷ ସତପଥୀ)**

ପୋଖରୀରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୁର୍ସୀ ଗ୍ରାମରେ ଗୁରୁବାର ଏଭଳି ଘଟଣା ଘଟିଛି। ମୃତକମାନେ ହେଲେ ସନ୍ଧ୍ୟା ଗଣ୍ଡ (୬), ସନ୍ଦିତା ଗଣ୍ଡ (୪) ଓ ଭୂମିକା ଗଣ୍ଡ (୫) ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, କୁର୍ସୀ ଗ୍ରାମ ଉପରପାରାର ରାଜମନ ଗଣ୍ଡଙ୍କ ୨ ଝିଅ ସନ୍ଧ୍ୟା ଓ ସନ୍ଦିତା ଏବଂ ବାଲସାଇ ଗଣ୍ଡଙ୍କ ଝିଅ ଭୂମିକା ଗଣ୍ଡ ଗୁରୁବାର ସକାଳେ ଘର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ସେମାନେ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ବହୁ ସମୟ ଧରି ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, କିନ୍ତୁ କିଛି ଜଣା ପଡ଼ି ନ ଥିଲା। ଏହାର କିଛି ସମୟ ପରେ ଗ୍ରାମର ଜଣେ ଯୁବକ ପୋଖରୀକୁ ଯାଇଥିବାବେଳେ ଶିଶୁମାନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ପୋଖରୀରୁ ୩ ଶିଶୁଙ୍କ ମୃତଦେହ ବାହାର କରିଥିଲେ। ଏହି ଘଟଣା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ତଦନ୍ତ କରିବା ସହ ୩ ମୃତଶରୀର ବ୍ୟବଚ୍ଛେଦ ପାଇଁ ଉମରକୋଟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ କେସ୍ ନଂ. ୨୨,୨୩,୨୪/୨୬ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଓଏସ୍‌ଏସ୍‌ଟିଇଟି ଫଳ ପ୍ରକାଶ

**୭୨.୩୮% ପରୀକ୍ଷାର୍ଥୀ କୃତକାର୍ଯ୍ୟ**

**କଟକ, ୯।୪ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ଫଳ ଗୁରୁବାର ପ୍ରକାଶ ପାଇଛି। ପାସ୍‌ହାର ୭୨.୩୮% ହୋଇଛି। ବୋର୍ଡ ୱେବ୍‌ସାଇଟ୍‌ରୁ ପରୀକ୍ଷାଫଳ ଜାଣିହେବ। କୃତକାର୍ଯ୍ୟ ପରୀକ୍ଷାର୍ଥୀ ଦେୟ ଦାଖଲ କରି ବୋର୍ଡ ୱେବ୍‌ସାଇଟ୍‌ରୁ ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ସାର୍ଟିଫିକେଟ୍ ହାର୍ଡ କପି ଇସ୍ୟୁ ହେବା ଯାଏ ଡାଉନ୍‌ଲୋଡ୍ କରାଯାଇପାରିବ। ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଓଏମ୍‌ଆର୍ ଆନ୍‌ସର ବୋର୍ଡ ଶିଟ୍ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ଗତ ଜାନୁଆରୀ ୨୧ରେ ଅନୁଷ୍ଠିତ ଏହି ପରୀକ୍ଷା ପାଇଁ ୫୬,୪୫୬ଜଣ ପଞ୍ଜୀକରଣ କରିଥିଲେ।






# ଆସାମରେ ୮୪.୬୪%, କେରଳମ୍‌ରେ ୭୮.୧୨% ମତଦାନ

**ପଣ୍ଡିଚେରୀରେ ସର୍ବାଧିକ ୮୯.୮୭% ଭୋଟ**



ଦରଙ୍ଗ: ଆସାମ ବିଧାନସଭା ନିର୍ବାଚନରେ ମତଦାନ କରିବା ପାଇଁ ଦରଙ୍ଗଠାରେ ଗୁରୁବାର ଲୋକମାନେ ନୌକା ଯୋଗେ ବ୍ରହ୍ମପୁତ୍ର ନଦୀ ପାର ହେଉଛନ୍ତି।

**ଗୁଆହାଟି, ଥିରୁଭାନନ୍ତପୁରମ୍, ୯।୪**

ଆସାମ, କେରଳମ୍ ଓ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଲାଗି ଗୁରୁବାର ସନ୍ଧ୍ୟାରେ ମତଦାନ ଶେଷ ହୋଇଛି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନରେ ମତଦାନ ହାର ୮୪.୬୪% ରହିଥିବାବେଳେ ୧୪୦ ଆସନ ବିଶିଷ୍ଟ କେରଳମ୍ ବିଧାନସଭା ନିର୍ବାଚନରେ ୭୮.୧୨% ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ହାର ସର୍ବାଧିକ ୮୯.୮୭% ରହିଛି। ଆସାମରେ ଏନ୍‌ଡିଏ ତୃତୀୟ ଥର କ୍ଷମତା ବଜାୟ ରଖିବା ଲକ୍ଷ୍ୟରେ ରହିଥିବାବେଳେ ୧ ଦଶନ୍ଧି ଧରି କ୍ଷମତାଠାରୁ ଦୂରେଇ ରହିଥିବା କଂଗ୍ରେସ ସରକାର ଗଢ଼ିବା ଲାଗି ଆଶାବାଦୀ ରହିଛି। ନିର୍ବାଚନରେ ମୋଟ ୭୨୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। କେରଳରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍, କଂଗ୍ରେସ ☞ପୃଷ୍ଠା-୮

# ଆଇଏନ୍‌ଏସ୍ ଚିଲିକାରୁ ମିଳିଲା ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ

**ବାଲୁଗାଁ, ୯।୪ (ସଂଗ୍ରାମ ପାଇକରାୟ)**

ଭାରତୀୟ ନୌସେନା(ଆଇଏନ୍‌ଏସ୍) ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ବୁଧବାର ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଉତ୍ତରପ୍ରଦେଶ ମିରଟ୍ ଜିଲା ଅନ୍ତର୍ଗତ ମହମ୍ମଦପୁର ଧୁମି ଗ୍ରାମର କାର୍ତ୍ତିକ ଯାଦବ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ବାଲୁଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣା ସମ୍ପର୍କରେ ନୌସେନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୁରୁବାର ସକାଳେ କାର୍ତ୍ତିକଙ୍କ ମା'ବାପା ନାଭାଲ ଫାଣ୍ଡିରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। କେଉଁ କାରଣରୁ କାର୍ତ୍ତିକ ଇସ୍ତଫା ଦେବାକୁ ଚାହୁଁଥିଲେ ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହା ତଦନ୍ତ ପରେ ହିଁ ଜଣାପଡ଼ିବ। ସୂଚନା ମୁତାବକ, ଆଇଏନ୍‌ଏସ୍ ଚିଲିକାରେ ୮ମ ବ୍ୟାଚ୍ ଅଗ୍ନିବୀରଙ୍କ ତାଲିମ ଜାରି ରହିଛି। କାର୍ତ୍ତିକ ଅଗ୍ନିବୀର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗତ ଫେବୃଆରୀ ୧୭ରେ ପ୍ରଶିକ୍ଷଣରେ ଯୋଗଦେଇଥିଲେ। ଗତ ୭ତାରିଖ ଅର୍ଥାତ୍ ମଙ୍ଗଳବାର କାର୍ତ୍ତିକ ତାଙ୍କ ମା'ଙ୍କୁ ଫୋନ କରି ଜଣାଇଥିଲେ ଯେ, 'ଏହି ଚାକିରି କରିବାକୁ ତାଙ୍କର ଇଚ୍ଛାନାହିଁ, ଇସ୍ତଫାପତ୍ର ପଠାଇଛି, ଏଥିରେ ମା'ବାପାଙ୍କ ସ୍ୱୀକୃତି ଆବଶ୍ୟକ ପଡୁଛି, ତେଣୁ ତୁମେ ଦସ୍ତଖତ କରିଦିଅ'। ପୁଅର ହଠାତ୍ ଏପରି ନିଷ୍ପତ୍ତିକୁ ତାଙ୍କ ମା' ସହଜରେ ଗ୍ରହଣ ନ କରି ଆଉ ଦୁଇତିନି ମାସ କଷ୍ଟକରି ରହିବା ପାଇଁ ବୁଝାଇଥିଲେ। ବୁଧବାର କାର୍ତ୍ତିକ ପୁଣି ତାଙ୍କ ମା'ଙ୍କୁ ଫୋନ କରି ଦସ୍ତଖତ କରି ପଠାଇବାକୁ ନିବେଦନ କରିଥିଲେ। ହେଲେ ତାଙ୍କ ମା' ଦସ୍ତଖତ କରିବେ ନାହିଁ ବୋଲି ମନା କରିଦେଇଥିଲେ। ଏହାପରେ ସନ୍ଧ୍ୟାରେ ନିଜ ବାରାକ୍‌ରେ କାର୍ତ୍ତିକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କ ବାପା ରାଜକୁମାର ଯାଦବ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା କହିଛନ୍ତି।

**ଇସ୍ତଫା ଦେବା ନେଇ ପୂର୍ବରୁ ମା'ଙ୍କୁ ଜଣାଇଥିଲେ**




ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ



# ସଙ୍କଟରୁ ପରିବର୍ତ୍ତନର ଆଶା



ଚିଆରା କରଡେଲ୍ଲି

ଆମେ ଏବେ ଏକ ନିରର୍ଥକ ଯନ୍ତ୍ରଣା ଏବଂ ଆସନ୍ନ ବିନାଶର ପୃଥିବୀରେ ବାସ କରୁଛୁ। ଏଠାରେ ନୈତିକ ବିକାଶ ଧାରଣା ମୂଲ୍ୟହୀନ ହୋଇଯାଇଥିବା ମନେହେଉଛି। ସମସାମୟିକ ସମାଜ ଏବେ ଦୁଇଟି ସଙ୍କଟରେ ପଡ଼ିଯାଇଛି। ଗୋଟିଏ ହେଉଛି ଗଣତନ୍ତ୍ର ବିରୋଧୀ ଶକ୍ତିର ଉତ୍‌ଥାନ ଏବଂ ଅନ୍ୟଟି ଜଳବାୟୁ ପରିବର୍ତ୍ତନ। ଦକ୍ଷିଣପନ୍ଥୀ ରାଜନୈତିକ ଦୃଷ୍ଟିକୋଣ ଦ୍ୱାରା ବୃଦ୍ଧି ପାଉଥିବା ଏକଚ୍ଛତ୍ରବାଦ ବିଚାରଧାରା ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଗଣତାନ୍ତ୍ରିକ ଦେଶ ଆମେରିକାରେ ମଧ୍ୟ ଏଭଳି ବିପଦ ଦେଖାଯାଇଛି, ଯେଉଁଠି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୀମାହୀନ ଭାବେ କ୍ଷମତାର ଦୁରୁପଯୋଗ କରୁଛନ୍ତି, ଏପରି କି ଟ୍ରମ୍ପଙ୍କ ମିତ୍ର ଉଦାରବାଦୀ ୟୁରୋପୀୟ ଦେଶଗୁଡ଼ିକ ଲଗାତର ଭାବେ ଆଇନର ଶାସନକୁ ଦୁର୍ବଳ କରିଦେବା ପାଇଁ ଚେଷ୍ଟା କରୁଛନ୍ତି। ଏଇ ନିକଟରେ, ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏକ ଜାତୀୟ ଜନମତ ସଂଗ୍ରହ ମାଧ୍ୟମରେ ନ୍ୟାୟିକ ସ୍ୱାଧୀନତାକୁ ସଙ୍କୁଚିତ କରିବା ଲାଗି ଚେଷ୍ଟା କରିଥିଲେ। ଭାଗ୍ୟବଶତଃ, ଇଟାଲୀୟମାନେ ସେମାନଙ୍କ ସମ୍ବିଧାନର ସୁରକ୍ଷା ପାଇଁ ଏକାଠି ହେବା ଘଟଣା ସାମ୍ନାକୁ ଆସିଥିଲା।

ଗଣତନ୍ତ୍ର ସଙ୍କଟ ଜଳବାୟୁ ସଙ୍କଟକୁ ବୃଦ୍ଧି କରୁଛି। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଟ୍ରମ୍ପ୍ ଆମେରିକାକୁ ଦୂରେଇ ନେଇଛନ୍ତି ଏବଂ ଅସଂଖ୍ୟ ପରିବେଶଗତ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଦୁର୍ବଳ କିମ୍ବା ଧ୍ୱଂସ କରିଦେଇଛନ୍ତି। ଏହି କ୍ଷେତ୍ରରେ ସରକାରଗୁଡ଼ିକ ଅଧିକରୁ ଅଧିକ ନିବେଶକଙ୍କୁ ପ୍ରୋତ୍ସାହିତ କଲେ ମଧ୍ୟ ବହୁ ସମୟରେ ସେମାନଙ୍କୁ ପରିବର୍ତ୍ତନ କରି ଦେଉଛନ୍ତି। ଏଥିପାଇଁ ଅକ୍ଷୟ ଶକ୍ତି ପାଇଁ ପାଣ୍ଠି ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟପକ୍ଷରେ ଏଆଇ କ୍ଷେତ୍ରରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକର ନିବେଶ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଇ କେତେ ମାସ ମଧ୍ୟରେ ଟ୍ରମ୍ପଙ୍କ ରାଜନୈତିକ ହିଂସା ଓ ବିବେକହୀନ କାର୍ଯ୍ୟ ସାମ୍ନାକୁ ଆସିଛି। ମିନିଏପୋଲିର ହତ୍ୟା ଏବଂ ଗାଜା ପୁନର୍ଗଠନର ଯୋଜନାଠାରୁ ଆରମ୍ଭ କରି ଭେନେଜୁଏଲା ଉପରେ ସାମ୍ରାଜ୍ୟବାଦୀ ଆକ୍ରମଣ ଓ ଏବେ ଇରାନ ବିରୋଧରେ ଯୁଦ୍ଧକୁ ଦେଖିଲେ ଜଣାଯାଏ ଯେ ଏହିସବୁ ଘଟଣା ଆମ ଯୁଗର ବିନାଶକାରୀ ମନୋଭାବକୁ ପ୍ରକାଶ କରୁଛି। ରାଜନୀତି ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ ଶକ୍ତି ଦ୍ୱାରା ନିର୍ଦ୍ଧାରିତ ହେଉଥିବାବେଳେ ଏକ ସୁସ୍ଥ ଗଣତନ୍ତ୍ର ଏବଂ ପରିବେଶଗତ ସ୍ଥାୟିତ୍ୱ ନିରର୍ଥକ ହୋଇଯାଇଥିବା ଜଣାପଡୁଛି। ନୀତିଗତ ପଦକ୍ଷେପ ପାଇଁ ସୁଯୋଗ ଶେଷ ହୋଇଯାଇଥିବା ମନେହେଉଛି।

ପୂର୍ବରୁ ଆମେ ଏହି ସ୍ଥିତି ଦେଇ ଗତି କରିଆସିଛୁ। ଆଲବର୍ଟ କାମୁସଙ୍କ ଯୁକ୍ତି ଥିଲା ଯେ, ଆମେ ଏକ ନିରର୍ଥକ ବିଶ୍ୱରେ ବିଦ୍ରୋହ ମାଧ୍ୟମରେ ଏକ ଆଶାର କିରଣ ସୃଷ୍ଟି କରିପାରିବା। ଏକ ନୂଆ ଏପରି କି ଗଣହତ୍ୟା ଘଟଣାଗୁଡ଼ିକ



ପରିପ୍ରେକ୍ଷୀରେ ମାନବ କ୍ଷେତ୍ରରେ ଅନେକ ଆଶା ଥିବା ଜାଣିବାକୁ ପାଇଥିଲେ ହାନ୍ନା ଆରେଣ୍ଡଟ୍ । ମାର୍ଟିନ ଲୁଥର୍ କିଙ୍ଗ ଜୁନିୟର ଦର୍ଶାଇଥିଲେ ଯେ, ଯନ୍ତ୍ରଣା ନୈତିକ ପ୍ରଗତି ଏବଂ ସାମୂହିକ ପରିବର୍ତ୍ତନ ପାଇଁ ବାଟ ଦେଖାଏ। ନିକଟରେ ଦେହାନ୍ତ ଘଟିଥିବା ମୋ ସାଥୀ ଦାର୍ଶନିକ ଜୋନାଥନ ଲିୟର ସ୍ପଷ୍ଟ କରିଥିଲେ ଯେ, ଏକ ସୁନ୍ଦର ଭବିଷ୍ୟତ ପାଇଁ କ୍ଷତି ଏକ ନୈତିକ ଆଶାର ଉତ୍ସ ହୋଇପାରେ। ଏବକାର ଘଟଣାଗୁଡ଼ିକ ଏଭଳି ଚିନ୍ତାଶୀଳ ବ୍ୟକ୍ତିଙ୍କ ଯୁକ୍ତିଗୁଡ଼ିକୁ ସିଦ୍ଧ କରୁଥିବା ମନେହୁଏ। ସିଭିଲ ସୋସାଇଟି ବା ଭଦ୍ର ସମାଜ ଯେତେ ଅବିକଶିତ ହୋଇଥାଉନା କାହିଁକି ତାହାର ପୁନର୍ଜାଗରଣ କଥା ବିଚାର କରାଯାଉ। ଏହା ହେଉଛି ଗଣତନ୍ତ୍ରର ହୃତ୍‌ସ୍ପନ୍ଦନ ଏବଂ ଏହା ଏକଚ୍ଛତ୍ରବାଦ ବିରୋଧରେ ଏକ ଅମୂଲ୍ୟ କବଚ। ଆମେରିକାରେ ହୋଇଥିବା 'ନୋ କିଙ୍ଗସ୍' ଆନ୍ଦୋଳନରେ ଆମେ ଏହା ଦେଖିଲୁ, ଯେଉଁଥିରେ ଅନେକ ଲକ୍ଷ ଲୋକ ଭାଗ ନେଇଥିଲେ। ଇଟାଲିର ସାମ୍ବିଧାନିକ ଜନମତ ସଂଗ୍ରହରେ ଅସାଧାରଣ ଭାବେ ସର୍ବାଧିକ ମତଦାନ ହୋଇଥିଲା। ବିଶେଷକରି ଏଥିରେ ଅତ୍ୟଧିକ ସଂଖ୍ୟକ ଯୁବବର୍ଗ ଭାଗ ନେଇଥିଲେ। ଏବକାର ସ୍ଥିତି କିମ୍ବା ଦକ୍ଷିଣପନ୍ଥୀ ସରକାରଗୁଡ଼ିକର ଏକଚ୍ଛତ୍ରବାଦ ମନୋଭାବ, ଏପରି କି ରାଜନୈତିକ ଉଦାସୀନତା ପ୍ରକାଶ ପାଉଥିବା ଅତି ଜଘନ୍ୟ କାର୍ଯ୍ୟର ଗମ୍ଭୀରତାକୁ ଦେଖିଲେ ଏହି ପ୍ରକାର ଜାଗରଣକୁ ସମ୍ପୂର୍ଣ୍ଣ ଶ୍ରେୟ ଦିଆଯାଇପାରିବ ନାହିଁ। ଜାଗରଣ ଆଣିବାକୁ ହେଲେ ଅଧିକ କିଛି କରିବାକୁ ହେବ, ସମ୍ଭାବନାର ନୂଆ ଭାବନା ଆଣିବାକୁ ପଡ଼ିବ।

ଟ୍ରମ୍ପଙ୍କ ପୂର୍ବ ଦଶନ୍ଧିଗୁଡ଼ିକରେ ଆମେରିକା ଓ ୟୁରୋପରେ ମାନ୍ଦାବସ୍ଥା ଓ ଶକ୍ତିହୀନତା ଭାବନା ଖେଳିଯାଇଥିଲା। ଅନେକେ ବିଶ୍ୱାସ କରିବା ଆରମ୍ଭ କରିଦେଇଥିଲେ ଯେ, ଯିଏ ବି ଶାସନ କରନ୍ତୁ ନା କାହିଁକି ସେଥିରେ କୌଣସି ଫରକ ପଡ଼ିବନି, କାରଣ ସ୍ଥିତିରେ କିଛି ପରିବର୍ତ୍ତନ ହେବ ନାହିଁ। ଦକ୍ଷିଣପନ୍ଥୀ ଏବଂ ବାମପନ୍ଥୀ ସରକାରଗୁଡ଼ିକ ଉଦାରବାଦ ସିଦ୍ଧାନ୍ତକୁ ପାଳନ କରି ବି ପ୍ରାୟତଃ ସମାନ ପ୍ରକାର କାମ କରିବେ। ତେବେ ସାମ୍ବିଧାନିକଠାରୁ ଆରମ୍ଭ କରି ବିତ୍ତୀୟ ପର୍ଯ୍ୟନ୍ତ ସବୁଥିରେ ବାହ୍ୟ ଓ ଆଭ୍ୟନ୍ତରୀଣ ବାଧା ଦ୍ୱାରା ପରିବର୍ତ୍ତନର କ୍ଷମତା ସୀମିତ ହୋଇଯାଇଥିବା ଜଣାପଡୁଛି। ଅବଶ୍ୟ ଅତୀତରେ କେତେକ ସମୟରେ ପରିବର୍ତ୍ତନର ଆଶା ଥିଲା। ସେଥିରୁ ଗୋଟିଏ ଥିଲା, ବାରାକ ଓବାମା ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା। କିନ୍ତୁ ଏହା ନୈରାଶ୍ୟରେ ଶେଷ ହେଲା। ଓବାମାଙ୍କ ଶାସନ କାଳରେ ବୈଶ୍ୱିକ ବିତ୍ତୀୟ ସଙ୍କଟ ପରେ ୱାଲଷ୍ଟ୍ରିଟ ବ୍ୟାଙ୍କଗୁଡ଼ିକ ବ୍ୟାପକ ବେଲ୍‌ଆଉଟ ଗ୍ରହଣ କରିଥିବାବେଳେ ଅନେକ ଲକ୍ଷ ଆମେରିକୀୟ ସେମାନଙ୍କ ଘର ହରାଇଥିଲେ। ଅନେକ ଅପ୍ରବାସୀ ଦେଶାନ୍ତର ହୋଇଥିଲେ, ଯାହା ଅନ୍ୟ ରାଷ୍ଟ୍ରପତିଙ୍କ ତୁଳନାରେ ଅଧିକ ଥିଲା। ଶେଷରେ ୟୁରୋପର ବାମପନ୍ଥୀ ବିଚାରଧାରାର ସରକାରମାନଙ୍କ ଭଳି ଓବାମା ତାଙ୍କ ପୂର୍ବ ରାଷ୍ଟ୍ରପତିଙ୍କ ପରି ଶାସନ କରିଥିଲେ।

ଅନ୍ୟପକ୍ଷରେ ରାଜନୈତିକ କ୍ଷମତା ରଖି କ୍ଷଣକ ମଧ୍ୟରେ ପୃଥିବୀର ଭାଗ୍ୟ ପରିବର୍ତ୍ତନ କରିଦେଇପାରୁଥିବା ବ୍ୟକ୍ତିଙ୍କ ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଟ୍ରମ୍ପ୍। ଏଥିପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଠିକ୍ ବ୍ୟକ୍ତି ହାତରେ ଶାସନ ରହିବା କଥା, ଅନ୍ତତଃପକ୍ଷେ ଏକଚ୍ଛତ୍ରବାଦୀ କିମ୍ବା ପାଗଳଙ୍କ ହାତରେ ନୁହେଁ। ସ୍ୱେଚ୍ଛାଚାରିତା ଯୋଗୁ ଜଣେ ଏକଚ୍ଛତ୍ରବାଦୀ ଜାତୀୟ ଏବଂ ବୈଦେଶିକ ବ୍ୟାପାରକୁ ପରିବର୍ତ୍ତନ କରିଦେଇପାରେ। ଏଭଳି ମନୋଭାବ ଏବେ ନୂଆ ଗଣତାନ୍ତ୍ରିକ କାର୍ଯ୍ୟକଳାପରେ ଅଧିକ ଦେଖାଯାଇଛି।

ସମାନ ପ୍ରକାର ସ୍ଥିତି ଜଳବାୟୁ ପରିବର୍ତ୍ତନ ସଙ୍କଟ ପାଇଁ ସତ୍ୟ। କିଏ ଭାବିଥିଲେ କି ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଏକମାତ୍ରଆଶାଏକଉଦ୍ଦେଶ୍ୟହୀନଯୁଦ୍ଧରୁସୃଷ୍ଟିହୋଇପାରିବ ? ହଁ, ଠିକ୍ ତାହା ହିଁ ଏବେ ଘଟୁଛି। ଇରାନ ଯୁଦ୍ଧର ପରିଣାମ ଅନିଶ୍ଚିତ ରହିଥିଲେ ମଧ୍ୟ ଏଥିରେ ବଡ଼ ଲାଭ ମଧ୍ୟରେ ରହିଛି ସବୁଜ ଟେକ୍‌ନୋଲୋଜି ଏବଂ ଅକ୍ଷୟ ଶକ୍ତିକୁ ପରିବର୍ତ୍ତନ ହେବାର ଆଶା। ତେବେ ଟ୍ରମ୍ପଙ୍କ ଯୁଦ୍ଧ ଯୋଗୁ ଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ହର୍ମୁଜ ଷ୍ଟ୍ରେଟ ବନ୍ଦ ରହିବା ଯୋଗୁ ଶକ୍ତିମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଜଣେ ସମାଲୋଚକ ଦର୍ଶାଇଛନ୍ତି ଯେ, ଯେଉଁ ଦେଶଗୁଡ଼ିକ ସବୁଜ ନିବେଶ ଏବଂ ଏହାର ଶିଳ୍ପ ପାଇଁ ବଢୁଥିବା ଚାହିଦାକୁ ଲକ୍ଷ୍ୟ କରି ବିଶ୍ୱ ସ୍ତରରେ ପ୍ରୋତ୍ସାହନ ଦେବା ଆରମ୍ଭ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ନେଇ ଚାଇନା ଏକ ମେଣ୍ଟ ଗଠନ କରିବା ଦରକାର। ଅନ୍ୟମାନଙ୍କ ଭଳି ୟୁରୋପୀୟ ଦେଶଗୁଡ଼ିକ ଏଥିପ୍ରତି ଆକର୍ଷିତ ହେବା ଆବଶ୍ୟକ। ଏହିପରି ଏକ ସ୍ୱଚ୍ଛ ବାୟୁମଣ୍ଡଳ ଏବଂ ଏକ ଅଧିକ ସ୍ଥାୟୀ ପରିବେଶର ଆଶା ଗୋଟିଏ ଉଦ୍ଦେଶ୍ୟହୀନ ଓ ମୂଲ୍ୟହୀନ ଯୁଦ୍ଧରୁ ସୃଷ୍ଟି ହୋଇପାରିବ। ବାସ୍ତବ କଥା ହେଉଛି ଦୁର୍ଦ୍ଦଶାରୁ ମଣିଷ ଶିକ୍ଷା ଲାଭ କରି ତାହାର ପୁନରାବୃତ୍ତି ହେବାକୁ ଦିଏ ନାହିଁ। ଏହା ନୈତିକ ଏବଂ ରାଜନୈତିକ ପ୍ରଗତିର ଆଶାର ଉତ୍ସ ହୋଇଥାଏ, ଯାହା ଉପରେ ଏବେ ଗଣତନ୍ତ୍ରର ପୁନର୍ଜନ୍ମ ଏବଂ ପୃଥିବୀର ମୁକ୍ତି ନିର୍ଭର କରେ।

**ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,**
**ସିକାଗୋ ବିଶ୍ୱବିଦ୍ୟାଳୟ**

# ଆଗ ଗଛ



ସତ୍ୟନାରାୟଣ ଦେହୁରୀ

ବର୍ତ୍ତମାନ ସମୟର ଇଏ ସବୁଠାରୁ ବଡ଼ ଆହ୍ୱାନ। ଆମେ ସବୁ କାମକୁ ପଛରେ ପକାଇ ଆଗ ଗଛ ଲଗାଇବା ଉପରେ ପ୍ରାଧାନ୍ୟ ଦେବା। ଗଛ ଲଗାଇବା, ତା'ର ଯତ୍ନ ନେବା ଓ ତା'ର ସୁରକ୍ଷା କରିବା। କାରଣ ପରିବେଶ ପ୍ରଦୂଷଣଜନିତ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛେ ସେଥିରୁ ମୁକୁଳିବାକୁ ହେଲେ ବହୁ ପରିମାଣରେ ଗଛ ଲଗାଇବା ଆବଶ୍ୟକ। ବିନା ବିଚାରରେ ଆମେ ଗଛଲତାଗୁଡ଼ିକୁ କାଟିଚାଲିଛେ। ଜଙ୍ଗଲରେ ନିଆଁ ଲଗାଇ ଗଛଲତାଗୁଡ଼ିକୁ ପୋଡ଼ି ମାରି ଦେଉଛେ। ନିଜେ ସଚେତନ ହେବା ସହିତ ଲୋକଙ୍କୁ ସଚେତନ କରିବା ନିହାତି ଜରୁରୀ। ଗଛ ବଞ୍ଚିଲେ, ଆମେ ବଞ୍ଚିବା। ଏହି ଧାରଣା ସମସ୍ତଙ୍କ ମନକୁ ଛୁଇଁବା ଦରକାର। ଗଛର ଉପକାରିତା ବିଷୟରେ ଯଦି ଆଲୋଚନା କରିବା ତେବେ ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ ହେଉଥିବା ମୌଳିକ ଉପାଦାନଗୁଡ଼ିକ ଏହି ବୃକ୍ଷରାଜି ପ୍ରଦାନ କରନ୍ତି। ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଜଳ ଓ ବାୟୁ ସବୁ ପ୍ରାଣୀଜଗତର ବଞ୍ଚିବା ପାଇଁ ଆବଶ୍ୟକ। ଶ୍ୱାସକ୍ରିୟା ପାଇଁ ଆବଶ୍ୟକ ଅମ୍ଳଜାନ ଗଛଠାରୁ ମିଳିଥାଏ। ଯେଉଁ ସ୍ଥାନଗୁଡ଼ିକରେ ଗଛ ନାହିଁ ସେଠାରେ ବିଶୁଦ୍ଧ ଅମ୍ଳଜାନ ପାଇବା କଷ୍ଟକର ହୋଇପଡ଼େ। ପରିବେଶକୁ ଭାରାକ୍ରାନ୍ତ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାରେ ଗଛର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଜଳ କଥା ଯଦି ଆଲୋଚନା କରିବା ତେବେ, ଏହା ମଧ୍ୟ ଏହି ଗଛଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥାଏ। ଗଛଲତା ବର୍ଷା ହେବାରେ ମୁଖ୍ୟ ଭୂମିକା ନିଭାଇଥାଆନ୍ତି। ଗଛଲତା ନ ଥିବା ଅଞ୍ଚଳରେ ବର୍ଷାର ପରିମାଣ କମ୍ ହୋଇଥାଏ । ଅନେକ ଲୋକ ଏହି ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ସେମାନଙ୍କର ଜୀବିକା ନିର୍ବାହ କରନ୍ତି। ମୁଖ୍ୟତଃ ପାହାଡ ଜଙ୍ଗଲରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏଗୁଡ଼ିକ ଉପରେ ବେଶି ନିର୍ଭରଶୀଳ।

ଏତେ ସବୁ ଉପକାରିତା ଥିବା ସତ୍ତ୍ୱେ ଗଛଲତା ଉପରେ ମଣିଷର ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ସମୟର ସବୁଠାରୁ ବଡ଼ ସମସ୍ୟା ହେଲା ଜଙ୍ଗଲ ନିଆଁ। ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ଆଦିବାସୀମାନେ ମହୁଲ ସଂଗ୍ରହ ପାଇଁ ମହୁଲଗଛ ମୂଳକୁ ନିଆଁ ଲଗାଇ ସଫା କରନ୍ତି। ସେହି ନିଆଁ ଜଙ୍ଗଲକୁ ବ୍ୟାପିଯାଏ। ପୋଡୁ ଚାଷ ପାଇଁ ମଧ୍ୟ ଜଙ୍ଗଲର ବିଭିନ୍ନ ଜାଗାକୁ ନିଆଁ ଲଗାଇ ସଫା କରିଦିଅନ୍ତି। ଏହା ଫଳରେ ଅନେକ ଛୋଟ ବଡ଼ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଏ। କାଠ ମାଫିଆମାନେ ମୂଲ୍ୟବାନ କାଠ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ସଫା କରିଦିଅନ୍ତି। ଏଗୁଡ଼ିକ ବ୍ୟତୀତ ଆଜିକାଲି ବହୁ ପରିମାଣରେ ଗଞ୍ଜେଇ ଚାଷ ଜଙ୍ଗଲ ମଧ୍ୟରେ କରାଯାଉଛି। ଅବକାରୀ ବିଭାଗର ଧରପଗଡ଼ରୁ ମୁକ୍ତିପାଇଁ ଜଙ୍ଗଲକୁ ନିରାପଦ ସ୍ଥାନ ବୋଲି ବିବେଚନା କରି ମାଫିଆମାନେ ଜଙ୍ଗଲକୁ ପ୍ରଥମେ ନିଆଁ ଲଗାଇ ସଫା କରନ୍ତି। ବନୀକରଣ ପାଇଁ ଜଙ୍ଗଲରେ ଯେଉଁ ଗଛ ଲଗାଯାଇଥାଏ, ତାହା ସଫଳ ହୋଇ ନ ଥାଏ। ସେହି ବିଫଳତାକୁ ଲୁଚାଇବା ପାଇଁ, ପ୍ରମାଣ ନଷ୍ଟ ଲାଗି ଜଙ୍ଗଲରେ ନିଆଁ ଲଗାଇଦିଅନ୍ତି। ଏହିପରି ବିଭିନ୍ନ କାରଣରୁ ଗଛଲତାଗୁଡ଼ିକୁ ନଷ୍ଟ କରିଦେବା ଫଳରେ, ସେମାନଙ୍କଠାରୁ ପାଉଥିବା ବିଭିନ୍ନ ଉପକାର ପାଇବାରେ ସମସ୍ୟା ଦେଖାଦେଉଛି। ସବୁବେଳେ ଗଛର ସୁରକ୍ଷା ଚିନ୍ତା ନ କରି ସେମାନଙ୍କର ଧ୍ୱଂସ ସାଧନ କରିବା ଦ୍ୱାରା ନିଜ ବେକରେ ନିଜେ କୁରାଢ଼ି ମାରିବା ପରି ହେଉଛି।

ଗଛଟିଏ ଲଗାଇବା ଯେତିକି ଆବଶ୍ୟକ ତା'ଠାରୁ ବେଶି ଆବଶ୍ୟକ ଗଛଟିଏ ବଞ୍ଚାଇବା। ସବୁବର୍ଷ ଯେତିକି ଗଛ ଲଗାଯାଉଛି, ଯଦି ସେଥିରୁ ୧୦ ଭାଗ ବଞ୍ଚିରହନ୍ତା ତା'ହେଲେ ଅନେକ ସଫଳତା ମିଳିପାରନ୍ତା। ତାହା କିନ୍ତୁ ହେଉନାହିଁ। ଦୁଃଖର କଥା ଏବର୍ଷ ଯେଉଁଠାରେ ୧୦୦ ଗଛ ଲାଗିଛି, ଆର ବର୍ଷକୁ ପୁଣି ସେହି ସ୍ଥାନରେ ୧୦୦ ଗଛ ଲାଗୁଛି। ତେବେ କିଛି ବି ସଫଳତା ଆମେ ପାଇପାରୁ ନାହିଁ। ଖାଲି ସରକାରୀ ଅର୍ଥର ବିନିଯୋଗ ହେଉଛି। ନିଜ ଘରେ ଗଛଟିଏ ଲଗାଇଲେ ଯେପରି ତା'ର ଯତ୍ନ ନେଉଛୁ, ସରକାର ମଧ୍ୟ ଯେତେ ଗଛ ଲଗାଉଛନ୍ତି ସେଗୁଡ଼ିକର ଉପଯୁକ୍ତ ଯତ୍ନନେଲେ, ବନୀକରଣ ସଫଳ ହେବା ସହିତ ପରିବେଶ ପ୍ରଦୂଷଣକୁ ବହୁ ପରିମାଣରେ ରୋକାଯାଇ ପାରନ୍ତା। ଆମେ ସମସ୍ତେ ଖାଲି ଗଛପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛେ। ପାଟିରେ ଖାଲି ମିଠା କଥା କହୁଛେ। ଗଛକୁ ନେଇ ଅନେକ କାହାଣୀ ତିଆରିକରି ପାରୁଛେ, କିନ୍ତୁ ବାସ୍ତବ ଚିତ୍ର ଅଲଗା। ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପରିବେଶ କଥା ଚିନ୍ତା କରିବା କଥା। ପରିବେଶକୁ ନେଇ ବୈଜ୍ଞାନିକମାନେ ଯେଉଁ ଆକଳନ କଲେଣି, ଆଗାମୀ କିଛି ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୫୦ ଡିଗ୍ରୀ ପାର ହୋଇ ଶୀର୍ଷକୁ ଛୁଇଁବ। ସବୁ କାମକୁ ପଛରେ ପକାଇ, ଗଛ ଲଗାଇବା ଓ ତା'ର ଉପଯୁକ୍ତ ଯତ୍ନ ନେବାକୁ ପ୍ରାଧାନ୍ୟ ଦେବା ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟହେବା ଆବଶ୍ୟକ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ପଶ୍ଚିମବଙ୍ଗ ସୁନ୍ଦରବନର ବହୁ ଅଞ୍ଚଳର ଜମିକୁ ଲୁଣାପାଣି ଚାଷ ଅନୁପଯୋଗୀ କରିଦେଇଥିଲା। ହେଲେ ଏବେ ସେଠାରେ ୧୫୦୦ କୃଷକ ସେହି ଜମିରେ ୧୯୨ କିସମର ଧାନ ଚାଷକରି ସଫଳ ହୋଇଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ସେମାନେ କେବଳ ପାରମ୍ପରିକ ଦେଶୀ ଧାନ ଚାଷ କରୁଛନ୍ତି। ୨୦୧୪ରେ ପଶ୍ଚିମବଙ୍ଗ ସରକାର ମାଗଣାରେ ଚାଷୀଙ୍କୁ ଲବଣ ସହନଶୀଳ ଧାନ ବିହନ ଯୋଗାଇ ଦେଇଥିଲେ। ଏଥିରେ ଚାଷୀମାନେ ସଫଳତା ପାଇବା ପରେ ତାହାକୁ ସମୟକ୍ରମେ ବ୍ୟାପକ କରାଯାଇଛି। ସୁନ୍ଦରବନର ଦୁର୍ବାଛତି ଗାଁରେ ସିଡ୍ ବ୍ୟାଙ୍କ ଖୋଲାଯାଇଛି। ଏହାସହ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ କୃଷି ମେଳା ଅନୁଷ୍ଠିତ ହେଉଛି, ଯେଉଁଥିରେ କୃଷକମାନେ ସେମାନଙ୍କ ଚାଷ ପଦ୍ଧତି ପ୍ରଦର୍ଶନ କରୁଛନ୍ତି। ପ୍ରତିମାସରେ କୃଷକମାନେ ଏକାଠି ହୋଇ ଚାଷ ସମ୍ପର୍କରେ ଆଲୋଚନା କରୁଛନ୍ତି, ଯେଉଁଥିରେ ଜୈବିକ ସାର ପ୍ରସ୍ତୁତି ଏବଂ ବିହନ ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଇଛି। ଏବେ ଏହି ସିଡ୍ ବ୍ୟାଙ୍କରୁ ଦେଶୀ ଧାନ ବିହନ ପଶ୍ଚିମବଙ୍ଗର ଅନ୍ୟ ଅଞ୍ଚଳକୁ ମଧ୍ୟ ଯୋଗାଇ ଦିଆଯାଉଛି। କହିବାକୁ ଗଲେ ଏଠାକାର କୃଷକମାନେ କେବଳ କୃଷକ ନୁହନ୍ତି, ସେମାନେ ଐତିହ୍ୟର ବାହକ, ଜୈବବିବିଧତାର ରକ୍ଷକ ସାଜିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୦ ଏପ୍ରିଲ ୧୯୭୭

- ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଢେଙ୍କାନାଳଠାରେ ନିର୍ମିତ ହେବାକୁ ଯାଉଥିବା ଏକ ମଟରସାଇକେଲ କାରଖାନାର ଶିଳାନ୍ୟାସ ଅନୁଷ୍ଠିତ।
- ମେଘାଳୟରେ ଗଣତାନ୍ତ୍ରିକ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଶାଖା ଗଠିତ।
- ଭାରତରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଲାଗି ଯୁକ୍ତରାଷ୍ଟ୍ର ଆମେରିକା ସରକାର ଡଃ ରବର୍ଟ ଫ୍ରାନ୍ସିସ୍ ଗୋହିନଙ୍କୁ ମନୋନୀତ କରିଛନ୍ତି।

# ରାତ୍ରିଭୋଜନ ଓ ସଂଘର୍ଷ



ଶୁଭ ନାରାୟଣ ଶତପଥୀ

ସାମ୍ପ୍ରତିକ ପରିସ୍ଥିତିରେ ଅନେକ ସମୟରେ ଦେଖାଯାଏ ରାତ୍ରିଭୋଜନ ଟେବୁଲଗୁଡ଼ିକ ପ୍ରାୟତଃ ଅଭିଭାବକଙ୍କ ଅପ୍ରତ୍ୟାଶିତ ଶ୍ରେଣୀଗୃହ ହୋଇଯାଏ। ପ୍ରାୟତଃ ପରିବାରରେ ଥିବା ପିଲାଟିର ଦିନସାରାର କାର୍ଯ୍ୟ ମୂଲ୍ୟାୟନ ମାତାପିତାମାନେ ଏହିଠାରେ କରିଥାନ୍ତି। ଫଳରେ ଖାଦ୍ୟପେୟର ଏକ ସୁନ୍ଦର ପରିବେଶ ମାତାପିତା ଏବଂ ଶିଶୁ ମଧ୍ୟରେ ଭାବପ୍ରବଣତାପୂର୍ଣ୍ଣ ବିବାଦରେ ପରିଣତ ହୋଇଯାଇପାରେ। ବିଶେଷ କରି କିଶୋରୀ କିଶୋରଙ୍କ କ୍ଷେତ୍ରରେ ଏହା ଅଧିକ ସମ୍ବେଦନଶୀଳ ହୋଇଥାଏ।

ଅନେକ ମାତାପିତା ଏପରି ମୁହୂର୍ତ୍ତର ସମ୍ମୁଖୀନ ହୋଇଛନ୍ତି, ଯେଉଁଠାରେ କ୍ଲାନ୍ତି କିମ୍ବା ଚିଡ଼ିଚିଡ଼ା ହେତୁ ସେମାନେ ତାଙ୍କର ପିଲାଙ୍କୁ କୁହନ୍ତି, 'ତୁମେ ଯାହା ଚାହୁଁଛ କର'। ଫଳରେ ପରିସ୍ଥିତି ସମାଧାନ ହେବା ପରିବର୍ତ୍ତେ ଖରାପ ହୁଏ। ଶିଶୁ-ମନୋବିଜ୍ଞାନ ଦୃଷ୍ଟିକୋଣରୁ, ଏପରି ମୁହୂର୍ତ୍ତଗୁଡ଼ିକ ଖାଦ୍ୟ ଗ୍ରହଣ କରିବା ଅପେକ୍ଷା ବହୁତ ଅଧିକ ତର୍କ ପ୍ରବଣ ହୁଅନ୍ତି। କାରଣ ମାତାପିତାଙ୍କ ବ୍ୟସ୍ତ ବହୁଳ ସମୟ ବ୍ୟତୀତ ଏହି ସମୟ ହେଉଛି ପିଲାମାନଙ୍କ ସହିତ ଏକତ୍ର ହେବା, ଭେଟ ହେବାର ଅବସର। ଯାହାର ଉପଯୋଗ କରିବାକୁ ଯାଇ ବେଳେବେଳେ ନକାରାତ୍ମକ ପରିବେଶକୁ ନିମନ୍ତ୍ରଣ କରିଥାନ୍ତି। ତେବେ ପିଲାଟିର କାର୍ଯ୍ୟକୁ ସକାରାତ୍ମକ ଢଙ୍ଗରେ ସମୀକ୍ଷା କରିବା ପରିବର୍ତ୍ତେ କଥୋପକଥନ ଯୁକ୍ତିତର୍କ ଆଡ଼କୁ ଚାଲିଯାଇଥାଏ। ଏହା ପିଲାର ଭାବପ୍ରବଣ ଆବଶ୍ୟକତା, ବିକାଶଶୀଳ ସ୍ୱାୟତ୍ତତା ଏବଂ ମାତାପିତାଙ୍କ ସ୍ୱରର ସମ୍ବେଦନଶୀଳତାକୁ ପ୍ରତିଫଳିତ କରେ। ଶିଶୁର ମନକୁ ବୁଝିବା ସହିତ ରାତ୍ରିଭୋଜନ ସମୟ ହେଉଛି ଏକ ଉଚ୍ଚ ପାରସ୍ପରିକ କ୍ରିୟା ଯାହା ଶିଶୁ ବିକାଶ, ମାନସିକ ସ୍ୱାସ୍ଥ୍ୟ ଏବଂ ମାତାପିତା-ସନ୍ତାନର ସମ୍ପର୍କକୁ ପ୍ରଭାବିତ କରେ। ସକାରାତ୍ମକ, ସଂରଚିତ ଏବଂ କମ୍ ଚାପପୂର୍ଣ୍ଣ ପରିବେଶ ଭୟ ଓ ଚିନ୍ତା କମ୍ କରେ । ଯେତେବେଳେ ପିଲାମାନଙ୍କୁ ଚାପ ଦେବା ସେତେବେଳେ ପ୍ରାୟତଃ ତାହା ଦୀର୍ଘକାଳୀନ ଖାଦ୍ୟ ସମସ୍ୟା ସହିତ ଅସ୍ୱାସ୍ଥ୍ୟକର ଖାଦ୍ୟ ଆଚରଣର କାରଣ ହୁଏ।

ମାନସିକ ଦୃଷ୍ଟିରୁ, ପିଲାକୁ ଖାଦ୍ୟ କ'ଣ, କେବେ ଏବଂ କେଉଁଠାରେ ପରିବେଷଣ କରାଯିବ ତାହା ଉପରେ ମାତାପିତା ଧ୍ୟାନଦେବାକୁ ସୁପାରିସ କରାଯାଏ, ଯେତେବେଳେ କି ପିଲା କ'ଣ ଖାଇବାକୁ ଚାହୁଁଛି ବା ଚାହୁଁନାହିଁ ଏବଂ କେତେ ଖାଇବାକୁ ଚାହୁଁଛି ତାହାକୁ ବିଚାରକୁ ନେବା ଉଚିତ। ଏହା ସ୍ୱାୟତ୍ତତାକୁ ପ୍ରୋତ୍ସାହିତ କରେ ଏବଂ ଭୋଜନ ସମୟର ଅଯଥା ସଂଘର୍ଷକୁ ହ୍ରାସ କରେ। ବାତାବରଣକୁ ଗୁରୁତ୍ୱ ପ୍ରଦାନ କରି କଥାବାର୍ତ୍ତା ସକାରାତ୍ମକ ଉତ୍ସାହଜନକ ଏବଂ ବିଭ୍ରାନ୍ତିମୁକ୍ତ ହେବା ଉଚିତ। ଏହା ଏକ ଉଷ୍ମ



ପରିବେଶ ହେବା ଉଚିତ, ଯେଉଁଠି ମାତାପିତା ଓ ପିଲା ଉଭୟଙ୍କ ପାଇଁ ଉତ୍ତମ ସାମାଜିକ ଦକ୍ଷତା ଏବଂ ମାନସିକ ସ୍ୱାସ୍ଥ୍ୟ ଫଳାଫଳକୁ ପ୍ରୋତ୍ସାହିତ କରିବ। ପିଲାଙ୍କୁ ଖାଇବାକୁ ବାଧ୍ୟ କରିବା ଦ୍ୱାରା ସେମାନଙ୍କର ଖାଦ୍ୟ ଗ୍ରହଣକୁ ଆତ୍ମ-ନିୟନ୍ତ୍ରିତ କରିବାର ପ୍ରାକୃତିକ, ଜନ୍ମଗତ କ୍ଷମତା ହ୍ରାସ ପାଇପାରେ। ବ୍ୟବହାରକୁ ବାଧ୍ୟତାମୂଳକ କରିବା ପରିବର୍ତ୍ତେ ସ୍ୱାସ୍ଥ୍ୟକର ନୂତନ ଖାଦ୍ୟ ସହିତ ସମ୍ପର୍କ ସ୍ଥାପନକୁ ଉତ୍ସାହିତ କରିବା ଅଧିକ ପ୍ରଭାବଶାଳୀ। ନିୟମିତ, ଶାନ୍ତ ପରିବେଶରେ ପାରିବାରିକ ରାତ୍ରିଭୋଜନ ଦ୍ୱାରା କିଶୋରୀକିଶୋରଙ୍କ ମଧ୍ୟରେ ଡିପ୍ରେସନ, ଚିନ୍ତା, ନିଶା ବ୍ୟବହାର ଏବଂ ଖାଦ୍ୟ ବିକାରର ହ୍ରାସ ଘଟାଏ। ଯଦିଓ ପିଲା ବହୁତ ଖାଏ ନାହିଁ, ଏକ ସକାରାତ୍ମକ ଖାଦ୍ୟ ପରିବେଶର ସ୍ଥିର ଉପସ୍ଥିତି ଲାଭଦାୟକ ହୋଇଥାଏ। ମାତାପିତା ପିଲାର ପୁଷ୍ଟି ବିଷୟରେ ନିଜର ଚିନ୍ତାକୁ ପରିଚାଳନା କରିବା ଉଚିତ ଏବଂ ରାତ୍ରିଭୋଜନକୁ ଯୁଦ୍ଧକ୍ଷେତ୍ର କରିବାରୁ ଦୂରେଇ ରହିବା ଆବଶ୍ୟକ। ଏହା ସହିତ ଖାଦ୍ୟ ପ୍ରସ୍ତୁତିରେ ପିଲାମାନଙ୍କୁ ସାମିଲ କରିବା ଦ୍ୱାରା ସେମାନଙ୍କର ନୂତନ ଖାଦ୍ୟ ଚେଷ୍ଟା କରିବାର ଇଚ୍ଛା ବୃଦ୍ଧି ପାଇପାରେ। ନିୟମିତ ଏକତ୍ର ବସି ବା ପରିବାର ସହ ରାତ୍ରିଭୋଜନ ଭାବପ୍ରବଣ ସଂଯୋଗକୁ ବୃଦ୍ଧି କରେ, ଆତ୍ମସମ୍ମାନ ବୃଦ୍ଧି କରେ, ଯୋଗାଯୋଗ ଦକ୍ଷତାକୁ ଉନ୍ନତ କରେ ଏବଂ ଡିପ୍ରେସନର ବିପଦକୁ ହ୍ରାସ କରି ପିଲାଙ୍କ ମନସ୍ତତ୍ତ୍ୱକୁ ଉନ୍ନତ କରିବାରେ ସହାୟକ ହୁଏ।

ପିଲାମାନେ ଡାଇନିଂ ଟେବୁଲରେ ଦେଖାଯାଉଥିବା ଆଚରଣକୁ ଅନୁକରଣ କରନ୍ତି, ଯାହା ସୁସ୍ଥ ଖାଦ୍ୟ ଅଭ୍ୟାସ ଶିଖାଇବା ପାଇଁ ମାତାପିତାଙ୍କ ଆଚରଣକୁ ପ୍ରାଧାନ୍ୟ ଦେଇଥାଏ। ରାତ୍ରିଭୋଜନ ସମୟରେ ପିଲାଙ୍କ ପାଇଁ କଥାବାର୍ତ୍ତା ଅଭ୍ୟାସ କରିବା, ବିନମ୍ର ମଧୁର କଥାର ଶବ୍ଦକୋଷକୁ ବଳିଷ୍ଠ କରିବା ଆବଶ୍ୟକ। ଶୁଣିବା ଶିଖିବାର ଏହା ଏକ ସୁଯୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାତ୍ରିଭୋଜନ ଟେବୁଲ ଏକ ସୁରକ୍ଷିତ ସ୍ଥାନ ହେବା ଉଚିତ, 'ସଂଘର୍ଷର କ୍ଷେତ୍ର' ନୁହେଁ। ନିରନ୍ତର ଓ ଉଚ୍ଚଚାପ ପିଲାଙ୍କ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ବାଧା ଦେଇପାରେ। ଏକାଠି ଭୋଜନ କରିବାରେ ସ୍ଥିରତା ପିଲାମାନଙ୍କୁ ସୁରକ୍ଷିତ ଅନୁଭବ କରିବାରେ ସାହାଯ୍ୟ କରେ ଏବଂ ସେମାନଙ୍କ ଆଚରଣକୁ ଉନ୍ନତ କରେ। ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରିପୋର୍ଟରୁ ଜଣାଯାଏ ଯେଉଁ ମାଆମାନେ ସକାରାତ୍ମକ ଭାବନା ପ୍ରକାଶ କରନ୍ତି ଓ ଭୋଜନ ସମୟର ଚାପ ପରିଚାଳନା କରନ୍ତି ସେମାନେ ସେମାନଙ୍କ ପିଲାମାନଙ୍କ ମଧ୍ୟରେ ଉତ୍ତମ ଖାଦ୍ୟ ଆଚରଣ ପାଇଥାନ୍ତି। ଏହି ସମୟରେ ଦୈନନ୍ଦିନ ଜୀବନ କିମ୍ବା ପାରିବାରିକ ଇତିହାସ ବିଷୟରେ କାହାଣୀ କହିବା ଏବଂ ଶେୟାର କରିବା ଏକ କିଶୋରର ସାମାଜିକ ଏବଂ ଭାବପ୍ରବଣ ସୁସ୍ଥତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ସେଥିପାଇଁ ଏକ ସକାରାତ୍ମକ ପରିବେଶ ଉପରେ ଧ୍ୟାନ ଦେବା ଜରୁରୀ, ଯାହା ପିଲାଙ୍କ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବ। ଏମିତି ପରିବେଶ ପ୍ରତିଟି ପରିବାରରେ ସୃଷ୍ଟି ହେବା ଉଚିତ, ଯେଉଁଠି ଡାଇନିଂ ଟେବୁଲକୁ ଯିବାର ସମୟକୁ ପିଲେ ଚାହିଁ ରହିଥିବେ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 5 | | 4 | 1 |
| | | | | | | 8 | | |
| | 4 | | | 2 | | | 9 | |
| 7 | 2 | | | 4 | | | | |
| | 3 | 6 | | | | | 8 | |
| 4 | | | 7 | 6 | 1 | | | 9 |
| | | | | | | | | 5 |
| | 7 | | | 8 | 4 | 1 | | |
| | 5 | 3 | | 1 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 4 | 2 | 8 | 9 | 6 | 5 | 1 |
| 8 | 1 | 5 | 3 | 6 | 4 | 7 | 2 | 9 |
| 6 | 9 | 2 | 5 | 1 | 7 | 4 | 8 | 3 |
| 2 | 8 | 7 | 1 | 3 | 5 | 9 | 4 | 6 |
| 5 | 6 | 1 | 9 | 4 | 8 | 3 | 7 | 2 |
| 9 | 4 | 3 | 7 | 2 | 6 | 8 | 1 | 5 |
| 3 | 7 | 9 | 4 | 5 | 2 | 1 | 6 | 8 |
| 1 | 5 | 8 | 6 | 7 | 3 | 2 | 9 | 4 |
| 4 | 2 | 6 | 8 | 9 | 1 | 5 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ସାଇକେଲ ଅନାଥ ଆଶ୍ରମକୁ ଦାନ କରାଯାଉ

ମହାଶୟ,

୨୦୧୮ ହକି ବିଶ୍ୱକପ ସମୟରେ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା 'ମୋ ସାଇକେଲ' ଯୋଜନା ଏକ ଅତି ପ୍ରଶଂସନୀୟ ପଦକ୍ଷେପ ଥିଲା, ଯାହା ସହରବାସୀଙ୍କୁ ପରିବେଶ ଅନୁକୂଳ ପରିବହନର ସୁବିଧା ଯୋଗାଇ ଦେଇଥିଲା। କିନ୍ତୁ ବର୍ତ୍ତମାନ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ନିଜର ମାର୍ଗ ହରାଇଥିବା ପରି ମନେହେଉଛି। ଯେଉଁ ସାଇକେଲଗୁଡ଼ିକ ଦିନେ ସହରର ଗର୍ବ ଥିଲା, ସେଗୁଡ଼ିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ଅଳିଆ ଭଳି ପଡ଼ି ରହିଛି। କଳଙ୍କି ଲାଗି ନଷ୍ଟ ହେଉଛି କିମ୍ବା ଚୋରି ହୋଇଯାଉଛି। ସରକାରୀ ସମ୍ପତ୍ତିର ଏଭଳି ଦୁରୁପଯୋଗ କିମ୍ବା ଅପଚୟ ରୋକିବା ପାଇଁ ଏହାକୁ ଏହିଭଳି ନଷ୍ଟ ନ କରି ଏକ ଅଭିନବ ସାମାଜିକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇପାରେ। ସରକାର ଯଦି ଏହି ପରିତ୍ୟକ୍ତ ସାଇକେଲଗୁଡ଼ିକୁ ମରାମତି କରି ରାଜ୍ୟର ଅନାଥ ଆଶ୍ରମ କିମ୍ବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ଦାନ କରନ୍ତେ, ତେବେ ସେଠାରେ ରହୁଥିବା ଅସହାୟ ଶିଶୁମାନେ ଏହାକୁ ବ୍ୟବହାର କରି ଖୁସି ଅନୁଭବ କରିବା ସହ ସେମାନଙ୍କର ଦୈନନ୍ଦିନ ଯାତାୟାତ ଓ କ୍ରୀଡ଼ା ପାଇଁ ଏକ ସୁବିଧା ପାଇପାରନ୍ତେ।

**–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

## ଚିରନ୍ତନୀ

କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ ।
–(ବିଶ୍ୱର ଆହ୍ୱାନ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲୋକଙ୍କ ଉପରେ ଦମନଲୀଳା ବରଦାସ୍ତ କରାଯିବ ନାହିଁ: ବିଜେଡି


ରାୟଗଡା ଜିଲା କାଶୀପୁର ବ୍ଲକ୍ କଣ୍ଟାମାଳ ଗ୍ରାମରେ ଗୁରୁବାର ବିଜେଡି ଟିମ୍ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ବେଦାନ୍ତ ପାଇଁ ଲୋକଙ୍କୁ ଦମନ ଘଟଣା

ରାୟଗଡ଼ା,୯।୪(ଆଶିଷ ରଞ୍ଜନ ପଣ୍ଡା)

ବେଦାନ୍ତ ପାଇଁ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଉତ୍ତେଜନା ଲାଗିରହିଛି। ସିଜିମାଳି ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗାଁଗୁଡ଼ିକର ସ୍ଥିତି ଅନୁଧ୍ୟାନ ପାଇଁ ଗୁରୁବାର ବିଜେଡି ଟିମ୍ ସେଠାରେ ପହଞ୍ଚିଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଜଗନ୍ନାଥ ସାରକା ଓ ପୂର୍ବତନ ଏମ୍‌ପି ଝିନ୍ନ ହିକ୍କାଙ୍କ ନେତୃତ୍ୱରେ ଉକ୍ତ ଟିମ ଶାଗବାରୀ ଓ କଣ୍ଟାମାଳ ଗ୍ରାମଗସ୍ତ କରି ସମସ୍ତ ଘଟଣା ବିଷୟରେ ପଚାରି ବୁଝିଥିଲେ। ବେଦାନ୍ତର ଗୁଣ୍ଡା ସାଜି ପୋଲିସ କିଭଳି ଅଞ୍ଚଳବାସୀଙ୍କୁ ବନ୍ଧୁକ ଓ ଗିରଫ ଭୟ ଦେଖାଇ ଅତ୍ୟାଚାର କରୁଛି, ସେ ସମ୍ପର୍କରେ ଗ୍ରାମବାସୀ ବିଜେଡି ନେତାଙ୍କୁ କହିଥିଲେ। ତେଣୁ ସିଜିମାଳି ଖଣି ଖନନ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ସହିତ ଭୟମୁକ୍ତ ଅଞ୍ଚଳ ଭାବେ ଆମେ ବଞ୍ଚିବା ପାଇଁ ଚାହୁଁ ବୋଲି ଉଭୟ ଗାଁ ଲୋକ ଦାବି କରିଥିଲେ। ଏଥିସହ ସିଜିମାଳି ବକ୍ସାଇଟ୍ ଖଣି ଖନନ ନେଇ ପୁନର୍ବାର ଗ୍ରାମସଭା କରିବା ପାଇଁ ଗ୍ରାମବାସୀ ବିଜେଡି ନେତାଙ୍କ ନିକଟରେ ଦାବି କରିଥିଲେ। ପୋଲିସ ଗୋଟିଏ କମ୍ପାନୀର ଗୁଣ୍ଡା ସାଜି ଲୋକଙ୍କ ଉପରେ ଯେଉଁ ଦମନଲୀଳା ଚଳାଇଛି ତାକୁ ବରଦାସ୍ତ କରାଯିବ ନାହିଁ ବିଜେଡି ନେତାମାନେ କହିଛନ୍ତି। ସେମାନଙ୍କ ଦାବି ଅନୁସାରେ ପୁନର୍ବାର ଗ୍ରାମସଭା କରିବା ଆମର ମଧ୍ୟ ଦାବି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ଟିମ୍‌ରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ରଘୁନାଥ ଗମାଙ୍ଗ, ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ନାରୀ ନେତ୍ରୀ ଅନୁସୟା ମାଝୀ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତାମେଲେକାପ୍ରମୁଖ ସାମିଲଥିଲେ।

## ଆଜି ସିଜିମାଳି ଯିବ କଂଗ୍ରେସ ତଥ୍ୟାନୁସନ୍ଧାନ କମିଟି

ଭୁବନେଶ୍ୱର,୯।୪ (ରବିନାରାୟଣ ଜେନା)

ସିଜିମାଳି ହିଂସାକାଣ୍ଡ ଘଟଣାର ଅନୁଧ୍ୟାନ ପାଇଁ ପିସିସି ତଥ୍ୟାନୁସନ୍ଧାନ କମିଟି ଶୁକ୍ରବାର ଉକ୍ତ ଅଞ୍ଚଳ ପରିଦର୍ଶନ କରିବ ବୋଲି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି କମିଟିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଅଧ୍ୟକ୍ଷ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ବିଧାୟକ ତାରାପ୍ରସାଦ ବାହିନୀପତି, ସତ୍ୟଜିତ ଗମାଙ୍ଗ, ପବିତ୍ର ସାଉଁତା, ମଙ୍ଗୁ ଖିଲ୍ଲ, ପିସିସି ଜନଜାତି ବିଭାଗ ଅଧ୍ୟକ୍ଷ ଯଶବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ବରିଷ୍ଠ କଂଗ୍ରେସ ନେତ୍ରୀ ରତ୍ନମଣି ଉଲାକା ଓ ଅମିତା ବିଶ୍ୱାଳ ପ୍ରମୁଖ ସଦସ୍ୟ ଅଛନ୍ତି।

# ଭାଜପାର ୭୨ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା

## ୩୮ ସ୍ୱତନ୍ତ୍ର, ୨୩ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ତାଲିକା ପ୍ରକାଶ

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁବାର ୭୨ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ତାଲିକା ସହ ୩୮ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୨୩ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ସ୍ଥାୟୀ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବୈଜୟନ୍ତ ପଣ୍ଡା, ସୁରେଶ ପୂଜାରୀ, ଜୟ ନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିମ୍ବାଧର କୁଅଁର, ବସନ୍ତ କୁମାର ପଣ୍ଡା, ସମୀର ମହାନ୍ତି, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବିଶ୍ୱେଶ୍ୱର ଟୁଡୁ, ପ୍ରଦୀପ୍ତ କୁମାର ନାଏକ, ଅରବିନ୍ଦ ଢାଲି, ରାମଚନ୍ଦ୍ର ପଣ୍ଡା, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ହିମାଂଶୁ ମେହେର, ସମୀର ରଞ୍ଜନ ଦାଶ ଓ ସଞ୍ଜୀବ ସାହୁ। ୩୮ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ କେତେଜଣ ପୂର୍ବତନ ଏମ୍‌ପି ଓ ଏମ୍‌ଏଲ୍‌ଏ ରହିଛନ୍ତି।

ନୂଆ ରାଜ୍ୟ କାର୍ଯ୍ୟକାରିଣୀରେ କଟକରୁ ୭ଜଣ, ବାଲେଶ୍ୱର ଓ ସମ୍ବଲପୁରରୁ ୪ଜଣ ଲେଖାଏ, ଭୁବନେଶ୍ୱର, ଘୁମୁସର (ଆସିକା), କେନ୍ଦ୍ରାପଡ଼ା, ମାଲକାନଗିରି ଓ କେନ୍ଦୁଝରରୁ ୩ଜଣ ଲେଖାଏ ସଦସ୍ୟ ରହିଛନ୍ତି। ସେହିପରି ବୌଦ୍ଧ, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ଗ୍ରାମୀଣ କଟକ, କନ୍ଧମାଳ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ମୟୂରଭଞ୍ଜ (ପଶ୍ଚିମ)ଏବଂ ମୟୂରଭଞ୍ଜ(ପୂର୍ବ)ରୁ ୨ଜଣ ଲେଖାଏ ସଦସ୍ୟ ଅଛନ୍ତି। ଅନୁରୂପଭାବେ ଏହି ରାଜ୍ୟ କାର୍ଯ୍ୟକାରିଣୀ ତାଲିକାରେ ବରଗଡ଼, ଭଦ୍ରକ, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼, ପୁରୀ, ରାଉରକେଲା ଓ ଗଜପତି, ଘୁମୁସର(ଭଞ୍ଜନଗର)ରୁ ଜଣେ ଲେଖାଏ ସଦସ୍ୟ ଅଛନ୍ତି। ଦଳର ସମସ୍ତ ଏମ୍‌ପି, ଏମ୍‌ଏଲ୍‌ଏ, ଜିଲା ପ୍ରଭାରୀ, ଜିଲା ସଭାପତି, ରାଜ୍ୟ ମୁଖପାତ୍ର ଓ ବିଭିନ୍ନ ମୋର୍ଚ୍ଚାର ଆବାହକ ଓ ପ୍ରଭାରୀମାନେ ରାଜ୍ୟ କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ବୋଲି ତାଲିକାରେ ଉଲ୍ଲେଖ ରହିଛି।




# ଧରମପୁରରେ ରୁଙ୍ଗ୍‌ଟା ସନ୍ସକୁ ଜୋର୍‌ଦାର ବିରୋଧ

## ତାଳଚେରରେ କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ପାଇଛି ଘରୋଇ କମ୍ପାନୀ

ତାଳଚେର,୯।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକର ଧରମପୁର ଏବଂ କଙ୍କିଳି ପଞ୍ଚାୟତରେ କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ପାଇଥିବା ଘରୋଇ କମ୍ପାନୀ ରୁଙ୍ଗ୍‌ଟା ସନ୍ସକୁ ଗୁରୁବାର ଜୋର୍‌ଦାର ବିରୋଧ କରାଯାଇଛି। କୌଣସି ପରିସ୍ଥିତିରେ ଏକ ଘରୋଇ କମ୍ପାନୀକୁ ଜମି ଦିଆଯିବ ନାହିଁ ବୋଲି କଙ୍କିଳି ଓ ଧରମପୁର ପଞ୍ଚାୟତର ଲୋକମାନେ ଅଡ଼ି ବସିଛନ୍ତି। ଏପରି କି ବୋରୱେଲ୍ ସର୍ଭେ ଓ ଡ୍ରିଲିଂ ନିମନ୍ତେ ଆସିଥିବା ଗାଡ଼ିକୁ ଧରମପୁର ପଞ୍ଚାୟତବାସୀ ଫେରାଇଦେବା ସହ ଏ ନେଇ ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି।

ଧରମପୁର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି, କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ନେଇଥିବା ଘରୋଇ କମ୍ପାନୀକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଆସୁଛନ୍ତି। ହେଲେ କମ୍ପାନୀର ଅଧିକାରୀ ଗ୍ରାମବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି କେତେଜଣ ଲୋକଙ୍କୁ ନେଇ ବୈଠକ କରିବା ସହ ବୋରୱେଲ୍ କାମ କରିବାକୁ ଚାହୁଁଛନ୍ତି। ଗୁରୁବାର କମ୍ପାନୀର ୨ଟି ବୋର୍‌ୱେଲ୍ ଗାଡ଼ି କେତେଜଣ ଲୋକଙ୍କ ସହଯୋଗରେ ଡ୍ରିଲିଂ କରିବାକୁ ଧରମପୁର ଆସିଥିବାବେଳେ ଅଞ୍ଚଳବାସୀ ବିରୋଧ କରି ତାହାକୁ ଫେରାଇ ଦେଇଥିଲେ। ପୂର୍ବରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୨ ପଞ୍ଚାୟତବାସୀ ରାଜି ନ ହେଲେ ଡ୍ରିଲିଂ ହେବନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତଥାପି କେତେଜଣ ବ୍ୟକ୍ତି କମ୍ପାନୀ ଅଧିକାରୀଙ୍କ ସହ ହାତ ମିଳାଇ ବର୍ତ୍ତମାନ ଧରମପୁର ଅଞ୍ଚଳରେ ଡ୍ରିଲିଂ କାର୍ଯ୍ୟ କରିବାକୁ ଉଦ୍ୟମ କରୁଛନ୍ତି। ଏ ନେଇ ଧରମପୁର ପଞ୍ଚାୟତବାସୀ ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ କମ୍ପାନୀ ଓ ପଞ୍ଚାୟତର କେତେଜଣ ଲୋକଙ୍କୁ ନେଇ ଉପଜିଲାପାଳ ବୈଠକ କରିଥିଲେ। ଧରମପୁର ପଞ୍ଚାୟତର ଅଧିବାସୀଙ୍କ ଉପସ୍ଥିତିରେ ଏହି ବୈଠକ ହେଉ ବୋଲି ପଞ୍ଚାୟତବାସୀ କହିବା ପରେ ୩ଟି ଗ୍ରାମରୁ ପ୍ରାୟ ୫୦୦ରୁ ଅଧିକ ମହିଳା ପୁରୁଷଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଅଧ୍ୟକ୍ଷତା କରି ପଞ୍ଚାୟତବାସୀ ରାଜି ନ ହେଲେ ଡ୍ରିଲିଂ କାମ ଆରମ୍ଭ ହୋଇପାରିବ ନାହିଁ ବୋଲି କମ୍ପାନୀ ଅଧିକାରୀଙ୍କୁ କହିଥିଲେ। ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଲୋକେ ରାଜି ହେବାପରେ ଡ୍ରିଲିଂ କରାଯିବ ବୋଲି ଉପଜିଲାପାଳ କହିଥିବା ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଏହି ବୈଠକରେ ତହସିଲଦାର ଅଲଫା ଜେନା, ଏସ୍‌ଡିପିଓ ଭରତ ସାହୁ, ରୁଙ୍ଗ୍‌ଟା କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।



ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଧରମପୁର ପଞ୍ଚାୟତବାସୀ।




ଆପଣଙ୍କ ଆଣ୍ଠୁ ହୁଏତ ଆପଣଙ୍କୁ ନିରାଶ କରିପାରେ; କିନ୍ତୁ ଆଧୁନିକ ଅସ୍ତ୍ରୋପଚାର ନୁହେଁ

Meril Treatment Zaroori Hai
Issued in public interest, for you and your loved ones, by Meril.

ନୂଆ ଆଣ୍ଠୁ, ନୂଆ ଜୀବନ: ଉନ୍ନତ ଆଣ୍ଠୁ ପ୍ରତିବଦଳ ସହିତ ନିଜର ଚଳପ୍ରଚଳ କ୍ଷମତା ଏବଂ ସ୍ୱାଧୀନତା ଫେରାଇ ଆଣନ୍ତୁ


ଡା. ସତ୍ୟ ନାରାୟଣ ବେହେରା,
ସିନିୟର କନସଲଟାଣ୍ଟ, ଅର୍ଥୋପେଡିକ୍ସ। ରୋବୋଟିକ୍ ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜନ, ଅଶ୍ୱିନୀ ହସ୍ପିଟାଲ କଟକ

ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜନ ଭାବରେ ମୋର ଦୁଇ ଦଶନ୍ଧିର ଅଭିଜ୍ଞତା କାଳରେ, ମୁଁ ଏହି କ୍ଷେତ୍ରରେ ଅନେକ ଅଗ୍ରଗତି ଦେଖିଛି, କିନ୍ତୁ 'ରୋବୋଟିକ୍-ଆସିଷ୍ଟେଡ୍ ନୀ ରିପ୍ଲେସମେଣ୍ଟ' ତାହା ଯୋଗାଉଥିବା ନିଖୁଣତା ପାଇଁ ବିଶେଷ ଭାବେ ଉଲ୍ଲେଖନୀୟ । ପ୍ରାୟତଃ ରୋଗୀମାନେ ଏହା ଭାବିଥାନ୍ତି ଯେ ଏହି ଅସ୍ତ୍ରୋପଚାର ରୋବୋଟ୍ କରିଥାଏ, କିନ୍ତୁ ମୁଁ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ତାହାର ନିୟନ୍ତ୍ରଣ ସର୍ବଦା ସର୍ଜନଙ୍କ ନିକଟରେ ରହିଥାଏ । ଉକ୍ତ ଟେକ୍ନୋଲୋଜି ଏକ ମାର୍ଗଦର୍ଶକ ପ୍ରଣାଳୀ ଭାବେ କାର୍ଯ୍ୟ କରି ମୋତେ ଅଧିକ ସଠିକତା ସହିତ ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିଥାଏ । ଅସ୍ତ୍ରୋପଚାର ପୂର୍ବରୁ, ଆମେ ରୋଗୀଙ୍କ ଶରୀର ଗଠନକୁ ଆଧାର କରି ତାଙ୍କ ଆଣ୍ଠୁର ଏକ ଅବିକଳ ତଥା ବିସ୍ତୃତ ଥ୍ରୀ-ଡାଇମେନ୍ସନାଲ୍ ମଡେଲ୍ ସୃଷ୍ଟି କରିଥାଉ । ଅସ୍ତ୍ରୋପଚାର ସମୟରେ ପ୍ରତ୍ୟେକ ସୋପାନ ଗାଇଡେଡ୍ ହୋଇଥାଏ ଓ ବାସ୍ତବ ସମୟରେ ତାହାର ଯାଞ୍ଚ କରାଯାଇଥାଏ । ଏହାଫଳରେ ପ୍ରତିରୋପଣର ଅବସ୍ଥିତି ଉନ୍ନତ ହେବା ସହ ପାର୍ଶ୍ୱବର୍ତ୍ତୀ ଟିସ୍ୟୁ ପ୍ରତି କମ୍ କ୍ଷତି ପହଞ୍ଚିଥାଏ, କମ୍ ରକ୍ତ କ୍ଷୟ ହୋଇଥାଏ ଓ ଆରୋଗ୍ୟଲାଭ ପ୍ରକ୍ରିୟା ଅଧିକ ସୁରୁଖୁରୁ ହୋଇଥାଏ । ଅସ୍ତ୍ରୋପଚାରକୁ ନେଇ ଚିନ୍ତିତ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାର ଏହି ଅଗ୍ରଗତି ଉଭୟ ସୁରକ୍ଷା ଓ ଆତ୍ମବିଶ୍ୱାସ ଯୋଗାଇଥାଏ । ଅଧିକନ୍ତୁ, ଏହା ମୋତେ ଅଧିକ ସ୍ପଷ୍ଟତା ଓ ଆତ୍ମବିଶ୍ୱାସ ସହ ଅସ୍ତ୍ରୋପଚାରର ପ୍ରତ୍ୟେକ ସୋପାନର ଆଗୁଆ ଯୋଜନା ପ୍ରସ୍ତୁତ କରିବାରେ ସମର୍ଥ କରିଥାଏ ।


ଡା. ଅରବିନ୍ଦ ଦାସ,
ଏମ୍.ଏସ୍. ଅର୍ଥୋପେଡିକ୍ସ, କର କ୍ଲିନିକ୍ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱର

ପ୍ରତ୍ୟେକ ଆଣ୍ଠୁ ପ୍ରତିବଦଳ ସରଳ ହୋଇ ନ ଥାଏ । ମୁଁ ପ୍ରାୟତଃ ଗୁରୁତର ବିକୃତି, କଠିନତାଧାରୀ ଓ ପୂର୍ବବର୍ତ୍ତୀ ଅସ୍ତ୍ରୋପଚାରର ସମ୍ମୁଖୀନ ହୋଇଥିବା ରୋଗୀମାନଙ୍କର ଚିକିତ୍ସା କରିଥାଏ, ଯାହାଦ୍ୱାରା ପ୍ରକ୍ରିୟାଗୁଡ଼ିକ ଅଧିକ ଚ୍ୟାଲେଞ୍ଜିଂ ହୋଇଥାଏ । ଏଭଳି ମାମଲାଗୁଡ଼ିକରେ, ରୋବୋଟିକ୍ ଟେକ୍ନୋଲୋଜି ବିଶେଷ ଭାବେ ମୂଲ୍ୟବାନ୍ ସାବ୍ୟସ୍ତ ହୋଇଥାଏ । ଏହା ମୋତେ ଅସ୍ତ୍ରୋପଚାର ପୂର୍ବରୁ ରୋଗୀଙ୍କ ଆଣ୍ଠୁକୁ ଚିକିନିଖି ଭାବରେ ଅଧ୍ୟୟନ କରିବା ତଥା ଅସ୍ତ୍ରୋପଚାର ସମୟରେ ସଠିକ୍ ଆଡଜଷ୍ଟମେଣ୍ଟ କରିବାକୁ ଅନୁମତି ଦିଏ । ଆଲାଇନମେଣ୍ଟ ଓ ଗଣ୍ଠିର ଭାରସାମ୍ୟ ଉପରେ ନିରନ୍ତର ଭାବେ ତଦାରଖ କରାଯାଏ । ଏହା ଉଭୟ ସଠିକତା ଏବଂ ସ୍ଥିରତାକୁ ଉନ୍ନତ କରେ । ମୁଁ ଜଟିଳରୁ ଜଟିଳ ଆଣ୍ଠୁ ସମସ୍ୟା ଭୋଗିଥିବା ରୋଗୀମାନଙ୍କୁ ସେମାନଙ୍କର ଚଳପ୍ରଚଳ ହେବାର ସାମର୍ଥ୍ୟ ଫେରିପାଇବା, ବିନା ସହାୟତାରେ ଚାଲିବା ଓ ସ୍ୱାଧୀନ ଜୀବନକୁ ଫେରିଥିବାର ଦେଖିଛି । କଷ୍ଟକର ମାମଲାଗୁଡ଼ିକରେ, ଏହି ଟେକ୍ନୋଲୋଜି ଆମକୁ ଏପରି ଫଳାଫଳ ହାସଲ କରିବାରେ ସାହାଯ୍ୟ କରିଛି, ଯାହା ଏକଦା କାଠିକର ପାଠ ଥିଲା । ଏଭଳି ଅନେକ ମାମଲାରେ, ମୁଁ ଏପରି ଆଲାଇନମେଣ୍ଟ ଓ ଭାରସାମ୍ୟକୁ ହାସଲ କରିବାରେ ସକ୍ଷମ ହୋଇପାରିଛି, ଯାହା ପୂର୍ବରୁ କେବଳ ପାରମ୍ପରିକ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରାପ୍ତ କରିବା ଅତ୍ୟଧିକ କଷ୍ଟସାଧ୍ୟ ହୋଇଥାନ୍ତା ।


ଡା. ଦିବ୍ୟ ସିଂହ,
ସିନିୟର ଅର୍ଥୋପେଡିକ୍ କନସଲଟାଣ୍ଟ ଓ ସର୍ଜନ, ଜଏଣ୍ଟ ରିପ୍ଲେସମେଣ୍ଟ କନସଲଟାଣ୍ଟ, ଉତ୍କଳ ହସ୍ପିଟାଲ, ଭୁବନେଶ୍ୱର। ଅର୍ଥୋପେଡିକ୍ କନସଲଟାଣ୍ଟ ଓ ନିର୍ଦ୍ଦେଶକ, ଅର୍ଥୋ ୱାନ୍ ଅର୍ଥୋପେଡିକ୍ସ କ୍ଲିନିକ୍

ମୁଁ ଚାଳିଶ ଓ ପଚାଶ ବର୍ଷ ବୟସର ଏପରି ରୋଗୀମାନଙ୍କର ସଂଖ୍ୟା ବଢ଼ୁଥିବାର ଲକ୍ଷ୍ୟ କରିଛି, ଯେଉଁମାନେ ଆଣ୍ଠୁ ଯନ୍ତ୍ରଣାର କଷ୍ଟ ଭୋଗୁଛନ୍ତି, କିନ୍ତୁ ଅସ୍ତ୍ରୋପଚାର କରାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଅନେକଙ୍କୁ ଅପେକ୍ଷା କରିବାର ପରାମର୍ଶ ଦିଆଯାଇଛି, କିନ୍ତୁ ମୋ ଅଭିଜ୍ଞତା ଅନୁଯାୟୀ, ଚିକିତ୍ସାରେ ବିଳମ୍ବ କଲେ ସ୍ଥିତି ଅଧିକ ଖରାପ ହୋଇଯାଇଥାଏ । କର୍ମଠ ବ୍ୟକ୍ତିବିଶେଷଙ୍କ ପାଇଁ ରୋବୋଟିକ୍-ଆସିଷ୍ଟେଡ୍ ନୀ ରିପ୍ଲେସମେଣ୍ଟ ବିଶେଷ ଉପାଦେୟ, କାରଣ ତାହାଦ୍ୱାରା ଅଧିକ ନିର୍ଭୁଲ ଜଏଣ୍ଟ ଆଲାଇନମେଣ୍ଟ ସମ୍ଭବପର ହୋଇପାରିଥାଏ । ଏହା ଅଧିକ ପ୍ରାକୃତିକ ଭାବେ ଆଣ୍ଠୁର ଚଳନ କ୍ରିୟାରେ ସହାୟକ ହେବା ସହ ପ୍ରତିରୋପଣର ଜୀବନକାଳକୁ ଉନ୍ନତ ମଧ୍ୟ କରିଥାଏ, ଯାହା ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ବଜାୟ ରହିଥାଏ । ଅଧିକାଂଶ ରୋଗୀ ଅଳ୍ପ କିଛିଦିନ ମଧ୍ୟରେ ଚଲାବୁଲା କରିବାରେ ସକ୍ଷମ ହୋଇପାରନ୍ତି ଏବଂ ଧୀରେ ଧୀରେ ସେମାନଙ୍କର ସ୍ୱାଭାବିକ ଦିନଚର୍ଯ୍ୟା ସମ୍ପାଦନ କରିପାରିଥାନ୍ତି । ମୁଁ ସବୁବେଳେ ମୋର ରୋଗୀମାନଙ୍କୁ ଏହା କହିଥାଏ ଯେ, ଅପେକ୍ଷା କଲେ ସମସ୍ୟା କମିଯିବ ନାହିଁ; ବରଂ ପରେ ତାହାର ଚିକିତ୍ସା ଆହୁରି କଷ୍ଟକର ହୋଇପାରେ । ମୋ କାର୍ଯ୍ୟକାଳରେ ମୁଁ ଏହା ଦେଖିଛି ଯେ ଯେଉଁ ରୋଗୀମାନେ ସମୟୋଚିତ ଭାବେ ଅସ୍ତ୍ରୋପଚାର କରାଇଛନ୍ତି ସେମାନେ କମ୍ କଷ୍ଟର ସହିତ ଉତ୍ତମ ଗଣ୍ଠି କାର୍ଯ୍ୟକ୍ଷମତା ସହ ଆରୋଗ୍ୟଲାଭ କରିଛନ୍ତି ।


ପ୍ରଫେସର (ଡା.) ପି.ସି. ଦେ
ଡାଇରେକ୍ଟର, ଅର୍ଥୋପେଡିକ୍ସ, ଜଏଣ୍ଟ ରିପ୍ଲେସମେଣ୍ଟ, ଆର୍ଥ୍ରୋସ୍କୋପି ଏବଂ ଏଣ୍ଡୋସ୍ପାଇନ୍, ପୁରୁଷୋତ୍ତମ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଭୁବନେଶ୍ୱର

ପାରମ୍ପରିକ 'ଟୋଟାଲ ନୀ ରିପ୍ଲେସମେଣ୍ଟ' ଏକ ସମୟ-ପରୀକ୍ଷିତ ଓ ଅତ୍ୟନ୍ତ ସଫଳ ଅସ୍ତ୍ରୋପଚାର ପଦ୍ଧତି ହୋଇରହିଛି । ବର୍ଷ ବର୍ଷ ଧରି ଏହା ଲକ୍ଷ ଲକ୍ଷ ରୋଗୀଙ୍କୁ ସେମାନଙ୍କର ଚଳପ୍ରଚଳ ହେବାର କ୍ଷମତା ଫେରିପାଇବା ଓ ନିରନ୍ତର ଯନ୍ତ୍ରଣା ବିନା ବଞ୍ଚିବାରେ ସାହାଯ୍ୟ କରିଛି । ମୋର କାର୍ଯ୍ୟକାଳରେ, ମୁଁ ଏହି କୌଶଳରେ ଉତ୍କୃଷ୍ଟ ପରିଣାମଗୁଡ଼ିକ ଦେଖିଛି, ଯେଉଁଠି ରୋଗୀମାନେ ଉପଯୁକ୍ତ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନକୁ ଅନୁସରଣ କରିଛନ୍ତି । ଆରୋଗ୍ୟତା ଅସ୍ତ୍ରୋପଚାର କକ୍ଷରେ ସମାପ୍ତ ହୋଇ ନ ଥାଏ, ବରଂ ତା'ପରେ ଫିଜିଓଥେରାପି କରିବା, ନିୟମିତ ଭାବେ ଚଳପ୍ରଚଳ ହେବା ଏବଂ ଜୀବନଶୈଳୀରେ ଶୃଙ୍ଖଳା ଆଣିବାର ଆବଶ୍ୟକତା ରହିଥାଏ । ପୁନର୍ବାସ ଅନୁଭୂତି ପ୍ରତି ପ୍ରତିବଦ୍ଧ ରହୁଥିବା ରୋଗୀମାନେ ଉତ୍ତମ ସବଳତା, ନମନୀୟତା ପାଇବା ସହ ଦୈନନ୍ଦିନ କର୍ମଜୀବନକୁ ଶୀଘ୍ର ଫେରିବାରେ ସକ୍ଷମ ହୋଇଥାନ୍ତି । ମୁଁ ସବୁବେଳେ ମୋର ରୋଗୀମାନଙ୍କୁ ଏହା ସ୍ମରଣ କରାଇଦେଇଥାଏ ଯେ ଆଣ୍ଠୁ ପ୍ରତିବଦଳ ଏକ ମିଳିତ ଯାତ୍ରା, ଯେଉଁଠି ଉଭୟ ଶଲ୍ୟ ଚିକିତ୍ସକ ଓ ରୋଗୀ ଏକାଠି କାମ କରିଥାନ୍ତି ଓ ତାହାର ଫଳାଫଳ ବାସ୍ତବରେ ଜୀବନର ଗୁଣମାନକୁ ରୂପାନ୍ତରିତ କରିପାରିଥାଏ । ମୁଁ ନିରନ୍ତର ଭାବେ ଏହା ଲକ୍ଷ୍ୟ କରିଆସିଛି ଯେ, ପୁନର୍ବାସ ପ୍ରକ୍ରିୟାକୁ ନେଇ ଶୃଙ୍ଖଳିତ ଥିବା ରୋଗୀମାନେ ଅଧିକ ଫଳପ୍ରଦ, ଅଧିକ ସ୍ଥିର ଓ ଦୀର୍ଘସ୍ଥାୟୀ ଫଳାଫଳ ପ୍ରାପ୍ତ କରିଥାନ୍ତି ।

(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

**୨ ବାଲି ବୋଝେଇ ହାଇୱା ଜବତ**

**ଭୁବନେଶ୍ୱର, (ପ୍ରସନଜିତ୍ ସାହୁ):** କମିଶନରେଟ ପୋଲିସ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଚେକିଂ କରାଯାଇ ଚୋରା ବାଲିଚାଲାଣ କରୁଥିବା ହାଇୱାଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଚେକିଂ ସମୟରେ ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ୨ଟି ବାଲି ବୋଝେଇ ହାଇୱାକୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜବତ କରିଛି। ସୂଚନା ଅନୁସାରେ, ଅଧ ରାତିରେ ଚନ୍ଦ୍ରଶେଖର ଥାନା ଅଧିନ ଡମଣା ଛକ ନିକଟରେ କମିଶନରେଟ ପୋଲିସ ପକ୍ଷରୁ କଡ଼ା ଚେକିଂ କରାଯାଇଥିଲା।

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରିକ ବିକାଶ। ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠା ହୁଏ। ଏହା ସମାନତା, ସାମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ। କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପନ ହୁଏ। ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ଅତିବାହିତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।



**ଡ. ମୁକେଶ ମହାଲିଙ୍ଗ**
କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ, ୬୦ ବର୍ଷରୁ ଊର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି। କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି, ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ। ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଭର୍ତ୍ତିଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ। ସରକାରୀ, ବେସରକାରୀ ଚାକିରିରୁ ଅବସରପ୍ରାପ୍ତ ତଥା ପେନସନ୍‌ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭,୦୪,୯୮୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି। ଏହା ଦ୍ୱାରା ଆର୍ଥିକ ଅନଗ୍ରସର ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ। ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଯେପରି ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସ।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ। ୬୦ ବର୍ଷ ହେବା ପରେ ସମସ୍ତ ନାଗରିକଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ହେଲେ ସବୁ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୁକ୍ତ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ଏହା ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି କରି ଆମ ସରକାର ୩,୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଅନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥୀ, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ। ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୩,୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସାମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍' ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟମୟ ଦୀର୍ଘ ଜୀବନର କାମନା କରୁଛି।

# ଜାଲ ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲୁଛି ସ୍କୁଲ

**ବିଭାଗୀୟ ସଚିବଙ୍କୁ ଅଭିଯୋଗ କଲା ମାନବାଧିକାର ସାମ୍ମୁଖ୍ୟ**

**ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)**

ଜାଲ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଦେଇ ଖୋଲୁଛନ୍ତି ସ୍କୁଲ। ଅସୁରକ୍ଷିତ ଭଡ଼ାଘରେ କୁନି କୁନି ପିଲାମାନେ ବସି ପାଠ ପଢୁଛନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଏବଂ ଭୂମୋହନ ବେବର୍ତ୍ତା ପଟ୍ଟନାୟକ ତଥ୍ୟ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏଥିସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଅଗ୍ନିଶମ ବିଭାଗ ନିର୍ଦ୍ଦେଶକଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ ଜଣାଇଛନ୍ତି।

ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ କହିଛନ୍ତି, ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଧାର୍ଯ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ବିଦ୍ୟାଳୟ ଅଟ୍ଟାଳିକା ସୁରକ୍ଷା, ନିରାପତ୍ତା ନିମନ୍ତେ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନୁଶୀଳନ କରିବା ସମୟରେ ବହୁ ଅନିୟମିତତା ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ବହୁ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଅସୁରକ୍ଷିତ କୋଠାଘରେ ନିର୍ମାଣ ପ୍ରମାଣପତ୍ର ଅନୁମୋଦନ ବିନା ବିଦ୍ୟାଳୟ ଚାଲୁଛି। ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତେ ଏ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଯଦି କୌଣସି ଅଘଟଣ କିମ୍ବା ଅଗ୍ନିକାଣ୍ଡ ଘଟିଲା, ତା'ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟ ପକ୍ଷରୁ ପ୍ରଶ୍ନ କରାଯାଇଛି। ବେଆଇନ ଭାବେ ଚାଲୁଥିବା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଆବଶ୍ୟକ ଦଫା ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଘଟଣା ସମ୍ପର୍କରେ ଅବଗତ ଥାଇ କୌଣସି ପଦକ୍ଷେପ ନ ନେଇଥିବା ଅଧିକାରୀଙ୍କ ବିରୋଧରେ ମଧ୍ୟ ଆବଶ୍ୟକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ରମେଶ। ସମ୍ମିଳନୀରେ ସାମ୍ମୁଖ୍ୟର ଉପସଭାପତି ତପନ ପତି, ଆଇନଜୀବୀ ନୀଳକଣ୍ଠ ରଥ, ଆଇନଜୀବୀ ନାଗାର୍ଜୁନ ସେଠୀ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀ କଲେଜ ସାମ୍ନାରେ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

**ଭୁବନେଶ୍ୱର,୯।୪(ପ୍ରସନଜିତ୍ ସାହୁ)**

ଫାୟାର ଷ୍ଟେଶନ ଛକ ନିକଟସ୍ଥ ରାଜଧାନୀ କଲେଜ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଖଣ୍ଡଗିରି ଅଭିମୁଖେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଆରୋହୀଙ୍କ ଗୋଡ଼ରେ ଟ୍ରକ୍ ମାଡ଼ି ଯିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଏହି ଘଟଣା ଘଟାଇ ଦୁର୍ଘଟଣା ସ୍ଥଳରୁ ଟ୍ରକ୍‌ଟି ଫେରାର ହୋଇଯାଉଥିବାବେଳେ ସ୍ଥାନୀୟ କେତେଜଣ ଯୁବକ ଓ ଛାତ୍ର ଗୋଡ଼େଇ ଗୋଡେଇ ତାକୁ କାବୁ କରିଥିଲେ। ସୂଚନାପାଇ ଘଟଣାସ୍ଥଳରେ ଖଣ୍ଡଗିରି ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖିଛି।

## ରେଳ ଷ୍ଟେଶନରେ ଶିଶୁ ସୁରକ୍ଷା ସମୀକ୍ଷା କଲେ ଆୟୋଗ ଅଧ୍ୟକ୍ଷା



ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସହ ସଦସ୍ୟାମାନେ ଭୁବନେଶ୍ୱର ରେଳ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

**ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)**

ଶିଶୁ ସୁରକ୍ଷା ବ୍ୟବସ୍ଥାର ତଦାରଖ ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର। ତାଙ୍କ ସହ ଆୟୋଗର ସଦସ୍ୟା ଚନ୍ଦନା ଦାସ, ମନସ୍ମିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର ଆର୍‌ପିଏଫ୍ ଏବଂ ଜିଆର୍‌ପି ଥାନାକୁ ଯାଇ କର୍ମଚାରୀମାନଙ୍କ ସହିତ ଏ ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରେଳପଥ ପକ୍ଷରୁ ୨୦୨୦ ମସିହାରୁ ଆରମ୍ଭ ହୋଇଥିବା 'ଅପରେଶନ ନନ୍ହେ ଫରିସ୍ତେ' ମାଧ୍ୟମରେ କିଭଳି ଶିଶୁ ଚାଲାଣ, ଶିଶୁ ଶ୍ରମିକ ଏବଂ ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରାଯାଉଛି, ସେ ସମ୍ପର୍କରେ ଅଧ୍ୟକ୍ଷା ପଚାରି ବୁଝିଥିଲେ। ଘରୁ ପଳାଇ ଆସିଥିବା କିମ୍ବା ମାନବଚାଲାଣର ଶିକାର ହୋଇଥିବା ପିଲାଙ୍କୁ ଉଦ୍ଧାର ପରେ ସେମାନଙ୍କୁ ତୁରନ୍ତ ଥଇଥାନ ଓ ସେମାନଙ୍କ ପାଇଁ ଥିବା ହେଲ୍ପ ଡେସ୍କର କାର୍ଯ୍ୟକାରିତାକୁ ଯାଞ୍ଚ କରିଥିଲେ। ଷ୍ଟେଶନରେ ମା'ମାନଙ୍କ ପାଇଁ ମଦର ଫିଡିଂ ଚାମ୍ବର (ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଗୃହ)ର ବ୍ୟବସ୍ଥା ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ସ୍ପେଶାଲ ଟ୍ରେନିଂ ଉପରେ ଆଲୋଚନା ହୋଇଛି। ବର୍ତ୍ତମାନ ରେଳ ଷ୍ଟେଶନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁ କିଛି ସମସ୍ୟା ଦେଖାଦେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଖୁବ୍‌ଶୀଘ୍ର ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରାଯିବ ବୋଲି ଆୟୋଗ ଅଧ୍ୟକ୍ଷା ପାତ୍ର କହିଛନ୍ତି। ଆୟୋଗ ଅଧ୍ୟକ୍ଷାଙ୍କ ସହ ସଦସ୍ୟାମାନେ ରେଳ ଷ୍ଟେଶନରେ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସୁଦୃଢ଼ ହେବ ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ସେବା

**ଆର୍‌ବିଆଇର ଚିଠା ପ୍ରସ୍ତାବ**

**ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସମବାୟ ବ୍ୟାଙ୍କଗୁଡ଼ିକୁ ଅଧିକ ଲୋକଙ୍କ ପାଖରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ପାଇଁ ଏକ ନୂତନ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ଜାରି କରିଛି। ସେଥିମଧ୍ୟରେ ଗ୍ରାମୀଣ ସମବାୟ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକୁ ବ୍ୟବସାୟ ପ୍ରତିନିଧି ନିଯୁକ୍ତ କରିବାର ଅନୁମତି ଦିଆଯିବ। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ସହଜ ହେବ ଏବଂ ଏଥିପାଇଁ ନୂଆ ଶାଖା ଖୋଲିବା ଆବଶ୍ୟକ ହେବ ନାହିଁ ବୋଲି ଆର୍‌ବିଆଇ ଦର୍ଶାଇଛି। ସହରୀ ସମବାୟ ବ୍ୟାଙ୍କ ପାଇଁ ପୂର୍ବରୁ ଥିବା ବ୍ୟବସାୟ ସହାୟକ (ବିଜ୍‌ନେସ୍ ଫାସିଲିଟେଟର ବା ବିଏଫ୍) ଏବଂ ବ୍ୟବସାୟ ପ୍ରତିନିଧି (ବିଜ୍‌ନେସ୍ କରେସପଣ୍ଡେଣ୍ଟ ବା ବିସି) ମଡେଲକୁ ସରଳ କରାଯାଇଛି। ଆର୍‌ବିଆଇ ଚିଠାପ୍ରସ୍ତାବ ଅନୁଯାୟୀ, ପୃଥକ୍ ବିଏଫ୍ ବ୍ୟବସ୍ଥା ଉଠାଇ ଦିଆଯିବ। ବର୍ତ୍ତମାନର ବିଏଫ୍‌ମାନଙ୍କୁ ବିସି-ବ୍ୟାଙ୍କିଙ୍ଗ୍ ଟଚ୍‌ପଏଣ୍ଟ(ବିଟି)ରେ ରୂପାନ୍ତରିତ କରାଯିବ। ସେହିପରି ନୂତନ ବ୍ୟବସ୍ଥା ମଧ୍ୟରେ ବିସି-ବିଟି ହେଉଛି ଏକ ନିର୍ଦ୍ଦିଷ୍ଟ ସେବା କେନ୍ଦ୍ର, ଯାହା କେବଳ ଗୋଟିଏ ବ୍ୟାଙ୍କ ପାଇଁ କାର୍ଯ୍ୟ କରିବ। ଏଥିରେ ସୀମିତ ବ୍ୟାଙ୍କିଙ୍ଗ୍ ସେବା ଦିଆଯିବ ଏବଂ ସମୟ ସୁବିଧାଜନକ ରହିବ। ବିସିମାନେ ବ୍ୟାଙ୍କ ଶାଖା ଭିତରୁ କାର୍ଯ୍ୟ କରିପାରିବେ ନାହିଁ। ବିସି ଓ ତାଙ୍କ ସହଯୋଗୀଙ୍କୁ ପରିବର୍ତ୍ତନଶୀଳ ପାରିଶ୍ରମିକ ଦିଆଯିବ। କେବଳ କାରବାର ସଂଖ୍ୟା ନୁହେଁ, ଗ୍ରାହକଙ୍କ ପରିତୃପ୍ତି ହିଁ ପାରିଶ୍ରମିକର ମାପଦଣ୍ଡ ହେବ। ବ୍ୟାଙ୍କର ବୋର୍ଡକୁ ବିସି ନିଯୁକ୍ତି, ପରିବେକ୍ଷଣ, ପାରିଶ୍ରମିକ ଓ ଅଭିଯୋଗ ନିଷ୍ପତ୍ତି ପାଇଁ ନୀତି ତିଆରି କରିବାକୁ ପଡ଼ିବ। ସେହିପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟରେ ସମସ୍ତ କାରବାର ରିୟଲ୍ ଟାଇମ୍‌ରେ ହେବ ଏବଂ ବ୍ୟାଙ୍କର ମୂଳ ସିଷ୍ଟମ୍ ସହ ଯୋଡ଼ି ହେବ। ଗ୍ରାହକଙ୍କୁ ତୁରନ୍ତ ସୂଚନା ଦେବା, ବିପଦ ପରିଚାଳନା, ଗ୍ରାହକ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ମଜଭୁତ କରାଯିବ। ଆର୍‌ବିଆଇ ଏହି ଡ୍ରାଫ୍ଟ ଉପରେ ସବୁ ବର୍ଗର ବ୍ୟକ୍ତି ଓ ଅନୁଷ୍ଠାନଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି। ମେ' ୫ ମଧ୍ୟରେ ସେମାନେ ସୁଚିନ୍ତିତ ମତାମତ ଦେବାକୁ ଆର୍‌ବିଆଇ ପକ୍ଷରୁ ଚିଠାପ୍ରସ୍ତାବରେ କୁହାଯାଇଛି।

## ଯନ୍ତ୍ରାଂଶ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡ

**ଭୁବନେଶ୍ୱର,୯।୪(ପ୍ରସନଜିତ୍ ସାହୁ)**

ଶହୀଦନଗର ଅଞ୍ଚଳରେ ଏକ ନିର୍ମାଣାଧୀନ କୋଠାରେ ବ୍ୟବହୃତ ଯନ୍ତ୍ରାଂଶ ଚୋରି ମାମଲାର ଶୁଣାଣି କରି ଜେଏମ୍‌ଏଫ୍‌ସି କୋର୍ଟ ଗୁରୁବାର ପଥରବନ୍ଧ ବସ୍ତିର ପବିତ୍ର ନାୟକଙ୍କୁ ୬ ମାସର ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥିସହ ଜରିମାନା ବାବଦକୁ ୧ ହଜାର ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି।

## ଚିନ୍ତାମଣିଶ୍ୱର ଶାନ୍ତି ନିବାସରେ ଅଗ୍ନିକାଣ୍ଡ

- ଶର୍ଟସର୍କିଟରୁ ଗ୍ୟାରେଜରେ ଲାଗିଲା ନିଆଁ
- ୭ ଗାଡ଼ି, ୫ ଏସି ଏବଂ ଗୋଟିଏ ଡିଜି ମେଶିନ ପୋଡ଼ି ପାଉଁଶ

**ଭୁବନେଶ୍ୱର,୯।୪(ତ୍ରିନାଥ ମହାନ୍ତି)**



ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ଥିବା ଶାନ୍ତି ନିବାସରେ ଗୁରୁବାର ସନ୍ଧ୍ୟା ୬ଟାରେ ଅଗ୍ନିକାଣ୍ଡ ଘଟିଛି। ୩ ତାଲା ବିଶିଷ୍ଟ ବିଲ୍ଡିଂର ତଳ ଗ୍ରାଉଣ୍ଡରେ ଥିବା ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ୭ଟି ଗାଡ଼ି, ୫ଟି ଏସି, ଗୋଟିଏ ଡିଜି ଏବଂ ଅନ୍ୟାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଘର ମାଲିକ ଶଶାଙ୍କ ଶେଖର ପରିଡ଼ା କହିଛନ୍ତି। ତଳ ଗ୍ରାଉଣ୍ଡରୁ ଧୂଆଁ ବାହାରିବା ପରେ ସଙ୍ଗେ ସଙ୍ଗେ ନିଆଁ ପବନ ବେଗରେ ଲାଗିଯାଇଥିଲା। ଧୂଆଁ ପ୍ରବଳ ମାତ୍ରାରେ ବାହାରିବା ଦେଖି ବିଲ୍ଡିଂରେ ଥିବା ଲୋକମାନେ ଘରୁ ବାହାରକୁ ପଳାଇ ଆସିଥିଲେ। ଖବର ପାଇ ଦୁଇଟି ଦମକଳ ଗାଡି ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ୨୦ ଜଣ ଅଗ୍ନିଶମ କର୍ମଚାରୀ ଅଧଘଣ୍ଟାରେ ନିଆଁକୁ ଆୟତ୍ତ କରିଥିଲେ। ଶର୍ଟଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ବିଭିନ୍ନ ଦାବି ନେଇ ସତ୍ୟନଗର ତୋଷାଳି ଭବନସ୍ଥିତ ସୂଚନା ଅଧିକାର ଅଫିସ୍ ସମ୍ମୁଖରେ ଆର୍‌ଟିଆଇ କର୍ମୀଙ୍କ ଧାରଣା।

# ବରିଷ୍ଠ ନାଗରିକଙ୍କୁ ମହିଳା କଣ୍ଡକ୍ଟରଙ୍କ ଦୁର୍ବ୍ୟବହାର

**ବାଂଲାଦେଶୀ କହିବାରୁ ଆମ ବସ୍ ଭଙ୍ଗାରୁଜା**

**ଭୁବନେଶ୍ୱର, ୯।୪ (ତ୍ରିନାଥ ମହାନ୍ତି)**




ଜଣେ ବରିଷ୍ଠ ନାଗରିକଙ୍କୁ ମହିଳା କଣ୍ଡକ୍ଟର ଦୁର୍ବ୍ୟବହାର କରିବାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ଯଦୁପୁର ଛକରେ ଆମ ବସ୍‌କୁ ଭଙ୍ଗାରୁଜା କରାଯାଇଛି। ଏକାଧିକ ଲୋକ ବସ୍‌କୁ ଅଟକାଇ ହୋହଲ୍ଲା କରିବା ସହ ଟେକାପଥର ମାରି ବସ୍‌ର କାଚକୁ ଭାଙ୍ଗି ଦେଇଛନ୍ତି। ଖବରପାଇ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଆମ ବସ୍‌କୁ ଥାନାକୁ ଆଣି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ଯଦୁପୁର ଗ୍ରାମର ଜଣେ ବରିଷ୍ଠ ନାଗରିକ ଫାୟାର ଷ୍ଟେଶନରୁ ଆମ ବସ୍‌ରେ ଯଦୁପୁର ଯାଉଥିଲେ। ବସ୍ ଭିତରେ ମହିଳା କଣ୍ଡକ୍ଟର ତାଙ୍କୁ ଟିକେଟ ମାଗିଥିଲେ। ବରିଷ୍ଠ ନାଗରିକ ହୋଇଥିବାରୁ ତାଙ୍କୁ ଭଡ଼ା ରିହାତି ପାଇଁ ନିବେଦନ କରିଥିଲେ। ଭଡ଼ା ରିହାତି ପାଇଁ ଆଧାରକାର୍ଡ ଦେଖାଇବାକୁ ହେବ ବୋଲି କଣ୍ଡକ୍ଟର କହିଥିଲେ। ବୃଦ୍ଧ ଜଣଙ୍କ ଆଧାରକାର୍ଡ ଆଣି ନ ଥିବା କହିବାପରେ କଣ୍ଡକ୍ଟର ତାଙ୍କୁ ବାଂଲାଦେଶୀ ବୋଲି କହିଥିଲେ, ଯାହାକୁ ନେଇ ବୃଦ୍ଧ ଜଣଙ୍କ ରାଗି ଯାଇଥିଲେ। ଯଦୁପୁର ଛକକୁ ଚାଲନ୍ତୁ ଆଧାରକାର୍ଡ ଦେବି ବୋଲି କହିଥିଲେ। ଆମ ବସ୍ ଯଦୁପୁର ଛକରେ ରହିବା ପରେ ସେଠାରେ ଥିବା ଏକାଧିକ ଲୋକ ବସ୍ ଚାରିପଟେ ଘେରି ଯାଇଥିଲେ। ମହିଳା କଣ୍ଡକ୍ଟରଙ୍କୁ ଘେରି ଭୁଲ ମାଗିବାକୁ କହିବା ସହ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏହାପରେ ପୋଲିସ ପହଞ୍ଚିବା ପରେ ଉତ୍ତେଜନା ବଢ଼ି ଯାଇଥିଲା। ସେମାନେ ପୋଲିସ ଆଗରେ ଆମ ବସ୍‌କୁ ଟେକା ପଥର ପକାଇ ବସ୍‌ର କାଚ ଭାଙ୍ଗି ଦେଇଥିଲେ।

# ମହିଳାଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଆରମ୍ଭ

**ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେବେ ୫୦୦୦ଜଣ**

**ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)**




ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ମହିଳାଙ୍କ ଗହଣରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ଅତିଥିମାନେ।

ରାଜ୍ୟର ମହିଳାମାନେ ସୁରକ୍ଷିତ ଭାବେ ସମାଜରେ ରହିବେ। ସେମାନଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ମହିଳାଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ପାଇଁ ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ଗୁରୁବାର ମିଶନଶକ୍ତି ଭବନଠାରେ ପ୍ରଥମଥର ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଶିକ୍ଷଣକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳା ସଶକ୍ତୀକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ରହିପାରିବେ। ନିର୍ଭୟରେ ସେମାନେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।

**ଘରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ**

ବାରଙ୍ଗ, (ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ତ୍ରିଶୂଳିଆ ବଜାର ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ସାମଲ ସାହିରେ ଏକ ଘରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ସାହିର ରମେଶ ସାମଲ(୪୫)। ମାନସିକ ଭାରସାମ୍ୟ ହରାଇ ରମେଶ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରମେଶ ପାରିବାରିକ ଅଭାବ କାରଣରୁ କିଛିଦିନ ହେବ ମାନସିକ ଚିନ୍ତାଗ୍ରସ୍ତ ରହୁଥିଲେ। ବୁଧବାର ରାତିରେ ସେ ଖାଇ ସାରିବା ପରେ ଶୋଇବାକୁ ଯାଇଥିଲେ। ସକାଳୁ ପରିବାର ଲୋକେ ରମେଶଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ।

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରିକ ବିକାଶ। ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠା ହୁଏ। ଏହା ସମାନତା, ସାମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ। କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପନ ହୁଏ। ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ଅତିବାହିତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।

ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ, ୬୦ ବର୍ଷରୁ ଊର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି। କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି, ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ। ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଭର୍ତ୍ତିଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ। ସରକାରୀ, ବେସରକାରୀ ଚାକିରିରୁ ଅବସରପ୍ରାପ୍ତ ତଥା ପେନସନ୍‌ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭,୦୪,୯୮୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି। ଏହା ଦ୍ୱାରା ଆର୍ଥିକ ଅନଗ୍ରସର ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ। ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଯେପରି ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସ।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ। ୬୦ ବର୍ଷ ହେବା ପରେ ସମସ୍ତ ନାଗରିକଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ହେଲେ ସବୁ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୂର୍ଣ୍ଣ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ଏହା ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି କରି ଆମ ସରକାର ୩,୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଅନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥୀ, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ। ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୩,୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସାମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍' ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟମୟ ଦୀର୍ଘ ଜୀବନର କାମନା କରୁଛି।



**ଡ. ମୁକେଶ ମହାଲିଙ୍ଗ**
କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

# ଗ୍ରାମାଞ୍ଚଳରେ ଓଡ଼ିଆ ପକ୍ଷ ପାଳନ: ଆଗ୍ରହ ବଢୁନି




## ଫିକା ପଡ଼ିଲା ଏପ୍ରିଲ ୯ରେ ବହି କିଣିବା ଅଭିଯାନ

**ତାଳବସ୍ତ,୯।୪ (ସୁବ୍ରତ କୁମାର ନାୟକ)**

ରାଜ୍ୟ ସରକାର ଓଡ଼ିଆ ପକ୍ଷ ୨୦୨୬ ପାଳନ ଚଳିତ ବର୍ଷ ୩ୟ ବର୍ଷରେ ପଦାର୍ପଣ କରିଛି। ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ଗ୍ରାମାଞ୍ଚଳରେ ଏଥିପ୍ରତି ଆଗ୍ରହ ଦେଖିବାକୁ ମିଳୁନାହିଁ। ବହୁ ପୂର୍ବରୁ ସମସ୍ତ କାର୍ଯ୍ୟକ୍ରମ ପ୍ରଚାରପ୍ରସାର କରାଯାଇଥିଲେ ଗ୍ରାମାଞ୍ଚଳର ବହୁ ଛାତ୍ରୀଛାତ୍ର ଏବଂ ସାହିତ୍ୟିକ ଅଭିଯାନରେ ସାମିଲ ହୋଇପାରିଥାନ୍ତେ ବୋଲି ବାଙ୍କୀ ଶିଶୁଆର କବି ମନୋଜ ରାଉତ କହିଛନ୍ତି। ଏପ୍ରିଲ ୯ରେ ଆସ ବହିଟିଏ କିଣିବା ଅଭିଯାନ ଥିଲା କିନ୍ତୁ ବାଙ୍କୀ ବଜାର ଏବଂ ଗ୍ରାମାଞ୍ଚଳରେ ଥିବା ଛୋଟ,ବଡ଼ ପୁସ୍ତକ ଭଣ୍ଡାରରେ ଓଡ଼ିଆ, ଗପ, କବିତା, ଆତ୍ମ ଜୀବନୀ, ଉପନ୍ୟାସ ବହି ବହୁତ କମ୍ ବିକ୍ରି ହୋଇଥିବା ଜଣାପଡିଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ସୁନ୍ଦର କାର୍ଯ୍ୟକ୍ରମ ଭାଷାକୁ ଜାଣିବା, ଭାଷାରେ ଲେଖିବା ଓ ବହିପଢିବା ପ୍ରତି ଆଗ୍ରହ ଦେଖିବାକୁ ମିଳୁନାହିଁ ବୋଲି କଳାପଥର ଧଳାପଥର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ମମତା ଜେନା କହିଛନ୍ତି। ବାଙ୍କୀରେ ୧୦୦ରୁ ଅଧିକ କବି, ଲେଖକଙ୍କ ସହ ପନ୍ଦରରୁ ଅଧିକ ସାହିତ୍ୟ ଅନୁଷ୍ଠାନ ସକ୍ରିୟ ରହିଛି। ବାଙ୍କୀ ମହାବିଦ୍ୟାଳୟର ଡିଗ୍ରୀ, କଳାପଥର ଏବଂ ବାଙ୍କୀ ମହିଳା ମହାବିଦ୍ୟାଳୟ, ସରଣ୍ଡାର ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ସମ୍ମାନ ବିଭାଗ ରହିଛି। ଏହାସତ୍ତ୍ୱେ ଓଡ଼ିଆ ପକ୍ଷ ୨୦୨୬ କାର୍ଯ୍ୟକ୍ରମ କରାଯାଉ ନାହିଁ। ପ୍ରଶାସନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନଗୁଡ଼ିକ ଭିତରେ ଇଚ୍ଛାଶକ୍ତିର ଅଭାବ ପାଇଁ ବିଦ୍ୟାର୍ଥୀଙ୍କ ଭିତରେ ଓଡ଼ିଆ ପକ୍ଷ ପରି ଭଲ କାର୍ଯ୍ୟକ୍ରମଟିଏ ହୋଇ ପାରୁନାହିଁ। ଏହା କେବଳ ଖବରକାଗଜର ବିଜ୍ଞାପନରେ ରହିଯାଉଥିବା ଚର୍ଚ୍ଚା ହେଉଛି।

### ଏମାନେ କୁହନ୍ତି...

ଓଡ଼ିଆ ପକ୍ଷ କ'ଣ ବୋଲି ଗ୍ରାମାଞ୍ଚଳର ଅଧିକାଂଶ ଛାତ୍ରୀଛାତ୍ରୀ ଏତେଟା ଜାଣନ୍ତି ନାହିଁ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହି କିଣିବା ପ୍ରତି ଆଗ୍ରହ ନ ଥିବାରୁ ଦୁଃଖ ଲାଗୁଛି।

**-କୃଷ୍ଣଚନ୍ଦ୍ର ବେଉରା, ଶିକ୍ଷାବିତ, ବିଦ୍ୟାଧରପୁର**

ଏପ୍ରିଲ ୯ ବହି କିଣିବା ଅଭିଯାନର ସରକାରଙ୍କ ବିଜ୍ଞାପନରେ ଫକୀର ମୋହନ ସେନାପତିଙ୍କ 'ଛଅ ମାଣ ଆଠଗୁଣ୍ଠ 'ବହିର ପ୍ରଚ୍ଛଦ ଫଟୋ ଦେଖି ବହୁତ ଖୁସିଲାଗିଲା।

ଉକ୍ତ ବହି ଡମପଡା ରାଜାଙ୍କ ପାଖରେ ଫକୀର ମୋହନ ସେନାପତି ଦେୱାନୀ ଥିଲାବେଳେ ପାଥପୁର, ଗୋବିନ୍ଦପୁର, କୁସୁପଙ୍ଗି ଗାଁ ର ଚରିତ୍ର ମଙ୍ଗରାଜ ପରିବାରକୁ ନେଇ ଏହି ବହି ଲେଖିଥିଲେ। ଏହାସତ୍ତେ ବାଙ୍କୀର ବହୁ ସାହିତ୍ୟ ଅନୁଷ୍ଠାନ ଏବଂ ସାହିତ୍ୟିକମାନେ ଉତ୍ସବ ପାଳନ କରିବାରେ ପଛଘୁଞ୍ଚା ଦେବା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ନୁହେଁ।

**-ଅକ୍ଷୟ କୁମାର ବେହେରା, ଯୁବ ସାମାଜିକ କର୍ମୀ, କୃଷ୍ଣପଲ୍ଲୀ**

ଆସ ବହିଟିଏ କିଣିବା ଅଭିଯାନକୁ ସଫଳ କରାଇବାକୁ ହେଲେ ବାଙ୍କୀରେ ଦୀର୍ଘବର୍ଷ ହେବ ବନ୍ଦ ରହିଥିବା ପୁସ୍ତକ ମେଳା ତଥା ବହି ହାଟଟିଏ ବାଙ୍କୀ ପ୍ରଶାସନ ତରଫରୁ ଆରମ୍ଭ ହେବା ଆବଶ୍ୟକ। ଏହାଦ୍ୱାରା ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ସଚେତନ ହୋଇପାରିବେ।

**-ବିଶ୍ୱ ରଞ୍ଜନ ସ୍ୱାଇଁ, ଯୁବ କବି, ତାଳବସ୍ତ**

ବିଦ୍ୟାର୍ଥୀମାନେ ମୋବାଇଲ ଫୋନ ଅଧିକ ବ୍ୟବହାର କରୁଥିବାରୁ ଖବରକାଗଜ କିମ୍ବା ବହି କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରି ସମୟରେ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଓଡ଼ିଆ ପକ୍ଷ ପାଳନ ଅଭିଯାନ ନିଶ୍ଚିତ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ।

**-ପ୍ରଭାତ ନଳିନୀ ମିଶ୍ର,ଶିକ୍ଷୟିତ୍ରୀ, ଗୋପାଳପୁର, ବାଙ୍କୀ**

## ନନ୍ଦନକାନନରେ ଜଙ୍ଗଲୀ କୁକୁର ମୃତ

**ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ):**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଗୋଟିଏ ଅଣ୍ଡିରା ୫ବର୍ଷ ବୟସ୍କ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଛି। ମାର୍ଚ୍ଚ ୮ରେ ଗୋଟିଏ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଥିବା ବେଳେ ପୁଣି ଏକ ମାସ ବ୍ୟବଧାନ ପରେ ଆଉ ଗୋଟିଏ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଗଧିଆ ଖୁଆଡ଼ରେ ଥିବା ଏକ ଗଧିଆ ଛୁଆର କିଛି ଦିନ ତଳେ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଟି ଛୁଆ ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଥିବାରୁ ତାକୁ ଡାକ୍ତରଖାନା ଅଣାଯାଇ ଚିକିତ୍ସା କରାଯାଉଛି।

୨୨ ନମ୍ବର ଖୁଆଡ଼ରେ ଥିବା ଜଙ୍ଗଲୀ କୁକୁର ମଧ୍ୟରୁ ଗୋଟିଏ ଅଣ୍ଡିରା କୁକୁରର ଦେହ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। କୁକୁରଟି ଖାଇବା ଛାଡ଼ିଦେବାରୁ ପ୍ରାଣୀ ବିଭାଗର ଚିନ୍ତା ବଢ଼ିଯାଇଥିଲା। କୁକୁରକୁ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ସାଲାଇନ ଦେବା ସହ ଡାକ୍ତରମାନଙ୍କ ନଜରବନ୍ଦୀରେ କୁକୁରକୁ ରଖାଯାଇଥିଲା। ହେଲେ ଜଙ୍ଗଲୀ କୁକୁରକୁ ଡାକ୍ତରମାନେ ବଞ୍ଚାଇପାରି ନ ଥିଲେ। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଉଛି।

## ସମିତିର ସାଧାରଣ ସଭାରେ ଆକ୍ରମଣ ଘଟଣା
# ସଭାପତି, ସମ୍ପାଦକ କୋର୍ଟ ଚାଲାଣ

**ବାଙ୍କୀ,୯।୪(ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ବ୍ଲକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ରତାଗଡ ପଞ୍ଚାୟତସ୍ଥିତ ଗୋପାଳପୁର ସେବା ସମବାୟ ସମିତିରେ ମାର୍ଚ୍ଚ ୩୦ରେ ସାଧାରଣ ସଭା ଚାଲିଥିବାବେଳେ ସଭ୍ୟ ଶ୍ରୀରାମ ଚନ୍ଦ୍ର ରାଉତଙ୍କୁ ଠେଙ୍ଗାରେ ଆକ୍ରମଣ ଘଟଣାରେ ସମିତି ସଭାପତି ଆଶିଷ କୁମାର ଜେନା ଓ ସମ୍ପାଦକ ଈଶ୍ୱର ଚନ୍ଦ୍ର ଜେନାଙ୍କୁ ବୁଧବାର ଗିରଫ କରାଯାଇଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ଥାନାରେ ମାମଲା କରିଥିବାରୁ ଶ୍ରୀରାମଙ୍କୁ ଘୋଡ଼ାବର ତୋଟାଠାରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଆକ୍ରମଣ ଉଦ୍ୟମ କରାଯିବା ସହ ହତ୍ୟା ଧମକ ଦିଆଯାଇଛି। ଏନେଇ ସେ ପୁର୍ନବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁରଙ୍କୁ ପଚାରିବାରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସଭାପତି ଓ ସମ୍ପାଦକଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

ମାର୍ଚ୍ଚ ୩୦ରେ ସମିତିର ସାଧାରଣ ସଭାରେ ଶ୍ରୀରାମ ସମିତିର ହିସାବ ମାଗିବା ସହ ସମ୍ପାଦକଙ୍କ ବେନିୟମ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସଭାପତି ଆଶିଷ ଓ ତାଙ୍କ ସହଯୋଗୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଶ୍ରୀରାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୮୪/୨୬ ) ରୁଜୁ କରିଥିଲା।

## ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ

**ବାଙ୍କୀ ,୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ନଗର ଭାଜପା ପକ୍ଷରୁ ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ନଗର ସଭାପତି ସଞ୍ଜୟ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ ଭାଜପା ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟ ବକ୍ତା ଭାଗୀରଥି ମଲ୍ଲିକ, ସମ୍ମାନିତ ଅତିଥି ଜିଲା ସମ୍ପାଦିକା ଅନୀତା ମିଶ୍ର, ଜୟନ୍ତ ବେଉରା, ଏମ୍‌ପି ପ୍ରତିନିଧି ସରୋଜ ସାମନ୍ତରାୟ, ସରୋଜ ମିଶ୍ର ପ୍ରମୁଖ ଯୋଗଦେଇ କର୍ମଶାଳା ଉପରେ ଆଲୋକପାତ କରିଥିଲେ। ନଗର ଉପସଭାପତି ସଳିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ମୋର୍ଚ୍ଚା ସଭାପତି ମନୋରମା ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ।

# ବାଙ୍କୀରେ ଘରୋଇ ଗ୍ୟାସ୍‌ର ଅଭାବ

**ବାଙ୍କୀ, ୯।୪( ଶୁଭେନ୍ଦୁ ମହାପାତ୍ର)**



ଜଣେ ଦୋକାନୀ ଗ୍ୟାସ ଅଭାବରୁ ବ୍ୟବସାୟ ବନ୍ଦ ହୋଇଯାଇଛି।

କଟକ ଜିଲା ବାଙ୍କୀ ଉପଖଣ୍ଡରେ ଘରୋଇ ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖାଦେଇଛି। ଗ୍ୟାସ୍ ବୁକିଂକରିବା ପରେ ମଧ୍ୟ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମିଳୁ ନ ଥିବା ଲୋକେ କହିଛନ୍ତି। ଅନ୍ୟପକ୍ଷେ ବିଭିନ୍ନ ବ୍ୟବସାୟୀ ସଂସ୍ଥାକୁ ଅଧିକ ଦାମରେ ଘରୋଇ ରନ୍ଧନ ଗ୍ୟାସ୍ ମିଳିଯାଉଛି। ବାଙ୍କୀ ଉପଖଣ୍ଡ ଡମପଡ଼ା, ବୈଦେଶ୍ୱର, କଳାପଥର, ବାଙ୍କୀରେ ଥିବା ବିଭିନ୍ନ ଘରୋଇ ଗ୍ୟାସ୍ ବିତରଣ ସଂସ୍ଥା ରହିଛି। ଗ୍ୟାସ୍ ସିଲିଣ୍ଡର ପାଇଁ ବୁକିଂକରି ଗ୍ରାହକମାନେ ନିଜ ନିଜର କାମଧନ୍ଦା ଛାଡ଼ି ଦିନରାତି ଧାଡ଼ି ବାନ୍ଧି ଛିଡ଼ାହୋଇ ଅପେକ୍ଷା କରୁଛନ୍ତି। ମାତ୍ର ଗ୍ୟାସ୍ ବ୍ୟବସାୟୀମାନେ ବିଭିନ୍ନ ହୋଟେଲ, ଚା ଦୋକାନ, ଜଳଖିଆ ଦୋକାନ ଆଦିଙ୍କୁ କମର୍ସିଆଲ ଗ୍ୟାସ୍ ବିକ୍ରି କରିବା ବଦଳରେ ଉଚ୍ଚା ଦରରେ ଘରୋଇ ବ୍ୟବହାର ପାଇଁ ଥିବା ସିଲିଣ୍ଡର ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଘରୋଇ ଉପଭୋକ୍ତାମାନେ ଗ୍ୟାସ୍ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ବ୍ୟବସାୟୀମାନେ କେଉଁଠୁ କମର୍ସିଆଲ ଗ୍ୟାସ୍ ବଦଳରେ ଘରୋଇ ଗ୍ୟାସ୍ ପାଇ ବ୍ୟବସାୟ କରୁଛନ୍ତି ତାହା ଚିନ୍ତାର କାରଣ ପାଲଟିଛି। ଏ ସମ୍ପର୍କରେ ପଚାରି ବୁଝିବାକୁ ଜିଲା ଯୋଗାଣ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ପରିଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ବାଣିଜ୍ୟ ଅଭିବୃଦ୍ଧିରେ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହେବ

**ବାଙ୍କୀ,୯।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ ଶେଷବର୍ଷର ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୁଗୋଳକିଶୋର ମଣ୍ଡଳ ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପାଧକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ସରକାରୀ ଚାକିରି ପଛରେ ନଗୋଡେଇ ନିଜେ ନିଜେ ସ୍ୱରୋଜଗାର କ୍ଷମ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଦେଶର ତଥା ନିଜର ଆର୍ଥିକ ପରିସ୍ଥିତି ସୁଦୃଢ଼ କରିବା ପାଇଁ ବାଣିଜ୍ୟ କାରବାରର ଅଭିବୃଦ୍ଧି ପାଇଁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ବାଣିଜ୍ୟ କାରବାର ଅଭିବୃଦ୍ଧି ଘଟିଲେ ଦେଶର ଆର୍ଥିକ ପରିସ୍ଥିତି ସୁଦୃଢ଼ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପିକା ଜୟମିନ ସାମଲ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ଅଧ୍ୟାପିକା ତୋଫାପାତ୍ର, ଅଧ୍ୟାପକ ତୁଷାରରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରରେ ଭାଗନେବା ସହ ବିଦାୟ ନେଉଥିବା ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୋମନାଥ ପଣ୍ଡା ଓ ରାଜେଶ ସାମଲ ପରିଚାଳନା କରିଥିଲେ।

## ଓଡ଼ିଆ ପକ୍ଷରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ

**ସାଲେପୁର,୯।୪(ଅରବିନ୍ଦ ଭୂୟାଁ):**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିର ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଏବଂ କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତ ଭଣ୍ଡାର, କଟକର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ଡ. ସଙ୍ଗୀତା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି. ବାଳକ ବିଭାଗର ଅଧିକାରୀ ଲେଫ୍ଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ ଏବଂ ବାଳିକା ବିଭାଗ ଅଧିକାରୀ ଲେଫ୍ଟନାଣ୍ଟ ସ୍ୱାତୀ ତନୟା ଆଚାରୀ, ୱାଇଆର୍.ସି +୩ ବିଭାଗ ଅଧିକାରୀ କମଳା ଦାସ ଏବଂ ଶୁଭଜିତ୍ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ ଉପସ୍ଥିତ ରହି, ରକ୍ତଦାତାମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ସମଗ୍ର ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସମେତ ଆଖପାଖ ଅଞ୍ଚଳର ବହୁ ସ୍ଥାନୀୟ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସି ରକ୍ତଦାନ କରିଥିଲେ।

# ବାଦୀପାଲା ଉଦ୍‌ଯାପିତ

**ଟିଗିରିଆ,୯।୪(ଜାଫର ଖାଁ):**



ଟିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଗ୍ରାମର ଜଗନ୍ନାଥ ମନ୍ଦିର ସନ୍ନିକଟ ଦୋଳମଣ୍ଡପରେ ୫ ଦିନ ବ୍ୟାପୀ ଚାଲିଥିବା ବାଦୀପାଲା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୧୯୭୭ ମସିହାରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି ବାଦୀପାଲା ଚଳିତବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏହି ପାଲାରେ ଗାୟକ ଭାବେ ଯୋଗଦେଇଥିବା ଗାୟକ ଜ୍ଞାନସାଗର ଉଲ୍ଲାସ ଚନ୍ଦ୍ର ଷଡଙ୍ଗୀ ଓ ଗାୟକ ଭାସ୍କର ନିରଞ୍ଜନ ବାହିନିପତିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପାଲାରେ ସାହିତ୍ୟ ଚର୍ଚ୍ଚା ସହ ବେଦ, ପୁରାଣ, ବିଭିନ୍ନ କାବ୍ୟ ସହ ଭାରତୀୟ ସଂସ୍କୃତି, ଐତିହ୍ୟ ଉପରେ ଆଲୋଚନା କରାଯାଇଥିବା ବେଳେ ଗୋପୀନାଥପୁର ଶାସନ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପରିଚାଳନାରେ ଗ୍ରାମର ଶ୍ରୀଶ୍ରୀ ସତ୍ୟ ନାରାୟଣ ପୂଜା କମିଟିର ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ।

# ଧାନ ସାଉଣ୍ଟି ଜୀବନ ବିତାଉଛନ୍ତି ଅସହାୟ ବୃଦ୍ଧା

**ତାଳବସ୍ତ, ୯।୪ (ସୁବ୍ରତ କୁମାର ନାୟକ)**



ସୁକାନ୍ତି ନାୟକ।

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତର ଢଅଁସର ସାହିର ସୁକାନ୍ତି ନାୟକ(୬୭) ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ବହୁବର୍ଷ ପୂର୍ବେ ସ୍ୱାମୀ ପ୍ରଭାକର ଏବଂ ଏକମାତ୍ର ପୁଅର ଅକାଳ ମୃତ୍ୟୁ ଘଟିଥିଲା। ମାଗି ଯାଚି ପର ଘରେ କାମକରି ୨ ଝିଅଙ୍କୁ ବିବାହ ଦେଇ ଥିଲେ। ମାତ୍ର ବିବାହିତ ସାନଝିଅ ସ୍ୱାମୀଙ୍କର ନିକଟରେ ପରଲୋକ ହୋଇଯାଇଛି । ବର୍ତ୍ତମାନ ସୁକାନ୍ତି ବହୁ ବର୍ଷ ପୂର୍ବେ ତିଆରି ହୋଇଥିବା ଅଧ ବଖରାଏ ଜରାଜୀର୍ଣ୍ଣ ଘରେ ରହୁଛନ୍ତି। ରାଶନ ଚାଉଳ ୫ କିଲୋ ଏବଂ ମଧୁବାବୁ ଭତ୍ତା ୧ହଜାର ଟଙ୍କାରେ ଜୀବନ ବିତାଉଛନ୍ତି।

ତାଳବସ୍ତ ସେବା ସମବାୟ ସମିତି ଧାନମଣ୍ଡି ପାଖରେ ତାଙ୍କୁ ସବୁଦିନ ଦେଖିଲା ପରେ ଜାଣିବାକୁ ମିଳିଥିଲା ଯେ, ଟ୍ରକ୍‌ରେ ଚାଷୀଙ୍କ ଧାନ ବସ୍ତା ଲୋଡ୍ ବେଳେ ତଳେ ବାଲି ଗୋଡ଼ିରେ ମିଶୁଥିବା ଧାନକୁ ସଂଗ୍ରହ କରନ୍ତି। ତାହାକୁ ସଫା ପରେ ଚାଉଳକରି ପ୍ରତିଦିନ ଖାଇଥାନ୍ତି। ଏ ସମ୍ପର୍କରେ ସୁକାନ୍ତି କୁହନ୍ତି, ସବୁଦିନ କାହା ପାଖରେ ହାତ ନ ପାତି ଏହି ପଡ଼ିଥିବା ବାଲି ମିଶା ଧାନରୁ ଚାଉଳ କରି ବଞ୍ଚିଯାଉଛି। ରାଶନ ଚାଉଳ କି ଭତ୍ତା ଟଙ୍କା ଠିକ୍ ସମୟରେ ମିଳୁନାହିଁ। ବାରମ୍ବାର ସରପଞ୍ଚଙ୍କୁ ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପାଖରେ ଟଙ୍କା ନ ଥିବାରୁ ନିଜର ଅଭିଯୋଗ ଜଣାଇବାକୁ ଜାତମୁଣ୍ଡିଆରେ ହେଉଥିବା ବ୍ଲକ୍‌ସ୍ତରୀୟ, ଜିଲାପାଳ ଅଭିଯୋଗ ଶିବିରକୁ ଯାଇ ଗୁହାରି କରିପାରିଲେ ନାହିଁ। ଏ ବିଷୟରେ ତଳବସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପାଳ ଏବଂ ସରପଞ୍ଚଙ୍କ ପ୍ରତିନିଧି ଆଲୋକ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଦନପୁରର ସାମାଜିକ କର୍ମୀ ଗନ୍ଧର୍ବ ଭୋଇ ଅସହାୟ ବୃଦ୍ଧାଙ୍କୁ ବ୍ଲକ ପ୍ରଶାସନ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରିକ ବିକାଶ। ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠା ହୁଏ। ଏହା ସମାନତା, ସାମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ। କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପନ ହୁଏ। ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ଅତିବାହିତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।



ଡ. ମୁକେଶ ମହାଲିଙ୍ଗ
କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ, ୬୦ ବର୍ଷରୁ ଊର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି। କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି, ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ। ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଭର୍ତ୍ତିଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ। ସରକାରୀ, ବେସରକାରୀ ଚାକିରିରୁ ଅବସରପ୍ରାପ୍ତ ତଥା ପେନସନ୍‌ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭,୦୪,୯୮୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି। ଏହା ଦ୍ୱାରା ଆର୍ଥିକ ଅନଗ୍ରସର ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ। ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଯେପରି ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସ।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ। ୬୦ ବର୍ଷ ହେବା ପରେ ସମସ୍ତ ନାଗରିକଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ହେଲେ ସବୁ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୁକ୍ତ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ଏହା ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି କରି ଆମ ସରକାର ୩,୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଅନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥୀ, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ। ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୩,୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସାମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍' ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟମୟ ଦୀର୍ଘ ଜୀବନର କାମନା କରୁଛି।

# ପ୍ରଦୂଷଣ ବଢ଼ାଉଛି କ୍ରଶର ୟୁନିଟ୍

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଅଞ୍ଚଳରେ ସରକାରୀ ସ୍ତରରେ ପ୍ରାୟ ଶହେଟି କ୍ରଶରକୁ ଅନୁମତି ମିଳିଥିବା ବେଳେ ଅନେକ କ୍ରଶର ବେଆଇନ ଭାବେ ଚାଲୁଛି। ତେବେ କ୍ରଶର ଚଲାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ଜାରି କରାଯାଇଥିବା ବେଳେ ଏହାକୁ ଅଧିକାଂଶ କ୍ରଶର ମାଲିକ ଅଣଦେଖା କରୁଛନ୍ତି। ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କ୍ରଶର ବନ୍ଦ ରଖିବା ଲାଗି ସମସ୍ତ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ନିର୍ଦ୍ଦେଶକୁ କେତେଜଣ କ୍ରଶର ମାଲିକ ମାନୁନାହାନ୍ତି। ଦିବାରାତ୍ର କ୍ରଶର ୟୁନିଟ୍ ଚାଲିବା ଫଳରେ ପରିବେଶ ପ୍ରଦୂଷଣ ବଢୁଛି। ଅଧିକାଂଶ କ୍ରଶର ପାଚେରି ନ ଥିବା ବେଳେ ସ୍ପିଙ୍କଲର ପାଇପ୍ ଯୋଗେ କ୍ରଶର ୟୁନିଟରେ ପାଣି ଶିଞ୍ଚନ ଲାଗି ତାଗିଦ୍ ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଅନ୍ୟପଟେ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତତ୍କାଳୀନ ଉପଜିଲାପାଳ ସଂଘକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନର ତାଗିଦା ସତ୍ତ୍ୱେ ବେଧଡ଼କ ଭାବେ ରାଜପଥ ପାର୍ଶ୍ୱରେ ଦିବାରାତ୍ର ପଥର ବ୍ଲାଷ୍ଟିଂ, କ୍ରଶର ଚାଲୁଥିବା ଦେଖିବାକୁ ମିଳୁଛି। କ୍ରଶର ଧୂଳି ଯୋଗୁ ଖୋର୍ଦ୍ଧାରେ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କ୍ରଶର ୟୁନିଟ୍ ଉପରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହେବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଖୋର୍ଦ୍ଧା-ନୟାଗଡ ୫୭ନଂ. ଏବଂ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ବେଧଡ଼କ ଭାବେ ଚୋରା ଚାଲାଣ ଚାଲିଛି। ଶରଧାପୁର, କୁମାରବସ୍ତ ଅଞ୍ଚଳରୁ ବିଳମ୍ବିତ ରାତିରେ ଟ୍ରକ୍, ହାଇୱାରେ ପଥର ଚୋରା ଚାଲାଣ ହେଉଛି। ଏଥିସହିତ କାଇପଦର, ନିଜିଗଡ ତାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ତଳି ଅଞ୍ଚଳ, ବୋଲଗଡ଼ ଓ ବେଗୁନିଆ ଆଦି ଅଞ୍ଚଳରୁ ବେଆଇନଭାବେ ମାଙ୍କଡା ପଥର ଚାଲାଣ ହେଉଛି। ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ବେଆଇନ ପଥର ଖଣି ଖନନ ବଢ଼ିଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି, କ୍ରଶର ୟୁନିଟ୍ ମାଲିକଙ୍କୁ ପୁଣି ଥରେ ଡକାଯାଇ ଆଲୋଚନା କରାଯିବ। କ୍ରଶରଜନିତ ପ୍ରଦୂଷଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ବେଗୁନିଆ,୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ମହାପାଟ ଦେଈ କାଳିକା ମହୋତ୍ସବ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଯଜ୍ଞାଚାର୍ଯ୍ୟ ସୀତାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କର୍ତ୍ତାଭାବେ ଶ୍ୟାମ ସୁନ୍ଦର ଜେନା ଓ ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ଉପବେସନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ବଡ଼ପୋଖରୀଠାରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ଯଜ୍ଞସ୍ଥଳରେ ସ୍ଥାପନ ହୋଇଥିଲା। ପରେ ଅଙ୍କୁରାରୋପଣ କରାଯାଇଛି। ଏହି ଅବସରରେ ମା'ଙ୍କ ୩୦ଟି ସୁସଜ୍ଜିତ ବେଶରେ ପ୍ରତିମୂର୍ତ୍ତି ବିରାଜମାନ କରିଥିବା ଦେଖିବାକୁ ମିଳିଥିଲା।

## ମହାପାଟଦେଈ କାଳିକା ଦେବୀ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟଅତିଥି।

ବେଗୁନିଆ,୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଦୁର୍ଗାମଣ୍ଡପ ନିକଟରେ ମହାପାଟଦେଈ କାଳିକା ଦେବୀ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତା ଓ ଲୋକନାଥ ଜେନାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳକଣ୍ଠ ସ୍ୱାଇଁ, ସାହି କମିଟି ସଭାପତି ବ୍ରଜ କିଶୋର ସାହୁ, ବିଶ୍ୱନାଥ ମହାପାତ୍ର, ପ୍ରତାପ କୁମାର ସାହୁ, ଲୋକନାଥ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସଂହତି ରକ୍ଷା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ବଡ଼ବେରଣା ମା'କାଳିକା ଦେବୀ ସାଂସ୍କୃତିକ ପରିଷଦ ଏବଂ ଗୀତିକାର ପ୍ରଫୁଲ୍ଲ କୁମାର ଦେଉରିଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଏଥିସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

## ନନ୍ଦନକାନନରେ ଜଙ୍ଗଲୀ କୁକୁର ମୃତ, ୨ଗଧିଆ ଛୁଆ ଅସୁସ୍ଥ

ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଗୋଟିଏ ଅଣ୍ଡିରା ୫ବର୍ଷ ବୟସ୍କ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଛି। ମାର୍ଚ୍ଚ ୮ରେ ଗୋଟିଏ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଥିବା ବେଳେ ପୁଣି ଏକ ମାସ ବ୍ୟବଧାନ ପରେ ଆଉ ଗୋଟିଏ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଗଧିଆ ଖୁଆଡ଼ରେ ଥିବା ଏକ ଗଧିଆ ଛୁଆର କିଛିଦିନ ତଳେ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଟି ଛୁଆ ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଥିବାରୁ ତାକୁ ଡାକ୍ତରଖାନା ଅଣାଯାଇ ଚିକିତ୍ସା କରାଯାଉଛି। ୨୨ ନମ୍ବର ଖୁଆଡ଼ରେ ଥିବା ଜଙ୍ଗଲୀ କୁକୁର ମଧ୍ୟରୁ ଗୋଟିଏ ଅଣ୍ଡିରା କୁକୁରର ଦେହ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା।

## କାଉନ୍‌ସେଲିଂ ପାଇଁ ଡାକି ପୁଣି ସ୍ଥଗିତ ରଖିଲେ

**ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ପ୍ରସଙ୍ଗ**

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ କାର୍ଯ୍ୟରତ ୪୭ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ସକାଶେ କାଉନ୍‌ସେଲିଂ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଦୋନ୍ନତିପ୍ରାପ୍ତ ଏମ୍‌ପିଏଚ୍‌ଡବ୍ଲ୍ୟୁ(ଏଫ୍)ମାନଙ୍କ ପଦବୀ ବଣ୍ଟନ ପାଇଁ ଜିଲା ତାଲିମ ୟୁନିଟ (ଡିଟିୟୁ) ଗୁରୁବାର ମଧ୍ୟାହ୍ନରେ ଆୟୋଜନ ନେଇ ବିଭାଗୀୟ ଚିଠି ନଂ. ୪୭୮୭/୮.୪.୨୬ ସମସ୍ତ ସିଏଚ୍‌ସି କର୍ତ୍ତୃପକ୍ଷଙ୍କୁ ଚିଠି କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହାକୁ ପୁଣି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏନେଇ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ମହାସଂଘ (ଏମ୍‌ପିଏଚ୍‌ଡବ୍ଲ୍ୟୁ-ଏଫ୍) ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ ଦୀର୍ଘ ଦିନ ଧରି ପଦୋନ୍ନତି ପାଇଁ ଅପେକ୍ଷା କରି ରହିଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ସ୍ଥଗିତ କରାଯିବା ନେଇ ସଂଘ ଅଭିଯୋଗ ଉଠାଇଛି।

ମହାସଂଘ ସମ୍ପାଦିକା ମମତା ନାୟକ କହିଛନ୍ତି, ଜିଲାର ସମସ୍ତ ସିଏଚ୍‌ସିରେ କାର୍ଯ୍ୟରତ ୪୭ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ପଦୋନ୍ନତି ପାଇଛନ୍ତି। ଗତ ଫେବୃଆରୀ ୨୭ରେ ଜିଲା ପଦୋନ୍ନତି କମିଟିର ସୁପାରିସକ୍ରମେ ଜିଲାର ସମସ୍ତ ସିଏଚ୍‌ସିରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସିଡିଓ ଆଣ୍ଡ ପିଏଚ୍‌ଓ କାର୍ଯ୍ୟାଳୟ ଚିଠି ନମ୍ବର ୪୩୩୭, ତାରିଖ ୩୦.୩.୨୬ ପ୍ରକାରେ ୧୯ତାରିଖରେ ଜିଲାପାଳଙ୍କ ଅନୁମୋଦନ ଅନୁଯାୟୀ କାଉନ୍‌ସେଲିଂ ପାଇଁ ମଙ୍ଗଳବାର ଅପରାହ୍ନ ୨ଟାରେ ଜିଲା କାର୍ଯ୍ୟାଳୟକୁ ଡକାଯାଇଥିଲା। ତଦନୁସାରେ ସମସ୍ତ ସ୍ୱାସ୍ଥ୍ୟକର୍ମୀ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ଉପଯୁକ୍ତ ସମୟରେ ପହଞ୍ଚିଥିଲେ। ସିଡିଓ ଆଣ୍ଡ ପିଏଚ୍‌ଓ ଅପରାହ୍ନ ସାଢ଼େ ୨ଟାରେ କାଉନସେଲିଂ ସମୟ ଧାର୍ଯ୍ୟ କରିଥିଲେ। ତେବେ କାଉନସେଲିଂ ପାଇଁ ସ୍ୱାସ୍ଥ୍ୟ କର୍ମୀମାନେ ଅପେକ୍ଷା କରିଥିବା ବେଳେ ହଠାତ୍ ଅପରାହ୍ନ ସାଢ଼େ ୪ଟାରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ କାଉନସେଲିଂକୁ ବନ୍ଦ କରାଗଲା ବୋଲି କହି ସିଡିଓ ଆଣ୍ଡ ପିଏଚଓ କାର୍ଯ୍ୟାଳୟରୁ ପଳାଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଅପରାହ୍ନ ୫ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା। ପରଦିନ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲାପାଳ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କ'ଣ ନିର୍ଦ୍ଦେଶ ରହିଛି, ସେ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଦେଶୀମଦ ସହ ୨ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ,୯।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ପୃଥକ୍ ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ମୋଟ୍ ୧୬୧ଲିଟର ଦେଶୀ ମଦ ସହିତ ୨ଟି ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବାଣପୁର ଥାନା ଭୀମପୁର ଗ୍ରାମର ନରହରି ବାରିକ। ଶାଳିଆ କେନାଲ ରାସ୍ତାର ଭୃଷକାପଡା ଗ୍ରାମ ନିକଟରୁ ନରହରିଙ୍କଠାରୁ ବାଇକ୍ ସହିତ ୫୧ଲିଟର ମଦ ଜବତ କରାଯାଇଥିଲା। ସେହିପରି ବନବାସପୁର ନିକଟରୁ ବାଇକ୍ ସହ ୧୧୦ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ଜବତ ମଦର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଭାଗ ପକ୍ଷରୁ ଏନେଇ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ରାମଚନ୍ଦ୍ର ଜେନା, କନଷ୍ଟେବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ମା'କାଳିକାଙ୍କ ପଞ୍ଚଦଣ୍ଡ ମେଳଣ ୧୨ରୁ

ବେଗୁନିଆ,୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ମା' କାଳିକା ଦଣ୍ଡକାଳୀ ପଞ୍ଚଦଣ୍ଡ କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଦଣ୍ଡ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବ ଆସନ୍ତା ୧୨ ରିଖରେ ଆରମ୍ଭ ହୋଇ ୧୩ ରିଖରେ ଉଦ୍‌ଯାପିତ ହେବ। ଏଥିରେ ପାଟଭକତା ବେଣୁଧର ମହାରଣାଙ୍କ ଆବାହକତ୍ୱରେ ଧାନଘରନୂଆଗାଁ, କୁଶପଲା, ମୁକୁନ୍ଦପୁର, ମଲିପଦର ଏବଂ ବଡ଼ବେରଣା ଗ୍ରାମର ଦଣ୍ଡ ଭକତାମାନେ ଯୋଗଦେବେ ବୋଲି ପାଟଦଣ୍ଡୁଆ ଦୁର୍ଗା ପ୍ରସାଦ ବାରିକ ଏବଂ ପରିଚାଳକ ପ୍ରାଣନାଥ ପ୍ରଧାନ କହିଛନ୍ତି।

## ଯୁବଚାଷୀଙ୍କ ପ୍ରେରଣାର ଉତ୍ସ ଜୟକୃଷ୍ଣ

**ଷ୍ଟ୍ରବେରି ଚାଷ ଦେଇଛି ପରିଚୟ**

ବୋଲଗଡ଼,୯।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କପାସିଆ ଗ୍ରାମର ଜୟକୃଷ୍ଣ ସାମନ୍ତରାୟ। ସ୍ଥାନୀୟ କୃଷି ବିଭାଗ ସହଯୋଗରେ ସେ ଅଧଏକର ଜମିରେ ଷ୍ଟ୍ରବେରି ଚାଷ କରି ଲାଭାନ୍ୱିତ ହେବା ସହ ଯୁବଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅଞ୍ଚଳରେ ଜଣେ ସଫଳ ଷ୍ଟ୍ରବେରି ଚାଷୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କୃଷି ବିଭାଗ ପକ୍ଷରୁ ଜୟକୃଷ୍ଣଙ୍କୁ ବୈଷୟିକ ସହାୟତା ଯୋଗାଇ ଦିଆଯବା ସହ ପ୍ରାୟ ୪ହଜାର ଷ୍ଟ୍ରବେରି ଚାରା ମାଗଣାରେ ପ୍ରଦାନ କରାଯାଇଥିଲା। ସେ ନିଜର ଅଧଏକର ଜମିରେ ଏହି ଚାରା ରୋପଣ କରି ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କ ଏହି ଉଦ୍ୟମ ସଫଳତାର ରୂପ ନେଇଛି। ଗତ ଏକ ମାସ ମଧ୍ୟରେ ସେ ପ୍ରାୟ ୪୦ହଜାର ଟଙ୍କାର ବିକ୍ରି କରଛନ୍ତି। ବର୍ତ୍ତମାନ ମଧ୍ୟ ଗଛରେ ଫଳ ଧରିବା ଆରମ୍ଭ ହୋଇଥିବାରୁ, ଆଗାମୀ ଦିନରେ ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର ହେବ ବୋଲି ସେ ଆଶା ରଖିଛନ୍ତି। କେବଳ ଷ୍ଟ୍ରବେରି ନୁହେଁ, ସୂର୍ଯ୍ୟମୁଖୀ ଚାଷ ମଧ୍ୟ କରିଛନ୍ତି। ଜୟକୃଷ୍ଣ କହିଛନ୍ତି, ଜଣେ ଚାଷୀ କୃଷି ବିଭାଗ ସହିତ ସମନ୍ୱୟ ରକ୍ଷା କରି ସମସ୍ତ ସରକାରୀ ସୁବିଧାନେଇ ଚାଷ କଲେ ଭଲ ଅର୍ଥ ଉପାର୍ଜନ କରିପାରିବ।



## 'ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ କରେ ବିଦ୍ୟାଳୟ'

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)



ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଅନ୍ୟମାନେ।

ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିରଞ୍ଚି କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ବିଦ୍ୟାଳୟ ହେଉଛି ଏକ ପ୍ରମୁଖ ମାଧ୍ୟମ। କଠିନ ପରିଶ୍ରମ ହିଁ ସଫଳତା ଆଣେ। ବିଦ୍ୟାଳୟରେ କେବଳ ପାଠ ପଢ଼ାଯାଏ ନାହିଁ ବରଂ ଅନୁଶାସନ, ସତ୍ୟ ଏବଂ ଭଲ ମଣିଷ ହେବାର ଶିକ୍ଷା ଦେଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବାର୍ଷିକ ଉତ୍ସବ କେବଳ ପୁରସ୍କାର ବିତରଣର ଦିନ ନୁହେଁ,ଏହା ବର୍ଷସାରାର କଠିନ ପରିଶ୍ରମ, ସୃଜଶୀଳତା ଏବଂ ଏକତାକୁ ପାଳନ କରିବାର ଦିନ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ବ୍ୟତୀତ ନୃତ୍ୟ, ଗୀତ, ବକ୍ତୃତା କଳାରେ ନିଜର ପ୍ରତିଭା ଦେଖାଇବାର ସୁଯୋଗ ଦେଇଥାଏ। ଶିକ୍ଷୟିତ୍ରୀ ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନାହିଁ ବରଂ ଜୀବନର ସଠିକ ମାର୍ଗ ଦେଖାଇଥାନ୍ତି। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, କାଉନ୍‌ସିଲର ଅମୀୟ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ମାନସିଂ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରେଣୁକା ମହାନ୍ତି ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ୧୬୫ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ନୃସିଂହ କୁମାର ମହାପାତ୍ର ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ନିରାକାର ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସାମନ୍ତରାୟ, ସନ୍ତୋଷ କୁମାର ଦାସ, ସାଧନା ମହାନ୍ତି, ସୁରେଶ ଚନ୍ଦ୍ର ନାୟକ, ସ୍ୱର୍ଣ୍ଣଲତା ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରଯାଇଥିଲା।

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରିକ ବିକାଶ। ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠା ହୁଏ। ଏହା ସମାନତା, ସାମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ। କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପନ ହୁଏ। ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ଅତିବାହିତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।



ଡ. ମୁକେଶ ମହାଲିଙ୍ଗ
କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ, ୬୦ ବର୍ଷରୁ ଊର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି। କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି, ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ। ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଭର୍ତ୍ତିଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ। ସରକାରୀ, ବେସରକାରୀ ଚାକିରିରୁ ଅବସରପ୍ରାପ୍ତ ତଥା ପେନସନ୍‌ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭,୦୪,୯୮୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି। ଏହା ଦ୍ୱାରା ଆର୍ଥିକ ଅନଗ୍ରସର ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ। ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଯେପରି ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସ।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ। ୬୦ ବର୍ଷ ହେବା ପରେ ସମସ୍ତ ନାଗରିକଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ହେଲେ ସବୁ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୂକ୍ତ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ଏହା ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି କରି ଆମ ସରକାର ୩,୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଅନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥୀ, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ। ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୩,୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସାମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍' ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟମୟ ଦୀର୍ଘ ଜୀବନର କାମନା କରୁଛି।




ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାରମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୨ୟ ଦିନରେ ୬ଘଣ୍ଟା ଚାଲିଲା ରତ୍ନ ଅଳଙ୍କାର ଗଣତି

ପୁରୀ,୯।୪(ଅଜିତ୍ କୁମାରମହାନ୍ତି)

ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ବୁଧବାରଠାରୁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ଆରମ୍ଭ ହୋଇଛି। 'ଦ୍ୱିତୀୟ ପର୍ଯ୍ୟାୟ'ର ଦ୍ୱିତୀୟ ଦିନରେ ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ ୬ ଘଣ୍ଟା ଧରି ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କରାଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଛତିଶା ନିଯୋଗ ନାୟକ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଅଧିକୃତ ବରିଷ୍ଠ ଅଧିକାରୀ, ରତ୍ନଭଣ୍ଡାର ସବ୍‌କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ଟା ୩୫ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସମସ୍ତେ ମା' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ାକାଳୀ ଏବଂ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ କରିଥିଲେ। ପରେ ସେମାନେ ବେହରଣ ଦ୍ୱାର ନିକଟରେ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ହୋଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୧ଟା ୩୫ରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ଭଣ୍ଡାର ମେକାପ, ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟ ବୃନ୍ଦଙ୍କ ଦ୍ୱାରା ଯାଞ୍ଚ ପୂର୍ବକ ଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ସମ୍ପାଦନ ସହ ଗଣତି ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ୩ଡି ସ୍କାନିଂ ସହ ଇ-କାଟାଲଗ୍ କରାଯାଇଥିଲା। ସେହିପରି ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା।

ଏନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମାର୍ଗଦର୍ଶିକା ଅନୁଯାୟୀ ସଠିକ ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରାଯାଉଛି। ବିଶେଷଜ୍ଞମାନେ ମୋତି ମାଣିକ ଆଦି ଅଳଙ୍କାର ଚିହ୍ନଟ କରୁଛନ୍ତି। ବାହାର ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟା ଆଉ କିଛି ଦିନ ଲାଗିବ। କେବେ ସରିବ ତାହା କହିହେବ ନାହିଁ। ୧୨ଟା ୧୦ରୁ ୬ଟା ୧୦ ପର୍ଯ୍ୟନ୍ତ ଅର୍ଥାତ ୬ ଘଣ୍ଟା ଧରି ଗଣତି କରାଯାଇଥିଲା। ଗଣତିମଣତି ପାଇଁ ମହାପ୍ରଭୁଙ୍କ ନୀତିରେ କୌଣସି ସମସ୍ୟା ହୋଇନାହିଁ। ବାହାର ରତ୍ନଭଣ୍ଡାର ଗଣତି ସରିବା ପରେ ଭିତର ରତ୍ନଭଣ୍ଡାର ଗଣତି କରାଯିବ। ୧୯୭୮ ମସିହା ତାଲିକା ଅନୁସାରେ ଏହି ଗଣତି ହେବ। ଅଳଙ୍କର ଓଜନ ମାପ କରାଯାଉଛି, କିନ୍ତୁ ମୂଲ୍ୟାଙ୍କନ କରାଯାଉନାହିଁ। ୧୦, ୧୧ , ୧୩ , ୧୬, ୧୭ ଏବଂ ୧୮ ତାରିଖରେ ଗଣତି କରାଯିବ। ପରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ରହୁଛି। ତେଣୁ ବିଚାରବିମର୍ଶ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଅପରାହ୍ନରେ ପୁରୀ ସର୍କିଟ ହାଉସରେ ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଭାଗର କର୍ମଚାରୀ ଭାଗନେଇ ପ୍ରଶାସନିକ ଭାଷା ଜ୍ଞାନ ସମ୍ପର୍କରେ ପରୀକ୍ଷା ଦେଇଥିଲେ। ଏହି ପ୍ରତିଯୋଗିତାରେ ଅଭିଜିତ ପ୍ରଧାନ ପ୍ରଥମ, ଶୁଭ ନାରାୟଣ ଶତପଥୀ ଦ୍ୱିତୀୟ, ରାମକୃଷ୍ଣ ବଡଜେନା, ମନୋରମା ସାହୁ, ସଞ୍ଜୟ ମିଶ୍ର ଓ ବିଶ୍ୱନାଥ ମହାପାତ୍ର ଯୁଗ୍ମ ତୃତୀୟ ହୋଇଥିଲେ। ଓଡ଼ିଆ ପକ୍ଷର ଶେଷ ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସୂଚନା ଦେଇଛନ୍ତି।

## ଓଡ଼ିଆ ଭାଷାର ପ୍ରସାର ପାଇଁ ଆସ ବହିଟିଏ କିଣିବା

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ଗୁରୁବାର 'ଆସ ବହିଟିଏ କିଣିବା ଦିବସ' ପାଳିତ ହୋଇଯାଇଛି। ଆମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବା ସହ ଆଗାମୀ ପିଢ଼ିକୁ ସାହିତ୍ୟ, ସଂସ୍କୃତିରେ ଉଦ୍‌ବୁଦ୍ଧ କରିବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର କହିଥିଲେ। ପୁରୀ ଜିଲା ପ୍ରଶାସନ ପରାମର୍ଶ କ୍ରମେ ଅଧିକାରୀ ଓ କର୍ମଚାରୀମାନେ ଓଡ଼ିଆ ପୁସ୍ତକ ପ୍ରଦର୍ଶନ କରିଥିଲେ। ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ,ସୌମ୍ୟଶ୍ରୀ ପାଣିଗ୍ରାହୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ ପ୍ରମୁଖ 'ଆସ ବହିଟିଏ କିଣିବା'କାର୍ଯ୍ୟକ୍ରମରେସାମିଲହୋଇଥିଲେ।

# ଚନ୍ଦନଯାତ୍ରା ପାଇଁ କନା କାର୍ଯ୍ୟ ଅନୁକୂଳ



ଚନ୍ଦନଯାତ୍ରା ପାଇଁ ଦରଜି ସେବକମାନେ ଗଦି ତିଆରି କରୁଛନ୍ତି ।

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୦ ତାରିଖରେ ଅକ୍ଷୟତୃତୀୟା ଦିନ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବା ସହ ମହାପ୍ରଭୁଙ୍କ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏଥିପାଇଁ ପରମ୍ପରା ଅନୁଯାୟୀ ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା ଓ ଭଦ୍ରା ଚାପ ଡଙ୍ଗା ସହ ବୈଜୟନ୍ତୀ ଡଙ୍ଗା କଢାଯାଇଛି। ସେହିପରି ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ହେବାକୁ ଥିବା ଚାପଡଙ୍ଗା ଏବଂ ମହାପ୍ରଭୁଙ୍କ ନୀତି ପାଇଁ ଦରଜି ସେବକ ଗୁରୁବାର କନା କାର୍ଯ୍ୟ ଅନୁକୂଳ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବିଧି ଅନୁଯାୟୀ ପୂଜାର୍ଚ୍ଚନା କରି ଶେଜ ଓ ମାଣ୍ଡି ପାଇଁ କନା କାଟି ଅନୁକୂଳ କରିଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରଙ୍ଗିନ କନା, ଲେସ୍ ଏବଂ ଝୁମ୍‌କି ବ୍ୟବହାର କରାଯାଉଛି। ମହାପ୍ରଭୁଙ୍କ ପାଇଁ ୧୭ଟି ଶେଜ, ୨୧ଟି ମାଣ୍ଡି, ମୃଦଙ୍ଗ ମାଣ୍ଡି ୨ଟି , ଧଳା ଛତା ଗୋଟିଏ , କଳା ଛତା ଗୋଟିଏ, ଓଲାର ଗୋଟିଏ, ସୁନା ବିଞ୍ଚଣା ଗୋଟିଏ, ରୁପା ଆଲଟ ୩ଟି, ବିଞ୍ଚଣା ୫ଟି, ରୁପା ଦଶାବତାର ମୁଣି ଗୋଟିଏ, ଅଳଙ୍କାର ମୁଣି ଗୋଟିଏ, ପାଲିଙ୍କି ଚାଳି ୨ଟି, ତରାସ ଗୋଟିଏ, ନନ୍ଦା ଚାପ ଓ ଭଦ୍ରା ଚାପର ମଣ୍ଡଣି ଗୋଟିଏ ଲେଖାଏ, ବାଙ୍କି ୮ଟି , ଖଣ୍ଡା ଓ ଛୁରି, ଚାନ୍ଦୁଆ ପତାକା ଆଦି ନିର୍ମାଣ କରାଯିବ। ସମସ୍ତ କାର୍ଯ୍ୟ ଅକ୍ଷୟ ତୃତୀୟା ପୂର୍ବଦିନ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଦରଜି ସର୍ଦ୍ଦାର ମହାପାତ୍ର କହିଛନ୍ତି।

# ଦିନକରେ ୪ ନିଖୋଜ ନାବାଳିକା ଉଦ୍ଧାର

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପୋଲିସ ଦ୍ୱାରା ଦିନକରେ ୪ ନିଖୋଜ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବ୍ରହ୍ମଗିରିଥାନା ମାମଲା ନଂ.୮୩/୨୫ରେ ଜଣେ ନାବାଳିକାଙ୍କୁ ଭଦ୍ରକ ଜିଲାରୁ ଉଦ୍ଧାର ପରେ ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ସୁବିଧା ଯୋଗାଇ ଦିଆଯାଇଛି। ସେହିପରି ଗଡ଼ିଶାଗୋଡା ଥାନା ମାମଲା ନଂ. ୩୧/୨୪ରେ ରୁଜୁ ହୋଇଥିବା ମାମଲାରେ ଜଣେ ନାବାଳିକାଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଏହି ମାମଲାରେ ଆଇନଗତ କାର୍ଯ୍ୟ ଚାଲିଛି। ପେଣ୍ଠକଟା ମେରାଇନ ଥାନା ମାମଲା ନଂ. ୩୬/୨୬ରେ ଜଣେ ନାବାଳିକାଙ୍କୁ କଟକ ଜିଲାର ବାଙ୍କୀ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ତାଙ୍କୁ ଆଇନଗୁଖୀ ପ୍ରକ୍ରିୟା ଅନୁସାରେ ଉପସ୍ଥାପିତ କରାଯାଇଛି। ସଦର ଥାନା ମାମଲା ନଂ. ୨୦୮/୨୬ରେ ଜଣେ ନାବାଳିକାଙ୍କୁ ପୁରୀ ଚାରିନଳା ଅଞ୍ଚଳରୁ ଉଦ୍ଧାର ପରେ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନ ପୁରୀ ପୋଲିସର ସଚେତନତା, ଦୃଢ଼ ସଂକଳ୍ପ ଓ ତ୍ୱରିତ କାର୍ଯ୍ୟପଦ୍ଧତିର ଫଳସ୍ୱରୂପ ସଫଳ ହୋଇପାରିଛି। ପୀଡ଼ିତ ନାବାଳିକାଙ୍କୁ ସୁରକ୍ଷିତ ରକ୍ଷା ଓ ପୁନର୍ବାସ ପାଇଁ ଶିଶୁ କଲ୍ୟାଣ ସମିତି ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀ ପୋଲିସ ନାବାଳିକା ସୁରକ୍ଷା ଓ ନିଖୋଜ ମାମଲାରେ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରୁଛି ଓ ଏଥିପାଇଁ ବିଶେଷ ଟିମ୍ ଦ୍ୱାରା ନିରନ୍ତର ଅଭିଯାନ ଚାଲିଛି। ଏହି ସମସ୍ତ ଘଟଣାରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଚଳିତବର୍ଷ ପୋଲିସ ୧୧୭ ନିଖୋଜଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି।

# 'ପୁରୀ ଗପ' ଲୋକାର୍ପିତ




ଅତିଥିମାନେ ଗଳ୍ପ ସଂକଳନ 'ପୁରୀ ଗପ'ର ଲୋକାର୍ପଣ କରୁଛନ୍ତି ।

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ଗଳ୍ପ ସଂକଳନ 'ପୁରୀ ଗପ'ର ଲୋକାର୍ପଣ ଉତ୍ସବ ରମାବଲ୍ଲଭ ରୋଡ଼ ସ୍ଥିତ ରୋଟାରୀ ଭବନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶନୀ ସଂସ୍ଥା ବ୍ଲାକ ଇଗଲ ବୁକ୍ସ ଦ୍ୱାରା ଏହି ଗଳ୍ପ ସଙ୍କଳନ ପ୍ରକାଶିତ। ଲୋକାର୍ପଣ କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଭାଷାବିତ୍ ଡ. ରବିନାରାୟଣ ପଣ୍ଡା ଏବଂ ପୁସ୍ତକର ପ୍ରକାଶକ ସତ୍ୟ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ 'ପୁରୀ ଗପ' ସଂକଳନକୁ ଲୋକାର୍ପଣ କରିଥିଲେ। ସାଧାରଣ ଭିତରେ ଛପି ରହିଥାଏ ଅସାଧାରଣ। ବାହାରକୁ ଯାହା ମନେ ହେଉଥାଏ ଗତାନୁଗତିକ, କାହାଣୀହୀନ, ତା' ଭିତରେ ଥାଏ କାହାଣୀ। କବିତାରେ ଯେମିତି ଛନ୍ଦ ଅଛି ଗପରେ ମଧ୍ୟ ସେମିତି ଛନ୍ଦ ଅଛି। ଗପ ହେଉଛି ଆମ ଜୀବନର ଅଭିଜ୍ଞତାର ବାସ୍ତବ ରୂପ। ପ୍ରତିଟି ଗଳ୍ପର ଆବେଦନ ସ୍ୱତନ୍ତ୍ର ଓ ଗୋଟେ ହୃଦୟ ଥାଏ, ଯାହାର ସ୍ପନ୍ଦନକୁ ନେଇ ଗପଟି ବଞ୍ଚି ରହେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପୁରୀର ଦିବ୍ୟତା, ମହାପ୍ରଭୁଙ୍କ ମହିମା, ସମୁଦ୍ରର ବିଶାଳତା, ନୀଳଚକ୍ରର ଗରିମା ଓ ବଡ଼ଦାଣ୍ଡର ଆକର୍ଷଣରେ ପ୍ରଭାବିତ ଓ ବିମୋହିତ ହୋଇ ଯେଉଁ ସ୍ରଷ୍ଟାମାନେ ସଂକଳନରେ ଲେଖନୀ ଚାଳନା କରିଛନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଅଧିକରୁ ଅଧିକ ଲେଖକଙ୍କୁ ପୁରୀ ମନସ୍କ କରାଇବା ପାଇଁ ଏହି ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏବେ ଆମ ଉତ୍ତର ପିଢ଼ି ପାଇଁ ସହଜରେ ମିଳୁ ନ ଥିବା ପୁରାତନ ବହିଗୁଡ଼ିକର ପୁନରୁଦ୍ଧାର ସହ ପ୍ରଚାର ଓ ପ୍ରସାର ପାଇଁ ଲେଖକମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ବ୍ଲାକ ଇଗଲ ବୁକ୍ସର ପ୍ରତିଷ୍ଠାତା ସତ୍ୟ ପଟ୍ଟନାୟକ କହିଛନ୍ତି। ସଂକଳନର ସମ୍ପାଦକ ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର ପୁସ୍ତକ ସମ୍ପର୍କରେ ଅଭିମତ ପ୍ରକାଶ କରିଥିବାବେଳେ ସହସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ତ୍ତତ୍ରାଣ ଶତପଥୀ, ତରୁଣ ତପନ ମହାନ୍ତି, ଡଃ ଦିଲ୍ଲୀପ କୁମାର ସ୍ୱାଇଁ, ବଦ୍ରୀ ମିଶ୍ର, ଅଜୟ ପ୍ରଧାନ, ଚିନ୍ମୟ ବିବେକ, ସୁଚିତ୍ରା ରଥ, ଶ୍ୟାମ ପ୍ରକାଶ ସେନାପତି, ପ୍ରଶାନ୍ତ ମିଶ୍ର, ଡ. କୁମାର ଅରୋଜ୍ୟୋତି ପ୍ରମୁଖ ଯୋଗ ଦେଇଥିଲେ। କ୍ରିଷ୍ଣା ମହାପାତ୍ର ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଭାକାର୍ଯ୍ୟ ସଂଚାଳନ କରିଥିଲେ। ଗାଳ୍ପିକ ବଦ୍ରି ମିଶ୍ର ଧନ୍ୟବାଦ ଦେଇଥିଲେ।

# ୧୧ରୁ ଅଲ୍ ଇଣ୍ଡିଆ ଥିଏଟର କାଉନସିଲ ରାଷ୍ଟ୍ରୀୟ ଅଧିବେଶନ

ପୁରୀ,୯।୪(ଅଜିତ୍ କୁମାରମହାନ୍ତି)

'ଅଲ ଇଣ୍ଡିଆ ଥିଏଟର କାଉନସିଲ୍'ର ପଞ୍ଚମ ରାଷ୍ଟ୍ରୀୟ ଅଧିବେଶନ ଏବଂ ସାଂସ୍କୃତିକ ମହୋତ୍ସବ ଚଳିତ ମାସ ୧୧ ଓ ୧୨ ତାରିଖରେ ପୁରୀର ହୋଟେଲ ସୂର୍ଯ୍ୟା ବିଚ୍ ଇନ୍‌ରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ହୋଟଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଲ ଇଣ୍ଡିଆ ଥିଏଟର କାଉନସିଲର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ କହିଛନ୍ତି, ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ଶତାଧିକ କଳାକାର ଯୋଗଦେବେ।

**କଳାକାରଙ୍କ ଦାବି, ସମସ୍ୟା ସମ୍ପର୍କରେ ହେବ ଆଲୋଚନା**

ସଂସ୍ଥାର ସାଧାରଣ ନିର୍ବାଚନ, ପ୍ରତି ରାଜ୍ୟ ସଂଗଠନର କାର୍ଯ୍ୟ ଓ ସ୍ଥିତି ସମୀକ୍ଷା, ସଂଗଠନ ବିସ୍ତାର ସହିତ କଳାକାରଙ୍କ ସମସ୍ୟା ଉପରେ ଆଲୋଚନା ହେବ। ପ୍ରଥମ ଦିନ ସଂଗଠନର ଧ୍ୱଜା ଉତ୍ତୋଳନ, ସାଙ୍ଗଠନିକ ଆଲୋଚନା ସହ ନୂତନ କମିଟି ଗଠନ ଓ ଶପଥ ଗ୍ରହଣ ହେବ। ଦ୍ୱିତୀୟ ଦିନ ପୁରୀ ବେଳାଭୂମି ଓ ସ୍ୱର୍ଗଦ୍ୱାର ଭ୍ରମଣ ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ ବିଭାଗର ପ୍ରତିଭାଧାରୀଙ୍କୁ ରାଷ୍ଟ୍ରୀୟ କଳା ସମ୍ମାନ ଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ ସହ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରଙ୍କୁ ସମ୍ମାନିତ କରାଯିବ। ସାଂସ୍କୃତିକ ସନ୍ଧ୍ୟାରେ ଡା. ତିରୁପତି ସାହୁଙ୍କ ରଚିତ, ଅଭିନୀତ ଓ ନିର୍ଦ୍ଦେଶିତ ନାଟକ 'ରାମ ବନବାସ' ପରିବେଷଣ ସହ ଓଡ଼ିଶୀ, କଥକ ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ପ୍ରତି ଜିଲାରେ ନାଟ୍ୟ ଅଭ୍ୟାସ ଓ ନାଟକ ମଞ୍ଚସ୍ଥ ନିମନ୍ତେ ଭଲ ମଞ୍ଚ, ରିହାତି ଦରରେ ମଞ୍ଚ ଯୋଗାଇବା, କୋଭିଡ୍ ପୂର୍ବରୁ କଳାକାରଙ୍କୁ ମିଳୁଥିବା ରେଳ ରିହାତିକୁ ପୁନଃ ଚାଲୁ କରିବା, ସରକାରୀ ସହାୟତା ପ୍ରଦାନ ଆଦି ଅନେକ ପ୍ରସଙ୍ଗରେ ଅଧିବେଶନରେ ଆଲୋଚନା ହେବ ବୋଲି ପାଢ଼ୀ କହିଥିଲେ। ଓଡ଼ିଶା ସଂଗଠନର ଉପସଭାପତି ବବିତା ସ୍ୱାଇଁ, କୋଷାଧ୍ୟକ୍ଷ ସି.ଏଚ୍.ଦେବଦାସ, ସଦସ୍ୟ ଅନିଲ କୁମାର ପାତ୍ର, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଲିଲା ମହାନ୍ତି, ନାଟ୍ୟ ସଂଗଠକ ବିକ୍ରମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଯୁଦ୍ଧ ବନ୍ଦ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ନେଇ ଜମ୍ମୁର ସ୍କୁଲ ପିଲାମାନେ ଗୁରୁବାର ସ୍ୱତନ୍ତ୍ର ପ୍ରାର୍ଥନା କରୁଛନ୍ତି।

# ୭ ଦିନରେ ତୃତୀୟ ଭାଷା କାର୍ଯ୍ୟକାରୀ କର

## ସ୍କୁଲଗୁଡ଼ିକୁ ସିବିଏସ୍‌ଇର ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୪

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୬-୨୭ ଶିକ୍ଷାବର୍ଷରୁ ଷଷ୍ଠ ଶ୍ରେଣୀରେ ତୃତୀୟ ଭାଷାକୁ ବାଧ୍ୟତାମୂଳକ କରିଛି। ସମସ୍ତ ସ୍ୱୀକୃତିପ୍ରାପ୍ତ ସ୍କୁଲ୍ ଆଗାମୀ ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସିବିଏସ୍‌ଇ ଗୁରୁବାର ସର୍କୁଲାର ଜାରି କରିଛି। ଏହା ଅତି ଜରୁରୀ ଏବଂ ବାଧ୍ୟତାମୂଳକ ହୋଇଥିବାରୁ ପାଠ୍ୟପୁସ୍ତକ ଉପଲବ୍ଧ ହୋଇ ନ ଥିଲେ ମଧ୍ୟ ଆଦୌ ବିଳମ୍ବ ନ କରି ତୁରନ୍ତ ତୃତୀୟ ଭାଷା ଶିକ୍ଷାଦାନ ଆରମ୍ଭ କରିବାକୁ ସିବିଏସ୍‌ଇ କହିଛି। କେତେକ ସ୍କୁଲରେ ତୃତୀୟ ଭାଷା ଶିକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅବଶିଷ୍ଟ ସ୍କୁଲ୍‌ରେ ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ। ତୃତୀୟ ଭାଷା ପାଠ୍ୟପୁସ୍ତକ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେ ପର୍ଯ୍ୟନ୍ତ ସ୍ଥାନୀୟ ଉପଲବ୍ଧ ପୁସ୍ତକ ଓ ପାଠ୍ୟ ଉପକରଣ ବ୍ୟବହାର କରି ପାଠପଢ଼ା ଜାରି ରଖିବାକୁ ସର୍କୁଲାରରେ ନିର୍ଦ୍ଦେଶ ଦିଆଯାଇଛି।

# ପଶ୍ଚିମବଙ୍ଗବାସୀଙ୍କୁ ମୋଦିଙ୍କ ୬ ଗ୍ୟାରେଣ୍ଟି



ନରେନ୍ଦ୍ର ମୋଦି

### କ୍ଷମତା ଦଖଲ ପାଇଁ ୯୦ ଲକ୍ଷ ଭୋଟରଙ୍କ ନାଁ ହଟାଇଛି ଭାଜପା: ମମତା

ଭାଜପା ପଶ୍ଚିମବଙ୍ଗରେ କ୍ଷମତା ଦଖଲ ପାଇଁ ଏସ୍‌ଆଇଆର୍ ନାମରେ ଭୋଟର ତାଲିକାରୁ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ନାମ ହଟାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ନିର୍ବାଚନରେ ଟିଏମ୍‌ସି ନିଶ୍ଚିତ ଜିତିବ ବୋଲି ମମତା ଉତ୍ତର ୨୪ ପ୍ରଗଣାର ମିନାଖାନ୍‌ଠାରେ ଏକ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ ଦୃଢ଼ୋକ୍ତି କରିଛନ୍ତି। ଯେଉଁ ଭୋଟରାମାନଙ୍କ ନାମ କଟିଛି, ସେମାନଙ୍କୁ ପୁଣିଥରେ ସାମିଲ କରାଇବା ଲାଗି ଶାସକ ଦଳ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଟିଏମ୍‌ସି ସୁପ୍ରିମୋ କହିଛନ୍ତି।

କୋଲକାତା,୯।୪

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପା ଯଦି ବିଜୟୀ ହୁଏ, ତେବେ ରାଜ୍ୟର ଜନସାଧାରଣଙ୍କୁ ୬ଟି ଗ୍ୟାରେଣ୍ଟି ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହଲଦିଆଠାରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରଙ୍କ କୁଶାସନକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ କ୍ଷମତାରୁ ହଟାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ଟିଏମ୍‌ସି ସରକାର ପଶ୍ଚିମବଙ୍ଗକୁ ପଛକୁ ନେଇଯାଇଛି। ଏହି ସରକାରର ଦୁର୍ନୀତି ଓ ମହିଳା ବିରୋଧୀ ଅପରାଧର ସମସ୍ତ ଫାଇଲ୍ ଭାଜପା ଖୋଲିବ ଏବଂ ଦୁର୍ନୀତିରେ ସମ୍ପୃକ୍ତ ସବୁ ନେତା ଜେଲ୍ ଯିବେ ବୋଲି ମୋଦି କହିଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ହେବା ସହ ଶାସନରେ ସ୍ୱଚ୍ଛତା ଅଣାଯିବ, ସବୁ ଦୁର୍ନୀତିର ତଦନ୍ତ ହେବ, ଅନୁପ୍ରବେଶକାରୀଙ୍କୁ ରାଜ୍ୟରୁ ତଡ଼ାଯିବ ଏବଂ ପଶ୍ଚିମବଙ୍ଗରେ ସପ୍ତମ ବେତନ କମିଶନ ଲାଗୁହେବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପଶ୍ଚିମ ମେଦିନୀପୁରର ଆସାନସୋଲ୍ ପୋଲୋ ଗ୍ରାଉଣ୍ଡରେ ଏକ ରାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଟିଏମ୍‌ସି ମାଫିଆ ରାଜ୍‌ର ଉଚ୍ଛେଦ ହେବ ବୋଲି କହିଛନ୍ତି।

# ବାରାମତୀ ଉପନିର୍ବାଚନରୁ ଓହରିଲା କଂଗ୍ରେସ

ମୁମ୍ବାଇ,୯।୪



ସୁନେତ୍ରା ପାୱାର

ମହାରାଷ୍ଟ୍ର କଂଗ୍ରେସରେ ବହୁ ବିଚାରବିମର୍ଶ ପରେ ବାରାମତୀ ଉପନିର୍ବାଚନରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କ ବିରୋଧରେ ନିଜର ପ୍ରାର୍ଥୀ ପ୍ରତ୍ୟାହାର କରିନେଇଥିବା ଗୁରୁବାର ଘୋଷଣା କରିଛି। ସୁନେତ୍ରାଙ୍କ ସ୍ୱାମୀ ଅଜିତ ପାୱାରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ କଂଗ୍ରେସ ଏଭଳି ନିଷ୍ପତ୍ତି ନେଇଛି। ଫଳରେ ସୁନେତ୍ରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଦିଗରେ ରହିଥିବା ବଡ଼ ପ୍ରତିବନ୍ଧକ ଦୂର ହୋଇଛି। ବାରାମତୀ ଉପନିର୍ବାଚନ ପାଇଁ କଂଗ୍ରେସ ଆକାଶ ମୋରେଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଦଳୀୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ସେ ନାମାଙ୍କନପତ୍ର ଫେରାଇ ନେଇଛନ୍ତି। ତାଙ୍କ ବିରୋଧରେ ପ୍ରାର୍ଥୀ ନ ଦେବାକୁ ସୁନେତ୍ରା କଂଗ୍ରେସକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୮ରେ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ହେବାରୁ ବାରାମତୀ ଆସନରେ ଉପନିର୍ବାଚନ ଜରୁରୀ ହୋଇପଡ଼ିଛି।

# ଆଧାର ଜାରି ନିୟମ କଡ଼ାକଡ଼ି କରିବାକୁ ପିଆଇଏଲ୍

ନୂଆଦିଲ୍ଲୀ,୯।୪ (ପି.ଟି.)

ଭାରତୀୟ ନାଗରିକ ଭାବେ ଛଳନା କରୁଥିବା ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କିଶୋରୀ କିଶୋର ଓ ବୟସ୍କଙ୍କୁ ଆଧାର କାର୍ଡ ଇସ୍ୟୁ ନିମନ୍ତେ କଠୋର ନିୟମାବଳୀ ଆଣିବା ଲାଗି ୟୁଆଇଡିଏଆଇକୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଛନ୍ତି। ନୂଆ ଆଧାର କାର୍ଡ କେବଳ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଜାରି କରିବା ପାଇଁ ନିବେଦନ କରାଯାଇଛି। ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର କେବଳ ପରିଚୟର ଏକ ପ୍ରମାଣ, ଏହା ନାଗରିକତ୍ୱ, ଠିକଣା ଓ ଜନ୍ମ ତାରିଖର ପ୍ରମାଣ ନୁହେଁ ବୋଲି ସମସ୍ତ ଜନସେବା କେନ୍ଦ୍ର ଡିସ୍‌ପ୍ଲେ ବୋର୍ଡରେ ଉଲ୍ଲେଖ ରଖିବାକୁ ନିବେଦନ କରାଯାଇଛି।

# ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୪(ପି.ଟି.)

**ବଢ଼ୁଛି ଶିଶୁ ଚାଲାଣ ମାମଲା**

ଶିଶୁ ଚାଲାଣ ମାମଲା ସଂଖ୍ୟା ବଢ଼ୁଥିବାରୁ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସାରା ଦେଶରେ ଶିଶୁ ଚାଲାଣ ଗ୍ୟାଙ୍ଗ୍ କାର୍ଯ୍ୟ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ। କେବଳ ରାଜ୍ୟ ସରକାର ଏବଂ ଗୃହ ବିଭାଗ ଏଦିଗରେ ସତର୍କତାର ସହ କାର୍ଯ୍ୟ କରିପାରିବ। ଏକ ଅଦାଲତ ଭାବରେ ଆମେ ନଜର ରଖିପାରିବୁ, କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ରାଜ୍ୟ ସରକାର, ପୋଲିସ ଓ ଅନ୍ୟ ଏଜେନ୍ସିଗୁଡ଼ିକର କାର୍ଯ୍ୟ। ତେଣୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସଂଗଠିତ ଶିଶୁ ଚାଲାଣ ନେଟ୍‌ୱର୍କକୁ ଧ୍ୱଂସ କରିବା ଲକ୍ଷ୍ୟରେ ୨୦୨୫ର ଏକ ରାୟକୁ କାର୍ଯ୍ୟକାରୀ କରିବା ଦିଗରେ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉତ୍ସାହହୀନ ପଦକ୍ଷେପକୁ ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେତେକ ମାମଲାରେ ଶିଶୁଙ୍କୁ ପୁନରୁଦ୍ଧାର କରାଯାଉଥିବାରୁ ଏଭଳି ସମସ୍ୟାର ମୁକାବିଲା କରାଯାଇପାରିବ ବୋଲି ପ୍ରମାଣିତ ହୋଇଛି। କିନ୍ତୁ ଏଥିପାଇଁ ରାଜନୈତିକ ଏବଂ ପ୍ରଶାସନିକ ଇଚ୍ଛାଶକ୍ତି ଆବଶ୍ୟକ, ଯାହାର ଏବେ ଅଭାବ ଦେଖାଦେଇଛି ବୋଲି ଜଷ୍ଟିସ୍ ବିଶ୍ୱନାଥନ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ୧୫ରେ ସୁପ୍ରିମକୋର୍ଟ ଏକ ରାୟରେ ଅନେକ ଆନୁଷ୍ଠାନିକ ସଂସ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଚାଲାଣ ମାମଲାଗୁଡ଼ିକ ଦୈନନ୍ଦିନ ଆଧାରରେ ୬ ମାସ ମଧ୍ୟରେ ତଦନ୍ତ ଶେଷ କରିବା ପାଇଁ କୁହାଯାଇଥିଲା। ମାନବ ଚାଲାଣ ନିରୋଧୀ ଶାଖା (ଏଏଚ୍‌ଟିୟୁ)ଗୁଡ଼ିକୁ ଅଧିକ ସୁଦୃଢ଼ କରିବା ସହ ତଦନ୍ତ ମାନରେ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ମାନବ ଚାଲାଣ ପାଇଁ ଅସୁରକ୍ଷିତ ସ୍ଥାନଗୁଡ଼ିକ ଉପରେ ନଜର ରଖିବା ଲାଗି ରାଜ୍ୟସ୍ତରୀୟ କମିଟି ଗଠନ କରିବାକୁ ଏବଂ ଶିଶୁ ନିଖୋଜ ମାମଲାକୁ ପ୍ରମାଣ ନ ମିଳିଲେ ମଧ୍ୟ ଟ୍ରାଫିକିଂ ମାମଲା ବିବେଚନା କରିବାକୁ କୁହାଯାଇଥିଲା।

# ଲୋଭ କରି ୧୨.୩୧ କୋଟି ହରାଇଲେ ଡାକ୍ତର

## ୧୧ ଦିନରେ ଟଙ୍କା ୨ ଗୁଣା କରିବାକୁ ଚାହୁଁଥିଲେ

ପୁଣେ,୯।୪

ପୁଣେର ଜଣେ ଡାକ୍ତର ୧୧ ଦିନରେ ତାଙ୍କ ଟଙ୍କାକୁ ୨ ଗୁଣା କରାଇବା ପ୍ରଲୋଭନରେ ପଡ଼ି ୧୨.୩୧ କୋଟି ଟଙ୍କା ହରାଇଛନ୍ତି। ଏନେଇ ସାଇବର ଥାନାରେ ଏତଲା ଦାଏର ହୋଇଛି। ଅଭିଯୋଗ ଅନୁଯାୟୀ, ଷ୍ଟକ୍ ମାର୍କେଟର ନିବେଶ ଦ୍ୱାରା ୭୫ ବର୍ଷୀୟ ଡାକ୍ତରଙ୍କ ଟଙ୍କାକୁ ୨ ଗୁଣ କରାଇଦେବେ ବୋଲି ସାଇବର ଅପରାଧୀମାନେ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ଜରିଆରେ ନିବେଶ କରାଇଲେ ୧୧ ଦିନରେ ୫୪ କୋଟି ଟଙ୍କା ରିଟର୍ନ ଆସିବ ବୋଲି କୁହାଯାଇଥିଲା। ତୁରନ୍ତ ବିପୁଳ ଲାଭ ପାଇବାର ସାଇବର ଅପରାଧୀଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଡାକ୍ତର କିଛି ସପ୍ତାହ ମଧ୍ୟରେ ଏକାଧିକ ଥର ଟଙ୍କା ପଠାଇଥିଲେ। ଗତ ଜାନୁଆରୀରୁ ଏହି ଠକେଇ ଆରମ୍ଭ ହୋଇଥିଲା। ଡାକ୍ତର ଏକ ଅଜଣା ନମ୍ବରରୁ ବାର୍ତ୍ତା ପାଇଥିଲେ, ଯେଉଁଥିରେ ଉଲ୍ଲେଖ ଥିଲା ଷ୍ଟକ୍ ମାର୍କେଟ ଜରିଆରେ ନିବେଶ କଲେ ଅଧିକ ରିଟର୍ନ ମିଳିବ। ଡାକ୍ତର ସେଥିରେ ଆଗ୍ରହ ଦେଖାଇବାରୁ 'ଭିଆଇପି ଷ୍ଟକ୍ ୨୪' ନାମକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାଇବର ଅପରାଧୀମାନେ ତାଙ୍କୁ ସାମିଲ କରାଇବା ସହ ଏହା ଜରିଆରେ ନିବେଶ ଯୋଜନା ଏବଂ ଆକର୍ଷଣୀୟ ଲାଭ ସମ୍ପର୍କରେ ଜଣାଇଥିଲେ। ସେମାନଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ମାତ୍ର ୧୧ ଦିନରେ ନିବେଶ ଅର୍ଥ ୨ ଗୁଣା ହୋଇଯିବ ବୋଲି ଡାକ୍ତରଙ୍କୁ ପ୍ରତିଶ୍ରୁତି ମିଳିଥିଲା। ଏହା ପରେ ତାଙ୍କୁ ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟ ଦେବାକୁ କୁହାଯିବା ସହ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କୁହାଯାଇଥିଲା। ଡାକ୍ତର ପଠାଉଥିବା ଟଙ୍କା ଏକ ଜାଲ୍ ଆପ୍‌ରେ ମିଛ ଲାଭ ସହ ନିବେଶ ହେଉଥିବା ଦେଖାଉଥିଲା। ଡାକ୍ତର ଉକ୍ତ ସ୍କିମ୍‌କୁ ସତ ଭାବି ଟଙ୍କା ଟ୍ରାନ୍ସଫର କରିଚାଲିଥିଲେ ଓ ୮ ଥରରେ ୧୨.୩୧ କୋଟି ଟଙ୍କା ପଠାଇଥିଲେ। ଡାକ୍ତର ଆଉ ଅଧିକ ନିବେଶ କରିବାକୁ ନ ଚାହିଁବାରୁ ସାଇବର ଅପରାଧୀମାନେ ତାଙ୍କ ସମ୍ପତ୍ତି ଜବତ କରିବାର ଧମକ ଦେଇଥିଲେ। ୩ ମାସ ପରେ ଯେତେବେଳେ କୌଣସି ଟଙ୍କା ଫେରସ୍ତ ନ ଆସିଲା ଓ ଅପରାଧୀମାନେ ଅଧିକ ନିବେଶ କରିବାକୁ ବାରମ୍ବାର ଦାବିକଲେ, ସେତେବେଳେ ଡାକ୍ତର ଠକାମିର ଶିକାର ହୋଇଥିବା ଅନୁଭବକରି ଥାନାରେ ଏତଲା ଦାଏର କରିଥିଲେ।


ବ୍ୟାଙ୍କ ଅଫ୍ ବଡ଼ୋଦା Bank of Baroda | କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

**ସଂଶୋଧନ ପତ୍ର**

ତା.୦୮.୦୪.୨୦୨୬ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ର କ୍ର.ନଂ.-୨ରେ ଦର୍ଶିତ ଋଣଗ୍ରହୀତା: ମେସର୍ସ ହାଇୱେ ଡାଏରୀ, ସ୍ୱତ୍ୱାଧିକାରୀ: ଆରତି ବିଜୟ ମଙ୍ଗରାଜଙ୍କ ସମ୍ପତ୍ତିର ଇ-ନିଲାମ ଯାହା ତା.୨୪.୦୪.୨୦୨୬ରେ ଅନୁଷ୍ଠିତ ହେବାକୁ ଥିଲା ଏବଂ କ୍ର.ନଂ.-୫ରେ ଦର୍ଶିତ ଋଣଗ୍ରହୀତାମାନ: ଶ୍ରୀ ନିରଞ୍ଜନ ମଲିକ ଏବଂ ଶ୍ରୀମତୀ ସଞ୍ଜୁଲତା ମଲିକଙ୍କ ସମ୍ପତ୍ତିର ଇ-ନିଲାମ ଯାହା ତା.୧୯.୦୫.୨୦୨୬ରେ ଅନୁଷ୍ଠିତ ହେବାକୁଥିଲା, ତାହା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟାହାର କରାଗଲା। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୦୯.୦୪.୨୦୨୬ / କ୍ଷମତାପ୍ରାପ୍ତ ଅଧିକାରୀ


# ଗ୍ୟାସ୍ ଲିକ୍‌ରୁ ନିଆଁ: ୧୧ ଆହତ

ଯମୁନାନଗର,୯।୪

ହରିୟାଣାର ଯମୁନାନଗର ଅନ୍ତର୍ଗତ ଏକ ପ୍ରବାସୀ ଶ୍ରମିକ କ୍ୱାର୍ଟର୍ସରେ ଗୁରୁବାର ସକାଳେ ଗ୍ୟାସ୍ ସିଲିଣ୍ଡର ଲିକ୍‌ରୁ ନିଆଁ ଲାଗି ବିସ୍ଫୋରଣ ଘଟିବାରୁ ୧୧ ଜଣ ପୋଡ଼ିହୋଇ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ପିଲା ଅଛନ୍ତି। ପରିବାର ଲୋକେ କାଠ ଜାଳି ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ପାଖରେ ଥିବା ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯିବା ସହ ବିସ୍ଫୋରଣ ହୋଇଥିଲା। ଆହତମାନଙ୍କୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତର ୮ ଜଣଙ୍କୁ ଚଣ୍ଡିଗଡ଼ ପଠାଯାଇଛି।


**CFM ASSET RECONSTRUCTION PRIVATE LIMITED**

REGISTERED OFFICE: Block No. A/1003, West Gate, Near YMCA Club, Sur No. 835/1+3, S. G. Highway, Makarba, Ahmedabad-380051, Gujarat, CORPORATE OFFICE: 1st Floor, Wakefield House, Sprott Road, Ballard Estate, Mumbai-400038

**ସରଫାଏସି ଅଧିନିୟମ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୨୧ର ନିୟମ ୩(୧) ଅଧୀନରେ ଡିମାଣ୍ଡ ନୋଟିସ**

ଫିନୋଭା କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ୍, ଏକ ଆସାଇନମେଣ୍ଟ ଡିଡ୍ ତାରିଖ ୨୮ ନଭେମ୍ବର, ୨୦୨୫ ଜରିଆରେ ଋଣ ପରିଶୋଧ ପାଇଁ ସ୍ଥାବର ସମ୍ପତ୍ତି/ଗୁଡ଼ିକ ସଂକ୍ରାନ୍ତରେ ସୃଷ୍ଟି ହୋଇଥିବା ଅନ୍ତର୍ନିହିତ ସୁରକ୍ଷା/ଗୁଡ଼ିକ ଏବଂ ସୁରକ୍ଷା ସ୍ୱାର୍ଥ ସମେତ ଆପଣଙ୍କର ନାମିତ ଋଣ ଖାତା/ଗୁଡ଼ିକ/ରାଜିନାମା ବାବଦରେ, ଅନ୍ୟାନ୍ୟ ବିଷୟ ସମେତ, ବକେୟା ଋଣ ଏବଂ ଆପଣ/ସମସ୍ତଙ୍କ ଦ୍ୱାରା ଦେୟ ଓ ପୈଠଯୋଗ୍ୟ ଋଣ ଅଧୀନରେ/ବାବଦରେ ତାହାର ସମସ୍ତ ଅଧିକାର, ସ୍ୱାର୍ଥ, ଲାଭକୁ ସିଏଫ୍‌ଏମ୍ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ସ୍ଥାନାନ୍ତରିତ କରିଅଛି। ବର୍ତ୍ତମାନ ସିକ୍ୟୁରିଟାଇଜେଶନ୍ସ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ("ଅଧିନିୟମ")ର ଧାରା ୧୩(୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩(୧) ଅଧୀନରେ ଏହି ନୋଟିସ ଜାରି କରାଯାଉଛି। ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟାଇଜେଶନ୍ସ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ସିଏଫ୍‌ଏମ୍ ଆସେଟ୍ସ ରିକନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ୍ ("ସିଏମ୍‌ଏଫ୍‌ଏଆର୍‌ସି")ର ପ୍ରାଧିକୃତ ଅଧିକାରୀ ଅଟନ୍ତି। ଅଧିନିୟମର ଧାରା ୧୩(୧୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ପ୍ରାଧିକୃତ ଅଧିକାରୀ ଅଧିନିୟମର ଧାରା ୧୩(୨) ଅଧୀନରେ ଏକ ଡିମାଣ୍ଡ ନୋଟିସ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା(ଗଣ)ଙ୍କୁ ସମ୍ପୃକ୍ତ ଡିମାଣ୍ଡ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ତଳେ ମଧ୍ୟ ଦର୍ଶାଯାଇଛି। ଉପରୋକ୍ତ ବିଷୟ ସଂକ୍ରାନ୍ତରେ, ଏତଦ୍ୱାରା ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ବନ୍ଧକଦାତାଙ୍କୁ ଏହି ନୋଟିସ ପ୍ରକାଶନର ୬୦ ଦିନ ମଧ୍ୟରେ ତଳେ ଦର୍ଶାଯାଇଥିବା ଅର୍ଥରାଶି ସମେତ ଋଣ ରାଜିନାମା ସହ ପଠନପୂର୍ବକ ଉକ୍ତ ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ବନ୍ଧକଦାତାଙ୍କ ଦ୍ୱାରା ସ୍ୱାକ୍ଷରିତ ଯେକୌଣସି ଦସ୍ତାବିଜ/ଲିଖନ ଅଧୀନରେ ପୈଠଯୋଗ୍ୟ ନିମ୍ନଲିଖିତ ତାରିଖ(ଗୁଡ଼ିକ)ଠାରୁ ପରିଶୋଧ ଏବଂ/କିମ୍ବା ଆଦାୟ ତାରିଖ ପର୍ଯ୍ୟନ୍ତ ଉକ୍ତ ଡିମାଣ୍ଡ ନୋଟିସରେ ବର୍ଣ୍ଣିତ ପରବର୍ତ୍ତୀ ସୁଧ ସମେତ ସିଏଫ୍‌ଏମ୍‌ଏଆର୍‌ସିକୁ ପୈଠ କରିବା ଲାଗି ପୁନର୍ବାର ନୋଟିସ ପ୍ରଦାନ କରାଯାଉଛି। ଋଣର ଯଥୋଚିତ ପରିଶୋଧର ସୁରକ୍ଷା ବାବଦରେ ସମ୍ପୃକ୍ତ ଋଣଗ୍ରହୀତା(ଗଣ)ଙ୍କ ଦ୍ୱାରା ସିଏଫ୍‌ଏମ୍‌ଏଆର୍‌ସିକୁ ନିମ୍ନଲିଖିତ ପରିସମ୍ପତ୍ତିଗୁଡ଼ିକ ବନ୍ଧକ ଦିଆଯାଇଛି।

| ଋଣ ଖାତା ନଂ. / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ଟ୍ରଷ୍ଟର ନାମ | ଧାରା ୧୩(୨) ଅଧୀନରେ ଡିମାଣ୍ଡ ନୋଟିସର ତାରିଖ ଓ ପରିମାଣ | ସୁରକ୍ଷିତ ସମ୍ପତ୍ତିର ବର୍ଣ୍ଣନା |
|---|---|---|
| ଋଣ ଖାତା ନଂ. ୬୦୩୭୧୧୭ ସୁରେଶ ସ୍ୱାଇଁ (ଋଣଗ୍ରହୀତା / ବନ୍ଧକଦାତା) ସଞ୍ଜୁ ସ୍ୱାଇଁ (ସହ-ଋଣଗ୍ରହୀତା) ପଦ୍ମା ସ୍ୱାଇଁ (ସହ-ଋଣଗ୍ରହୀତା, ଟ୍ରଷ୍ଟ-୨୦୦ | ୨୦-ଜାନୁଆରୀ-୨୬, ଟ.୫,୩୯,୦୯୦ (ପାଞ୍ଚ ଲକ୍ଷ ଅଣଚାଳିଶ ହଜାର ନବେ ଟଙ୍କା ମାତ୍ର), ୩୦-ନଭେମ୍ବର-୨୫ ସୁଦ୍ଧା | ଖାତା ନଂ.-୧୦୯୧, ମୌଜା- ସାବୁଲିଆ, ଥାନା- ରମ୍ଭା ଏବଂ ନଂ.୨୬୫, ତହସିଲ- ଖଲ୍ଲିକୋଟ ଓ ନଂ.-୩୦୭, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ୭୬୧୦୨୮ସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ପରିମାପ: ୧୪୮୫ ବର୍ଗଫୁଟ, ପୂର୍ବ: ମହେଶ୍ୱର ପଟ୍ଟନାୟକଙ୍କ ସମ୍ପତ୍ତି, ପଶ୍ଚିମ: ଉଦ୍ଧବ ବରାଡ଼ ଓ ଆନନ୍ଦ ବରାଡ଼ଙ୍କ ସମ୍ପତ୍ତି, ଉତ୍ତର: ମାଧୁରୀ ଦଳେଇ ଓ ସୁସ୍ମିତା ଚାନ୍ଦଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା |
| ଋଣ ଖାତା ନଂ. ୬୦୨୪୨୩୧ ନୀଳମାଧବ ଘଡ଼ାଇ (ଋଣଗ୍ରହୀତା), ରଶ୍ମିତା ଘଡ଼ାଇ (ସହ-ଋଣଗ୍ରହୀତା/ବନ୍ଧକଦାତା), ସୁଶାନ୍ତ ଘଡ଼ାଇ (ସହ-ଋଣଗ୍ରହୀତା), ଟ୍ରଷ୍ଟ-୨୦୦ | ୨୦-ଜାନୁଆରୀ-୨୬, ଟ.୮,୬୩,୪୩୧ (ଆଠ ଲକ୍ଷ ତେଷଠି ହଜାର ଚାରିଶହ ଏକତିରିଶ ଟଙ୍କା ମାତ୍ର), ୩୦-ନଭେମ୍ବର-୨୫ ସୁଦ୍ଧା | ପ୍ଲଟ୍ ନଂ.-୫, ଖାତା ନଂ.-୯୧୨/୨୧, ମୌଜା- ନନ୍ଦପୁର, ଥାନା- ବାଣପୁର ଏବଂ ନଂ.-୨୪୯, ତହସିଲ- ବାଣପୁର ଏବଂ ନଂ.-୨୪୯, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୭୫୨୦୩୧ସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ପରିମାପ: ୧୦୪୫.୪୪ ବର୍ଗଫୁଟ, ପୂର୍ବ: ରାସ୍ତା, ପଶ୍ଚିମ: ସରକାରୀ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ. ୪/୨୫୪୪, ପ୍ରମିଳା ବରାଳଙ୍କ ସମ୍ପତ୍ତି, ଦକ୍ଷିଣ: ସରକାରୀ ସମ୍ପତ୍ତି |

ଯଦି ଉକ୍ତ ଋଣଗ୍ରହୀତା/ଗଣ ସିଏଫ୍‌ଏମ୍‌ଏଆର୍‌ସିକୁ ଉପରେ ଦର୍ଶାଯାଇଥିବା ଅନୁଯାୟୀ ଦେୟ ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସିଏଫ୍‌ଏମ୍‌ଏଆର୍‌ସି ସମ୍ପୂର୍ଣ୍ଣ ରୂପେ ଉକ୍ତ ଋଣଗ୍ରହୀତା(ଗଣ)ଙ୍କ ସମ୍ପୂର୍ଣ୍ଣ ଖର୍ଚ୍ଚ ଓ ପରିଣତିରେ ଅଧିନିୟମର ଧାରା ୧୩ (୪) ଓ ପ୍ରଯୁଜ୍ୟ ନିୟମାବଳୀ ଅଧୀନରେ ଉପରୋକ୍ତ ସୁରକ୍ଷିତ ପରିସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅଧିନିୟମ ଅଧୀନରେ ସିଏଫ୍‌ଏମ୍‌ଏଆର୍‌ସିର ଆଗୁଆ ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ଉପରଦର୍ଶିତ ପରିସମ୍ପତ୍ତିକୁ ହସ୍ତାନ୍ତର କରିବା ପାଇଁ ଋଣଗ୍ରହୀତା/ଗଣ ପ୍ରତିବନ୍ଧିତ ଅଟନ୍ତି। ଉକ୍ତ ଅଧିନିୟମ କିମ୍ବା ନିୟମାବଳୀର ବ୍ୟବସ୍ଥାର ଉଲ୍ଲଂଘନସ୍ୱରୂପ ଯଦି କୌଣସି ବ୍ୟକ୍ତି ତାହାର ଉଲ୍ଲଂଘନ କରନ୍ତି କିମ୍ବା ଉଲ୍ଲଂଘନକୁ ପ୍ରବର୍ତ୍ତାନ୍ତି ତେବେ ସେ ଉକ୍ତ ଅଧିନିୟମ ଅଧୀନରେ କାରାଦଣ୍ଡ ଏବଂ/କିମ୍ବା ଜରିମାନା ଭୋଗିବା ପାଇଁ ଉତ୍ତରଦାୟୀ ରହିବେ।

ତାରିଖ: ୮-ଏପ୍ରିଲ-୨୦୨୬ | ସ୍ଥାନ: ଓଡ଼ିଶା

ସ୍ୱା./- ସିଏଫ୍‌ଏମ୍ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ ପ୍ରା. ଲିଃର ପ୍ରାଧିକୃତ ଅଧିକାରୀ, ସିଏଫ୍‌ଏମ୍‌ଏଆର୍‌ସି ଟ୍ରଷ୍ଟ ୨୦୦ର ନ୍ୟାସୀ ଭାବେ କାର୍ଯ୍ୟରତ



ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା

**OFFICE OF THE NOTIFIED AREA COUNCIL, ATTABIRA**

DIST : BARGARH (ODISHA), PIN-768027, Email : attabiranac.2013@gmail.com, Ph : 06682-221212

No.654/ATTB Dt.07.04.2026

**Bidding through e-Procurement**

**Bid Identification No-NAC-ATTB-01/2026-27**

No.13001/121/2627 : The Executive Officer, N.A.C., Attabira on behalf of NAC invites percentage bid through e-procurement in single cover system according to norm of e-Procurement system in on-line mode.

1. Name of works : Civil works
2. No. of works : 13 (Thirteen) Nos. of Work
3. Estimated Cost : 2.5 to 8 lakhs
4. Class of Contractor : "D & C"
5. Period of completion : As per DTCN
6. Date & Time of availability of bid documents in the portal : From 10 A.M. hours of 09.04.2026 to 5 P.M. hours of Dt.18.04.2026
7. Date & time of opening of bids : Dt.20.04.2026 at 11.00 A.M.
8. Name & Address of the Office : Executive Officer, Attabira NAC

The bidders have to participate in online bidding only. Further details can be seen from the e-procurement portal - www.tendersorissa.gov.in

Sd./- Executive Officer, Attabira NAC

OIPR-13001/13176/1/26-27/0001



**OFFICE OF THE SUPERINTENDING ENGINEER KHORADHA IRRIGATION DIVISION, KHORADHA**

e mail : eekhurdairrigationdivision@gmail.com

**NOTICE**

No.32001/37/2627 : It is notified that tender invited vide "e" procurement Notice No-05 (KHD) 2025-26 dated 31.01.2026 is hereby cancelled as per DTCN cluse No.22, due to administrative ground and unavoidable circumstances.

Sd./- Superintending Engineer, Khoradha Irrigation Division, Khoradha

OIPR-32001/32078/1/26-27/0002



GOVERNMENT OF ODISHA

ଜିଲ୍ଲା ମତ୍ସ୍ୟ ଅଧିକାରୀ, ବାଲେଶ୍ୱର

**OFFICE OF THE DISTRICT FISHERIES OFFICER, BALASWAR**

Tel/Fax: 06782-262315(e-mail: dfo.balasore@gmail.com)

**QUOTATION / TENDER CALL NOTICE FOR HIRING OF VEHICLE ON MONTHLY BASIS.**

No.1344/Dt.07.04.2026

No.6001/6/2627 : The application form of Quotation / Tender containing general bid information and terms and conditions for hiring of vehicle will be available in the office of the District Fisheries Officer, Balasore from 07.04.2026 to 22.04.2026 upto 5.00 P.M. The same will opened on 23.04.2026 at 4.00 P.M in presence of Quotationers / Tenderers or their representatives.

The authority reserves every right to cancel all/party/any of the tenderers without assigning any reason.

Sd./- District Fisheries Officer, Balasore

OIPR-6001/6104/1/26-27/0001



**ODISHA COOPERATIVE TASAR & SILK FEDERATION LTD. (SERIFED)**

Sahid Nagar, Janpath, Bhubaneswar -751007, Tel: 0674-2545852(FAX)/2545586 (Off.), Email-serifedodisha@gmail.com

No.IV-I (127) SERIFED/26-27/557 Date : 07.04.2026

**TENDER CALL NOTICE FOR SELECTION OF AGENCY FOR PROVIDING MANPOWER SERVICE FOR SERIFED**

No.39001/1/2627 : Odisha Cooperative Tasar & Silk Federation (SERIFED) Ltd. invites "Tender" in two bids i.e Technical Bid and Financial bid in sealed cover along with requisite documents from interested and experienced service providers for providing manpower service for Odisha Cooperative Tasar & Silk Federation (SERIFED) Ltd.

The bid document can be downloaded from the website: http://serifed.odisha.gov.in. The bidder has to submit the cost of document i.e., Rs. 1000/- in shape of DD favoring Managing Director, SERIFED with the technical bid. The last date of receipt of the sealed offers in the office of SERIFED at Plot No.140, Saheednagar, Bhubaneswar is up to **5.00P.M on dtd 04.05.2026 by Speed Post /Registered Post/ Courier** only. The "Technical Bids" will be opened at **11.00A.M. on dt.05.05.2026** in presence of the bidders or their authorized representatives. Without the authorization letter, the representative of bidder will not be allowed to attend the opening of the bid. The "Financial Bids" of qualifying bidders will be opened on a suitable date and time under intimation to the qualified bidders.

The bidders have to submit documents as specified along with technical bid in conformity with the detail terms & conditions in tender.

**The authority reserves the right to accept or reject any or all the offers without assigning any reason thereof.**

OIPR-39001/39036/1/26-27/0001 Sd./- Managing Director



**Sambalpur Municipal Corporation Sambalpur**

Email id: sambalpurm.hud@od.gov.in

Notice No : 4890/SMC/Engg. Dt.06.04.2026

**'e' Procurement NOTICE**

Bid Reference No: 1/SMC_SBP/2026-27

Tender ID No : 2026_ORULB_127834

No.13001/120/2627 : The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **11 (Eleven) numbers**
2. Estimated Costs : **10.58 lakhs to 42.34 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 09.04.2026 to 05.00 P.M. of 18.04.2026**
5. Last Date/Time for receipt of bids in the portal : **05.00 P.M. of 18.04.2026**
6. Bids will be opened on : **11.00 A.M. of Dt. 20.04.2026**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner, Sambalpur Municipal Corporation

OIPR-13001/13122/1/26-27/0001



**OFFICE OF THE EXECUTIVE ENGINEER, MINOR IRRIGATION DIVISION, Ranchi**

**e-Procurement Tender Notice**

**Two Envelope System**

**Tender Reference No:- WRD/MID/02/BD/(SLI)2026-27**

Letter no-............Date-............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | Rs. 1,09,18,500.00 |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website | Date: 24.04.2026 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 30.04.2026 Time: 2:00PM |
| 9 | Submission of Tender Fee and EMD | Start Date:-24.04.2026 Time:- 2:00 PM Last Date:- 30.04.2026 Time:- 2:00 PM |
| 10 | Technical Bid Opening Date | Date: 02.05.2026 Time: 2:00 PM |
| 11 | Officer Inviting Bids | Executive Engineer, Minor Irrigation Division, Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-

➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

➢ Only e-Tender will be accepted.

Further details can be seen on website http://jharkhandtenders.gov.in

PR 377041 Minor Irrigation(26-27)D

Executive Engineer, Minor Irrigation Division, Ranchi



**ODISHA STATE CIVIL SUPPLIES CORPORATION LTD., NUAPADA**

Letter No.855 / Date : 09.04.2026

**Re-Tender Call Notice**

No.7001/7/2627 : As per Corp. Head Office letter No 5638 dt 19.3.2026 re-tender for engagement of hired vehicle for office use & Paddy Procurement, sealed quotations are invited from Travel agency / Individual for hiring of 2 (Two) Commercial Registration vehicle for office use ( Category-I) & Paddy Procurement ( Category-II) in the office of the CSO-cum-District Manager OSCSC Ltd., Nuapada on monthly rental basis.

The detailed Notice/ Annexure inviting sealed tender will be available in the District website i.e. https://nuapada.odisha.gov.in. The intending Travel Agency/ individual is requested to download the detailed notice from the above website.

i. Available of Tender Paper :- 10.4.2026
ii. Receipt of Tender Paper :- 16.4.2026 up to 1.00 PM
iii. Opening of Tender Paper :- 17.4.2026 at 11.30 AM

Sd./- CSO-cum-District Manager, OSCSC Ltd., Nuapada

OIPR-7001/7058/1/26-27/0001


See Career Appointment on every Wednesday & Saturday

# ୨୬ ଥାନା, ୩୨ ଆଉଟ୍‌ପୋଷ୍ଟରେ ନାହିଁ ସିସିଟିଭି

ଭୁବନେଶ୍ୱର,୯।୪(ତ୍ରିନାଥ ମହାନ୍ତି)



- ୧୫୧ ଥାନାରେ କାମ କରୁନି ସିସିଟିଏନ୍ଏସ୍
- କାର୍ଯ୍ୟକ୍ଷମ କରିବାକୁ ଗୃହ ବିଭାଗକୁ ଚିଠି ଲେଖିଲେ ଏଡିଜି
- ରାଜ୍ୟର ପ୍ରାୟ ୪୦ ପ୍ରତିଶତ ଥାନା ଡିଜିଟାଲ ସର୍ଭିଲାନ୍ସରୁ ବାହାରେ

ଭରତପୁର ଥାନାରେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ପରେ ରାଜ୍ୟର ସମସ୍ତ ଥାନାରେ ୨୦୨୫ ମାର୍ଚ୍ଚ ୩୧ସୁଦ୍ଧା ସିସିଟିଭି ଲଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସମସ୍ତ ଥାନାରେ ସିସିଟିଭି ଲାଗିପାରିଲା ନାହିଁ। ଆଉ ଯେଉଁଠି ଲାଗିଛି ସେଠାରେ ମେଣ୍ଟେନାନ୍ସ ଅଭାବରୁ ଅଚଳ ହୋଇପଡ଼ିଛି। ଗତ ମାର୍ଚ୍ଚ ୨୬ରେ ଅତିରିକ୍ତ ଡିଜି ସଞ୍ଜୟ କୁମାର(ଆଇନ ଶୃଙ୍ଖଳା) ଗୃହ ବିଭାଗକୁ ଏକ ଚିଠି ଲେଖିଥିଲେ। ସେଥିରେ ରାଜ୍ୟରେ ଥିବା ୨୬ ଥାନା ଏବଂ ୩୨ଆଉଟପୋଷ୍ଟରେ ସିସିଟିଭି ଲାଗି ନ ଥିବା ଉଲ୍ଲେଖ ରହିଥିବା ଜଣାପଡ଼ିଛି।

ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୨୬ ମାର୍ଚ୍ଚ ୨୫ତାରିଖ ସୁଦ୍ଧା ରାଜ୍ୟର ମୋଟ ୬୪୫ ଥାନା ମଧ୍ୟରୁ ୨୬ ଥାନା ଓ ୨୯୫ ଫାଣ୍ଡି ମଧ୍ୟରୁ ୩୨ରେ ସିସିଟିଭି କ୍ୟାମେରା ନାହିଁ। ଯଦିଓ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଥାନା ଓ ଫାଣ୍ଡିରେ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ରହିଛି, କିନ୍ତୁ ପୋଲିସ ଏହି ନିର୍ଦ୍ଦେଶକୁ ଠିକ୍‌ଭାବେ ପାଳନ କରୁନାହିଁ। କେବଳ ସିସିଟିଭି ନୁହେଁ କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ଆଣ୍ଡ ସିଷ୍ଟମ୍(ସିସିଟିଏନ୍ଏସ୍) ସମସ୍ୟା ଯୋଗୁ କେନ୍ଦ୍ରୀୟ ମନିଟରିଂ ସିଷ୍ଟମ (ସିଏମ୍ଏସ୍) ସହ ୯୮ ଥାନା ଆଦୌ ସଂଯୋଗ ହୋଇପାରି ନାହିଁ। ଅନ୍ୟ ୧୫୧ଟି ଥାନା ପୂର୍ବରୁ ସିସିଟିଏନ୍ଏସ୍ ସହ ସଂଯୁକ୍ତ ଥିଲେ ମଧ୍ୟ ବିଭିନ୍ନ ତ୍ରୁଟି କାରଣରୁ ଏବେ ଅକାମୀ ଅବସ୍ଥାରେ ରହିଛି। ଫଳରେ ରାଜ୍ୟର ପ୍ରାୟ ୪୦ପ୍ରତିଶତ ଥାନା ଏବେ ଡିଜିଟାଲ ସର୍ଭିଲାନ୍ସରୁ ବାହାରେ ଅଛନ୍ତି। ଏପରିକି ରାଜଧାନୀ ଭୁବନେଶ୍ୱରରେ ସାଇବର ଓ ଅର୍ଥନୈତିକ ଅପରାଧ ଶାଖାରେ ମଧ୍ୟ ସିସିଟିଭି କ୍ୟାମେରା ନାହିଁ କିମ୍ବା ସିସିଟିଏନ୍ଏସ୍ ବ୍ୟବସ୍ଥା ମଧ୍ୟ ନ ଥିବା ଜଣାପଡ଼ିଛି। ରାଜ୍ୟର ସମସ୍ତ ଥାନାରେ ଲାଗିଥିବା ମୋଟ ୧୨,୭୯୭ ସିସିଟିଭି କ୍ୟାମେରା ମଧ୍ୟରୁ ୫୧୮ କ୍ୟାମେରା ଏବେ ଅକାମୀ ଅବସ୍ଥାରେ ରହିଛି। ଫାଣ୍ଡିରେ ଲାଗିଥିବା ମୋଟ ୩,୮୭୫ କ୍ୟାମେରା ମଧ୍ୟରୁ ୨୪ଟି ଅକାମୀ ରହିଛି। ଏହି ସିସିଟିଭି କ୍ୟାମେରା ଲଗାଇବା ଓ ମେଣ୍ଟେନାନ୍ସ ଦାୟିତ୍ୱ ମୁମ୍ବାଇର ଏକ ସଂସ୍ଥାକୁ ଦିଆଯାଇଛି। ଟେଣ୍ଡର ଚୁକ୍ତିନାମା ଅନୁସାରେ ଉଭୟ ସଂସ୍ଥା ଏବେ ଅକାମୀ ସିସିଟିଭି ମରାମତି କରିବା କଥା। ମାତ୍ର ବାରମ୍ବାର ରିମାଇଣ୍ଡର ପଠାଇଲେ ମଧ୍ୟ ସେମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏହି ସିସିଟିଭି ମରାମତି ଓ ସଚଳ କରିବା ପାଇଁ ଓକାକକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସଞ୍ଜୟ କୁମାର ଚିଠି ଲେଖି ଗୃହ ସଚିବଙ୍କୁ ଅନୁରୋଧ କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ସିସିଟିଭି ଲଗାଇବା ଓ ମେଣ୍ଟେନାନ୍ସ ପାଇଁ ମୁମ୍ବାଇର ଏକ ସଂସ୍ଥାକୁ ୧୦୪.୯୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା, ଯାହାକି ସେତେବେଳେ ବଜାର ଦରଠୁ ଅଧିକ ଥିଲା ବୋଲି କୁହାଯାଉଛି। ଭରତପୁର ଥାନା ବିବାଦରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୨୯୫ ଫାଣ୍ଡି ଓ ୫୨ଥାନାରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଓକାକ ମାଧ୍ୟମରେ ଓ ପୋଲିସ ପଦକ୍ଷେପ ନେଇଥିଲା। କିନ୍ତୁ ୫୮କୋଟି ଟଙ୍କାର କାର୍ଯ୍ୟର ଟେଣ୍ଡରକୁ ଓକାକ୍ ପ୍ରାୟ ୮୨.୩୬ କୋଟି ଟଙ୍କାକୁ ବୃଦ୍ଧି କରିଥିଲା। ୫୨ଥାନା ପାଇଁ ୧୧କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ପରେ ଏହି ଟେଣ୍ଡରକୁ ଓକାକ୍‌ଠାରୁ ମୁମ୍ବାଇର ଉକ୍ତ ସଂସ୍ଥା ନେଇଥିଲା।

ସୂଚନାଯୋଗ୍ୟ, ଭରତପୁର ଥାନାରେ ୨୦୨୪ ସେପ୍ଟେମ୍ବରରେ ଆର୍ମି ଅଫିସର ଏବଂ ବାନ୍ଧବୀଙ୍କୁ ପୋଲିସ ରାତିସାରା ଥାନାରେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଥାନାରେ ସିସିଟିଭି ଲାଗି ନ ଥିବାରୁ ପୋଲିସର ନିର୍ଯାତନା ଛପି ଯାଇଥିଲା। ଏହି ଘଟଣା ପରେ ଥାନାଗୁଡ଼ିକରେ ସିସିଟିଭି କ୍ୟାମେରା ନଥିବାର ଚିତ୍ର ପଦାକୁ ଆସିଥିଲା। ପୋଲିସର ତତକାଳୀନ ଅତିରିକ୍ତ ଡିଜି ଦୟାଲ ଗଙ୍ଗୱାର ସତ୍ୟପାଠ ଦାଖଲ କରିବା ପରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶତପ୍ରତିଶତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଇବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଏଡିଜି ସଞ୍ଜୟ କୁମାର କହିଛନ୍ତି ଯେ, ଡିଜିଙ୍କ ଅଧ୍ୟକ୍ଷତାରେ ବୈଠକ ହେବା ପରେ ସିସିଟିଭି ଠିକ୍ କରିବାକୁ ଗୃହ ବିଭାଗକୁ ଚିଠି ଲେଖାଯାଇଛି। ଆଶା ଖୁବ୍ ଶୀଘ୍ର ଠିକ ହୋଇଯିବ।

# ସବୁ ଜିଲାରେ ପ୍ରି-ମ୍ୟାରିଟାଲ କମ୍ୟୁନିକେଶନ ସେଣ୍ଟର ଖୋଲିବାକୁ ପ୍ରସ୍ତାବ

**'ପୋସ୍' ନିୟମ କଡାକଡ଼ି ପାଳନ କର: ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା**




ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ଦେବା ଲାଗି ପୋସ୍ ନିୟମକୁ କଡାକଡି କରିବାକୁ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକର ଗୁରୁତ୍ୱ ଦେଇଛନ୍ତି। ଗୁରୁବାର ଲୋକସେବା ଭବନରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ରାହତକର କହିଛନ୍ତି, ପୋସ୍ ଆଇନ ଓ ଅନ୍ୟାନ୍ୟ ମହିଳା ସୁରକ୍ଷା ଆଇନର କଠୋର କାର୍ଯ୍ୟାନ୍ୱୟନ ରାଜ୍ୟ ଓ ଜିଲାସ୍ତରରେ ବିଭାଗୀୟ ସମନ୍ୱୟ ଦ୍ୱାରା କରିବାକୁ ହେବ। ଏହାସହିତ ରାଜ୍ୟରେ ରହିଥିବା ମହିଳା ନିର୍ଯାତନା ମାମଲାର ତ୍ୱରିତ ସମାଧାନ କରିବା ସହିତ ମାନବ ଚାଲାଣ, ଲିଙ୍ଗଭିତ୍ତିକ ହିଂସା ମାମଲାର ଶୀଘ୍ର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଏହି ଅବସରରେ ସେ 'ତେରେ ମେରେ ସପନେ' ନାମକ ପ୍ରି-ମ୍ୟାରିଟାଲ କମ୍ୟୁନିକେଶନ ସେଣ୍ଟର ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହା ପରିବାର ଓ ବିବାହିତ ଜୀବନର ସମନ୍ୱୟକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ଏବଂ ଅଦ୍ୱିକା ଓ ଶକ୍ତିଶ୍ରୀ ପରି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବତୀଙ୍କ ସଶକ୍ତୀକରଣ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଶାସନ ସଚିବ ଗର୍ଗ ରାଜ୍ୟର ବିଭିନ୍ନ ମହିଳା କେନ୍ଦ୍ରିକ ଯୋଜନା ଓ ସଫଳତା ଉପରେ ଆଲୋକପାତ କରିଥିଲେ। ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ମିଶନ ଶକ୍ତି କାଫେ, ପୋଷଣ କାର୍ଯ୍ୟକ୍ରମ, କ୍ରେଚ ସେବା ଓ ମହିଳାଙ୍କ ପାଇଁ କୌଶଳ ବିକାଶ ଯୋଜନା ସମ୍ବନ୍ଧରେ ସେ ଉଲ୍ଲେଖ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଓ ଗୃହ ବିଭାଗ ପକ୍ଷରୁ ପ୍ରସ୍ତୁତିକରଣ ମାଧ୍ୟମରେ ରାଜ୍ୟର ମହିଳା ସଶକ୍ତୀକରଣ ଓ ସୁରକ୍ଷା ପ୍ରତି ସମନ୍ୱିତ ପଦକ୍ଷେପ ବିଷୟରେ ତଥ୍ୟ ଦିଆଯାଇଥିଲା। ବୈଠକରେ ଗୃହ, ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ଓ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

# ମୁକୁଳା ଡ୍ରେନ୍ ନେଲା ଜୀବନ

- ଦିବ୍ୟାଙ୍ଗଙ୍କ ମୃତଦେହ ମିଳିଲା
- ଖସିପଡ଼ିଥିବା ଚର୍ଚ୍ଚା, ହତ୍ୟା ସନ୍ଦେହ

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୁଣି ମୁକୁଳା ଡ୍ରେନ ନେଇଛି ଜୀବନ। ପୋଲିସ ଲାଇନ୍ ହାଇସ୍କୁଲ୍ ନିକଟ ଖୋଲା ଡ୍ରେନରୁ ଜଣେ ଅଜଣା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକଙ୍କ ପରିଚୟ ମିଳିନାହିଁ। ମୁକୁଳା ଡ୍ରେନରେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବାବେଳେ କେହି କେହି ହତ୍ୟା ସନ୍ଦେହ କରୁଛନ୍ତି। କୁମ୍ଭାରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରେନରୁ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ତେବେ ଏପରି ଅଘଟଣକୁ ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ରେଡ୍‌କ୍ରସ ରୋଡ ପୋଲିସ ଲାଇନ୍ ହାଇସ୍କୁଲ୍ ନିକଟ ଡ୍ରେନରେ ଏକ ମୃତଦେହ ପଡ଼ିଥିବା ଲୋକେ ଦେଖି କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ କିପରି ସେ ଡ୍ରେନ ଭିତରେ ପଡ଼ିଲେ ତାହାର ଖୋଳତାଡ଼ କରାଯାଉଛି। କେହି ତାଙ୍କୁ ହତ୍ୟା କରି ପକାଇଦେଇଥିବା ଲୋକେ ଆଲୋଚନା କରୁଥିବା ବେଳେ ମୁକୁଳା ଡ୍ରେନରେ ଅସାବଧାନତା ଯୋଗୁ ଗଳିପଡିବାରୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି କୁହାଯାଉଛି। ୩/୪ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କାରଣ ମୃତଦେହରେ ପୋକ ହୋଇଯାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷିତ କରି ରଖାଯାଇଛି। ଏନେଇ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି, ମୃତକ ଜଣେ ଦିବ୍ୟାଙ୍ଗ। ତାଙ୍କ ବାମ ହାତ ନାହିଁ। ତାଙ୍କୁ ହତ୍ୟା କରାଯିବା ଭଳି ଲାଗୁନାହିଁ। ତାଙ୍କ ଶରୀରରେ କୌଣସି ଜାଗାରେ କ୍ଷତ ଚିହ୍ନ ନାହିଁ। କୌଣସି କାରଣରୁ ସେ ଡ୍ରେନରେ ପଡ଼ିଯିବା ପରେ ଉଠିପାରି ନାହାନ୍ତି। ତେଣୁ ତାଙ୍କର ମୃତ୍ୟୁ ଘଟିଥାଇପାରେ। ୩/୪ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କାରଣ ମୃତଦେହରେ ପୋକ ହୋଇଯାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷିତ କରି ରଖାଯାଇଛି ବୋଲି ବେହେରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆଗକୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସୁଛି। ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଲୋକଙ୍କ ସୁରକ୍ଷା ପାଇଁ ତୁରନ୍ତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଯିବାକୁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ଚାଷୀ ମୃତ

ପିପିଲି,୯।୪(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ବରାଗଡ଼ ଗ୍ରାମର ଜଣେ ଚାଷୀ ଗୁରୁବାର ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ରବିନ୍ଦ୍ର ନାୟକ (୫୦)। ସୂଚନା ମୁତାବକ, ରବୀନ୍ଦ୍ର ପାନବରଜରେ କାମ କରୁଥିବାବେଳେ ବ୍ରଜପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପିପିଲି ମେଡିକାଲ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରୀତମ୍



@ ରାଜେଶ



@ ସନ୍ଦୀପ



@ ବାପୁ



@ ଲିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବି କର୍ତ୍ତୃପକ୍ଷଙ୍କ ମିଛ ଧରିଲା କେନ୍ଦ୍ରୀୟ ଦଳ

**ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

- ପ୍ରମାଣ ନାହିଁ; ସିସିଟିଭି ମେମୋରି କାର୍ଡ ଗାଏବ
- ମେଡିକାଲ ଅଫିସରଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ
- ଏସ୍ଓପି ପ୍ରସ୍ତୁତ କରିବାକୁ କେନ୍ଦ୍ରୀୟ ଦଳର ନିର୍ଦ୍ଦେଶ

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ନିଜ ଦୋଷ ଲୁଚାଇବାକୁ ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ଉଦ୍ୟମ କରିଛନ୍ତି। କେତେକ ତଥ୍ୟପ୍ରମାଣକୁ ନଷ୍ଟ କରିଦେବାକୁ ମଧ୍ୟ ପଛାଇନାହାନ୍ତି। କେନ୍ଦ୍ରୀୟ ଦଳର ପଚରାଉଚରା ସମୟରେ ଉପସ୍ଥିତ ଏକାଧିକ ଅଧିକାରୀଙ୍କ ମତ ମେଳ ଖାଇ ନ ଥିଲା। ଏପରିକି ନିଆଁ ଲାଗିବାଠାରୁ ନେଇ ରୋଗୀଙ୍କୁ ଉଦ୍ଧାର କରିବା ସମୟ ପ୍ରସଙ୍ଗରେ ବଡ଼ ମେଡିକାଲ ପଦାଧିକାରୀମାନେ ସ୍ପଷ୍ଟ ମତ ଦେଇପାରି ନ ଥିଲେ। ଏହାକୁ ନେଇ କେନ୍ଦ୍ରୀୟ ଦଳ ଉଦ୍‌ବେଗ ପ୍ରକାଶ କରିଛି। ଏସ୍‌ସିବି କର୍ତ୍ତୃପକ୍ଷ ଦୋଷ ଲୁଚାଇବାକୁ ଚେଷ୍ଟା କରିଛନ୍ତି ବୋଲି କେନ୍ଦ୍ରୀୟ ଦଳ ହାତରେ ଅନେକ ପ୍ରମାଣ ପଡ଼ିଛି। ୩ ଦିନ ମଧ୍ୟରେ ଏସ୍‌ସିବିର ବରିଷ୍ଠ ଅଧିକାରୀମାନଙ୍କୁ ପୁନର୍ବାର ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି।

ବୁଧବାର ୬ ଜଣିଆ କେନ୍ଦ୍ରୀୟ ଦଳ ବଡ଼ ମେଡିକାଲରେ ପହଞ୍ଚି ଟ୍ରମା ଆଇସିୟୁରେ ଛାନ୍‌ଭିନ୍ କରି ଏସ୍‌ସିବି ଅଧିକାରୀମାନଙ୍କୁ ପଚରାଉଚରା କରାଯାଇଥିଲା। ମାର୍ଚ୍ଚ ୧୫ ତାରିଖ ରାତି ୨ଟା ୫୦ ମିନିଟ୍‌ରେ ନିଆଁ ଲାଗିଥିବା ନେଇ ଏସ୍‌ସିବି ଅଧିକାରୀ କେନ୍ଦ୍ରୀୟ ଦଳକୁ ଜଣାଇଥିଲେ। ତେବେ ନିଆଁ ଲାଗିବା ସମୟରେ ମେଡିକାଲ ଅଫିସର ସେଠାରେ ଉପସ୍ଥିତ ଥିଲେ କି ନାହିଁ ପଚାରିବାରୁ କୌଣସି ଉତ୍ତର ମିଳି ନ ଥିଲା। ପରେ ଘଟଣାସ୍ଥଳର ସିସିଟିଭି ଫୁଟେଜ ମଗାଯାଇଥିଲା। ହେଲେ ସିସିଟିଭି ମେମୋରି କାର୍ଡ ନାହିଁ ବୋଲି ଏସ୍‌ସିବି ଅଧିକାରୀ କହିଥିଲେ। ଏସ୍‌ସିବି କର୍ତ୍ତୃପକ୍ଷ ନିଜ ରିପୋର୍ଟରେ ଦର୍ଶାଇଛନ୍ତି କି, ସୁରକ୍ଷାକର୍ମୀଙ୍କ ଦ୍ୱାରା ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା। ଏହି ରିପୋର୍ଟ ଦେଖିବା ପରେ କେନ୍ଦ୍ରୀୟ ଦଳ ଅସନ୍ତୋଷ ଜାହିର କରିଛି। ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ରୋଗୀଙ୍କୁ ସୁରକ୍ଷାକର୍ମୀ ଉଦ୍ଧାର କରିବା କେତେଦୂର ଯୁକ୍ତିଯୁକ୍ତ ଥିଲା ତାହାକୁ ନେଇ ଦଳ ପ୍ରଶ୍ନ ଉଠାଇଥିଲା। ଜୀବନରକ୍ଷାକାରୀ ମେଶିନକୁ ହଟାଇ ସୁରକ୍ଷାକର୍ମୀମାନେ ରୋଗୀଙ୍କୁ କିପରି ବଞ୍ଚାଇଥିଲେ ଏବଂ କେଉଁ ରାସ୍ତା ଦେଇ ବାହାରକୁ ଆଣିଥିଲେ ସେ ନେଇ କେନ୍ଦ୍ରୀୟ ଦଳ ଖୋଳତାଡ଼ କରିଛି। ଏହାବାଦ୍ ଅଗ୍ନିକାଣ୍ଡ ସମ୍ପର୍କରେ ଜିଲାପାଳଙ୍କୁ କାହିଁକି ତୁରନ୍ତ ଅବଗତ କରାଯାଇ ନ ଥିଲା, ସେ ନେଇ କେନ୍ଦ୍ରୀୟ ଦଳ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛି।

ଏକାଧିକ ପ୍ରସଙ୍ଗରେ ପ୍ରଶ୍ନ ପଚାରି କେନ୍ଦ୍ରୀୟ ଦଳ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ହରଡ଼ଘଣାରେ ପକାଇଛି। ଟ୍ରମା ଆଇସିୟୁ ସମେତ ମେଡିକାଲର ଅନ୍ୟ କୋଠାଗୁଡିକରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ। ଅଗ୍ନିଶମ ବିଭାଗରୁ ଏନ୍ଓସି ମଧ୍ୟ ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥିତିରେ ରୋଗୀ ସେବା କିପରି ଜାରି ରହିଥିଲା ତାହାକୁ ନେଇ କେନ୍ଦ୍ରୀୟ ଦଳ ପ୍ରଶ୍ନ କରି ୩ ଦିନ ମଧ୍ୟରେ ଏସ୍ଓପି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛି। ସେହିପରି ମେଡିକାଲର ଅଗ୍ନି ନିରାପତ୍ତା କମିଟି କିମ୍ବା ବିପର୍ଯ୍ୟୟ ପରିଚାଳନା କମିଟି ମଧ୍ୟ ନାହିଁ। ଉପରୋକ୍ତ ଦୁଇ କମିଟି କାହିଁକି ଗଠନ ହୋଇନାହିଁ, ସେ ବାବଦରେ କେନ୍ଦ୍ରୀୟ ଦଳ ଜବାବ ତଲବ କରିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କେନ୍ଦ୍ରୀୟ ଦଳ ଶେଷ କରିନାହିଁ। ପୁନର୍ବାର ଏହାକୁ ନେଇ ଖୋଳତାଡ କରାଯିବ ବୋଲି ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ନାମଗୋପନ ରଖି ସୂଚନା ଦେଇଛନ୍ତି।

# ମହାନଦୀରୁ ମହାପ୍ରଭୁଙ୍କ ମୂର୍ତ୍ତି ଉଦ୍ଧାର



ବାରଙ୍ଗ,୯।୪
(ଲିଙ୍ଗରାଜ ରାଉତ)

ମହାନଦୀ ମୁଣ୍ଡଳି ବ୍ରିଜ ପାଖ ତଳମୁଣ୍ଡରୁ ଭାସିଭାସି ଯାଉଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତିକୁ ଗୁରୁବାର ଜଣେ କୈବର୍ତ୍ତ ମାଛ ମାରିବା ସମୟରେ ଉଦ୍ଧାର କରିଛନ୍ତି। ଯୁବକ ଜଣଙ୍କ ମୂର୍ତ୍ତିଗୁଡ଼ିକୁ ନେଇ ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜା କରିବା ପାଇଁ ପୂଜକଙ୍କୁ ପ୍ରଦାନ କରିଛନ୍ତି।

ସକାଳେ ମହାନଦୀରେ ମୂର୍ତ୍ତିଗୁଡ଼ିକ ପାଣିରେ ଭାସି ଭାସି ଯାଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କିନ୍ତୁ ମୂର୍ତ୍ତି ଭାସୁଥିବା ସ୍ଥାନରୁ କିଛି ଦୂରରେ ସ୍ଥାନୀୟ ଗ୍ରାମର ଜଣେ କୈବର୍ତ୍ତ ମାଛ ଧରୁଥିଲେ। ମୂର୍ତ୍ତିଗୁଡ଼ିକ ଭାସୁଥିବା ଦେଖି ସେଗୁଡ଼ିକୁ ଉଦ୍ଧାର କରି ନଦୀ କୂଳରେ ଆଣି ରଖିଥିଲେ। ଏହାପରେ ଦେଖଣାହାରୀଙ୍କ ଭିଡ଼ ଲାଗି ରହିଥିଲା।

# ଘରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

ବାରଙ୍ଗ, ୯।୪(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ତ୍ରିଶୂଳିଆ ବଜାର ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ସାମଲ ସାହିରେ ଏକ ଘରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଉକ୍ତ ସାହିର ରମେଶ ସାମଲ(୪୫)। ମାନସିକ ଭାରସାମ୍ୟ ହରାଇ ରମେଶ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରମେଶ ପାରିବାରିକ ଅଭାବ କାରଣରୁ କିଛିଦିନ ହେବ ମାନସିକ ଚିନ୍ତାଗ୍ରସ୍ତ ରହୁଥିଲେ। ବୁଧବାର ରାତିରେ ସେ ଖାଇ ସାରିବା ପରେ ଶୋଇବାକୁ ଯାଇଥିଲେ। ସକାଳୁ ପରିବାର ଲୋକେ ରମେଶଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ଏହାପରେ ପରିବାର ଲୋକେ ରମେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ରମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କର ପରିବାରଙ୍କୁ ହସ୍ତାନ୍ତର କରାଯିବା ପରେ ଗ୍ରାମ୍ୟ ଶ୍ମଶାନରେ ରମେଶଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସଂକ୍ଷେପରେ

### ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

**ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ପୀୟୂଷ ରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ରଶ୍ମିତା ମହାନ୍ତ, କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଜୋଷୀ ଏବଂ ଜନ୍ମେଜୟ ପ୍ରଜାପତି ସ୍ୱରଚିତ କବିତା ପାଠ କରିଥିଲେ। ବିଜନବାଳା ପାଟଜୋଷୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଶ୍ମିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ବି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇନି

**ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ):** ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ନେତାଜୀ ଭବନ ପରିସରରେ ଆରମ୍ଭ ହୋଇଛି। ବାହିନୀର ଜାତୀୟ ସଂଯୋଜକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରମଜୀବୀ ମଣିଷର ପ୍ରତିନିଧି ବିଜୟ ସାହୁ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମଦୃଷ୍ଟି ପତ୍ରିକାର ସମ୍ପାଦକ ବିଘ୍ନେଶ୍ୱର ସାହୁ, ଖବରଦାତା ସୁରେନ୍ଦ୍ର ପାତ୍ର, ସାମାଜିକ କର୍ମୀ ହରିହର ସେନ୍, ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ କହିଲେ, ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଭାରତ ବର୍ଷର ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଜନଗଣଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସରକାରମାନେ ବିଫଳ ହୋଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଯୋଗାଇ ଦେବାରେ ସରକାରୀ ବିଫଳତା ଚରମସୀମାରେ ପହଞ୍ଚିଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଦେଶର ପ୍ରାକୃତିକ ସମ୍ପଦକୁ ଶାଗ ମାଛ ଦରରେ କର୍ପୋରେଟ ସଂସ୍ଥାମାନଙ୍କୁ ବିକ୍ରି ଚାଲିଛି। ଜନ ଅସନ୍ତୋଷ ବଢ଼ି ଚାଲିଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ସରକାରୀ କଳର ନିଘା ନାହିଁ। ଏଭଳି ସ୍ଥଳେ ବାହିନୀର ସାଥୀମାନେ ଜଣେ ସଚ୍ଚା ଦେଶପ୍ରେମୀ ଓ ସଂଗ୍ରାମୀ ଭାବରେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ଲଢ଼ିବାକୁ ସେମାନେ ଆହ୍ୱାନ କରିଥିଲେ। ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା, ଦିଶା ଆଜାଦ, ରିଙ୍କି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଧୂପକାଠି ପ୍ରସ୍ତୁତି ପ୍ରଶିକ୍ଷଣ

**କଳାପଥର,୯।୪ (ଗଙ୍ଗାଧର ସାହୁ):** ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନସ୍ଥ ୟୁନିଟେଡ୍ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ବୋଲଗଡ ଇଣ୍ଡିଜେନିୟସ ଅଗରବତୀ କ୍ଲଷ୍ଟର ସ୍ୱୁଟି ଗୋପୀନାଥପୁର ଆନୁକୂଲ୍ୟରେ ଧଳାପଥର, ସାନପଦର, ଗେଡିଆପଲ୍ଲୀ, ଅସରଳା, ଗୋପାଳପୁର, ମାଣିବନ୍ଧ, କଡବ ପଞ୍ଚାୟତର ମହିଳାଙ୍କୁ ମେଶିନ ଦ୍ୱାରା କିପରି ଧୂପକାଠି ତିଆରି ହୋଇପାରିବ ତାହା ଉପରେ ଟ୍ରେନିଂ ଦିଆଯାଇଥିଲା। ପରବାସୀ ସାହୁ, ବିନୋଦ କୁମାର ନାୟକ ପ୍ରଶିକ୍ଷଣ ଦେଇଥିଲା ବେଳେ ଅନୁଷ୍ଠାନର ସମ୍ପାଦକ ବିପିନ ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସ କର’

**ଓଡ଼ିଆ ପକ୍ଷ: ନବମ ଦିନ ସବୁ ଜିଲାରେ ପୁସ୍ତକ ପ୍ରଦର୍ଶନୀ**

ଭୁବନେଶ୍ୱର,୯।୪ (ସୁଚିସ୍ମିତା ସାହୁ)


ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସହ ଅନ୍ୟ ଅତିଥିମାନେ ଏକ ଷ୍ଟଲ୍‌ରୁ ବହି କିଣୁଛନ୍ତି।

ଓଡ଼ିଆ ପକ୍ଷ ପାଳନର ନବମ ଦିନ ଗୁରୁବାର ‘ଆସ ବହିଟିଏ କିଣିବା ଅଭିଯାନ’ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ମଧ୍ୟ ବିଭିନ୍ନ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ ଖୋଲାଯାଇଥିଲା। ପୁସ୍ତକ ଷ୍ଟଲଗୁଡିକରେ ପାଠିକାପାଠକ ଭିଡ଼ ଜମାଇବା ସହ ନିଜ ସହ ବନ୍ଧୁ ପରିଜନଙ୍କ ପାଇଁ ବହି କିଣିଥିଲେ। କେତେଜଣ ପାଠିକାପାଠକ ବହି କିଣିବା ସହ ଏହାର ସେଲ୍ଫି ଉଠାଇ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ odiapakhya.comରେ ମଧ୍ୟ ଅପଲୋଡ୍ କରିଥିଲେ। ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ‘ଆସ ବହିଟିଏ କିଣିବା’ ଅଭିଯାନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏଥିସହ ନିଜେ ମଧ୍ୟ ପୁସ୍ତକ କିଣି ‘ଆସ ବହିଟିଏ କିଣିବା’ ଅଭିଯାନରେ ନିଜକୁ ସାମିଲ କରିଥିଲେ। ପୁସ୍ତକ ହେଉଛି ଆମ ସମାଜର ଦର୍ପଣ। ଜଣେ ଲେଖକ ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ, ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଏହା ଆମକୁ ଦିଗ୍‌ଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ସହ ଆମ ଯୁବପିଢ଼ିକୁ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ କରିବା ନିମନ୍ତେ ପୁସ୍ତକ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବହି କିଣି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଆଜିର ପୁସ୍ତକ ପ୍ରଦର୍ଶନୀରେ ଯୁବପିଢ଼ିଙ୍କ ଯୋଗଦାନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପ୍ରତି ରହିଥିବା ଆଗ୍ରହ ଆମ ସମସ୍ତଙ୍କୁ ଉତ୍ସାହିତ କରିଛି ବୋଲି ମତପ୍ରକାଶ କରିଥିଲେ। ‘ଆସ ବହିଟିଏ କିଣିବା’ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ ଅବସରରେ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଓଡ଼ିଆ ପକ୍ଷରେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଳନ ହେଉଥିବାବେଳେ ଶୁକ୍ରବାର ‘ଲୋକକଳା ପାଇଁ ଦିନଟିଏ’ ପାଳନ କରାଯିବ।

## ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପରିବେଷିତ



ଯାଁଳା,୯।୪ (ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ପରିବେଷିତ ରାମଲୀଳା ନାଟକ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପରିବେଷିତ ହୋଇଥିଲା। ପ୍ରଭୁ ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମ ପରିକ୍ରମା ସହ ଗ୍ରାମର ବିଭିନ୍ନ ସ୍ଥାନରେ ବନ୍ଦାପନା ଏବଂ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ନାଟକରେ ଭରତ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ସୁନୀଲ ମଙ୍ଗରାଜ ଲକ୍ଷ୍ମଣ, ଅନିଲ ପରିଡ଼ା ଭରତ, ବେଣୁଧର ପ୍ରଧାନ ଶତ୍ରୁଘ୍ନ, ମୂରଲୀ ପ୍ରଧାନ ସୀତା, ଶଙ୍କର୍ଷଣ ମଙ୍ଗରାଜ ହନୁମାନ, ରବି ନାରାୟଣ ମହାପାତ୍ର ଭରଦ୍ୱାଜ, ରବୀନ୍ଦ୍ର ବାରିକ କୌଶଲ୍ୟା, ଦାଶରଥି ସ୍ୱାଇଁ ବିଭୀଷଣ ପ୍ରମୁଖ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ



ନିରାକାରପୁର,୯।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏକ ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମ ପରିକ୍ରମା କରିଛି। ଏଥିସହିତ ବିଭିନ୍ନ ବିଦ୍ୟାଳୟରେ ଏହି ଶିକ୍ଷା ସଚେତନତା ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶିକ୍ଷା ସଚେତନତା ଶୋଭାଯାତ୍ରା ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅନୁରୂପ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚିତ୍ରକୂଟବିହାର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଏହି ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିଥଲେ। ବିଦ୍ୟାଳୟର ସଭାପତି ମନୋଜ କୁମାର ପ୍ରଧାନ, ସହକାରୀ ଶିକ୍ଷକ ସଚିତ୍ରା କୁମାର ପାଇକରାୟ, ମଳୟ କୁମାର ମଙ୍ଗରାଜ, ଅମର କୁମାର ଜୟସିଂହ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିଲା।

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

**ସାକ୍ଷୀଗୋପାଳ,୯।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ):** ଓଡ଼ିଆ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଦାୟିତ୍ୱ ନେଇଛନ୍ତି। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଭିତ୍ତିଭୂମି ସୁଦୃଢ ନିମନ୍ତେ ନୂତନ ବିଭାଗ ଖୋଲିବା, ଗବେଷଣା କାର୍ଯ୍ୟ ଓ ବିଇଡି ପାଠ୍ୟକ୍ରମ ପ୍ରଚଳନ, ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦ ପୂରଣ କରାଯିବା ନେଇ ସେ ପଦକ୍ଷେପ ନେବେ ବୋଲି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, ସଞ୍ଜୀବ ଜେନା, ଡ. ସନ୍ଦୀପ କୁମାର ଚାନ୍ଦ, ଡ. ଲିପିକା ନାୟକ, ଡ. ରାଧାଗୋବିନ୍ଦ କୁଇଲା, ଡ. ସଙ୍ଗୀତା ଜେନାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ‘ଆମ ବଜେଟ, ଆମେ ଜାଣିବା’ ସଂକ୍ରାନ୍ତ ଆଲୋଚନା



କୃଷ୍ଣପ୍ରସାଦ,୯।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ‘ଆମେ ଜାଣିବା ଆମ ବଜେଟ’ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆମ ବଜେଟ ଉପରେ ବ୍ଲକ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ବିତ୍ତ ଅଧିକାରୀ ମନୋଜ ରଞ୍ଜନ ସାହୁ ବଜେଟ ଆୟବ୍ୟୟ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ମେଗା ପାନୀୟଜଳର ସଦୁପଯୋଗ ଓ ସମସ୍ତ ବ୍ୟକ୍ତି କିପରି ପାନୀୟଜଳର ସୁବିଧା ପାଇପାରିବେ ସେନେଇ ଆଲୋଚନା ମଧ୍ୟ ହୋଇଥିଲା। ଏହି ବୈଠକରେ ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଅମୀୟ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ ବେଗା ହାଁସଦା, କନିଷ୍ଠ ଯନ୍ତ୍ରୀ ବିପ୍ଳବ କେଶରୀ ପ୍ରଧାନ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ଜାଲ୍ ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲୁଛି ସ୍କୁଲ

ଭୁବନେଶ୍ୱର,୯।୪ (ସୁଚିସ୍ମିତା ସାହୁ)

**ବିଭାଗୀୟ ସଚିବଙ୍କୁ ଅଭିଯୋଗ କଲା ମାନବାଧିକାର ସାମ୍ମୁଖ୍ୟ**

ଜାଲ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଦେଇ ଖୋଲୁଛନ୍ତି ସ୍କୁଲ। ଅସୁରକ୍ଷିତ ଭଡା ଘରେ କୁନି କୁନି ପିଲାମାନେ ବସି ପାଠପଢୁଛନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଏବଂ ଭୁମୋହନ ବେବର୍ତ୍ତା ପଟ୍ଟନାୟକ ତଥ୍ୟ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏଥିସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଅଗ୍ନିଶମ ବିଭାଗ ନିର୍ଦ୍ଦେଶକଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ ଜଣାଇଛନ୍ତି। ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ କହିଛନ୍ତି, ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଧାର୍ଯ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ବିଦ୍ୟାଳୟ ଅଟ୍ଟାଳିକା ସୁରକ୍ଷା, ନିରାପତ୍ତା ନିମନ୍ତେ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନୁଶୀଳନ କରିବା ସମୟରେ ବହୁ ଅନିୟମିତତା ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ବହୁ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଅସୁରକ୍ଷିତ କୋଠାଘରେ ନିର୍ମାଣ ପ୍ରମାଣପତ୍ର ଅନୁମୋଦନ ବିନା ବିଦ୍ୟାଳୟ ଚାଲୁଛି। ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସମସ୍ତେ ଏ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଯଦି କୌଣସି ଅଘଟଣ କିମ୍ବା ଅଗ୍ନିକାଣ୍ଡ ଘଟିଲା ତା’ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ରାଷ୍ଟ୍ରୀୟ ମାନବଅଧିକାର ସାମ୍ମୁଖ୍ୟ ପକ୍ଷରୁ ପ୍ରଶ୍ନ କରାଯାଇଛି। ବେଆଇନ ଭାବେ ଚାଲୁଥିବା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାସହ କର୍ତ୍ତୃପକ୍ଷଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଆବଶ୍ୟକ ଦଫା ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଘଟଣା ସମ୍ପର୍କରେ ଅବଗତ ଥାଇ କୌଣସି ପଦକ୍ଷେପ ନ ନେଇଥିବା ଅଧିକାରୀଙ୍କ ବିରୋଧରେ ମଧ୍ୟ ଆବଶ୍ୟକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ରମେଶ। ସମ୍ମିଳନୀରେ ସାମ୍ମୁଖ୍ୟର ଉପସଭାପତି ତପନ ପତି, ଆଇନଜୀବୀ ନିଳକଣ୍ଠ ରଥ, ଆଇନଜୀବୀ ନାଗାର୍ଜୁନ ସେଠୀ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଅସ୍ମିତାର ପ୍ରତୀକ

ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ)

ନିଜ ମାତୃଭାଷାକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବାର ଉଚ୍ଚାଙ୍ଗ ସାଧକ ଥିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଆପଣା କାବ୍ୟ ଓ ସଙ୍ଗୀତ ଦ୍ୱାରା ସେ ଚଷାଠାରୁ ଯୋଷା ପର୍ଯ୍ୟନ୍ତ ଓଡ଼ିଆ ଜନଜୀବନକୁ ଲୋକଲୋଚନକୁ ଆଣିଥିଲେ। ବାସ୍ତବରେ କବି ସମ୍ରାଟ ଓଡ଼ିଶାର ସାରସ୍ୱତ ଅସ୍ମିତାର ପ୍ରତୀକ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଗୁରୁବାର ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜାପ୍ରସନ୍ନ ଶତପଥୀ ଯୋଗଦେଇ ଆଧୁନିକ ଓଡିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟସୃଷ୍ଟିର କାଳଜୟୀ ପ୍ରଭାବ ଉପରେ କହିଥିଲେ। ଗୀତିକାର ମୋତିଲାଲ ପତି କବି ଉପେନ୍ଦ୍ରଙ୍କ ସାହିତ୍ୟରେ ସାଙ୍ଗିତିକତା ଓ ଶାବ୍ଦିକମୂର୍ଚ୍ଛନାର ଅବତାରଣା କରିଥିଲେ। ଭଞ୍ଜଭାରତୀ ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ବୈଦେହୀ ଚରିତ୍ରର ମହତ୍ତ୍ୱକୁ ପ୍ରତିପାଦିତ କରିବା ସହିତ ଭଞ୍ଜ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ଉତ୍କଳଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଷ୍ଟେଶନରେ ଶିଶୁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଆୟୋଗ ଅଧ୍ୟକ୍ଷା

ଭୁବନେଶ୍ୱର,୯।୪ (ସୁଚିସ୍ମିତା ସାହୁ)


ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସହ ସଦସ୍ୟାମାନେ ଭୁବନେଶ୍ୱର ରେଳ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

ଶିଶୁ ସୁରକ୍ଷା ବ୍ୟବସ୍ଥାର ତଦାରଖ ପାଇଁ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର। ତାଙ୍କ ସହ ଆୟୋଗର ସଦସ୍ୟା ଚନ୍ଦନା ଦାସ, ମନସ୍ୱିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର ଆର୍‌ପିଏଫ୍ ଏବଂ ଜିଆର୍‌ପି ଥାନାକୁ ଯାଇ କର୍ମଚାରୀମାନଙ୍କ ସହିତ ଏ ସଂକ୍ରାନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରେଳପଥ ପକ୍ଷରୁ ୨୦୨୦ ମସିହାରୁ ଆରମ୍ଭ ହୋଇଥିବା ‘ଅପରେଶନ ନନ୍ହେ ଫରିସ୍ତେ’ ମାଧ୍ୟମରେ କିଭଳି ଶିଶୁ ଚାଲାଣ, ଶିଶୁ ଶ୍ରମିକ ଏବଂ ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରାଯାଉଛି, ସେ ସମ୍ପର୍କରେ ଅଧ୍ୟକ୍ଷା ପଚାରି ବୁଝିଥିଲେ। ଘରୁ ପଳାଇ ଆସିଥିବା କିମ୍ବା ମାନବଚାଲାଣର ଶିକାର ହୋଇଥିବା ପିଲାଙ୍କୁ ଉଦ୍ଧାର ପରେ ସେମାନଙ୍କୁ ତୁରନ୍ତ ଥଇଥାନ ଓ ସେମାନଙ୍କ ପାଇଁ ଥିବା ହେଲ୍ପ ଡେସ୍କର କାର୍ଯ୍ୟକାରିତାକୁ ଯାଞ୍ଚ କରିଥିଲେ। ଷ୍ଟେଶନରେ ମା’ମାନଙ୍କ ପାଇଁ ମଦର ଫିଡିଂ ଚାମ୍ବର (ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଗୃହ)ର ବ୍ୟବସ୍ଥା ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ସ୍ପେଶାଲ ଟ୍ରେନିଂ ଉପରେ ଆଲୋଚନା ହୋଇଛି। ବର୍ତ୍ତମାନ ରେଳ ଷ୍ଟେଶନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁ କିଛି ସମସ୍ୟା ଦେଖାଦେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଖୁବ୍‌ଶୀଘ୍ର ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରାଯିବ ବୋଲି ଆୟୋଗ ଅଧ୍ୟକ୍ଷା ପାତ୍ର କହିଛନ୍ତି। ଆୟୋଗ ଅଧ୍ୟକ୍ଷାଙ୍କ ସହ ସଦସ୍ୟମାନେ ରେଳ ଷ୍ଟେଶନରେ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ।

# ମହିଳାଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଆରମ୍ଭ

**ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେବେ ୫୦୦୦ଜଣ**

ଭୁବନେଶ୍ୱର,୯।୪ (ସୁଚିସ୍ମିତା ସାହୁ)



ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ମହିଳାଙ୍କ ଗହଣରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀ ଓ ଅତିଥିମାନେ।

ରାଜ୍ୟର ମହିଳାମାନେ ସୁରକ୍ଷିତ ଭାବେ ସମାଜରେ ରହିବେ। ସେମାନଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ମହିଳାଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ପାଇଁ ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ଗୁରୁବାର ମିଶନଶକ୍ତି ଭବନଠାରେ ପ୍ରଥମଥର ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଶିକ୍ଷଣକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳା ସଶକ୍ତୀକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ରହିପାରିବେ। ନିର୍ଭୟରେ ସେମାନେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।

## କଣାସ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଚୋରି

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଚୋରି ହୋଇଛି। କାର୍ଯ୍ୟାଳୟ ପଛପଟ ଗ୍ରୀଲ ଭାଙ୍ଗି ଦୁଇଟି ଇନଭର୍ଟରର ବ୍ୟାଟେରି ଓ ମେଶିନ ଦୁର୍ବୃତ୍ତ ନେଇଯାଇଥିବା ସମ୍ପର୍କରେ ଗୁରୁବାର ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ କଣାସ ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ରାଶନକାର୍ଡ

ଅସ୍ତରଙ୍ଗ,୯।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ଯୋଗାଣ ବିଭାଗ ନୀରବଦ୍ରଷ୍ଟା

ଅସ୍ତରଙ୍ଗ ବ୍ଲକରେ ରାଶନ କାର୍ଡ ପାଇଁ ଏବେ ୧ ହଜାରରୁ ଅଧିକ ଯୋଗ୍ୟବ୍ୟକ୍ତି ଅପେକ୍ଷାରେ ରହିଛନ୍ତି। ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ସେମାନେ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆଶାୟୀମାନେ ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛି।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକରେ ମୋଟ ୧୫ଟି ପଞ୍ଚାୟତ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଗ୍ରାଧିକାର ପରିବାର କାର୍ଡ ସଂଖ୍ୟା ୧୬ହଜାର ୮ଶହ ୫୭ ଥିବାବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୨୦୫୪ଟି କାର୍ଡ ମିଳିଛି। ଦୁଇଟି ଯୋଜନାରେ ମୋଟ ୬୭ହଜାର ୫୧ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୮୯ଟି କାର୍ଡ ରହିଛି। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଗ୍ରାଧିକାର ପରିବାର କାର୍ଯ୍ୟକ୍ରମରେ ୬୦ହଜାର ୧ଶହ ୮୭ଜଣ ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୬ହଜାର ୮ଶହ ୬୪ଜଣ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦୯୭ ହିତାଧିକାରୀ ଉପକୃତ ହୋଇପାରୁଛନ୍ତି। ମୋଟ ୬୮,୧୪୮ଜଣ ବ୍ୟକ୍ତି ବିଭିନ୍ନ ଯୋଜନାରେ ଖାଉଟି ସାମଗ୍ରୀ ପାଉଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨୪ଟି ସୁଲଭ ଖାଉଟି ବଣ୍ଟନ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୨୦ଟି କେନ୍ଦ୍ର ପାଇଁ ଡିଲର ନିଯୁକ୍ତି ହୋଇଥିବା ବେଳେ ଗୋଟିଏକୁ ସ୍ୱୟଂ ସହାୟକ ଖାଦ୍ୟ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ୩ଟି ପଞ୍ଚାୟତ ଖାଦ୍ୟ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନିଜେ ନେଇଛନ୍ତି। ବ୍ଲକକୁ ଖାଉଟିଙ୍କ ପାଇଁ ମାସିକ ମୋଟ ୨୮ଶହ କୁଇଣ୍ଟାଲ ଚାଉଳ ଆସୁଛି। ଅସ୍ତରଙ୍ଗ ବ୍ଲକରେ ନୂଆ କାର୍ଡ ପାଇଁ ଅନେକ ବ୍ୟକ୍ତି ଆବେଦନ କରିଥିବାବେଳେ ଟାର୍ଗେଟ ନ ଥିବା ଏବଂ ୱେବସାଇଟ୍ ନ ଖୋଲିବା କାରଣରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା କହିଛନ୍ତି, ନୂତନ ନାମ ସଂଯୋଗ ପାଇଁ ଏବେ ସରକାରୀ ନିର୍ଦ୍ଦେଶ ଆସିନାହିଁ। ତେଣୁ ଏଥିପାଇଁ ଉପଲବ୍ଧ ୱେବ୍‌ସାଇଟ୍ ଖୋଲୁନାହିଁ।


ପ୍ରବଳ ବର୍ଷା ଯୋଗୁ ଅସ୍ତରଙ୍ଗ ବ୍ଲକ ଅଧୀନ ଝାଡ଼ଲିଙ୍ଗ ପଞ୍ଚାୟତର ୩ନଂ ୱାର୍ଡ ଜଳାର୍ଣ୍ଣବ ହୋଇଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୪।୨୦୨୬

| | |
|---|---|
| ୪,୬୪,୨୧୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଭ୍ୟାନ୍ ଓଲଟି ଡ୍ରାଇଭର ଗୁରୁତର

ନିମାପଡ଼ା,୯।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ଗୋପ ରାସ୍ତାର ସର୍ବାପଡ଼ା ଦଳିତସାହି ଛକ ନିକଟରେ ଗୁରୁବାର ଅପରାହ୍ଣରେ ଏକ ହର୍ଲିକ୍ସ ବୋଝେଇ ପିକଅପ୍ ଭ୍ୟାନ (ନଂ. ଓଡି ୦୨ସିଏନ୍ ୬୧୨୪) ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ଚାଳକ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଭ୍ୟାନ୍ ହର୍ଲିକ୍ସ ପେଟି ବୋଝେଇ କରି କୋଣାର୍କରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଓଲଟିପଡ଼ିଥିବା ଭ୍ୟାନଟିକୁ ରାସ୍ତାକଡ଼ରୁ ଉଠାଇଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ଚାଳକ ନିମାପଡ଼ା ଥାନା ଅଞ୍ଚଳର ବୋଲି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜଣାପଡ଼ିଛି।

### ଘର ଝରକା ଭାଙ୍ଗି ଚୋରି

ନିମାପଡ଼ା,୯।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ନିକଟ ଗୋଲେଇ ଛକ ସିଦ୍ଧେଶ୍ୱର କଲ୍ୟାଣମଣ୍ଡପ ପାଖରେ ରହୁଥିବା ନାରାୟଣ ବେହେରାଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ନାରାୟଣଙ୍କ ପରିବାରବର୍ଗ ରାତିରେ ଖାଇପିଇ ଶୋଇଥିବା ବେଳେ ତାଙ୍କ ପଛପଟ ଘରର ଝରକା ଭାଙ୍ଗି କେହି ଦୁର୍ବୃତ୍ତ ଘରେ ପଶି ତାଙ୍କ ବୋହୂ ଓ ନାତୁଣୀ ଶୋଇଥିବା ଘରକୁ ବାହାରପଟୁ ତାଲା ପକାଇ ନଗଦ ୫୦ହଜାର ଟଙ୍କା ଓ ଏକ ଦାମିକା ଏଲ୍‌ଇଡି ଟିଭି ଚୋରି କରିନେଇଛନ୍ତି। ଏ ସମ୍ପର୍କରେ ନାରାୟଣ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ.୧୦୦/୨୬) ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ନିମାପଡ଼ା ଅଞ୍ଚଳରେ ଚୋରି, ଲୁଟ୍ ଘଟଣା ବଢ଼ୁଛି ବୋଲି ଅଞ୍ଚଳବାସୀ କହିବା ସହ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରାଯିବାକୁ ଦାବି କରିଛନ୍ତି।

### ଓଡ଼ିଆ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଚାରିଛକ,୯।୪(ଶିଶିର କୁମାର ସ୍ୱାଇଁ)

ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ନେତା ସମୀର ରଞ୍ଜନ ଦାଶ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ବରିଷ୍ଠ ନେତୃତ୍ୱ ଅଶୋକ କୁମାର ସାହୁ ଏବଂ ପ୍ରତି ପଞ୍ଚାୟତରୁ ଆସିଥିବା ନିର୍ବାଚିତ ପ୍ରତିନିଧି ଓ ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୪ ତାରିଖରେ ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ନିମାପଡ଼ା ନୂଆବସ୍‌ଷ୍ଟାଣ୍ଡଠାରୁ ବାହାରି ଚାରିଛକଠାରେ ପହଞ୍ଚିବ। ସେହିପରି ଗୋପଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଚାରିଛକଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପାଞ୍ଚହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ବୈଠକରେ ସ୍ଥିର ହୋଇଛି।

### ମରାମତି ହେଉନି ନୟାହାଟ-ନିଭରଣ ରାସ୍ତା

ଯୋଗେଶ୍ୱରପୁର,୯।୪(ରଶ୍ମିରଞ୍ଜନ ସାହୁ)

ଅସରାଏ ବର୍ଷାରେ ନୟାହାଟ-ନିଭରଣ ରାସ୍ତାର ହାଡ଼ିବନ୍ଧୁ କଲ୍ୟାଣମଣ୍ଡପ ସମ୍ମୁଖରେ ପାଣି ଜମିରହୁଛି। ଏହି ରାସ୍ତା ଉପରେ ଧୂମାଳ, ନିଭରଣ ପଞ୍ଚାୟତ ଓ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଲୋକେ ନିର୍ଭର କରନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘର ନିଭରଣ ହୋଇଥିବାବେଳେ ସେ ମଧ୍ୟ ବିଭିନ୍ନ ସମୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିବା ଦ୍ୱାରା ରାସ୍ତା ନଷ୍ଟ ହେଉଛି। ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଲୋକେ ପାଣିରେ ପଶି ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ


କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ସ୍ୱାଗତ କରାଯାଉଛି ।

ସାକ୍ଷୀଗୋପାଳ,୯।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

### ଶୈକ୍ଷିକ ଭିତ୍ତିଭୂମି ସୁଦୃଢ଼ କରାଯିବ: ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ

ଓଡ଼ିଆ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଦାୟିତ୍ୱ ନେଇଛନ୍ତି। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଭିତ୍ତିଭୂମି ସୁଦୃଢ ନିମନ୍ତେ ନୂତନ ବିଭାଗ ଖୋଲିବା, ଗବେଷଣା କାର୍ଯ୍ୟ ଓ ବିଇଡି ପାଠ୍ୟକ୍ରମ ପ୍ରଚଳନ, ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦ ପୂରଣ କରାଯିବା ନେଇ ସେ ପଦକ୍ଷେପ ନେବେ ବୋଲି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରାକ୍ତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଶୈକ୍ଷିକ ବିଭାଗ ଡିନ୍ ଡ. ଲିପିକା ନାୟକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଛାତ୍ରମଙ୍ଗଳ ଅଧିକାରୀ ଡ. ସଙ୍ଗୀତା ଜେନାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀଗଣ ଉପସ୍ଥିତ ଥିଲେ। ପରେ ବିଶ୍ୱବିଦ୍ୟାଳୟ ସଭାକକ୍ଷରେ ପରିଚୟ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଧ୍ୟପିକା ଅଧ୍ୟାପକ, କର୍ମଚାରୀ ତଥା ଶୁଭେଚ୍ଛୁଗଣ ସାମିଲ୍ ହୋଇଥିଲେ। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଫୋନ୍ ଯୋଗେ ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ବିଶ୍ୱବିଦ୍ୟାଳୟରେ ପହଞ୍ଚି ନୂତନ କୁଳପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସରକାର ପ୍ରଫେସର ଆଚାର୍ଯ୍ୟଙ୍କୁ ୩ବର୍ଷ ନିମନ୍ତେ ଏହି ନିଯୁକ୍ତି ଦେଇଛନ୍ତି। ପ୍ରକାଶଥାଉକି, ପ୍ରଫେସର ଆଚାର୍ଯ୍ୟ ନୟାଗଡ଼ ଜିଲାର ମୂଳ ବାସିନ୍ଦା ହୋଇଥିବାବେଳେ ପୁରୀ ଜିଲାରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ପୂର୍ବରୁ ସେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଏବଂ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଗାଁରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ, ଲୋକେ ହଇରାଣ

ଅସ୍ତରଙ୍ଗ,୯।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଅଞ୍ଚଳରେ ଗୁରୁବାର ଅପରାହ୍ଣରେ ମୂଷଳ ଧାରାରେ ବର୍ଷା ହୋଇଛି। ଏହି ବ୍ଲକ ଅଧୀନ ଝାଡ଼ଲିଙ୍ଗ ପଞ୍ଚାୟତର ୩ନଂ ୱାର୍ଡ ଜଳାର୍ଣ୍ଣବ ହୋଇଯାଇଛି। ବର୍ଷା ଛାଡ଼ିବା ପରେ ବି ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଲୋକେ ବର୍ଷାଜଳରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଝାଡ଼ଲିଙ୍ଗ ନିକଟରେ ନଦୀବନ୍ଧ ପାର୍ଶ୍ୱରେ ଏକ ସେତୁ ନିର୍ମାଣ ହେବାରୁ ଗାଁର ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁନାହିଁ। ଫଳରେ ବର୍ଷାଜଳ ଜମିରହିବା ସହ ଅନେକ ଲୋକଙ୍କ ଘରେ ପାଣି ପଶିଛି। ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଆଗାମୀ ବର୍ଷାଋତୁରେ ଏଠାରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ପ୍ରଭାତୀ ବାରିକ କହିଛନ୍ତି, ସମସ୍ୟା ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ଜଣାଇଥିଲୁ, କିନ୍ତୁ କିଛି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ ଅଭିଯୋଗ ସଂକ୍ରାନ୍ତରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମା’ ବିଶ୍ୱେଶ୍ୱରୀଙ୍କ ଝାମୁଯାତ୍ରା

ଯୋଗେଶ୍ୱରପୁର,୯।୪(ରଶ୍ମିରଞ୍ଜନ ସାହୁ)

ନୟାହାଟରେ ଥିବା ମା’ ବିଶ୍ୱେଶ୍ୱରୀଙ୍କ ଝାମୁ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ଗାଦି ଦୋଳ ବାରିହାଟ ମେଳଣ ପଡ଼ିଆରେ ଭୋଗ ଖାଇସାରିବା ପରେ ଘଣ୍ଟ ପାଟୁଆମାନେ ପ୍ରାଚୀ ନଦୀରୁ ଘଣ୍ଟତୋଳା ତୁଠରୁ ପାଣି ଆଣି ଖାଲି ପାଦରେ ଚାଲି ଚାଲି ଆସି ମା’ଙ୍କ ନିକଟରେ ପହଞ୍ଚିଥିଲେ। ପାଟୁଆ ନିଆଁରେ ଚାଲିଥିଲେ। ଏହାକୁ ଦେଖିବା ପାଇଁ ଜନସମାଗମ ହୋଇଥିଲା। ବିଚିତ୍ରାନନ୍ଦ ପାତ୍ର, ବିପିନ ରାୟ, କୈଳାସ ରାଉତ, ବାବୁ ମିଶ୍ର ପ୍ରମୁଖଙ୍କ ଉଦ୍ୟମରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ମା’ଙ୍କ ନିକଟରେ ପଣା ଓ ଭୋଗ କରିଥିଲେ।



# ଦୁର୍ଘଟଣା ଘଟାଇ ଖସିଯାଉଥିବା ଆମ୍ବୁଲାନ୍ସ ଜବତ

ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ)

### ଚାଳକ ଫେରାର

ଦୁର୍ଘଟଣା ଘଟାଇ ପଳାଇଯାଉଥିବା ଏକ ଆମ୍ବୁଲାନ୍ସର ଚକା ଫାଟିବା ପରେ ଗୁରୁବାର ଗୋପ-ବାଲିଘାଇ ରାସ୍ତାର ଗଣେଶ୍ୱରପୁର ବଜାର ନିକଟରୁ ଗାଡ଼ିଟିକୁ ପୋଲିସ ଜବତ କରିଛି। ତେବେ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଏ ନେଇ ଉତ୍ତ୍ୟକ୍ତ ଲୋକେ ଫୋନ୍ କରି ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଅଭିଯୋଗ ଜଣାଇଛନ୍ତି। ଆମ୍ବୁଲାନ୍ସଟି କେଉଁ ପରିସ୍ଥିତିରେ ଓ କେଉଁଠି ଦୁର୍ଘଟଣା ଘଟାଇଛି ତାହା ଜଣାପଡ଼ିନାହିଁ ବୋଲି ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ (ଓଡି ୩୩ ଆର୍ - ୩୧୩୦) ଅପରାହ୍ଣରେ କୌଣସି ସ୍ଥାନରୁ ମୃତଦେହ ଆଣି ସତ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲା। ସେଠାରୁ ରାତ୍ର ସାଢ଼େ ୮ଟାରେ ଗୋପ-ବାଲିଘାଇ ରାସ୍ତାରେ ଜଗତସିଂହପୁରକୁ ଫେରିବା ସମୟରେ ଏକ ସ୍ଥାନରେ ଦୁର୍ଘଟଣା ଘଟାଇ ପଳାଇ ଯିବାରୁ କେତେଜଣ ଯୁବକ ଏହି ଆମ୍ବୁଲାନ୍ସକୁ ଗୋଡ଼ାଇଥିଲେ। ଦ୍ରୁତଗତିରେ ଆମ୍ବୁଲାନ୍ସଟି ପଳାଇ ଯାଉଥିବାବେଳେ ଗଣେଶ୍ୱରପୁର ନିକଟରେ ଗାଡ଼ିର ଆଗପଟ ଡାହାଣ ଚକା ଫାଟିଯାଇଥିଲା। ଆମ୍ବୁଲାନ୍ସ ଚାଳକ ଭୟରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସମ୍ପୃକ୍ତ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଖୋଜି ପାଇ ନ ଥିଲେ। ପରେ ଜିଲା ପୋଲିସର କଣ୍ଟ୍ରୋଲ ରୁମ୍ ଓ ଗୋପ ଥାନାକୁ ଏ ସମ୍ପର୍କରେ ସେମାନେ ଜଣାଇଥିଲେ। ଗୋପ ଥାନା ଏ ଏସ୍‌ଆଇ ମହନ୍ତ ବିଭୁପ୍ରସାଦ ଦାସ ଘଟଣାସ୍ଥଳକୁ ଯାଇ ଆମ୍ବୁଲାନ୍ସକୁ ଜବତ କରି ଥାନାକୁ ଆଣିଥିଲେ।




# ପୁରୀବାସୀଙ୍କୁ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

ପୁରୀ,୯।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଆୟୋଜିତ ସଚେତନତା ପଦଯାତ୍ରା ଗୁରୁବାର ନବମ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଇଡିଭୁଆ ପୂର୍ବତନ ସରପଞ୍ଚ ଦାମୋଦର ନାୟକ, ସଞ୍ଜୟ କୁମାର ପ୍ରଧାନ, ବିଦ୍ୟୁତଲତା ଆଚାର୍ଯ୍ୟ, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ରଥ, ବନିତା ଦୀକ୍ଷିତ, କାଳନ୍ଦୀ ଚରଣ ବେହେରା, ରାମକୃଷ୍ଣ ମହାନ୍ତି, ସୁରେଶ ଚନ୍ଦ୍ର ମିଶ୍ର, ରାଜା ମହାନ୍ତି, ଦେବୀପ୍ରସାଦ ମିଶ୍ର, ଅରୁଣା ପଟ୍ଟନାୟକ, ମାନସ ପଟ୍ଟନାୟକ, କ୍ଷୀରୋଦ ଦାଶ, ରାମଚନ୍ଦ୍ର ମହାନ୍ତି ଓ କେଦାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆବାହକ ସ୍ୱାଧୀନ ପଣ୍ଡା ପଦଯାତ୍ରା ସଂଯୋଜନା କରିଥିଲେ। ସେହିପରି ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ଏହି ଦାବି ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି।


ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ ସାଧାରଣ ସଭା ।

# ମା’ ଯାଗେଶ୍ୱରୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ସାକ୍ଷୀଗୋପାଳ,୯।୪ (ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଜୟପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେନାପତି ସାହି, କମାରସାହି ଏବଂ ମଠସାହିରେ ମା’ ଯାଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଚାଲିଥିବା ଚାରିଦିନ ବ୍ୟାପୀ ଯଜ୍ଞ ଉତ୍ସବ ଗୁରୁବାର ଶେଷ ହୋଇଛି। ବିଗ୍ରହ ପ୍ରତିଷ୍ଠା ପରେ ଏକ ସୁସଜ୍ଜିତ ରଥରେ ଦେବୀ ପ୍ରତିମାଙ୍କୁ ବିଜେ କରାଯାଇଥିଲା। ଫୁଲମାଳ, ଟାହିଆ ଲାଗି କରାଯିବା ସହ ରଥ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଛତି ତ୍ରାସ, ବୈରାଖ, ଘଣ୍ଟ ମର୍ଦ୍ଦଳ, ହରିରାମ ସଂକୀର୍ତ୍ତନ, ନାଗା ନୃତ୍ୟ, ମେଢ ନୃତ୍ୟ ସହ ଗ୍ରାମର ମହିଳା ପୁରୁଷ ସାମିଲ ହୋଇଥିଲେ। ଶୋଭାଯାତ୍ରା ସେନାପତି ସାହି, କମାର ସାହି, ମଠସାହି ଓ ସାକ୍ଷୀଗୋପାଳ ମନ୍ଦିର ପରିକ୍ରମା କରିବା ପରେ ଦେବୀ ପ୍ରତିମାଙ୍କୁ ମନ୍ଦିର ପ୍ରବେଶ ଓ ସିଂହାସନକୁ ବିଜେ କରାଯାଇଥିଲା। କର୍ତ୍ତାକର୍ତ୍ତ୍ରୀ ଭାବେ କୃପାସିନ୍ଧୁ ଜେନା ଓ ଗହଳି ଜେନା ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପୁରୋଧା ଭାବେ ପଣ୍ଡିତ ପଦ୍ମନାଭ ଷଡ଼ଙ୍ଗୀ, ପଣ୍ଡିତ ରବିନାରାୟଣ ମହାପାତ୍ର, ଆଚାର୍ଯ୍ୟ ନାରାୟଣ ନନ୍ଦ, ପଣ୍ଡିତ ବସନ୍ତ କୁମାର ମହାପାତ୍ର, ପଣ୍ଡିତ ଶିବାଶିଷ ମହାପାତ୍ର, ପଣ୍ଡିତ ମନୋଜ ପାଣିଗ୍ରାହୀ, ପଣ୍ଡିତ ରଶ୍ମିରଞ୍ଜନ ମିଶ୍ର ପୂର୍ଣ୍ଣାହୁତି, ଆଳତି, ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପବେଇ ସେନାପତି, ରବି ପ୍ରଧାନ, କେଦାର ସେନାପତି, ରାଜକିଶୋର ସେନାପତି, କାହ୍ନୁ ସେନାପତି, ଲବକିଶୋର ଦଳାଇ, ସୌରଭ ପଟ୍ଟନାୟକ, ଜୟକୃଷ୍ଣ ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ହାଡ଼ିବନ୍ଧୁ ପ୍ରଧାନ, ନବକିଶୋର ସେନାପତି, ସଞ୍ଜୟ ପାତ୍ର, ପପୁ ମହାରଣା ଏବଂ ଦୀପୁ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# କ୍ଷେତ୍ରାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ସାକ୍ଷୀଗୋପାଳ,୯।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

- ପର ଘରେ କାମ କରି ଔଷଧ କିଣୁଛନ୍ତି ସ୍ତ୍ରୀ
- ଦି’ ଓଳି ଦି’ ମୁଠା ଆହାର ପାଉନାହାନ୍ତି ୩ ପିଲା



ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତ ଅଧୀନ ଦିହୁଡ଼ିସାହିର କ୍ଷେତ୍ରା ପ୍ରଧାନ (୪୨) କିଡ୍‌ନୀ ରୋଗରେ ପୀଡ଼ିତ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ପ୍ରାୟ ଦୁଇବର୍ଷରୁ ଅଧିକ ସମୟ ଧରି ସେ ଅସୁସ୍ଥ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ପ୍ରତି ମାସରେ ତାଙ୍କର ଔଷଧ ବାବଦକୁ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସ୍ୱାମୀଙ୍କୁ ସୁସ୍ଥ କରିବା ପାଇଁ ସ୍ତ୍ରୀ ସନ୍ତୋଷୀ ଦିନରାତି ଏକ କରିଦେଇଛନ୍ତି। ଏପରିକି ସେ ପରଘରେ କାମ କରିବାକୁ ବାଧ ହେଉଛନ୍ତି। କ୍ଷେତ୍ରା ଆଗରୁ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଆଉ କାମକୁ ଯାଇପାରୁନାହାନ୍ତି। ଫଳରେ ଘର ଚଳାଇବା କଷ୍ଟକର ହେବା ସହ ବଡ଼ଝିଅ ଶୁଭଶ୍ରୀ (୧୪), ସାନ ଝିଅ ଲିଜା (୧୨) ଏବଂ ପୁଅ ସୋମନାଥ (୮)ଙ୍କ ପାଠପଢା ବନ୍ଦ ହେବାକୁ ବସିଲାଣି। ଶୁଭଶ୍ରୀ ନବମ, ଲିଜା ଷଷ୍ଠ ଓ ସୋମନାଥ ତୃତୀୟ ଶ୍ରେଣୀରେ ପଢନ୍ତି। ସନ୍ତୋଷୀ ଅନ୍ୟ ଘରେ କାମ କରି ଯାହା କିଛି ଅର୍ଥ ଉପାର୍ଜନ କରୁଛନ୍ତି, ତାହା ସ୍ୱାମୀଙ୍କ ମାସିକ ଔଷଧ ଖର୍ଚ୍ଚ ବାବଦକୁ ନିଅଣ୍ଟ ହେଉଛି, ତେଣୁ ଘର ଓ ପିଲାଙ୍କ କଥା କିଭଳି ବୁଝିବି ବୋଲି ସନ୍ତୋଷୀ ଅସହାୟତାର ସହ କହିଛନ୍ତି। ଶୁଭଶ୍ରୀ ବାପା ଓ ସାନ ଭଉଣୀ ଭାଇଙ୍କ ଦେଖାଶୁଣା କରୁଛନ୍ତି। ପ୍ରଶାସନ ଓ ସହୃଦୟ ବ୍ୟକ୍ତିଙ୍କ ସହଯୋଗ ମିଳିଲେ ବାପା ଭଲ ହୋଇଯିବେ ବୋଲି ଶୁଭଶ୍ରୀ ପ୍ରକାଶ କରିଛନ୍ତି। ପୁରୀ ଜିଲାରେ ଅନେକ ସାମାଜିକ ସଙ୍ଗଠନ ରହିଥିଲେ ମଧ୍ୟ କେହି କ୍ଷେତ୍ରାଙ୍କ ପ୍ରତି ସହଯୋଗର ହାତ ବଢାଉ ନ ଥିବାରୁ ସେମାନଙ୍କ ଦାୟିତ୍ୱ ଓ କାର୍ଯ୍ୟ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସରକାର ଚିକିତ୍ସା ଖର୍ଚ୍ଚ ବହନ କଲେ କିମ୍ବା ସହାୟତା କଲେ ଏହି ପରିବାର ପୁଣି ହସିଉଠନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସୁଶିଲ କୁମାର ସାହୁ କହିଛନ୍ତି। କ୍ଷେତ୍ରାଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ଏସ୍‌ବିଆଇ ଆକାଉଣ୍ଟ ନମ୍ବର ୩୩୭୫୫୦୯୬୩୭୯, ଆଇଏଫ୍‌ଏସ୍‌ସି କୋଡ୍ ଏସ୍‌ବିଆଇଏନ୍ ୦୦୦୨୧୮ ଏବଂ ଫୋନ ପେ ନମ୍ବର ୬୩୭୨୪୫୪୭୫୬ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।


ପ୍ରବଳ ବର୍ଷା ଯୋଗୁ ନିମାପଡା ଗଣେଶ ଟକିଜ୍ ରାସ୍ତାରେ ପାଣି ଜମିରହିଛି ।


ନିମାପଡା ଥାନା ସମ୍ମୁଖ ଗୋଧନ ବାହୁଡା ପଡିଆ ଜଳାର୍ଣ୍ଣବ ହୋଇପଡିଛି । (ଫଟୋ- ବିଚିତ୍ରାନନ୍ଦ ସାହୁ)

## ବିଏମ୍‌ସି କାର୍ଯ୍ୟାଳୟ ଘେରିବେ ସହରବାସୀ

# ୟୁଜର ଫିଁ'କୁ ବିରୋଧ ତେଜିଲା



ଭୁବନେଶ୍ୱର, ୯।୪(ବନ୍ଦନା ସେଠୀ)- ଅଳିଆ ଉଠାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରବାସୀଙ୍କଠାରୁ ବେଆଇନ ଭାବେ ୟୁଜର ଫିଁ' ଆଦାୟ କରୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ତୁରନ୍ତ ଏହାକୁ ବନ୍ଦ କରିବାକୁ ଦାବି କରାଯାଇଛି। ୭ଦିନ ଭିତରେ ୟୁଜର ଫିଁ' ଆଦାୟ ବନ୍ଦ ନ ହେଲେ ୧୦ ହଜାର ଭୁବନେଶ୍ୱରିଆଙ୍କୁ ନେଇ ବିଏମ୍‌ସି ଘେରିବା ସହ ଆନ୍ଦୋଳନ କରାଯିବ ବୋଲି ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ଜନ ଜାଗରଣ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ କେହି ୟୁଜର ଫିଁ' ନ ଦେବାକୁ ସହରବାସୀଙ୍କୁ ଆହ୍ୱାନ ଦିଆଯାଇଛି।

ୟୁଜର ଫିଁ' ବିରୋଧରେ ଗୁରୁବାର ବୁଦ୍ଧ ମନ୍ଦିରଠାରେ ବିଭିନ୍ନ ପାର୍ଟିର ନେତୃବୃନ୍ଦ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଳିତ ବୈଠକ ବସି ଏନେଇ ଆଲୋଚନା ହୋଇଥିଲା। ହାଇକୋର୍ଟ ୪ବର୍ଷ ପୂର୍ବରୁ ଏହି ବେଆଇନ ଆଦାୟ ଉପରେ ରହିତାଦେଶ ଜାରି କରିଛନ୍ତି। ଏନେଇ ହାଇକୋର୍ଟ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗକୁ ସ୍ପଷ୍ଟୀକରଣ ମାଗିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହାଇକୋର୍ଟରେ ଏ ସଂକ୍ରାନ୍ତ ଆଫିଡିଭିଟ୍ ଦିଆଯାଇ ନାହିଁ। ଏହାସତ୍ତ୍ୱେ ବିଏମ୍‌ସି ବେଆଇନ ଭାବେ ୟୁଜର୍ସ ଫିଁ' ଆଦାୟ କରି ଚାଲିଛି। ତେଣୁ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରୁ ନ ଥିବାରୁ ଅଦାଲତ ଅବମାନନା ପାଇଁ ବିଏମ୍‌ସି ବିରୋଧରେ ଆଇନଗତ ଲଢେଇ ହେବ। ଏଥିସହ ଏକ ପ୍ରତିନିଧି ମଣ୍ଡଳୀ ମେୟର ଓ କମିଶନରଙ୍କୁ ଭେଟି ୟୁଜର ଫିଁ' ଆଦାୟର ଆଇନଗତ ବୈଧତା ଓ ଯୁକ୍ତିଯୁକ୍ତତା ନେଇ ଆଲୋଚନା କରିବ ବୋଲି ସୂଚନା ଦିଆଯାଇଛି।

ବିଏମ୍‌ସି ହୋଲ୍ଡିଂ ଟିକସ ଆଦାୟ କରୁଥିବାବେଳେ ଏଥିରେ ଡ୍ରେନ, ଅଳିଆ ସଫା ଓ ପରିମଳ ସେବା ଯୋଗାଇବା ବାଧ୍ୟତାମୂଳକ। ପୁଣି କେଉଁ ଆଧାରରେ ବିଏମ୍‌ସି ଏବାବଦକୁ ୟୁଜର ଫି ଆଦାୟ କରୁଛି ବୋଲି ପ୍ରଶ୍ନ କରାଯାଇଛି। ସେହିପରି ଅଳିଆକୁ ପ୍ରକ୍ରିୟାକରଣ କରି ବିଏମ୍‌ସି ଜୈବିକ ଖତ, ଧୂପକାଠି ପାଇଁ କାଠ ଓ ପତ୍ର ଗୁଣ୍ଡ, ପ୍ଲାଷ୍ଟିକ ଗୁଣ୍ଡ, କାଗଜ ପେଡ଼ି ଆଦି ଉପକରଣ ବିକ୍ରି କରି କୋଟି କୋଟି ଟଙ୍କା ରାଜସ୍ୱ ପାଉଛି। ଅଳିଆ ଆବର୍ଜନାରୁ ଗ୍ୟାସ୍ ଉତ୍ପାଦନ ପାଇଁ ଓଏନ୍‌ଜିସି ସହ ଏମ୍‌ଓୟୁ ମଧ୍ୟ କରିଛି। ତେଣୁ ଆବର୍ଜନା ପ୍ରକ୍ରିୟାକରଣ ପାଇଁ ଖର୍ଚ୍ଚ ଦେଖାଇ ବିଏମ୍‌ସି କର୍ତ୍ତୃପକ୍ଷ ୟୁଜର ଫିଁ' ଆଦାୟ କରିବା ନିହାତି ଲଜ୍ଜାଜନକ ବିଷୟ ବୋଲି କୁହାଯାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜନ ଜାଗରଣ ଅନୁଷ୍ଠାନର ମୁଖ୍ୟ ବିଜୟ ପଟ୍ଟନାୟକ ବୈଠକକୁ ପରିଚାଳନା କରି ଏହି ସମସ୍ୟା ଉପରେ ସମସ୍ତେ ପ୍ରତିବାଦ ପାଇଁ ଅପିଲ କରିଥିଲେ। ସେହିପରି ପୂର୍ବରୁ ସହରରେ କେଉଁ ଗ୍ରାଣ୍ଟରେ ସଫେଇ ହେଉଥିଲା ଏବେ ସେହି ଗ୍ରାଣ୍ଟ ପଇସା କେଉଁଠି ଖର୍ଚ୍ଚ ହେଉଛି ତାହାର ତଥ୍ୟ ମଗାଯିବା ଦରକାର ବୋଲି ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ମତ ରଖିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ବିନାୟକ ରଥ, ଭାଜପା ଓବିସି ସମ୍ପାଦକ ଜଗଦିଶ ପ୍ରଧାନ, ପୂର୍ବତନ କରପୋରେଟର ରାଜେନ୍ଦ୍ର ସମର୍ଥା, ପୂର୍ବତନ କର୍ପୋରେଟର ମୋହନ ହେମ୍ବ୍ରମ, କୃଷ୍ଣ ସେଠୀ, ବିଜେଡି ନେତା ଦୁର୍ଗା ସାମନ୍ତରାୟ, ଆମ ଆଦମୀ ପାର୍ଟି ସମ୍ପାଦକ ସନ୍ଦୀପ୍ତ ଦାସ, ସିପିଆଇ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ ପ୍ରମୁଖ ଯୋଗଦେଇ ୟୁଜର ଫିଁ'କୁ ଦୃଢ଼ ବିରୋଧ କରିଥିଲେ।

### ସରକାରୀ ନିୟମ ଅନୁଯାୟୀ ୟୁଜର ଫିଁ' ଆଦାୟ ହେଉଛି: ମେୟର

ସହରବାସୀଙ୍କଠାରୁ ସରକାରୀ ନିୟମ ଅନୁଯାୟୀ ୟୁଜର ଫିଁ' ଆଦାୟ କରାଯାଉଥିବା ମେୟର ସୁଲୋଚନା ଦାସ କହିଛନ୍ତି। ପୂର୍ବରୁ କେବଳ ଆବର୍ଜନା ସଂଗ୍ରହ କରାଯାଇ ଗଦା କରାଯାଉଥିଲା। ମାତ୍ର ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ଏବେ ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଉଛି। ଫଳରେ ବିଏମ୍‌ସିର ପରିମଳ ସମ୍ପର୍କିତ ଖର୍ଚ୍ଚ ବଢ଼ି ଚାଲିଛି। ସେହିପରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ଲୋକଙ୍କଠାରୁ ମିନିମାଲ୍ ଅର୍ଥ ଆବଶ୍ୟକ କରୁଛି। ତେଣୁ ସହରବାସୀ ଏହାକୁ ପ୍ରତିବାଦ ନ କରି ସହଯୋଗ କରିବା ଦରକାର। କମିଶନର ଚଞ୍ଚଳ ରାଣା କହିଛନ୍ତି, ଭାରତ ସରକାରଙ୍କ ୨୦୧୬ ମସିହା କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଆଧାରରେ ଉତ୍ପନ୍ନକାରୀଙ୍କଠାରୁ ୟୁଜର ଫିଁ ସଂଗ୍ରହ କରିବାର ପ୍ରାବଧାନ ରହିଛି। ଏହି ଆଧାରରେ ୨୦୧୮ରେ ବିଏମ୍‌ସି ବାଇ ଲ' ପ୍ରସ୍ତୁତ କରିଥିଲା, ଯାହା ୨୦୧୯ ଅକ୍ଟୋବର ୧୮ରେ ଗେଜେଟ୍ ନୋଟିଫିକେସନ ସଂଖ୍ୟା ୨୮୪୯ ଭାବେ ପ୍ରକାଶିତ ହୋଇଥିଲା। ସେହି ଅନୁଯାୟୀ ବିଏମ୍‌ସି ୟୁଜର ଫିଁ' ସଂଗ୍ରହ କରୁଛି। ଏ ବାବଦରେ କୌଣସି ପ୍ରକାର ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି କମିଶନର କହିଛନ୍ତି।

## କଥାଶିଳ୍ପୀ ସଦାନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୯।୪(ସୌମ୍ୟରଞ୍ଜନ ରାଉତ) ଓଡ଼ିଆ ସାହିତ୍ୟର କଥାଶିଳ୍ପୀ ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ଗୌରହରି ଦାସ, ଗାଳ୍ପିକ ଅରବିନ୍ଦ ରାୟ, ଡ. ଅଜୟ ସ୍ୱାଇଁ, କଥାକାର ସହଦେବ ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ ସମେତ ବହୁ ସଦାନନ୍ଦପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଦାନନ୍ଦଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଟ୍ରଷ୍ଟ ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ଡ. ଅରବିନ୍ଦ ରାୟ, ବନୋଜ ତ୍ରିପାଠୀ ଏବଂ ମୌସୁମୀ ଦାସ ପରିଚାଳନା କରିଥିଲେ।

## ଟିପିସିଓଡିଏଲ୍ ପକ୍ଷରୁ 'ଆସ ବହିଟିଏ କିଣିବା ଅଭିଯାନ'



ଭୁବନେଶ୍ୱର,୯।୪(ଅନୁରାଧା ମହାରଣା) ଓଡ଼ିଆ ପକ୍ଷ ପାଳନ ଅବସରରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁରୁବାର 'ଆସ ବହିଟିଏ କିଣିବା ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଏକ ଅଂଶ ଭାବରେ ଟିପିସିଓଡିଏଲ୍ ଆମ ଓଡ଼ିଶା ସହଯୋଗରେ ଭୁବନେଶ୍ୱରସ୍ଥିତ ଏହାର ଅତ୍ୟାଧୁନିକ ପାୱାର ଡିଷ୍ଟ୍ରିବ୍ୟୁଶନ ଟେକ୍ନୋଲୋଜି ସେଣ୍ଟରଠାରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରିଥିଲା। କର୍ମଚାରୀଙ୍କୁ ଓଡ଼ିଶାର ସାହିତ୍ୟ ଐତିହ୍ୟ ସହ ପୁଣି ଥରେ ଯୋଡ଼ିବା ପାଇଁ ଏହି ଷ୍ଟଲରେ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ, ଓଡ଼ିଶାର ଇତିହାସ ଏବଂ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ଓଡ଼ିଆ ପୁସ୍ତକ ସ୍ଥାନ ପାଇଥିଲା। ଟିପିସିଓଡିଏଲ୍ ପକ୍ଷରୁ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସହ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି। ଇତିମଧ୍ୟରେ ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ପରିଧାନ ଦିବସ ଏବଂ ଓଡ଼ିଆ ନାମଫଳକ ଦିବସ ଭଳି ବିଷୟଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। ଟିପିସିଓଡିଏଲ୍‌ର ସିଓଓ ଦୁଷ୍ୟନ୍ତ ତ୍ୟାଗୀଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ଟିପିସିଓଡିଏଲ୍‌ରେ ଓଡ଼ିଶାର ଜୀବନ୍ତ ସଂସ୍କୃତି ଏବଂ ସାହିତ୍ୟ ଐତିହ୍ୟ ପାଳନ କରି ଗର୍ବିତ।

## ୪ବର୍ଷର ହିସାବ ରଖିଲା ବିଏମ୍‌ସି

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ) ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ଏବଂ ତାଙ୍କ କର୍ପୋରେଟଙ୍କ କର୍ପୋରେଶନକୁ ଗୁରୁବାର ୪ବର୍ଷ ପୂରିଛି। ଏହି ଅବସରରେ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତ ୪ବର୍ଷ ମଧ୍ୟରେ ବିଏମ୍‌ସି ପକ୍ଷରୁ ସହରର ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ଇତିମଧ୍ୟରେ ଜାଗା ମିଶନ୍ ଅନ୍ତର୍ଗତ ୬୦ହଜାର ଏଲ୍‌ଆର୍‌ସି ସରକାରଙ୍କ ଦ୍ୱାରା ଆପ୍ରୁଭ୍ ହୋଇଥିବାବେଳେ ସେଥିରୁ ୩୩ହଜାର ଏଲଆର୍‌ସିକୁ ବଣ୍ଟନ କରାଯାଇଛି। ୯ଟି ଭେଣ୍ଡିଂ ଜୋନ୍ ଯୋଜନାରେ ୩୧୭ଜଣ ବ୍ୟବସାୟୀଙ୍କୁ ଓ ୪୫ଟି ସ୍ଥାନରେ ୫୦୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଥଇଥାନ କରାଯାଇଛି। ଗଣ୍ଡମୁଣ୍ଡା ହାଟର ପୁନରୁଦ୍ଧାର କରାଯାଇଥିବାବେଳେ ବିଭିନ୍ନ ହାଟର ନବୀକରଣ ପାଇଁ ଯୋଜନା କରାଯାଇଛି। ଗତ ୨ବର୍ଷରେ ୧୫ଟି ମିଆୱାକି ଜଙ୍ଗଲ ସୃଷ୍ଟି କରାଯାଇ ସେଥିରେ ୧ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଭୂତଳ ଜଳ ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ କରାଯାଇଛି। ବିଏମ୍‌ସି ଅଞ୍ଚଳରେ ଥିବା ୨୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୮ଟି ୱେଲନେସ ସେଣ୍ଟର 'କାୟାକଳ୍ପ ସମ୍ମାନ' ପାଇଛି। ସେହିପରି ରାସ୍ତା, ଶୌଚାଳୟ, ପାନୀୟ ଜଳ, ସୋଲାର ଲାଇଟ୍ ଏବଂ ମଳ ଜଳ ପରିଚାଳନା ଆଦିର ହିସାବ ଦିଆଯିବା ସହ ଇଏସ୍‌ସି ଏଫ୍ ସିସିଆଇ ଆୱାର୍ଡ, ବେଷ୍ଟ ସ୍ମାର୍ଟସିଟି ଅୱାର୍ଡ ଏବଂ ଗାର୍ବେଜ୍ ଫ୍ରି ସିଟି ପାଇଁ ଥ୍ରୀ-ଷ୍ଟାର ରେଟିଂ ଓ ୱେଷ୍ଟ-ଟୁ-ଏନର୍ଜିଆଣ୍ଡ ସିଏନ୍‌ଜି, ସି ଆଣ୍ଡ ଡି ୱେଷ୍ଟରୁ ପେଭର ବ୍ଲକ୍ ନିର୍ମାଣ ଆଦିର ତଥ୍ୟ ରଖିଛନ୍ତି ମେୟର।

ଅପରପକ୍ଷେ ୪ବର୍ଷ ମଧ୍ୟରେ ବିଏମ୍‌ସିକୁ ଅନେକ ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହେବାକୁ ପଡିଥିବା ମେୟର କହିଛନ୍ତି। ସହରରେ ମୋଟ୍ ୬୭ଟି ୱାର୍ଡ ପାଇଁ ୱାର୍ଡ ଅଫିସ ନିର୍ମାଣ ହେବାକୁ ଥିବାବେଳେ ମାତ୍ର ୪୪ଟି ୱାର୍ଡ ଅଫିସ୍ ନିର୍ମାଣ ହୋଇ ପାରିଛି। ସ୍ଥାନ ଅଭାବରୁ ବାକି ୱାର୍ଡ ଅଫିସ୍ ନିର୍ମାଣ କାର୍ଯ୍ୟ ହୋଇପାରି ନାହିଁ। ସେହିପରି କିଛି ସରକାରୀ ଯୋଜନା ଆଗେଇ ପାରିନ ଥିବାରୁ ମଧ୍ୟ ମେୟର କ୍ଷୋଭ ପ୍ରକାଶ କରିଥିଲେ।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଅସ୍ମିତାର ପ୍ରତୀକ



ଅତିଥିମାନେ ଗବେଷକ ଡ. କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ' ପ୍ରଦାନ କରୁଛନ୍ତି।

**ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ**

■ଡ. କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ'

ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ) ନିଜ ମାତୃଭାଷାକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବାର ଉଚ୍ଚାଙ୍ଗ ସାଧକ ଥିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। କାବ୍ୟ ଓ ସଙ୍ଗୀତ ଦ୍ୱାରା ସେ ଚଷାଠାରୁ ଯୋଷା ପର୍ଯ୍ୟନ୍ତ ଓଡ଼ିଆ ଜନଜୀବନକୁ ଲୋକଲୋଚନକୁ ଆଣିଥିଲେ। ବାସ୍ତବରେ କବି ସମ୍ରାଟ ଓଡ଼ିଶାର ସାରସ୍ୱତ ଅସ୍ମିତାର ପ୍ରତୀକ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଗୁରୁବାର ଓଡିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜାପ୍ରସନ୍ନ ଶତପଥୀ ଯୋଗଦେଇ ଆଧୁନିକ ଓଡିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୀତିକାର ମୋତିଲାଲ ପତି, ଭଞ୍ଜଭାରତୀ ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ଭଞ୍ଜ ସାହିତ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭଞ୍ଜନଗରର ଭଞ୍ଜ ସାହିତ୍ୟ ଗବେଷକ ଡ. କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍କଳଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର



ସାରସ୍ୱତ ଆସରରେ ସଚିବାଳୟ ଲେଖକ ପରିଷଦର କର୍ମକର୍ତ୍ତାମାନେ।

ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ) ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ପୀୟୁଷ ରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ରଶ୍ମିତା ମହାନ୍ତ, କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଜୋଷୀ ଏବଂ ଜନ୍ମେଜୟ ପ୍ରଜାପତି ସ୍ୱରଚିତ କବିତା ପାଠ କରିଥିଲେ। ବିଜନବାଳା ପାଟଜୋଷୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଶ୍ମିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଟ୍ରୋ ପ୍ରକଳ୍ପ ନେଇ ଆଉଥରେ ସରକାର ଚିନ୍ତା କରନ୍ତୁ: ମେୟର

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ) ରାଜ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ ହୋଇ ଯାଇଥିବା ନେଇ ସରକାର କହିବା ପରେ ଏହାକୁ ନେଇ ବିଭିନ୍ନ ସ୍ତରରେ ରାଜନୀତି ଆରମ୍ଭ ହୋଇଛି। ଗୁରୁବାର ଅନୁଷ୍ଠିତ ବିଏମ୍‌ସି ବୈଠକରେ ମଧ୍ୟ ମେୟର ସୁଲୋଚନା ଦାସ ଏହି ପ୍ରସଙ୍ଗ ଉଠାଇ ପୁନର୍ବାର କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଜନସାଧାରଣ ମେଟ୍ରୋକୁ ଅପେକ୍ଷା କରି ରହିଛନ୍ତି। ମେଟ୍ରୋ ଚାଲିଲେ ପ୍ରଚୁର ଲୋକ ହେବେ। ମେଟ୍ରୋ ସହିତ ଲୋକଙ୍କ ଆଶା, ଭରସା ଯୋଡ଼ି ହୋଇ ରହିଛି। ଏହା ସମୃଦ୍ଧି ସହିତ ଅନେକ ଯୋଗାଯୋଗକୁ ବଢାଇବ ଏବଂ ରୋଜଗାର ମଧ୍ୟ ଦେବ। ତେଣୁ ଏନେଇ ସରକାର ଆଉଥରେ ଚିନ୍ତା କରନ୍ତୁ ବୋଲି ମେୟର କହିଛନ୍ତି।

## ଦିନକରେ କଟିଲା ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆଧାରକାର୍ଡ

କଟକ ସଦର,୯।୪(ସୁଶାନ୍ତ କୁମାର ଜେନା) କଟକ ସଦର ବ୍ଲକ ଅଞ୍ଚଳର ୨୩ଟି ପଞ୍ଚାୟତରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆଧାର କଟିଯାଇଛି। ଫଳରେ ସେମାନେ ବ୍ୟାଙ୍କରୁ ଭତ୍ତା ଟଙ୍କା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ଚାଉଳ ଉଠାଇ ପାରୁନାହାନ୍ତି। ଫଳରେ କଟକ ସଦର ଯୋଗାଣ ସେକ୍ସନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବଞ୍ଚିଥିବା ଲୋକଙ୍କୁ ମୃତ ବୋଲି ଘୋଷଣା କରାଯାଇ ଆଧାର କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ଜଣାପଡ଼ିଲା। ଏଥିପାଇଁ ସମ୍ପୃକ୍ତ ଗରିବ ବ୍ୟକ୍ତିମାନଙ୍କୁ ଟଙ୍କା ଖର୍ଚ୍ଚ କରି ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାର ଛକରେ ଥିବା ଓକାକ କାର୍ଯ୍ୟାଳୟକୁ ଯିବାକୁ ପଡିବ ବୋଲି ବିଡିଓ ପ୍ରତୀକ ସାହୁ ପରାମର୍ଶ ଦେଇଥିଲେ। ଜନସେବା କେନ୍ଦ୍ରରେ ଆଧାରକୁ ଅପଡେଟ କରାଯାଇ ପାରିଲା ନାହିଁ। ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଅତିକମରେ ୨ ହଜାର ଟଙ୍କା ଖର୍ଚ୍ଚ ନ କଲେ ଭୁବନେଶ୍ୱର ଯାଇ ହେବନାହିଁ। ଆଧାର କାର୍ଡ କାଟିବା ପୂର୍ବରୁ କୌଣସି ମେସେଜ ସେମାନଙ୍କ ପଞ୍ଜୀକୃତ ମୋବାଇଲକୁ ଆସି ନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଉତ୍କଳା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ



ଉତ୍କଳା ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଯାପନ ଅବସରରେ ଅତିଥିଙ୍କ ଗହଣରେ ଶିଳ୍ପୀମାନେ।

ଭୁବନେଶ୍ୱର,୯।୪ (ସୌମ୍ୟରଞ୍ଜନ ରାଉତ) ଉତ୍କଳା ପକ୍ଷରୁ ବି.କେ. ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜର ୨୦୦୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଖାରବେଳନଗରସ୍ଥିତ ଲଳିତକଳା ଏକାଡେମୀଠାରେ ଚାଲିଥିବା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପଦ୍ମଶ୍ରୀ ଆଦିତ୍ୟ ଗଡ଼ନାୟକ, ଡ. ଅଲେଖ ଚନ୍ଦ୍ର ସାହୁ, ଗଜେନ୍ଦ୍ର ପ୍ରସାଦ ପାତ୍ରୀ, ଜୟନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଚିତ୍ରଶିଳ୍ପୀ ପ୍ରଣବ କୁମାର ସାହୁ, ବିଶ୍ୱ ରଞ୍ଜନ କର, ସୁନୀଲ କୁମାର ବିନ୍ଧାଣୀ, ସୁଜିତ୍ କୁମାର ବେହେରା, ଶଶାଙ୍କ କୁମାର ସେଠୀ, ଚିତ୍ତରଞ୍ଜନ ଦାସ, ସୁଦର୍ଶନ ସାହୁ, ଡ. ସସ୍ମିତା କମିଳା, ମନୋରମା ଦାସ, କୁମାରୀ ସୋନିଆ, ଐଶ୍ୱରିଆ ରାଜଲକ୍ଷ୍ମୀ ଏଥିରେ ଅଂଶ ଗ୍ରହଣ କରି ଉଚ୍ଚକୋଟୀର ଚିତ୍ରକଳା ପ୍ରଦର୍ଶନ କରିଥିଲେ।

## 'ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସ କର'

■ଓଡ଼ିଆ ପକ୍ଷ: ନବମ ଦିନ ସବୁ ଜିଲାରେ ପୁସ୍ତକ ପ୍ରଦର୍ଶନୀ

■ଆଜି 'ଲୋକକଳା ପାଇଁ ଦିନଟିଏ'



ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସହ ଅନ୍ୟ ଅତିଥିମାନେ ଏକ ଷ୍ଟଲ୍‌ରୁ ବହି କିଣୁଛନ୍ତି।

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ) ଓଡ଼ିଆ ପକ୍ଷ ପାଳନର ନବମ ଦିନ ଗୁରୁବାର 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ମଧ୍ୟ ବିଭିନ୍ନ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ ଖୋଲାଯାଇଥିଲା। ପୁସ୍ତକ ଷ୍ଟଲଗୁଡିକରେ ପାଠିକାପାଠକ ଭିଡ଼ ଜମାଇବା ସହ ନିଜ ସହ ବନ୍ଧୁପରିଜନଙ୍କ ପାଇଁ ବହି କିଣିଥିଲେ। କେତେଜଣ ପାଠିକାପାଠକ ବହି କିଣିବା ସହ ଏହାର ସେଲ୍ଫି ଉଠାଇ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ odiapakhya.comରେ ମଧ୍ୟ ଅପଲୋଡ୍ କରିଥିଲେ। ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏଥିସହ ନିଜେ ମଧ୍ୟ ପୁସ୍ତକ କିଣି 'ଆସ ବହିଟିଏ କିଣିବା' ଅଭିଯାନରେ ନିଜକୁ ସାମିଲ କରିଥିଲେ। ପୁସ୍ତକ ହେଉଛି ଆମ ସମାଜର ଦର୍ପଣ। ଜଣେ ଲେଖକ ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ, ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଏହା ଆମକୁ ଦିଗ୍‌ଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ସହ ଆମ ଯୁବପିଢ଼ିକୁ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ କରିବା ନିମନ୍ତେ ପୁସ୍ତକ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବହି କିଣି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଆଜିର ପୁସ୍ତକ ପ୍ରଦର୍ଶନୀରେ ଯୁବପିଢ଼ିଙ୍କ ଯୋଗଦାନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପ୍ରତି ରହିଥିବା ଆଗ୍ରହ ଆମ ସମସ୍ତଙ୍କୁ ଉତ୍ସାହିତ କରିଛି ବୋଲି ମତପ୍ରକାଶ କରିଥିଲେ। 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ ଅବସରରେ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଓଡ଼ିଆ ପକ୍ଷରେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଳନ ହେଉଥିବାବେଳେ ଶୁକ୍ରବାର 'ଲୋକକଳା ପାଇଁ ଦିନଟିଏ' ପାଳନ କରାଯିବ।

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ନାବାଳକ ଗୁରୁତର

କଟକ,୯।୪(କୁମାରଶ୍ରୀ)

ତୁଳସୀପୁର ବେତାର କାର୍ଯ୍ୟାଳୟ ସମ୍ମୁଖ ମହାନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ନାବାଳକ ବୁଡ଼ି ଯାଇଥିବା ବେଳେ ଅଗ୍ନିଶମ ଟିମ୍ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ନାବାଳକଙ୍କୁ ପ୍ରଥମେ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପରିବାର ଲୋକେ ନାବାଳକକୁ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଗୁରୁବାର ଅପରାହ୍ନରେ ଓଡ଼ିଆ ବଜାର ଅଞ୍ଚଳର ୩ଜଣ ନାବାଳକ ସାଙ୍ଗ ହୋଇ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ୧୫ ବର୍ଷର ଜୁନ୍ ଫର୍କ ହଠାତ୍ ଗଭୀର ପାଣିରେ ବୁଡି ଯାଇଥିଲେ। ଖବର ପାଇ ତୁରନ୍ତ ଅଗ୍ନିଶମ ଟିମ୍ ପହଞ୍ଚି ଥିଲା। ଏହା ଭିତରେ ଜୁନ୍ ପାଣିରେ ନିଖୋଜ ହୋଇ ସାରିଥିଲେ। କିଛି ସମୟ ଖୋଜାଖୋଜି କରିବା ପରେ ଅଗ୍ନିଶମ କର୍ମଚାରୀମାନେ ଜୁନ୍‌ଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ।

### ନଳିନୀପ୍ରଭା ଉଦ୍‌ଗାତା ହେଲେ ଜିଲ୍ଲା କଂଗ୍ରେସ ଉପସଭାପତି

କଟକ ସଦର,୯।୪(ସୁଶାନ୍ତ କୁମାର ଜେନା)

କଟକ ଜିଲ୍ଲା କଂଗ୍ରେସ ଉପସଭାପତି ଭାବେ ନଳିନୀ ପ୍ରଭା ଉଦ୍‌ଗାତା ମନୋନୀତ ହୋଇଛନ୍ତି। ସେ କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ



ଥିଲେ। ତାଙ୍କର ଏହି ସଫଳତା ପାଇଁ କଟକ ଜିଲ୍ଲା ତଥା କଟକ ସଦର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଭାବରେ ମନୋନୀତ କରାଯାଇଥିବାରୁ ସେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଜିଲ୍ଲା କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ପୂର୍ବତନ ମନ୍ତ୍ରୀ ବିଜୟ ଲକ୍ଷ୍ମୀ ସାହୁ, କଟକ ସଦର ବ୍ଲକ ପୂର୍ବତନ ଅଧକ୍ଷ ରତ୍ନାକର ବେହେରା, କଂଗ୍ରେସ କମିଟି ଅନୁସୂଚିତ ବିଭାଗ ଅଧକ୍ଷ ପ୍ରତାପ ମଲ୍ଲିକ ପ୍ରମୁଖ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ବଳି ବାମନ ପୀଠରେ ଯଜ୍ଞ, ବୋରିକ ମେଳଣ ପ୍ରସ୍ତୁତି ବୈଠକ

କଟକ ସଦର,୯।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ଗ୍ରାମ ବଳି ବାମନଙ୍କ ପୀଠରେ ଆସନ୍ତା ୧୩ ତାରିଖରୁ ୩ ଦିନ ଧରି ମହାବିଷୁବ ସଂକ୍ରାନ୍ତି, ଯଜ୍ଞ ଓ ବୋରିକ ମେଳଣ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ବୈଠକ ବଳିବାମନ ସୁରକ୍ଷା କମିଟି ଦ୍ୱାରା ସଭାପତି ସଚ୍ଚିଦାନନ୍ଦ ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ୧୩ ତାରିଖରେ ଯଜ୍ଞ ମାସନ୍ତ ମେଳଣ ଓ କଳସ ଯାତ୍ରା, ୧୪ରେ ପଣା ସଂକ୍ରାନ୍ତିରେ ପ୍ରଭୁ ପରମହଂସ ନାଥ ଦେବଙ୍କ ଆଗମନ, ବଳିବାମନ ପୀଠକୁ ହରିହର ମେଳଣ ଓ ୧୫ ତାରିଖରେ ହରିହାଟ, ଯଜ୍ଞ ପୂର୍ଣ୍ଣାହୁତି, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

### ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବ୍ରାହ୍ମଣଝରିଲୋ,୯।୪

କଟକ ସଦର ଥାନା ଅଧୀନ କୁରାଙ୍ଗ ଶାସନ ପଞ୍ଚାୟତ ବଡ଼ଝରିଲୋ ଗ୍ରାମରେ ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଦୀପକ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ନିଆଳି ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର କୁମାର ବାରିକ ଯୋଗଦେଇ ଶିକ୍ଷା ହେଉଛି ଜୀବନର ସବୁଠାରୁ ବଡ଼ ଶକ୍ତି, ଯାହା ମାନବକୁ ଠିକ ଦିଗରେ ଆଗକୁ ବଢ଼ାଇ ନେଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ପାତ୍ର, ଆଇନଜୀବୀ କବିନାରାୟଣ ଜେନା, ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଦ୍ୟାଳୟ ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର ଯୋଗଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ସଂଖ୍ୟା ବୃଦ୍ଧି ପାଇଛି'

କଟକ,୯।୪(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି।

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

କଟକ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କମଳଜିତ୍ ଦାସଙ୍କ ଅଧକ୍ଷତାରେ ଗତ ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଦାସ ବିଭାଗୀୟ ଅଧିକାରୀଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବରକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗୁଳିଠାରେ ଦୁର୍ଘଟଣା ଏଡ଼ାଇବାକୁ କ୍ରାସ ବ୍ୟାରିୟର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବା କାର୍ଯ୍ୟ ସମ୍ପନ୍ନ ହେବାନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ସୂଚନା ଦେଇଥିଲେ। ବାଲିଘାଟରୁ ବାଲି ପରିବହନ ସମୟରେ ରାସ୍ତାରେ ପଡୁଥିବା ବାଲିକୁ ନିୟମିତ ଭାବେ ସଫା କରିବାକୁ ଅତିରିକ୍ତ ଜିଲାପାଳ ଦାସ ଉପସ୍ଥିତ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଉଚ୍ଛେଦ ସ୍ଥାନରେ ପୁନର୍ବାର ଜବରଦଖଲ ନେଇ ନିୟମିତ ସମୀକ୍ଷା କରିବାକୁ ଅତିରିକ୍ତ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ନୋ ପାର୍କିଂ ଫଳକ ଲାଗିଥିବା ସ୍ଥାନରେ ଅବୈଧ ଭାବେ ପାର୍କିଂ କରୁଥିବା ଯାନବାହାନଗୁଡ଼ିକୁ ନିୟମିତ ଭାବେ ଚଢ଼ାଉ କରିବା ଏବଂ ଅମାନିଆ ଗାଡ଼ିଚାଳକ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ନୂତନ ଭାବେ ୧୪ଟି ନୋ ପାର୍କିଂ ଫଳକ ଜିଲାର ଆବଶ୍ୟକ ସ୍ଥାନରେ ଲଗାଯାଇଛି। ପୂର୍ବରୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ହେଉଥିବା ଚଢ଼ାଉକୁ ଆହୁରି କଡ଼ାକଡ଼ି କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ରାସ୍ତା ନିକଟବର୍ତ୍ତୀ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକମାନଙ୍କୁ ବିଦ୍ୟାଳୟ ଖୋଲିବା ଓ ବନ୍ଦ ସମୟରେ ଉପସ୍ଥିତ ରହିବାକୁ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ସଡ଼କ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୭୩୫ ଥିବାବେଳେ ଚଳିତବର୍ଷ ୮୩୦କୁ ବୃଦ୍ଧିପାଇଛି। ବୈଠକରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗୁଡ ସମରିଟାନ ଭାବେ ସୌମିତ୍ରି ଦାଶଙ୍କୁ ୪୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କଟକ ଜିଲା ବସ୍ ମାଲିକ ସଂଘ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ନିଜର ମତ ରଖିଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦାୟିତ୍ୱ ନେଲେ ରେଭେନ୍‌ଶାର ନୂତନ କୁଳପତି

କଟକ,୯।୪(କୁମାରଶ୍ରୀ)



ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିନରୁ ହିଁ ପ୍ରଫେସର ମହାପାତ୍ର କାର୍ଯ୍ୟରେ ଯୋଗଦେବା ସହିତ ତାଙ୍କ ଅଧକ୍ଷତାରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା ନେଇ ଆଲୋଚନା କରାଯାଇଥିଲା। କେଉଁ ବିଷୟରେ ପରୀକ୍ଷା ସରିଛି, କେବେ ଫଳ ପ୍ରକାଶ ପାଉଛି ଏବଂ ପରୀକ୍ଷା ପଦ୍ଧତି କିଭଳି ରହିଛି ତାହା ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଲିପିକା ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏଥିରେ କୁଳସଚିବ କାହ୍ନୁଚରଣ ମଲ୍ଲିକ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅପରାହ୍ନରେ ସବୁ ବିଭାଗର ମୁଖ୍ୟଙ୍କୁ ନେଇ ସିଣ୍ଡିକେଟ ହଲ୍‌ରେ ଅନ୍ୟ ଏକ ବୈଠକ ଆୟୋଜିତ ହୋଇଥିଲା।

## ଓଡ଼ିଆ ପକ୍ଷ-୨୦୨୬ ଉଦ୍‌ଯାପିତ



ଚୌଦ୍ୱାର,୯।୪(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ଗୋପବନ୍ଧୁ କକ୍ଷରେ ଚାଲିଥିବା ଓଡ଼ିଆ ପକ୍ଷ-୨୦୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ତଥା ଓଡ଼ିଆ ପକ୍ଷ ପାଳନର ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ତଥା ସଂଳାପ ଲେଖକ ବିଜୟ ମଲ୍ଲ, ଗାଳ୍ପିକା ଡ. ଜୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଅଧକ୍ଷା ରଶ୍ମି ରାଉତରାୟ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ହରପ୍ରିୟା ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସାହିତ୍ୟିକ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ କାଉନ୍‌ସିଲର ଆଶୁତୋଷ ଦାସ, ଖବରଦାତା ବିଶ୍ୱଜିତ ଭଞ୍ଜ, ବିମଳ କୁମାର ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଡ. ସସ୍ମିତା କର, ବନିତା ସ୍ୱାଇଁ, ଡ. ନିରୁପମା ପରିଡା, ଦୀପକ କୁମାର ବେହେରା, ଯୁକ୍ତେଶ୍ୱର ଦାସ, ସୁମନ୍ତ କୁମାର ସାହୁ, ଦେବାଶିଷ ଷଡଙ୍ଗୀ, ଶୁଭସ୍ମିତା ଭୂୟାଁ, ମମତା ସାହୁ, ସନ୍ଦିପ ସାମଲ, ସବିତା ମହାନ୍ତି, ରଚିତା ବେହେରା, ସ୍ୱାଭିମାନ ସାମନ୍ତରାୟ, ଅଶୋକ କୁମାର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଗଭୀର ଆସକ୍ତି ଓ ଗୌରବବୋଧକୁ ପୁନରୁଦ୍ଧାର କରିଥିଲା ବୋଲି ମତପ୍ରକାଶ ପାଇଥିଲା।

# ପଠନ ରୁଚି ସୃଷ୍ଟି କରୁଛି 'ଆସ ବହିଟିଏ କିଣିବା'



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୯।୪(କାର୍ତ୍ତିକ ସାହୁ)

ଓଡ଼ିଆ ପୁସ୍ତକ ପଢ଼ା ପ୍ରତି ରୁଚି ବୃଦ୍ଧି କରିବା ତଥା ପ୍ରସିଦ୍ଧ ଓ ଲେଖକମାନଙ୍କ ଅନବଦ୍ୟ କୃତିଗୁଡ଼ିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲାପାଳ କମଲଜିତ ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ଡିଜିଟାଲ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ପୁସ୍ତକ କ୍ରୟ କରିଥିଲେ। ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଗୋଟିଏ ଦିନରେ କଟିଲା ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆଧାର କାର୍ଡ

କଟକ ସଦର,୯।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳର ୨୩ଟି ପଞ୍ଚାୟତରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆଧାର କାର୍ଡ କଟିଯାଇଛି। ଫଳରେ ସେମାନେ ବ୍ୟାଙ୍କରୁ ଭତ୍ତା ଟଙ୍କା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ଚାଉଳ ଉଠାଇ ପାରୁନାହାନ୍ତି। ଫଳରେ କଟକ ସଦର ଯୋଗାଣ ସେକ୍ସନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବଞ୍ଚିଥିବା ଲୋକଙ୍କୁ ମୃତ ବୋଲି ଘୋଷଣା କରାଯାଇ ଆଧାର କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ଜଣାପଡ଼ିଲା। ଏଥିପାଇଁ ସମ୍ପୃକ୍ତ ଗରିବ ବ୍ୟକ୍ତିମାନଙ୍କୁ ଟଙ୍କା ଖର୍ଚ୍ଚ କରି ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାର ଛକରେ ଥିବା ଓକାକ କାର୍ଯ୍ୟାଳୟକୁ ଯିବାକୁ ପଡିବ ବୋଲି ବିଡିଓ ପ୍ରତୀକ ସାହୁ ପରାମର୍ଶ ଦେଇଥିଲେ। ଜନସେବା କେନ୍ଦ୍ରରେ ଆଧାରକୁ ଅପଡେଟ କରାଯାଇ ପାରିଲା ନାହିଁ। ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଅତିକମରେ ୨ ହଜାର ଟଙ୍କା ଖର୍ଚ୍ଚ ନ କଲେ ଭୁବନେଶ୍ୱର ଯାଇ ହେବନାହିଁ। ଆଧାର କାର୍ଡ କାଟିବା ପୂର୍ବରୁ କୌଣସି ମେସେଜ ସେମାନଙ୍କ ପଞ୍ଜୀକୃତ ମୋବାଇଲକୁ ଆସି ନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ବନ୍ଧାହେଲେ ୪ ଗଞ୍ଜେଇ ବେପାରୀ

କଟକ,୯।୪(କୁମାରଶ୍ରୀ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ ଫତେଗଡ ଅଞ୍ଚଳର ପ୍ରସନ୍ନ କୁମାର ପଣ୍ଡା (୪୫), ବାଙ୍କନିଧି ଦାଶ (୨୬), ଶିବପ୍ରସାଦ ଜେନା(୨୯) ଓ ବୌଦ୍ଧ ଜିଲାର ତାରିଣୀ ବାଘ (୪୦)। ସମାନଙ୍କ ପାଖରୁ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା ଯେ ଏକ ଦାମୀ ଗାଡିରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଛି। ମାଫିଆମାନେ ରାଜପଥରେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସୂଚନା ମିଳିଥିଲା। ଅବକାରୀ ବିଭାଗ କର୍ମଚାରୀ ବାଟରେ ଜଗି ରହିଥିଲେ। ସେଠାରେ ପୂର୍ବ ସୂଚନା ମୁତାବକ କାରକୁ ଅଟକାଇ ତଲାସି ନେବାରୁ ୩ଟି ବସ୍ତାରୁ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଥିଲା। ଏହି ମାମଲାରେ କାର ଡ୍ରାଇଭର ପ୍ରସନ୍ନ ସହିତ ଅନ୍ୟ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏମାନେ ବୌଦ୍ଧରୁ ଗଞ୍ଜେଇ ଧରି ଭୁବନେଶ୍ୱରର ଜଣେ ବେପାରୀ ପାଖକୁ ଆସୁଥିଲେ ବୋଲି ଜଣାପଡିଛି।

## ଏସ୍‌ସିବିରୁ ରୋଗୀ ନେବା ବେଳେ ଜଣେ ଗିରଫ

କଟକ,୯।୪(କାର୍ତ୍ତିକ ସାହୁ)

ମଙ୍ଗଳାବାଗ ଥାନା ପୋଲିସ ଏସ୍‌ସିବି ମେଡିକାଲ ପରିସରରୁ ଜଣେ ପେସାଦାର ଅପରାଧୀଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗତିରାଉତପାଟଣାର ତ୍ରିନାଥ ରାଉତ(୪୫)। ତାଙ୍କ ବିରୋଧରେ ୮ଟି ଆପରାଧିକ ମାମଲା ରହିଛି। ଅଭିଯୁକ୍ତ ନିକଟରୁ ଏକ ବାଇକ ଓ ଏକ ମୋବାଇଲ ଫୋନ ଜବତ ହୋଇଛି। ବେଆଇନ ବନ୍ଧୁକ କାରବାର, ଦାଦାବଟି, ହତ୍ୟା, ମେଡିକାଲ କର୍ମଚାରୀ କହି ଠକେଇ ଭଳି ଅଭିଯୋଗ ମାମଲା ରହିଛି। ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନାର ଏକ ହତ୍ୟା ମାମଲା, ଚାଉଳିଆଗଞ୍ଜ ଥାନାରେ ଚୋରି, ବନ୍ଧୁକ କାରବାର ମାମଲା ଓ କିଶନନଗର ଥାନାରେ ବିସ୍ଫୋରଣ ମାମଲା ତ୍ରିନାଥଙ୍କ ବିରୋଧରେ ରହିଛି।

ସୂଚନା ଅନୁଯାୟୀ, ତ୍ରିନାଥ ନିଜକୁ ଆମ୍ବୁଲାନ୍ସ ଡ୍ରାଇଭର ପରିଚୟ ଦେଉଥିଲେ। ସେ କିଛି ଦିନ ହେବ ଡ୍ରାଇଭର ପରିଚୟରେ ଘରୋଇ ନର୍ସିଂହୋମ ପାଇଁ ରୋଗୀ ଯୋଗାଡ଼ କରୁଥିଲେ। ପୋଲିସ ଗୋଇନ୍ଦା ତଥ୍ୟରୁ ଏ ବାବଦରେ ଜାଣିପାରିଥିଲା। ଫଳରେ ମଙ୍ଗଳାବାଗ ଥାନା ଓ ଏସ୍‌ସିବି ମେଡିକାଲ ଫାଣ୍ଡିର ଦୁଇଟି ଟିମ ମେଡିସିନ ୱାର୍ଡରେ ବୁଧବାର ରାତି ପ୍ରାୟ ୧୦ଟା ବେଳେ ଜଗି ରହିଥିଲା। ତ୍ରିନାଥ ରୋଗୀଙ୍କୁ ସ୍ଥାନାନ୍ତର ଉଦ୍ୟମ କରିବା ସମୟରେ ପୋଲିସ ଟିମ୍ ତାଙ୍କୁ ଧରିଥିଲା।

# ଧାକୁଲେଈଙ୍କ ବାଣଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା,୯।୪(ସତ୍ୟରଞ୍ଜନ ଦାସମହାପାତ୍ର)



ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ସିଏମ୍‌ସି ୫୮ ନମ୍ବର ୱାର୍ଡ ଅଧୀନ ପ୍ରତାପନଗରୀଠାରେ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ଧରି ଚାଲିଥିବା ମା'ଧାକୁଲେଈଙ୍କ ପ୍ରସିଦ୍ଧ ବାଣଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ମା' ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା, ଡେପୁଟି କମିଶନର ଜୁବଲୀ ବେହେରା, ଏସିପି ଅମିତାଭ ମହାପାତ୍ର, ସଦର ଆଇଆଇସି ତୁଷାରକାନ୍ତ ସେଠୀ, ଅତିରିକ୍ତ ଆଇଆଇସି ପ୍ରଶାନ୍ତ କୁମାର ପାଣି, ଗୋପାଳପୁର ମଣ୍ଡଳ ଭାଜପା ସଭାପତି ନୀହାରରଞ୍ଜନ ପଣ୍ଡା, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, କମିଟି ସହସମ୍ପାଦକ ବାଦଲ କୁମାର ଜେନା, ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ କେଶରୀ ଶତପଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ମୁରବି, କଳାକାର, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଫଟୋରେ ଖବର



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ସ୍ୱ-ଗଣନା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।(ଫଟୋ: ରାଜକିଶୋର ମହାନ୍ତି)



ଜେ.ଏନ୍ ଇନଡୋର ଷ୍ଟାଡିୟମରେ ଓଡ଼ିଶା ଆସୋସିଏଶନ ଫର ରୋଇଂ ଏବଂ ସ୍କଲିଂ ପକ୍ଷରୁ ହେବାକୁ ଥିବା ପ୍ରଥମ ଅଲ ଇଣ୍ଡିଆ ରୋଇଂ ଚାମ୍ପିୟନଶିପର ଅବ୍ୟବହିତ ପୂର୍ବରୁ ଗୁରୁବାର ଅଭ୍ୟାସରତ ପ୍ରତିଯୋଗୀମାନେ।

**ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ଯୁବକ ଗିରଫ**

ଭୁବନେଶ୍ୱର,(ପ୍ରସନଜିତ୍ ସାହୁ): ଚୋରା ମୋବାଇଲ ଫୋନ୍ ବିକ୍ରି କରିବା ସମୟରେ ଜଣେ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ନୟାପଲ୍ଲୀ ଜୋଡି ସାହି ଅଞ୍ଚଳର ରାଜେଶ ସାହୁ (୨୨)। ରାଜେଶ ଏକ ଚୋରା ମୋବାଇଲ ଫୋନ କମ୍ ଦାମରେ ବିକ୍ରି କରିବା ଲାଗି ସିଆରପି ମୁଣ୍ଡା ସାହି ଅନ୍ତର୍ଗତ ନୀଳକଣ୍ଠ ନଗର ଅଞ୍ଚଳରେ ଗ୍ରାହକ ଯୋଗାଡ଼ କରୁଥିଲେ। ସୂଚନା ପାଇ ପୋଲିସ ରାଜେଶଙ୍କୁ କାବୁ କରିଥିଲା।

# ଆର୍‌ଡିଏକ୍ସର ଲିଙ୍କ୍ ଖୋଜୁଛି ଏନ୍‌ଆଇଏ

ଭୁବନେଶ୍ୱର,୯।୪(ତ୍ରିନାଥ ମହାନ୍ତି)



ସୁନ୍ଦରପଦା ଥାନାରେ ଏନ୍‌ଆଇଏର ଅଧିକାରୀ ତଦନ୍ତ କରୁଛନ୍ତି।

**ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା**

- ସିଡିଆର ଏବଂ ଫୋରେନ୍‌ସିକ୍ ରିପୋର୍ଟ ନେଲେ ତଦନ୍ତ ଅଧିକାରୀ
- ଜଟଣୀରେ ବିସ୍ଫୋରଣ କରିବାର ଥିଲା ବଡ଼ ଯୋଜନା
- ଛାତକୁ ଲୁଗା ଶୁଖାଇବାକୁ ଯାଇଥିଲେ ବୋଲି କହିଲେ ବାନ୍ଧବୀ

ସୁନ୍ଦରପଦା ଆଜାଦ୍‌ନଗରରେ ଗତ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ଗୁରୁବାର ପୁଣି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଏୟାରଫିଲ୍ଡ ଥାନାକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଛି। ଏନ୍‌ଆଇଏର ୩ଜଣିଆ ଟିମ୍ ପୂର୍ବରୁ ଉକ୍ତ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରିଣୀ ଏବଂ ଜୋନ୍ ଏସିପିଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ଅଧିକାରୀଙ୍କଠାରୁ ଏନ୍‌ଆଇଏ ସିଡିଆର ରିପୋର୍ଟ, ଜବତ ମୋବାଇଲ ଫୋନ୍, ବ୍ୟାଙ୍କ୍ ଆକାଉଣ୍ଟ ତଥ୍ୟ, ବିସ୍ଫୋରଣ ସାମଗ୍ରୀ ରିପୋର୍ଟ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ନେଇଛି। ୨ଦିନ ତଳେ ଏନ୍‌ଆଇଏ ଏକ ମାମଲା(ନଂ. ୧/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନୂଆ ମାମଲା ସହ ପୁରୁଣା ମାମଲାକୁ ଏନ୍‌ଆଇଏ ଟ୍ୟାଗ୍ କରିଛି। ଆହୁରି ମଧ୍ୟ ଏୟାରଫିଲ୍ଡ ଥାନାର ତଦନ୍ତ ରିପୋର୍ଟକୁ ମଧ୍ୟ ଟ୍ୟାଗ କରାଯାଇଛି।

ଏନ୍‌ଆଇଏର ସ୍ୱତନ୍ତ୍ର ଟିମ୍‌କୁ ସହଯୋଗ କରିବାକୁ ରାଜ୍ୟ ବାହାରର ଅଫିସର ଓ ଏସ୍‌ପିଙ୍କୁ ସାମିଲ କରାଯାଇଛି। ତଦନ୍ତ ପାଇଁ ଦିଲ୍ଲୀରୁ ଗ୍ରୀନ୍ ସିଗ୍ନାଲ ପରେ ଏନ୍‌ଆଇଏ ଏହି ତଦନ୍ତ ଆରମ୍ଭ କରିଛି। ଆପରାଧିକ ଓ ଆତଙ୍କୀ ଲିଙ୍କ୍ ନେଇ ଖୋଳତାଡ଼ କରାଯିବା ସହ ବିସ୍ଫୋରଣ ହୋଇଥିବା ସ୍ଥାନକୁ ମ୍ୟାପିଂ କରାଯାଇଛି। ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି କେମିକାଲ ପଦାର୍ଥ ବ୍ୟବହାର ହୋଇଥିବା ନେଇ ଏନ୍‌ଆଇଏ ପ୍ରମାଣ ପାଇଛି। ତେଣୁ ଆର୍‌ଡିଏକ୍ସ କେଉଁଠୁ ଆସିଥିଲା ତାର ରୁଟ୍ ଖୋଜୁଛି ଏନ୍‌ଆଇଏ। ଏଥିସହ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଶେହନୱାଜ ମଲ୍ଲିକ ଓରଫ ମୁଫିଙ୍କ ରାଜ୍ୟ ବାହାରର କେତେକ ଆତଙ୍କୀ ସଂଗଠନ ସହ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ବିସ୍ଫୋରଣରେ ବ୍ୟବହାର ହୋଇଥିବା ଆରଡିଏକ୍ସକୁ ମୁଫି ରାଜ୍ୟ ବାହାରୁ ଆଣିଥିଲେ ଏବଂ ବୋମା ପ୍ରସ୍ତୁତ କରି ଜଟଣୀରେ ବଡ଼ ଧରଣର ବିସ୍ଫୋରଣର ଯୋଜନା କରିଥିଲେ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ମୁଫି ବୋମା ଭିଡ଼ିବା ତା'ଙ୍କ ମା'ଙ୍କଠାରୁ ଶିଖି ଥିଲେ। ତେଣୁ ଆର୍‌ଡିଏକ୍ସରେ ସେମାନେ ନୂଆ ତରିକାରେ ବୋମା ପ୍ରସ୍ତୁତ କରୁଥିବାରୁ ମୁଫିଙ୍କ ମା'ଲିଜାତୁନ ସେଠାରେ ଉପସ୍ଥିତି ରହି ବୋମା ଭିଡ଼ିବାରେ ସହଯୋଗ କରୁଥିଲେ। ହେଲେ ଅସାବଧାନତାବଶତଃ ବୋମାଟି ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ମୁଫି ଏବଂ ତାଙ୍କ ମା' ଲିଜାତୁନଙ୍କ ମୃତ୍ୟୁ ଘଟିଥିଲା। ବିସ୍ଫୋରଣରୁ ବର୍ତ୍ତିଯାଇଥିବା ମୁଫିଙ୍କ ବାନ୍ଧବୀ ଏବଂ ବନ୍ଧୁ ଅମିୟ ମଲ୍ଲିକଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ ସେମାନେ କଥାକୁ ବୁଲାଇଛନ୍ତି। ମୁଫିଙ୍କ ବାନ୍ଧବୀଙ୍କୁ ଏନ୍‌ଆଇଏ ପଚରାଉଚରା କରିବାବେଳେ ସେ କହିଥିଲେ, ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ଥିବା ମୁଫି ଏବଂ ତାଙ୍କ ମା' ଲିଜାତୁନ୍ ଓ ବନ୍ଧୁ ଅମିୟ କ'ଣ କରୁଥିଲେ ସେ ଜାଣି ନାହାନ୍ତି। ଅମିୟ ଏନ୍‌ଆଇଏକୁ କହିଛନ୍ତି, ମୁଫି ସେଠାରେ ବସି କ'ଣ ଗୋଟେ ଭିଡୁଥିବା ସେ ଦେଖିଥିଲେ। ତାଙ୍କୁ ପଚାରିଥିଲେ ମଧ୍ୟ ସେ କିଛି ନ କହିବାରୁ ମୋବାଇଲ୍ ଫୋନ୍‌ରେ ଗପୁଥିବାବେଳେ କ'ଣ ଗୋଟେ ବିସ୍ଫୋରଣ ହେଲା ବୋଲି ସେ କହିଥିଲେ। ମୁଫିଙ୍କ ବାନ୍ଧବୀ ଏବଂ ଅମିୟ ମିଛ କହୁଥିବାରୁ ଉଭୟଙ୍କ ମିଛଧରା ପରୀକ୍ଷା କରାଯିବ। ଏଥିପାଇଁ କୋର୍ଟରେ ଖୁବ୍‌ଶୀଘ୍ର ଆବେଦନ କରାଯିବ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର, ୯।୪(ପ୍ରମୋଦ ବହିଦାର)

**ନାବାଳିକା ବଳାତ୍କାର ମାମଲା**

**ପୀଡ଼ିତାଙ୍କୁ ୧୫ଲକ୍ଷ ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ୨୦୨୦ ମସିହାରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାରକରି ଗୁରୁବାର ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଦଫା ୩୭୬(୨)(ଏନ୍) ଓ ୬ ପୋକ୍‌ସୋ ଆଇନରେ ଅଭିଯୁକ୍ତ ଗୋବିନ୍ଦପୁର ଥାନା ସାଗରା ଓରାମପଡ଼ାର ଅଭିଯୁକ୍ତ ରାଜେନ୍ଦ୍ର ଏକ୍କା ଓରଫ ଇନ୍ଦ୍ର(୨୪)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାଗରା ଗ୍ରାମର ଅଭିଯୁକ୍ତ ଜଣକ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସେ ଗର୍ଭବତୀ ହୋଇ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାକୁ ନେଇ ପୀଡ଼ିତାଙ୍କ ପିତା ଗୋବିନ୍ଦପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଥାନାରେ ଆଇପିସି ଦଫା ୩୭୬(୨)(ଏନ୍), ୩୭୬(୩), ୫୦୬ ଓ ୬ ପୋକ୍‌ସୋ ଆଇନରେ ଏକ ମାମଲା(ନଂ. ୧୩୭/୨୦) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସର ତଦନ୍ତ ସମୟରେ ଡିଏନ୍‌ଏ ପରୀକ୍ଷା ଦ୍ୱାରା ଅଭିଯୁକ୍ତ ଜନ୍ମିତ ଶିଶୁର ପିତା ବୋଲି ପ୍ରମାଣିତ ହୋଇଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ।

# ଷଡ଼ଯନ୍ତ୍ର ରଚିଥିବା ବାପା ଗିରଫ

ନିରାକାରପୁର/ଜଟଣୀ,୯।୪(ମାନସ ଚନ୍ଦ୍ର ପଟ୍ଟନାୟକ/ରବୀନ୍ଦ୍ରନାଥ ମହାକୁଡ଼)

**ନିରାକାରପୁର ରେଳଷ୍ଟେଶନରୁ ଶିଶୁପୁତ୍ର ଚୋରି ଘଟଣା**

**ସୁଧାରଗୃହକୁ ଗଲେ ପୁଅ ସହ ଦ୍ୱିତୀୟ ସ୍ତ୍ରୀ**

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେଶନରୁ ୪ମାସର ଶିଶୁପୁତ୍ର ଚୋରି ଘଟଣାରେ ରେଲ୍‌ୱେ ପୋଲିସ ପର୍ଦ୍ଦାଫାଶ କରିଛି। ଖୋଦ୍ ଅଭିଯୋଗକାରୀ ବାପା ହିଁ ମୁଖ୍ୟ ଅଭିଯୁକ୍ତ ତଥା ଷଡ଼ଯନ୍ତ୍ରକାରୀ ହୋଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ କଳାମାଟିଆ ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ। ଏଥିସହ ଅଭିଯୁକ୍ତ ପ୍ରଶାନ୍ତଙ୍କ ପ୍ରଥମ ସ୍ତ୍ରୀ ମିନୁଲତା ପ୍ରଧାନଙ୍କଠାରୁ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି ବୋଲି ଗୁରୁବାର ଖୋର୍ଦ୍ଧାରୋଡ୍ (ଜଟଣୀ) ଟ୍ରାଫିକ କଲୋନୀସ୍ଥ ସରକାରୀ ରେଲୱେ ପୋଲିସ ଉପଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିଆର୍‌ପିଓ ଜଗନ୍ନାଥ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ଦ୍ୱିତୀୟ ସ୍ତ୍ରୀ ଚିନୁଲତା ପରିଡ଼ା ଏବଂ ତାଙ୍କ ଶିଶୁପୁତ୍ରଙ୍କୁ ଖୋର୍ଦ୍ଧାସ୍ଥିତ ଭୈରବୀ ସୁଧାରଗୃହକୁ ପଠାଯାଇଥିବା ଖୋର୍ଦ୍ଧାରୋଡ୍ ଜିଆର୍‌ପି ଅଧିକାରୀ ଆର୍.ଏସ୍. ରାଓ କହିଛନ୍ତି।

ସୂଚନାଥାଉ କି, ପ୍ରଶାନ୍ତ ଏବଂ ଦ୍ୱିତୀୟ ସ୍ତ୍ରୀ ଚିନୁଲତା ତାଙ୍କ ୪ମାସର ଶିଶୁପୁତ୍ର ସହ ଟ୍ରେନ୍ ଯୋଗେ ତାମିଲନାଡୁ ଯିବାର ଥିଲା। ତେଣୁ ସେମାନେ ପ୍ରଥମେ କାଳୁପଡ଼ାଘାଟ ଷ୍ଟେଶନରେ ପହଞ୍ଚି ଡିଏମ୍‌ୟୁ ଟ୍ରେନ୍ ଯୋଗେ ଗତ ମଙ୍ଗଳବାର ରାତିରେ ନିରାକାରପୁର ଷ୍ଟେଶନକୁ ଆସିଥିଲେ। ବୁଧବାର ସକାଳେ ସେମାନେ ଟ୍ରେନ ଯୋଗେ ତାମିଲନାଡୁ ଯାଇଥାନ୍ତେ। ତେଣୁ ସେମାନେ ନିରାକାରପୁର ଷ୍ଟେଶନର ୩ନମ୍ବର ପ୍ଲାଟ୍‌ଫର୍ମରେ ଥିବା ପାଦଚଲା ଶିଡ଼ି ତଳେ ବିଶ୍ରାମ ନେଉଥିବା ବେଳେ ଶୋଇପଡ଼ିଥିଲେ। ଏହି ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କ ଶିଶୁପୁତ୍ରକୁ ଚୋରାଇ ନେଇଯାଇଛନ୍ତି ବୋଲି ବୁଧବାର ପୂର୍ବାହ୍ନ ୧୧ଟା ୫୫ରେ ନିରାକାରପୁର ଜିଆରପି ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହା ପରେ ଜିଆର୍‌ପି ଏକ ମାମଲା (ନଂ.୩୧/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଲୱେ ପୋଲିସର ପ୍ରଶାନ୍ତଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ପଚରାଉଚରା କରିଥିଲା। ତେବେ ଷ୍ଟେଶନରେ ଚିନୁଲତା ଶୋଇଥିବା ବେଳେ ପୂର୍ବ ଯୋଜନା ମୁତାବକ ରାତି ପ୍ରାୟ ୧୦ଟାରେ ପ୍ରଶାନ୍ତ ଶିଶୁପୁତ୍ରକୁ ମା'କୋଳରୁ ନେଇ ପ୍ରଥମ ସ୍ତ୍ରୀ ମିନୁଲତାଙ୍କୁ ଦେଇଦେଇଥିଲେ। ଏହା ପରେ କେହି ଦୁର୍ବୃତ୍ତ ତାଙ୍କ ଶିଶୁପୁତ୍ରକୁ ଚୋରି କରିନେଇଥିବା ଚିନୁଲତାଙ୍କୁ ନେଇ ଫାଣ୍ଡିରେ ଅଭିଯୋଗ କରି ମିଛ ଚୋରି ନାଟକ ରଚିଥିବା ପ୍ରଶାନ୍ତ ସ୍ୱୀକାର କରିଥିଲେ। ଏହା ପରେ ରେଲୱେ ପୋଲିସ ପକ୍ଷରୁ ଗଠିତ ଏକ ଟିମ୍ କଳାମାଟିଆ ଗ୍ରାମରେ ଚଢ଼ାଉ କରି ପ୍ରଶାନ୍ତଙ୍କ ପ୍ରଥମ ସ୍ତ୍ରୀଙ୍କ ନିକଟରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ।

# ଗିରଫ ହେଲେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ

କଟକ,୯।୪(କାର୍ତ୍ତିକ ସାହୁ)

- ଆୟ ଅପେକ୍ଷା ୨୪୧% ଅଧିକ ସମ୍ପତ୍ତି ଠାବ
- ମାମଲାରେ ସ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଇଛି ଭିଜିଲାନ୍ସ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରର କେନ୍ଦ୍ରୀୟ ଜଳସେଚନ ସର୍କଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଥା ଡ୍ୟାମ୍ ସେଫ୍‌ଟି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଏକକାଳୀନ ତାଙ୍କର ୬ଟି ସ୍ଥାନରେ ବୁଧବାର ଚଢ଼ାଉ କରିଥିଲା। ମହାନ୍ତିଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଅଭିଯୁକ୍ତ ମହାନ୍ତି ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଭିଜିଲାନ୍ସ ମାମଲା (ନଂ.୧୫/୨୦୨୬) ରୁଜୁ କରିଛି।

ସୂଚନାନୁସାରେ, ଭିଜିଲାନ୍ସ ଠାବ କରିଥିବା ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ୩୦୦୦ ବର୍ଗଫୁଟ ଜମିରେ ବିଳାସପୂର୍ଣ୍ଣ ତ୍ରିତଳ ପ୍ରାସାଦ, ଢେଙ୍କାନାଳ ଭାପୁର ବିମ୍ଫୋଲଠାରେ ଫାର୍ମ ହାଉସ୍ ସହ ୪୦୦୦ ବର୍ଗଫୁଟ ପରିମିତ ୨ ମହଲା କୋଠାଘର, ଭୁବନେଶ୍ୱର, ଢେଙ୍କାନାଳ ଓ ଯାଜପୁରରେ ୮ଟି ଦାମୀ ପ୍ଲଟ, ୬.୨୩ ଲକ୍ଷ ନଗଦ ଟଙ୍କା, ୩୫୦ ଗ୍ରାମ ସୁନା, ୨ଟି ଚାରିଚକିଆ ଯାନ, ୩ଟି ଦୁଇଚକିଆ ଯାନ, ୧.୮୧ କୋଟିର ଜମାରାଶି, ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକଟ ଓ ୩୫.୫୭ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସ ଟିମ୍ ବରମୁଣ୍ଡା ହାଉସିଂ କଲୋନୀରେ ଥିବା ତ୍ରିତଳ ପ୍ରାସାଦ, ଯାଜପୁର ଜିଲା ବଡ଼ଚଣା ଥାନା କୋହଲାସିଂହସ୍ଥିତ ପୈତୃକ ବାସଭବନ, ଢେଙ୍କାନାଳ ଦେଉଳସାହିରେ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ଡ୍ୟାମ ସେଫ୍‌ଟି କାର୍ଯ୍ୟାଳୟର ଚ୍ୟାମ୍ବର ଓ କଟକ ନୟାବଜାରସ୍ଥିତ ସହଯୋଗୀଙ୍କ ଘରେ ପୃଥକ ଟିମ୍ ଜରିଆରେ ଏକକାଳୀନ ଚଢ଼ାଉ କରିଥିଲା। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ସର୍ଚ୍ଚ ୱାରେଣ୍ଟ ବଳରେ ଜଣେ ଅତିରିକ୍ତ ଏସ୍‌ପି, ୧୧ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୮ଜଣ ସହକାରୀ ସବ୍‌ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଛନ୍ତି। ଓଡ଼ିଶା ହାଉସିଂ ବୋର୍ଡରେ ଜଣେ ଷ୍ଟାଇପେଣ୍ଡାରି ଯନ୍ତ୍ରୀ ଭାବେ ମାତ୍ର ୨୦୦୦ ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିବା ମହାନ୍ତି ୧୯୯୬ ମାର୍ଚ୍ଚରେ ବଦଳି ହୋଇ ଜଳସମ୍ପଦ ବିଭାଗର ଯୋଜନା ନିର୍ଦ୍ଦେଶକଙ୍କ ଅଧୀନରେ ୧୯୯୭ ମେ' ପର୍ଯ୍ୟନ୍ତ କାମ କରିଥିଲେ। ବଦଳି ହୋଇ ସେ ୨୦୦୩ ଫେବୃଆରୀ ପର୍ଯ୍ୟନ୍ତ ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତତ୍‌ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ଜାରକା-ଚାନ୍ଦବାଲି ସବ୍‌ଡିଭିଜନରେ କାର୍ଯ୍ୟ କରିଥିଲେ। ୨୦୧୪ ନଭେମ୍ବରରେ ପଦୋନ୍ନତି ପରେ ବଦଳି ହୋଇ ମହାନଦୀ ଦକ୍ଷିଣ ଡିଭିଜନ, କଟକରେ ସେହି ପଦରେ କାର୍ଯ୍ୟ କରିଥିଲେ। ୨୦୨୦ ଡିସେମ୍ବରରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଭାବେ ପଦୋନ୍ନତି ଓ ୨୦୨୧ ଜୁଲାଇରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ସେହି ଜାଗାରେ କାର୍ଯ୍ୟ କରିଥିଲେ। ୨୦୨୬ ଫେବୃଆରୀରେ ସେ ବଦଳି ହୋଇ ଡ୍ୟାମ ସେଫ୍‌ଟି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ଭୁବନେଶ୍ୱରରେ ନିଯୁକ୍ତ ହୋଇ କାର୍ଯ୍ୟ କରିଆସୁଥିଲେ।

# ହାର୍ଡକୋର ଅପରାଧୀ ରାଜା ସାହାଣୀଙ୍କୁ ରିମାଣ୍ଡରେ ନେଲା କର୍ନାଟକ ପୋଲିସ

କଟକ/ଚୌଦ୍ୱାର, ୯।୪
(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)



ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହେବା ପରେ ପୋଲିସ ହାତରେ ଧରାପଡିଥିବା ହାର୍ଡକୋର ଅପରାଧୀ ରାଜା ସାହାଣୀଙ୍କୁ ୭ ଦିନିଆ ରିମାଣ୍ଡରେ ନେଇଛି କର୍ନାଟକ ପୋଲିସ। ସହଯୋଗୀ ମଧୁକାନ୍ତଙ୍କୁ ରିମାଣ୍ଡରେ ନ ନେଇ କେବଳ ରାଜାଙ୍କୁ ରିମାଣ୍ଡରେ ନେଇଛି କର୍ନାଟକ ପୋଲିସ। କର୍ନାଟକ ପୋଲିସ ରାଜାଙ୍କଠାରୁ ଆପରାଧିକ କାର୍ଯ୍ୟକଳାପର ବହୁ ଗୁମର ଖୋଲିବ ବୋଲି ଆଶା କରାଯାଉଛି। ଗୁରୁବାରଠାରୁ ଆସନ୍ତା ୧୫ ତାରିଖ ଯାଏ ରିମାଣ୍ଡରେ ନେବା ପାଇଁ କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି। ସକାଳ ପ୍ରାୟ ୭ଟାରେ କର୍ନାଟକ ପୋଲିସର ଏକ ଟିମ୍ ପହଞ୍ଚି କଡା ସୁରକ୍ଷା ବ୍ୟବସ୍ଥା ଭିତରେ ରାଜାଙ୍କୁ ନେଇଥିବା ଚୌଦ୍ୱାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ସୂଚନା ଦେଇଛନ୍ତି। ତେବେ ଅପରାଧୀ ରାଜା ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ନାଟକରେ ୧୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟ କରିଥିଲେ। ସେ ସହଯୋଗୀମାନଙ୍କ ସହ ମିଶି ଏହି ଲୁଟ କରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ। ରାଜାଙ୍କ ସହଯୋଗୀ ମଧୁକାନ୍ତ ରାଣା ପୂର୍ବରୁ ଗିରଫ ହୋଇଥିବା ଓ ପୋଲିସ ତାଙ୍କୁ ମଧ୍ୟ ଖୋଜାଖୋଜି କରୁଥିବା ଜାଣି ରାଜା ବିଭିନ୍ନ ସ୍ଥାନ ପରିବର୍ତ୍ତନ କରୁଥିଲେ। ବିଶେଷ କରି ସେ ଉତ୍ତରପ୍ରଦେଶ, ଦିଲ୍ଲୀ, ମୁମ୍ବାଇ, ବିହାର ଓ ଝାଡ଼ଖଣ୍ଡ ଆଦି ଅଞ୍ଚଳରେ ରହୁଥିଲେ। ଗିରଫ ହେବା ପୂର୍ବରୁ ସେ ଉତ୍ତରାଖଣ୍ଡରେ ରହୁଥିବା ଖବର ପାଇ କମିଶନରେଟ୍ ପୋଲିସ ଉତ୍ତରାଖଣ୍ଡ ପୋଲିସ ସହାୟତାରେ ଋଷିକେଶରୁ ରାଜାଙ୍କୁ ଗିରଫ କରିଥିଲା। ଗିରଫ ପରେ ଓଡ଼ିଶା ଅଣାଯାଇ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ପରେ ରାଜାଙ୍କୁ ଚୌଦ୍ୱାର ଜେଲର ୩ ନଂ ହାଇସିକ୍ୟୁରିଟି ସେଲର ୨ ନଂ. ୱାର୍ଡରେ ରଖାଯାଇଥିଲା।

ତେବେ କର୍ନାଟକ ପୋଲିସ ହାର୍ଡକୋର ଅପରାଧୀ ରାଜାଙ୍କ ଅପରାଧ କାରନାମା ଖୋଲିବା ସହ ଆନ୍ତଃରାଜ୍ୟ କ୍ରାଇମ ସିଣ୍ଡିକେଟର ଗୁମର ଫିଟାଇବ ବୋଲି ଚର୍ଚ୍ଚା ହେଉଛି। ରାଜା ସାହାଣୀ ଆନ୍ତଃରାଜ୍ୟ ଗ୍ୟାଙ୍ଗର ସଦସ୍ୟ ହୋଇଥିବା ବେଳେ କିଙ୍ଗପିନ କିଏ ତାହାକୁ ନେଇ ପୋଲିସ ତନାଘନା କରିବ। ମହୀଶୂରରେ କୋଟି କୋଟି ଟଙ୍କାର ସୁନା ଗହଣା ଲୁଟ ମାମଲା ସଂକ୍ରାନ୍ତରେ ପୋଲିସ ପଚରାଉଚରା କରିବ। ଜେଲ୍‌ରୁ ଚମ୍ପଟ ମାରିବା ପରେ ଅପରାଧୀ ରାଜା ଓଡ଼ିଶାରୁ ବିହାର ଓ ତା'ପରେ ଉତ୍ତରପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ, ବେଙ୍ଗାଲୁରୁ ଓ ମହୀଶୂର ଯାଇଥିଲେ। ଯିବା ବେଳେ ବିଶାଖାପାଟଣା ନିକଟସ୍ଥ ଦୁଇଟି ସ୍ଥାନରେ ଅପରାଧିକ କାର୍ଯ୍ୟ କରିଥିଲେ। ମହୀଶୂର ଜିଲାର ହୁନସୁର ଥାନା ଅଞ୍ଚଳରେ ଡକାୟତି କରିଥିଲେ। ସେଠାରେ ପୋଲିସ ତାଙ୍କ ନାମରେ ମାମଲା (ନଂ. ୩୫୨/୨୦୨୫) ରୁଜୁ କରି ଗିରଫ ପାଇଁ ଖୋଜୁଥିଲା। ଅନ୍ୟପକ୍ଷରେ ଗତବର୍ଷ ଅକ୍ଟୋବର ୨ ତାରିଖରେ ଲୁଟ୍ ଓ ମର୍ଡର ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ବେଳେ ସେଠାରୁ ଚମ୍ପଟ ମାରିଥିଲେ ଦୁଇ ହାର୍ଡକୋର ଅପରାଧୀ ରାଜା ଓ ମଧୁକାନ୍ତ।

# ଭାଣିଜୀଙ୍କୁ ହତ୍ୟା, ବନ୍ଧା ହେଲେ ମାଇଁ

ଜଗନ୍ନାଥ ପ୍ରସାଦ,୯।୪(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମ ଲକ୍ଷ୍ମଣପଲ୍ଲୀ ଗ୍ରାମର ଗଣେଶ ମହାରଣାଙ୍କ ବାରିପଟେ ଥିବା ଅସ୍ଥାୟୀ ପାଇଖାନା ଭିତରୁ ତାଙ୍କ ନାବାଳିକା ଭାଣିଜୀ ଅର୍ଚ୍ଚନା ମହାରଣା (୧୦)ଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତ ମାଇଁଙ୍କୁ ଗିରଫ କରି ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗଣେଶଙ୍କ ସ୍ତ୍ରୀ ବିଦ୍ୟାଭାରତୀ। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୨୪/୨୬) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା।

ଖବରରୁ ପ୍ରକାଶ, ଗଣେଶ ତାଙ୍କର ଦୁଇ ଭାଣିଜୀ ଅଞ୍ଜନା ଓ ଅର୍ଚ୍ଚନାଙ୍କୁ ଅତି ସ୍ନେହ ଆଦର କରୁଥିଲେ। ପିଲାବେଳୁ ଅର୍ଚ୍ଚନା ମାମୁଘର ଗାଁରେ ରହି ପାଠ ପଢୁଥିଲେ। ଗଣେଶଙ୍କ ବିବାହର କିଛି ମାସ ପରେ ଅର୍ଚ୍ଚନା ରହି ପାଠ ପଢ଼ିବା ନେଇ ଗଣେଶ ଓ ବିଦ୍ୟାଭାରତୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।



ବିଦ୍ୟାଭାରତୀ

ଅର୍ଚ୍ଚନା ସେମାନଙ୍କ ପାଖରେ ନ ରୁହନ୍ତୁ ବୋଲି ବିଦ୍ୟାଭାରତୀ ଚାହୁଁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହୁଥିଲା। ବିଦ୍ୟାଭାରତୀ ବୁଧବାର ମଧ୍ୟାହ୍ନରେ ଅର୍ଚ୍ଚନାଙ୍କୁ ଘରେ ଏକୁଟିଆ ପାଇ ଶାୟା ଡୋରି ଅର୍ଚ୍ଚନାଙ୍କ ବେକରେ ଗୁଡ଼ାଇ ଚିପି ଧରି ହତ୍ୟା କରିଥିଲେ। ପରେ ବାରିପଟେ ଥିବା ଅସ୍ଥାୟୀ ପାଇଖାନାରେ ଜରି ପାଲ ଘୋଡ଼ାଇ ମୃତଦେହକୁ ଲୁଚାଇ ଦେଇଥିଲେ। ମାମୁ ଗଣେଶ ଭାଣିଜୀଙ୍କୁ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ ଜଗନ୍ନାଥ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଅଧିକାରୀମାନେ ପଚରାଉଚରା ବେଳେ ବିଦ୍ୟାଭାରତୀ ଅର୍ଚ୍ଚନାଙ୍କୁ ମାରିଥିବା ସ୍ୱୀକାର କରିଥିଲେ ବୋଲି ଅତିରିକ୍ତ ଏସ୍‌ପି ରଞ୍ଜନ ଦେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ୨୧ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୯।୪(ପ୍ରସନଜିତ୍ ସାହୁ)

ସ୍ଥାନୀୟ ତମାଣ୍ଡୋ ମେଳଣ ପଡିଆ ନିକଟରେ ଗୁରୁବାର ପୋଲିସ ଚଢ଼ାଉ କରି ୨ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଥାନା ଅଞ୍ଚଳର ଦୀପକ ନାୟକ ଓ ରାକେଶ ନାୟକ। ଛାନ୍‌ଭିନ୍ ସମୟରେ ପୋଲିସ ଟିମ୍ ଅଭିଯୁକ୍ତ ଦୀପକଙ୍କ ନିକଟରୁ ୧୧ ଗ୍ରାମ୍ ଓ ରାକେଶଙ୍କ ନିକଟରୁ ୧୦ ଗ୍ରାମ୍, ଏଭଳି ମୋଟ ୨୧ ଗ୍ରାମ ବ୍ରାଉନ୍‌ସୁଗାର ଏବଂ ଏକ ଅଟୋ ଜବତ କରିଛି। ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ୨ବର୍ଷ ହେବ ନିୟମିତ ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ଏହି ଘଟଣାକୁ କେନ୍ଦ୍ର କରି ତମାଣ୍ଡୋ ଥାନା ପୋଲିସ ଏକ ମାମଲା (ନଂ. ୧୧୩/୨୦୨୬) ରୁଜୁ କରିବା ସହ ଅଭିଯୁକ୍ତ ଦୀପକ ଓ ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବଶିଷ୍ଟାଂଶ

### ଅଘୋଷିତ ବିଦ୍ୟୁତ୍ ...

ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନକୁ ଏକାଧିକ ଫିଡର ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯିବ। ଏହା ବିଦ୍ୟୁତ୍ ସରାବରାହରେ ଅଧିକ ସ୍ଥିରତା ଆଣିବା ସହ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ଗର୍ବର ବିଷୟ ଓପିଟିସିଏଲ୍ ସାରା ଦେଶର ଏକମାତ୍ର ବିଦ୍ୟୁତ୍ ସଞ୍ଚାରଣ ସଂସ୍ଥା ଯାହା ୭୦ଟି ଗ୍ରୀଡ୍ ସବ୍‌ଷ୍ଟେଶନକୁ ରିମୋଟ୍ ଅପରେଶନ ମାଧ୍ୟମରେ ପରିଚାଳନା କରୁଛି। ଏହାଦ୍ୱାରା ଉତ୍ତମ ନିୟନ୍ତ୍ରଣ, ଦ୍ରୁତ ତ୍ରୁଟି ସମାଧାନ ସମ୍ଭବ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରିବା ପରେ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥନଗର, ମଙ୍ଗରାଜ, ପଳାଶୁଣୀ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡିକର ପୁନରୁଦ୍ଧାର ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଭୁବନେଶ୍ୱର-ଜୟଦେବ ଅଞ୍ଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି। ଏହାସହ ସଞ୍ଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଏବଂ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତୀକରଣ କରିବା ଲାଗି ୪୦୦ କୋଟି ଟଙ୍କା ଅନୁମୋଦନ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା କରାଯାଉଛି। ଏଥର ଭୁବନେଶ୍ୱର ଓ ବାଲିଅନ୍ତା ଅଞ୍ଚଳରେ ନୂଆ ଶକ୍ତିର ସ୍ରୋତ ଭାବେ ଏହି ଗ୍ରୀଡ୍ ସବ୍‌ଷ୍ଟେଶନ କାର୍ଯ୍ୟ କରିବ। ଲୋକମାନେ ଆଉ ଲୋଭୋଲ୍‌ଟେଜ ସମସ୍ୟାର ସମ୍ମୁଖୀନ ହେବେନାହିଁ। ଏହି ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲିକ, ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ଆସାମରେ ୮୫.୬୪%, ...

ନେତୃତ୍ୱାଧୀନ ୟୁଡିଏଫ୍ ଏବଂ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୨.୭୧ କୋଟିରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ସେହିପରି ୩୦ ଆସନ ବିଶିଷ୍ଟ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ସନ୍ଧ୍ୟା ୬ଟାରେ ଶେଷ ହୋଇଥିବାବେଳେ ମତଦାନ ହାର ୮୭% ରହିଛି।

### ହର୍ମୁଜ୍ ଖୋଲିବାକୁ...

ଦେଇଥିବା ହେଜ୍‌ବୋଲ୍ଲାର ଆଡ୍ଡାଗୁଡ଼ିକ ଉପରେ ଟାର୍ଗେଟ କରୁଛୁ। ଏଥିରେ ଗୁରୁବାର ହେଜ୍‌ବୋଲ୍ଲା ନେତା ନଇମ୍ କାସେମ୍‌ଙ୍କ ଘନିଷ୍ଠ ସହଯୋଗୀ ଅଲୀ ୟୁସୁଫ୍ ହର୍ଶିଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଏହାର ଏୟାର ଷ୍ଟ୍ରାଇକ୍‌ରେ ଅନେକ ଆବାସିକ ଓ ବ୍ୟବସାୟିକ କୋଠା ଧରାଶାୟୀ ହୋଇଯାଇଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ତେହରାନ୍ ଚୁକ୍ତି ମୁତାବକ ସର୍ତ୍ତ ପୂରଣ ନ କଲେ ଇରାନ୍ ଉପରେ ପୂର୍ବାପେକ୍ଷା ଆହୁରି ଜୋର୍‌ଦାର ଆକ୍ରମଣ କରାଯିବ। କିନ୍ତୁ ଅଦ୍ୟାବଧି କୌଣସି ପକ୍ଷ ପ୍ରତ୍ୟକ୍ଷ ଆଲୋଚନା କରି ନ ଥିବାରୁ ସେହି ସର୍ତ୍ତଗୁଡ଼ିକ ବର୍ତ୍ତମାନ ବିବାଦୀୟ ହୋଇ ରହିଛି। ଇସ୍ରାଏଲ୍ ଲେବାନନ୍‌କୁ ଚୁକ୍ତିରେ ସାମିଲ କରି ନ ଥିବାବେଳେ ଇରାନ୍‌ର ୟୁରାନିୟମ୍ ସମ୍ବର୍ଦ୍ଧନକୁ ନେଇ ମଧ୍ୟ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନାହିଁ। ଏପରି କି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଇରାନ୍ ବିପୁଳ ଅର୍ଥ ଆଦାୟ କରି ଯୁଦ୍ଧର କ୍ଷତି ଭରଣା କରିବାକୁ ଚାହୁଁଛି। ଇରାନ୍‌ର ଆଣବିକ ଶକ୍ତି ସଂସ୍ଥା ମୁଖ୍ୟ ମହମ୍ମଦ ଏସ୍‌ଲାମି କହିଛନ୍ତି, ୟୁରାନିୟମ୍ ଏନ୍‌ରିଚ୍ ହେଉଛି ତେହରାନ୍‌ର ଅଧିକାର, ଯାହାକୁ ସୁରକ୍ଷା ଦେବା ଆମେରିକା ସହ ସିଜ୍‌ଫାୟାର ଆଲୋଚନା ପାଇଁ ଏକ ପ୍ରାକ୍ ଆବଶ୍ୟକତା। ସ୍ଥାୟୀ ଯୁଦ୍ଧବିରତି ପାଇଁ ତେହରାନ୍ ନିଜ ୧୦ ସୂତ୍ରୀ ଯୋଜନାରେ ୟୁରାନିୟମ୍ ସମ୍ବର୍ଦ୍ଧନ ପ୍ରସଙ୍ଗ ଉଲ୍ଲେଖ କରିଛି। ଆମେରିକା ଏହାକୁ ଅସ୍ୱୀକାର କଲେ ଶାନ୍ତି ଆଲୋଚନା ଆଗେଇ ନ ପାରେ। ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଉପରେ ଆଲୋଚନା ପାଇଁ ଏହା ହିଁ ଉପଯୁକ୍ତ ସମୟ। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି, ଲେବାନନ୍‌କୁ ଅସ୍ତ୍ରବିରତିରେ ସାମିଲ କରିବା ପାଇଁ ଆମେ ଅନୁରୋଧ କରିଥିଲୁ। କିନ୍ତୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପରବର୍ତ୍ତୀ ସମୟରେ ଲେବାନନ୍‌କୁ ଏଥିରୁ ବାଦ୍ ଦେଇଥିବାରୁ ଶାନ୍ତି ଆଲୋଚନା କେଉଁ ଆଡ଼କୁ ମୁହାଁଇବ ତାହା ଜଣାପଡୁନାହିଁ। ଇତିମଧ୍ୟରେ ନ୍ୟୁୟର୍କସ୍ଥିତ ଥିଙ୍କ୍‌ଟ୍ୟାଙ୍କ୍ ସୌଫାନ୍ ସେଣ୍ଟର ଅସ୍ତ୍ରବିରତି ଡିଲ୍ ଭାଙ୍ଗିଯିବ ବୋଲି ସତର୍କ କରାଇଛି। ଯଦି ଲେବାନନ୍ ଆନୁଷ୍ଠାନିକ ଭାବେ ଡିଲ୍‌ରୁ ବାହାରେ ରହିଛି ତେବେ ଇସ୍ରାଏଲ୍‌ର ଷ୍ଟ୍ରାଇକ୍‌କୁ ଉତ୍ତେଜନା ବୃଦ୍ଧି ରୂପେ ଦେଖାଯାଇପାରେ ବୋଲି ଏକ ବିଶ୍ଳେଷଣାତ୍ମକ ରିପୋର୍ଟରେ ଉକ୍ତ ସଂସ୍ଥା ଉଲ୍ଲେଖ କରିଛି। ଲେବାନନ୍ ସରକାର ପରିଚାଳିତ ନ୍ୟାଶନାଲ ନ୍ୟୁଜ୍ ଏଜେନ୍ସି ଗୁରୁବାର ରିପୋର୍ଟ କରିଛି ଯେ, ଇସ୍ରାଏଲ୍‌ର ରାତିଅଧିଆ ଆକ୍ରମଣରେ ଅନେକ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସେହିପରି ଇରାନ୍ ସରକାର ସମର୍ଥିତ ନ୍ୟୁଜ୍ ଏଜେନ୍ସି ଆଇଏସ୍‌ଏନ୍‌ଏ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ସି ମାଇନ୍ସ ବିଛାଯାଇଥିବା ସୂଚନା ଦେଇଛି। ତେବେ ଏହାର ସତ୍ୟାସତ୍ୟ ଜଣାପଡ଼ି ନାହିଁ। ଆମେରିକା ଉପରେ ଚାପ ସୃଷ୍ଟି ପାଇଁ ଉକ୍ତ ସଂସ୍ଥା ଏପରି କହୁଥିବା ଅନୁମାନ କରାଯାଉଛି। ତେବେ ଏଭଳି ପ୍ରତିକ୍ରିୟା ଓ ଜବାବୀ ମନ୍ତବ୍ୟ ଭିତରେ ହର୍ମୁଜ୍ ପ୍ରଣାଳୀରେ ତୈଳ ଓ ଗ୍ୟାସ୍ ପରିବହନକୁ ନେଇ ପୁଣି ଥରେ ଅନିଶ୍ଚିତତା ଘନେଇବାରେ ଲାଗିଛି।

### ତୈଳ ଦର ପୁଣି...

ବିଶ୍ୱର ଏକ ପ୍ରମୁଖ ତୈଳ ପରିବହନ ଚୋକ୍‌ପଏଣ୍ଟ। ଏହି ଜଳପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୩୦% କ୍ରୁଡ୍ ଅଏଲ୍ ଯାଇଥାଏ। କେପ୍‌ଲର ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଅସ୍ତ୍ରବିରତି ଘୋଷଣା କରାଯିବା ପରେ ମଧ୍ୟ ଏହି ଜଳପଥ ଦେଇ ଜାହାଜଗୁଡ଼ିକ ଯିବାକୁ ଚାହୁଁ ନାହାନ୍ତି। ହର୍ମୁଜ୍‌ରେ ଅଚଳାବସ୍ଥା ଯୋଗୁ ତୈଳ ଦର ପୁଣି ବଢ଼ିଛି। ଗୁରୁବାର ୟୁଏସ୍ କ୍ରୁଡ୍ ଅଏଲ୍ ମୂଲ୍ୟରେ ୬.୮% ବୃଦ୍ଧି ଘଟିଛି। ଏହା ବ୍ୟାରେଲ ପିଛା ୧୦୦.୭୯ ଆମେରିକୀୟ ଡଲାର ଅତିକ୍ରମ କରିଛି। ସେହିପରି ବ୍ରେଣ୍ଟ କ୍ରୁଡ୍‌ରେ ମଧ୍ୟ ୩.୭% ବୃଦ୍ଧି ଘଟିବାରୁ ଏହା ବ୍ୟାରେଲ ପିଛା ୯୮.୨୪ ଡଲାରରେ ବିକ୍ରି ହେଉଛି। ଯୁଦ୍ଧ ପୂର୍ବରୁ ବ୍ରେଣ୍ଟ ମୂଲ୍ୟ ୭୦ ଡଲାର ଥିବାବେଳେ ସଂଘର୍ଷ ବେଳେ ସର୍ବାଧିକ ୧୧୯ ଡଲାରକୁ ବଢ଼ିଥିଲା। ବର୍ତ୍ତମାନର ସ୍ଥିତି ଲାଗି ରହିଲେ ତୈଳ ମୂଲ୍ୟ ପୁଣି ଆକାଶଛୁଆଁ ହୋଇପାରେ ବୋଲି ବଜାର ବିଶେଷଜ୍ଞ ମତ ଦେଉଛନ୍ତି। ଭାରତୀୟ ଶେୟାର ବଜାର ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନିଫ୍ଟି ୨୨୫ ପଏଣ୍ଟ (୦.୯୩%) ହ୍ରାସ ପାଇ ୨୩,୭୭୫କୁ ଖସିଥିବାବେଳେ ସେନ୍‌ସେକ୍ସ ୯୫୦ (୧.୨%) ପଏଣ୍ଟ ହ୍ରାସ ପାଇ ୭୬,୬୩୧କୁ ଖସିଛି। ବିଗତ ୫ ସେସନ୍‌ର ଲାଭ ଦିନକରେ ଉଭାନ୍ ହୋଇଯାଇଛି। ବିଦେଶୀ ସଂସ୍ଥାଗତ ନିବେଶକ ୧,୭୧୧ କୋଟି ଟଙ୍କାର ଷ୍ଟକ୍ସ ବିକ୍ରି କରିଥିବାବେଳେ ଭାରତୀୟ ନିବେଶକମାନେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି।

# ଭାରତ ଏବେ ବି ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି : ବିଶ୍ୱବ୍ୟାଙ୍କ




ନୂଆଦିଲ୍ଲୀ,୯।୪

ରୁଷଆ-ୟୁକ୍ରେନ୍ ଯୁଦ୍ଧ ପରଠାରୁ ବୈଶ୍ୱିକ ଅର୍ଥନୀତି ଅଭିବୃଦ୍ଧି ଧାରା ବ୍ୟାହତ ହେବା ପରେ ୟୁରୋପ ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକର ଆର୍ଥିକ ସ୍ଥିତି ମାନ୍ଦା ଅବସ୍ଥା ଦେଇ ଗତି କରିଥିଲା। ଏହା ପରେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବୈଶ୍ୱିକ ଅର୍ଥନୀତିକୁ ଆହୁରି ଗମ୍ଭୀର କରିଦେଇଛି। ବିଶେଷକରି ତେଲ ଏବଂ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା ପରେ ସାମଗ୍ରିକ ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତ ହେବା ସହ ଆଗକୁ ସ୍ଥିତି ଆହୁରି ଖରାପ ହୋଇପାରେ ବୋଲି ଆକଳନ କରାଯାଉଛି। ଏହାସତ୍ତ୍ୱେ ଭାରତର ଅର୍ଥନୀତି ବ୍ୟବସ୍ଥା ସବୁ ଦିଗରୁ ସୁଦୃଢ଼ ରହିଛି ଏବଂ ଆଗାମୀ ଦିନରେ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୨୦୨୫-୨୬ ବର୍ଷରେ ଭାରତର ଅଭିବୃଦ୍ଧି ୭.୭ ପ୍ରତିଶତ ଆକଳନ କରାଯାଇଥିଲା ବେଳେ ୨୦୨୬-୨୭ରେ ଏହା ୬.୬ ପ୍ରତିଶତକୁ ଖସିପାରିବ। ଏହାସତ୍ତ୍ୱେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ହୋଇ ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ଗୁରୁବାର ବିଶ୍ୱବ୍ୟାଙ୍କ ପକ୍ଷରୁ ଇଣ୍ଡିଆ ଡେଭଲପମେଣ୍ଟ ଅପଡେଟ୍ ରିପୋର୍ଟ ପ୍ରକାଶ କରାଯାଇ ଏଥିରେ କୁହାଯାଇଛି, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତେଲ ଦର ବୃଦ୍ଧି ଭାରତର ଅଭିବୃଦ୍ଧି ଧାରା ପାଇଁ ପ୍ରତିବନ୍ଧକ ହେବ। ଏହାବ୍ୟତୀତ ପଶ୍ଚିମ ଏସିଆ ଦେଶଗୁଡ଼ିକ ସହ ଆର୍ଥିକ କାରବାରକୁ ନେଇ ଉପୁଜିଥିବା ସମସ୍ୟା ମଧ ଅନ୍ୟତମ କାରଣ ହେବ। ଉପସାଗରୀୟ ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭାରତୀୟ ରହୁଥିବାବେଳେ ସେଠାରୁ ଭାରତକୁ ଆସୁଥିବା ଅର୍ଥ ରାଶି ହ୍ରାସ ପାଇବ। ସେହିପରି ଏସବୁ ଦେଶକୁ ଭାରତରୁ ବିଭିନ୍ନ କ୍ଷେତ୍ରରେ ହେଉଥିବା ରପ୍ତାନି ବାଧାପ୍ରାପ୍ତ ହେବା ଯୋଗୁ ଏହା ଜାତୀୟ ଅର୍ଥନୀତିକୁ ମାତ୍ରାଧିକ ପ୍ରଭାବିତ କରିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। କୋଭିଡ୍ ପରେ ଭାରତ ଏହାର ବିଭିନ୍ନ ନିଅଣ୍ଟ ସ୍ଥିତିରେ ଅଧିକ ସୁଧାର ଆଣିପାରିଛି। କିନ୍ତୁ ମଧ୍ୟପ୍ରାଚ୍ୟ ସ୍ଥିତି ଏହି ଧାରାକୁ ବିଗାଡ଼ିପାରେ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ସିଆଇଆଇ ପକ୍ଷରୁ ଅତ୍ୟାଧୁନିକ ଉତ୍ପାଦନ ଭବିଷ୍ୟତକୁ ନେଇ ଆଲୋଚନା

ଭୁବନେଶ୍ୱର,୯।୪

କୋଲକାତାରେ ଆଡଭାନ୍ସଡ୍ ମାନୁଫାକ୍ଚରିଂ ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ଉତ୍ପାଦନ କ୍ଷେତ୍ରର ଭବିଷ୍ୟତକୁ ଉପରେ ଆଲୋଚନା କରାଯାଇଛି। ଭାରତରେ ଉତ୍ପାଦନ କ୍ଷେତ୍ରର ବିସ୍ତାର ସହ ଇଣ୍ଡଷ୍ଟ୍ରି ୪.୦ ଟେକ୍ନୋଲୋଜିର ପ୍ରଚଳନ ଏବଂ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳାରେ ସ୍ଥିତି ସୁଦୃଢ଼ କରାଯିବା ସମ୍ପର୍କରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀରେ ଶିଳ୍ପ କ୍ଷେତ୍ରର ବରିଷ୍ଠ ନେତୃତ୍ୱ ଓ ନୀତି ପ୍ରଣେତା ଏକତ୍ରିତ ହୋଇଥିଲେ। ଏଥିରେ 'ଷ୍ଟ୍ରାଟେଜିକ୍ ଇନ୍‌ସାଇଟ୍ସ ଅନ୍ ଆଡଭାନ୍ସଡ୍ ମାନୁଫାକ୍ଚରିଂ-ଏ ସିଆଇଆଇ ଏମ୍‌ଏଫ୍‌ଏସ୍ ରିପୋର୍ଟ' ଶୀର୍ଷକ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କ ଡବ୍ଲୁଇବିଆଇଏଲ୍‌ର ଅଧକ୍ଷ ସୁତୀର୍ଥ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏଭଳି ସମ୍ମିଳନୀ ପରିବର୍ତ୍ତିତ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ସିଆଇଆଇର ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଇକ୍ୱିପମେଣ୍ଟ ଡିଭିଜନ (ଏମ୍‌ସିଇଡି) ଅଧକ୍ଷ ଏବଂ ଟିକେଆଇଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ବିବେକ ଭାଟିଆ ଭାରତ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ ହେଲେ ଉତ୍ପାଦନ କ୍ଷେତ୍ରକୁ ବିସ୍ତାର କରିବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ସିଆଇଆଇ ନ୍ୟାସନାଲ କମିଟି ଅନ୍ ସ୍ମାର୍ଟ ମାନୁଫାକ୍ଚରିଂର ଅଧକ୍ଷ ଓ ହନିୱେଲ ଅଟୋମେଶନ ଇଣ୍ଡିଆର ଏମ୍‌ଡି ଦିଲୀପ ସାହାନି କହିଥିଲେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ ଶକ୍ତି କ୍ଷେତ୍ର ଓ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ବେଳେ ଟାରିଫ ଯୋଗୁ ବାଣିଜ୍ୟରେ ବ୍ୟାଘାତ ଜାରି ରହିଛି। ତେବେ ପିଏଲ୍‌ଆଇ ଭଳି ପଦକ୍ଷେପ ଓ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳା ସହ ଗଭୀର ସମନ୍ୱୟ ମାଧ୍ୟମରେ ଉତ୍ପାଦନ କ୍ଷେତ୍ର ବୃଦ୍ଧି ପାଉଛି ଓ ନିବେଶ ଆକର୍ଷିତ କରୁଛି।



ବିଏସ୍‌ଇ ସେନ୍‌ସେକ୍ସ
୭୬, ୬୩୧(-୯୩୦)



୧ ଡଲାର = ୯୨.୬୩ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୯୬.୦୪ ଡଲାର

# ଭାରତରେ ମଦ କାଚବୋତଲ, କ୍ୟାନ୍‌ର ଘୋର ଅଭାବ



## ଆମଦାନୀ ଶୁଳ୍କ ରିହାତି ପାଇଁ ୟୁରୋପୀୟ କମ୍ପାନୀଙ୍କ ଦାବି

ନୂଆଦିଲ୍ଲୀ, ୯।୪ (ରଏଟର୍ସ)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ଯୋଗୁ ୬୫ ବିଲିୟନ ଡଲାରର ଭାରତୀୟ ମଦ ବଜାରରେ କାଚ ବୋତଲ ଓ ଆଲୁମିନିୟମ କ୍ୟାନ୍ ଘୋର ଅଭାବ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ପେରନୋଡ ରିଚାର୍ଡ୍, ହେଇନେକେନ ଏବଂ କାର୍ଲସବର୍ଗ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ଏକ ପ୍ରତିନିଧି ଦଳ ଭାରତ ସରକାରଙ୍କୁ ପ୍ୟାକେଜିଂ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଅନୁରୋଧ କରିଛି। ଫେଡେରେଶନ ଅଫ୍ ୟୁରୋପିଆନ ବିଜ୍‌ନେସ୍ ଇନ୍ ଇଣ୍ଡିଆ (ଏଫ୍‌ଇବିଆଇ) ପକ୍ଷରୁ ସରକାରଙ୍କୁ ଚିଠି ଲେଖାଯାଇଛି। ଏଥିରେ କାଚ ବୋତଲ ଓ ଆଲୁମିନିୟମ କ୍ୟାନ୍ ଆମଦାନୀ ଉପରେ ୧୦% ଶୁଳ୍କକୁ ସାମୟିକ ଭାବେ ଛାଡ଼ କରିବାକୁ ଦାବି କରାଯାଇଛି। ଯୁଦ୍ଧ ଉତ୍ତେଜନା ଯୋଗୁ ଭାରତକୁ ଏଲ୍‌ଏନ୍‌ଜି ଆମଦାନୀ ବାଧାପ୍ରାପ୍ତ ହୋଇଛି। ଫଳରେ ଦେଶର କାଚ କାରଖାନାଗୁଡ଼ିକ ସମ୍ପୂର୍ଣ୍ଣ କ୍ଷମତାରେ କାମ କରିପାରୁନାହାନ୍ତି, ଯାହା ମଦ ବୋତଲର ଅଭାବ ସୃଷ୍ଟି କରିଛି। କମ୍ପାନୀଗୁଡ଼ିକ କହିଛନ୍ତି ଯେ କଞ୍ଚାମାଲ ଦାମ ପ୍ରାୟ ୧୫% ବଢ଼ିଯାଇଛି। ଭାରତର ୨୮ ରାଜ୍ୟ ମଧ୍ୟରୁ ଦୁଇତୃତୀୟାଂଶରେ ମଦ ଦର ସରକାର ନିୟନ୍ତ୍ରଣ କରୁଥିବାରୁ କମ୍ପାନୀଗୁଡ଼ିକ ସହଜରେ ମୂଲ୍ୟ ବୃଦ୍ଧି କରିପାରୁନାହାନ୍ତି। ବ୍ରୁଅର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ଚେତାବନୀ ଦେଇଛି ଯେ ପ୍ୟାକେଜିଂ ସାମଗ୍ରୀ ଅଭାବରୁ ଯୋଗାଣ ବନ୍ଦ ହେଲେ ସରକାର ବାର୍ଷିକ ପାଉଥିବା ପ୍ରାୟ ୫.୫୨ ବିଲିୟନ ଡଲାର ଟିକସ ହରାଇପାରନ୍ତି। ସୂତ୍ର ଅନୁସାରେ, ସରକାର ଶୁଳ୍କ ରିହାତି ନ ଦେଲେ ଆସନ୍ତା ମେ ମାସ ସୁଦ୍ଧା ବଜାରରେ ବିଅର ଓ ଅନ୍ୟାନ୍ୟ ମଦର ଘୋର ଅଭାବ ଦେଖାଦେଇପାରେ।

# ଚନ୍ଦ୍ରଶେଖରପୁରରେ ଚାନ୍ଦିଭଣ୍ଡାରର ନୂଆ ଷ୍ଟୋର




ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ୨୯ତମ ଷ୍ଟୋର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ନିର୍ଦ୍ଦେଶିକା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ଷ୍ଟୋରର ଶୁଭାରମ୍ଭ ତଥା ଅକ୍ଷୟ ତୃତୀୟା ଅଫର ଘୋଷଣା କରିଛନ୍ତି । ଲିପସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ଏହି ଅଫର ଏପ୍ରିଲ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ ତମ ଷ୍ଟୋର ଖୋଲିବାକୁ ଯାଉଛି। ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ପାଉଁଜି ଆଦି ରହିଛି । ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ୍ କିଡ୍‌ସ୍ କଲେକ୍ସନ ରହିଛି। ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା' ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି।

# ମାଲାବାର ଅନୁଗୋଳ ଷ୍ଟୋର ପକ୍ଷରୁ ଗହଣାର କଳାତ୍ମକ ପ୍ରସ୍ତୁତି



ଅନୁଗୋଳ,୯।୪(ଦିବ୍ୟଶାନ୍ତନୁ ନାଥ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନୁଗୋଳ ଶାଖା ପକ୍ଷରୁ ଏହାର ଗହଣାଗୁଡ଼ିକର ଏକ କଳାତ୍ମକ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବଣିକ ସଂଘ ଅଧ୍ୟକ୍ଷ ତଥା ଜାତୀୟ ଉପସଭାପତି ରାଜକୁମାର ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ମାଲାବାର ସୁନା ଓ ହୀରା ଗହଣାର ଶୁଦ୍ଧତା, ଆକର୍ଷଣୀୟ ଅଫର ଯୋଗୁ ଏହା ପ୍ରତି ଗ୍ରାହକଙ୍କ ରୁଚି ବଢ଼ିଥିବା ଶୁକ୍ଳା ପ୍ରକାଶ କରିଥିଲେ। ଏପ୍ରିଲ ୯ରୁ ୧୯ ପର୍ଯ୍ୟନ୍ତ ମାଲାବାର ପକ୍ଷରୁ ଗହଣାର ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଚାଲୁ ରହିଛି। ପ୍ରତିଟି ଗହଣାରେ କଳାର ଉତ୍କର୍ଷ ଦେଖିବାକୁ ମିଳୁଛି, ଯାହାକି ସବୁ ପ୍ରକାର ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ମାଲାବାର ଚେୟାରମ୍ୟାନ ଏମ୍. ପି. ଅହମ୍ମଦ ପ୍ରକାଶ କରିଛନ୍ତି। ଏହି ସମାରୋହରେ ସ୍ଥାନୀୟ କାଉନସିଲର ରଞ୍ଜିତ ମାଣ୍ଡୋଠିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏପ୍ରିଲ ୯ରୁ ୧୯ ତାରିଖ ମଧ୍ୟରେ ମାଲାବାର ସୁନା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଥିବା ପରିଚାଳକ ୟୁନୁସ ପ୍ରକାଶ କରିଛନ୍ତି। ଏହି ପ୍ରଦର୍ଶନୀ ଅବସରରେ ସ୍ଥାନୀୟ ମଡେଲମାନେ ମାଲାବାର ଗହଣା ପିନ୍ଧି କ୍ୟାଟ୍‌ୱାକ୍ କରିଥିଲେ।

# କିସ୍ ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରବୃତ୍ତି, ନିଯୁକ୍ତି ଘୋଷଣା

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)




ଅନନ୍ତ ଅମ୍ବାନୀଙ୍କ ଜନ୍ମଦିନ ଅବସରରେ ଭୁବନେଶ୍ୱରସ୍ଥିତ କିସ୍ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପାଇଁ ରିଲାଏନ୍ସର ଚାକିରି ସୁଯୋଗ, ଚଳିତ ଶିକ୍ଷାବର୍ଷରେ କିସ୍ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜି ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ବନ୍ୟପ୍ରାଣୀ କେନ୍ଦ୍ର ବନ୍‌ତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରାଯାଇଛି। ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସ୍‌ର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପ୍‌ର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ। ଏହା ଜନଜାତି ଯୁବତୀଯୁବକଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ। ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧିକରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନାକରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ୍ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରୀଛାତ୍ରମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ବନ୍‌ତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ। ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ବିଦ୍ୟାର୍ଥୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜଭୁତ କରିବ।

# ଗୁଗଲ ଏଆଇ ପାଇଁ ପତଞ୍ଜଳି ତଥ୍ୟ ମାଗିଲା ଡବ୍ଲ୍ୟୁଏଚ୍‌ଓ



ହରିଦ୍ୱାର,୯।୪

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଡିଜିଟାଲ୍ ଯୁଗର ବୃହତ୍ କମ୍ପାନୀ ଏଆଇ ପାଇଁ ପତଞ୍ଜଳି ଦ୍ୱାରା ସଂଗୃହୀତ ତଥ୍ୟ ଲୋଡ଼ିଛି। ୧୯୯୯ରେ ଡବ୍ଲ୍ୟୁଏଚ୍‌ଓ ବିଶ୍ୱର ସମସ୍ତ ପାରମ୍ପରିକ ଔଷଧୀୟ ଜ୍ଞାନ ଓ ଉଦ୍ଭିଦ ଆଧାରିତ ଚିକିତ୍ସା ପଦ୍ଧତିକୁ ଏକତ୍ରିତକରି ଏକ ବିଶ୍ୱକୋଷ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ଆରମ୍ଭ କରିଥିଲା। ପ୍ରାୟ ୧୧ ବର୍ଷ ପରେ ୨୦୧୦ରେ ଏହି କାର୍ଯ୍ୟକୁ ଅସମ୍ଭବ ବୋଲି କହି କେବଳ ୩ଟି ଭଲ୍ୟୁମ୍ ପ୍ରକାଶ କରି ଛାଡ଼ିଦେଇଥିଲା। ଏହି ସମୟରେ ପତଞ୍ଜଳି ଯୋଗପୀଠ ୨୦୦୩-୦୪ରେ ନିଜସ୍ୱ ଉଦ୍ୟମରେ ଏହି ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲା। ୨ ଦଶକର ଗବେଷଣା ଓ ସଂଗ୍ରହ ପରେ ୨୦୨୨ରେ 'ବିଶ୍ୱ ଭେଷଜ ସଂହିତା'ର ୧୦୯ ଖଣ୍ଡ ପ୍ରସ୍ତୁତ ହୋଇଛି। ଏହି ମହାଗ୍ରନ୍ଥରେ ପ୍ରାୟ ୧.୨୫ ଲକ୍ଷ ପୃଷ୍ଠା ରହିଛି। ଏଥିରେ ୩.୬୦ ଲକ୍ଷ ଚାରାରୁ ୫୦ ହଜାର ଔଷଧୀୟ ଉଦ୍ଭିଦର ପରିଚୟ, ୨୦୦୦ରୁ ଅଧିକ ଜନଜାତିର ପାରମ୍ପରିକ ଜ୍ଞାନର ଦସ୍ତାବିଜୀକରଣ, ୯୬୪ ହିଲିଂ ପ୍ରାକ୍ଟିସ୍, ୯ରୁ ଅଧିକ ଚିକିତ୍ସା ପଦ୍ଧତି ଏବଂ ୧୨ ଲକ୍ଷରୁ ଅଧିକ ସ୍ଥାନୀୟ ନାମର ସଂଗ୍ରହ ରହିଛି। ଡେରାଡୁନ୍‌ର ଡୁନ୍ ପୁସ୍ତକ ମେଳାରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଦ୍ୱାରା ଏହି କାର୍ଯ୍ୟର ବିବରଣୀ ପ୍ରକାଶ ପାଇଛି।

# ପିଏମ୍‌ଏମ୍‌ୱାଇରେ ୫୭.୭୯ କୋଟି ଋଣ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

୨୦୧୫ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)କୁ ୧୧ ବର୍ଷ ପୂରଣ ହୋଇଛି। ଏହି ଯୋଜନା ଦେଶର ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ପିଏମ୍‌ଏମ୍‌ୱାଇ ଏମ୍‌ଏସ୍‌ଏମ୍‌ଇ ଓ ବ୍ୟକ୍ତିଗତ ଉଦ୍ୟୋଗୀଙ୍କ ପାଇଁ ଋଣ ପରିଦୃଶ୍ୟକୁ ନୂଆ ରୂପ ଦେଇଛି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଛି। ଏହି ଯୋଜନା ଅଣ-କର୍ପୋରେଟ୍ ଓ ଅଣ-କୃଷି କାର୍ଯ୍ୟକଳାପ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ପ୍ରଦାନ କରେ। ଗତ ୧୧ ବର୍ଷରେ ମୋଟ ୫୭.୭୯ କୋଟି ଋଣ ମାଧ୍ୟମରେ ୪୦.୦୭ ଲକ୍ଷ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ମହିଳା ଉଦ୍ୟୋଗୀଙ୍କୁ ଦୁଇ ତୃତୀୟାଂଶରୁ ଅଧିକ ଋଣ ମିଳିଛି ଏବଂ ୬୭% ହିତାଧିକାରୀ ମହିଳା ଅଛନ୍ତି। ପ୍ରଥମଥର ଉଦ୍ୟୋଗୀଙ୍କୁ ୧୨.୧୫ କୋଟି ଋଣ ଯୋଗାଇ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି। ଏହାସହ ୫୧% ହିତାଧିକାରୀ ଓବିସି ବର୍ଗର ଅଛନ୍ତି। ଯୋଜନା ଅନ୍ତର୍ଗତ ଶିଶୁ, କିଶୋର, ତରୁଣ ଏବଂ ତରୁଣ ପ୍ଲସ୍ ବର୍ଗରେ ଯଥାକ୍ରମେ ୫୦ ହଜାର, ୫ ଲକ୍ଷ, ୧୦ ଲକ୍ଷ ଏବଂ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ ରହିଛି। ଏହି ଯୋଜନା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଓ ଏମ୍‌ଏଫ୍‌ଆଇ ଠାରୁ ସହଜରେ ଋଣ ପାଇବାର ସୁଯୋଗ ଦେଇଛି।

# ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯିବେ ପ୍ରତିନିଧି ଦଳ

ନୂଆଦିଲ୍ଲୀ,୯।୪

ଭାରତ ଏବଂ ଆମେରିକା ମଧ୍ୟରେ ଗତ ଫେବୃଆରୀରେ ହୋଇଥିବା ଅନ୍ତରୀଣ ଟ୍ରେଡ୍ ଡିଲ୍‌କୁ ନେଇ ଚଳିତ ମାସ ମଧ୍ୟଭାଗରେ ପୁଣି ଆଲୋଚନା ଆରମ୍ଭ ହେବ। ଏଥିପାଇଁ ଭାରତରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଆମେରିକା ଗସ୍ତରେ ଯିବେ ବୋଲି ଗୁରୁବାର ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଆମେରିକା ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍‌କୁ ନେଇ ହୋଇଥିବା ପୂର୍ବ ବୁଝାମଣା କିଭଳି କାର୍ଯ୍ୟକାରୀ ହେବ ତାହା ଏବେ ଗୁରୁତ୍ୱପୂର୍ଣ୍ଣ ରହିଛି। ତେବେ ମୁଖ୍ୟତଃ ଏହି ପ୍ରସଙ୍ଗରେ ଭାରତୀୟ ପ୍ରତିନିଧି ଦଳ ଆମେରିକୀୟ ପ୍ରତିପକ୍ଷଙ୍କ ସହ ଆଲୋଚନାକରିବା ସହ ଟାରିଫ ବ୍ୟବସ୍ଥାକୁ ନେଇ ନିଷ୍ପତ୍ତି ନେବେ ବୋଲି କୁହାଯାଇଛି। ଟ୍ରେଡ୍ ଡିଲ୍‌କୁ ନେଇ ପ୍ରଥମଥର ଉଭୟ ପକ୍ଷ ବ୍ୟକ୍ତିଗତ ସାକ୍ଷାତକରି ଆଲୋଚନା କରିବେ।

# ଜୁନ୍ ସୁଦ୍ଧା ୨୫୦୦ ସୌରଚାଳିତ ସିସିଟିଭି ଲଗାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ସୌରଚାଳିତ ସିସିଟିଭି ସ୍ଥାପନ କରାଯାଉଛି। ଏହା ଅଧୀନରେ ସମସ୍ତ ଡିଭିଜନରେ ବର୍ତ୍ତମାନ ସୁଦ୍ଧା ୧୬୬ଟି ସୌରଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିଛି। ଏଥିମଧ୍ୟରେ ୱାଲ୍‌ଟିଅର ଡିଭିଜନରେ ୧୧୩, ସମ୍ବଲପୁର ଡିଭିଜନରେ ୪୭ ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନରେ ୬ଟି ସୌରଚାଳିତ କ୍ୟାମେରା ରହିଛି। ୨୦୨୬ ଜୁନ୍ ସୁଦ୍ଧା ଏହାର କ୍ଷେତ୍ରାଧିକାରରେ ୨,୫୦୦ରୁ ଅଧିକ ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ୟାମେରାଗୁଡ଼ିକ ଷ୍ଟେଶନ ପରିସର, ମାର୍ଶାଲିଂ ୟାର୍ଡ, ଲେଭଲ କ୍ରସିଂ ଏବଂ ପୃଥକ୍ ଟ୍ରାକ୍ ସେକ୍ସନ ଭଳି ଉଚ୍ଚ ବିପଦପୂର୍ଣ୍ଣ ଏବଂ ଅଧିକ ଟ୍ରାଫିକ୍ ସ୍ଥାନରେ ରଣନୈତିକ ଭାବରେ ସ୍ଥାପିତ ହୋଇଛି।

## ସୌର ନିରୀକ୍ଷଣ ଅଭିଯାନ

ସୌର ସିସିଟିଭି କ୍ୟାମେରା ନିୟୋଜନ ଦ୍ୱାରା ନିରୀକ୍ଷଣ କରାଯାଇଥିବା ସେକ୍ସନ ଗୁଡ଼ିକରେ ଆପରାଧିକ ଏବଂ ଅସୁରକ୍ଷିତ କାର୍ଯ୍ୟକଳାପରେ ହ୍ରାସ ପରିଲକ୍ଷିତ ହେଉଛି। ନିରୀକ୍ଷଣ ଅଧୀନ ଅଞ୍ଚଳଗୁଡ଼ିକରେ ଟ୍ରେନ୍ ଉପରେ ପଥର ଫିଙ୍ଗା, କେବୁଲ ଚୋରି, ଅନୁପ୍ରବେଶ ଏବଂ ଟ୍ରାକ୍ ଭାଙ୍ଗିବା ପ୍ରୟାସ ଭଳି ଘଟଣାଗୁଡ଼ିକ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି। କ୍ୟାମେରାର ଦୃଶ୍ୟମାନ ଉପସ୍ଥିତି ଏକ ଦୃଢ଼ ପ୍ରତିରୋଧକ ଭାବରେ କାର୍ଯ୍ୟ କରିଛି, ଯାହା ଅସାମାଜିକ ବ୍ୟକ୍ତିମାନଙ୍କୁ ଏପରି କାର୍ଯ୍ୟକଳାପରେ ଲିପ୍ତହେବାରୁ ନିରୁତ୍ସାହିତ କରିଛି। ଏହା ବ୍ୟତୀତ ରେକର୍ଡ ହୋଇଥିବା ଫୁଟେଜ୍ ଅପରାଧୀମାନଙ୍କର ଶୀଘ୍ର ଚିହ୍ନଟ, ପ୍ରମାଣ ଆଧାରିତ ତଦନ୍ତ ଏବଂ ବିଚାରରେ ଉଚ୍ଚ ସଫଳତାକୁ ସକ୍ଷମ କରି ଆର୍‌ପିଏଫ୍ ଏବଂ ଜିଆର୍‌ପି ଭଳି ସୁରକ୍ଷା ଏଜେନ୍ସିଗୁଡ଼ିକର ଦକ୍ଷତାକୁ ବୃଦ୍ଧି କରିଛି। ସୂଚନା ଥାଉକି, ପୂର୍ବତଟ ରେଳପଥ ଘନ ଜଙ୍ଗଲ ଏବଂ ଦୂରବର୍ତ୍ତୀ ଟ୍ରାକ୍ ଅଂଶ ସମେତ ଦୁର୍ଗମ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ଆକାଶ ମାର୍ଗରେ ନିରୀକ୍ଷଣ ପାଇଁ ୧୦ଟି ଡ୍ରୋନ୍ ନିୟୋଜିତ କରିଛି। ୨୦୨୬ ଶେଷ ସୁଦ୍ଧା ଡ୍ରୋନ୍ ଫ୍ଲିଟ୍ ସଂଖ୍ୟା ୧୫କୁ ବୃଦ୍ଧି କରାଯିବ ଯାହାକି, ବ୍ଲାଇଣ୍ଡ ସ୍ପଟ୍ କମାଇ ମୋଟ ସୁରକ୍ଷା ଆବରଣକୁ ଆହୁରି ସୁଦୃଢ଼ କରିବ। ସମ୍ପୂର୍ଣ୍ଣ ସିସିଟିଭି ନେଟ୍‌ୱର୍କ ସୌର ଶକ୍ତିରେ ଚାଲୁଥିବାରୁ ଏହା ପାରମ୍ପରିକ ବିଦ୍ୟୁତ୍ ଉପରେ ନିର୍ଭରକରେ ନାହିଁ। ଏହି ସିଷ୍ଟମଟି ସର୍ବନିମ୍ନ ପରିଚାଳନା ଖର୍ଚ୍ଚ, ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏହାକୁ ସ୍ଥାୟୀ ଏବଂ ଆର୍ଥିକ ଭାବରେ ଦକ୍ଷ କରିଥାଏ।

# ଇଣ୍ଡିଆନ ବ୍ୟାଙ୍କର ନୂତନ କ୍ଷେତ୍ର ମହାପ୍ରବନ୍ଧକ

ଭୁବନେଶ୍ୱର,୯।୪

ଇଣ୍ଡିଆନ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟର କ୍ଷେତ୍ର ମହାପ୍ରବନ୍ଧକ ଭାବେ କନକା ଏସ୍ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଷ୍ଟାଫ୍ ଟ୍ରେନିଂ କଲେଜ( ଇମେଜ୍) ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରୁଥିଲେ। ୧୯୯୨ରେ ଇଣ୍ଡିଆନ ବ୍ୟାଙ୍କରେ ଯୋଗଦେଇଥିବା କନକା ଦେଶର ବିଭିନ୍ନ ଭାଗରେ ଶାଖା କାର୍ଯ୍ୟାଳୟରେ ୩ ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାଙ୍କିଙ୍ଗ୍



କନକା ଏସ୍

କ୍ଷେତ୍ରରେ ବହୁ ଅଭିଜ୍ଞତା ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ଅଧୀନରେ ଓଡ଼ିଶା ସମେତ ଛତିଶଗଡ଼ର ୫ଟି ଅଞ୍ଚଳ କାର୍ଯ୍ୟାଳୟ ରହିଛି।

# ଅରୁନ୍ଧତୀ ଜୁଏଲର୍ସକୁ ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ ସମ୍ମାନ



ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ୍ (ଜିଜେସି) ପକ୍ଷରୁ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସକୁ ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬ ସମ୍ମାନ ପ୍ରଦାନ କରାଯାଇଛି। ମୁମ୍ବାଇରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ମେହେର କହିଛନ୍ତି, ଅରୁନ୍ଧତୀ ପ୍ରତି ଥିବା ଓଡ଼ିଶାବାସୀଙ୍କ ସ୍ନେହଶ୍ରଦ୍ଧା, ଭଲ ପାଇବା ଏକ ଅତୁଟ ବିଶ୍ୱାସର ସୁନ୍ଦର ପ୍ରତିଫଳନ, ସେହି ବିଶ୍ୱାସ ଭରସା ହିଁ ଅରୁନ୍ଧତୀ ବିକାଶର ମୂଳଦୁଆ। ଅରୁନ୍ଧତୀ ଜୁଏଲର୍ସ ନିଜର ଶୁଦ୍ଧତା, ସ୍ୱଚ୍ଛତା ଓ ନିରନ୍ତର ସେବାକୁ ବଜାୟ ରଖିବା ସହିତ ଆଗାମୀ ଦିନରେ ଓଡ଼ିଶାର ନାମକୁ ଜାତୀୟସ୍ତରରେ ଆହୁରି ଉଜ୍ଜ୍ୱଳ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ମେହେର କହିଛନ୍ତି। ଉତ୍ସବରେ ଜିଜେସିର ଉପାଧ୍ୟକ୍ଷ ରାଜେଶ ରୋକେଡେ, ଆଇଡିଟିର ପରିଚାଳନା ନିର୍ଦ୍ଦେଶକ ଗୌରବ ଇସାର ଏବଂ ଜିଜେସି ଉପାଧ୍ୟକ୍ଷ ଅବିନାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:...................................
ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍

**କଟକ, ୯।୪ (କୁମାରଶ୍ରୀ)**

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହେବ। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ହୋଇଛି। ଖେଳାଳିମାନେ ଅଭ୍ୟାସ୍ ଶେଷ କରିଥିବା ବେଳେ ମ୍ୟାଚ୍‌ର ଡ୍ର ନିର୍ଦ୍ଧାରଣ କରାଯାଇଛି ବୋଲି ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାଶ କହିଛନ୍ତି। ଅଭିନବ ଢ଼ଙ୍ଗରେ ଆୟୋଜିତ ହେଉଥିବା ଏହି ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରାଯିବ ନାହିଁ। ଡଙ୍ଗା ଭଳି ଏକ ମେସିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ପ୍ରତିଯୋଗୀ ଏଥିରେ ଭାଗ ନେଉଛନ୍ତି।

# ରେଡ୍ ଷ୍ଟାର-ପାରାମାଉଣ୍ଟ ଫାଇନାଲ

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ୧୦୩ ରନରେ ହରାଇ କ୍ଲବ ଦି ରେଡ୍ ଷ୍ଟାର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବା ପାରାମାଉଣ୍ଟ ସ୍ପୋର୍ଟିଂକୁ ଟାଇଟଲ ମୁକାବିଲାରେ ଭେଟିବ ରେଡ୍ ଷ୍ଟାର। ତେବେ କାଳବୈଶାଖି ଜନିତ ବର୍ଷା କାରଣରୁ ପଡ଼ିଆ ଓଦା ଥିବାରୁ ଫାଇନାଲ ଶୁକ୍ରବାର ପରିବର୍ତ୍ତେ ଆସନ୍ତା ରବିବାର ଅନୁଷ୍ଠିତ ହେବ ବୋଲି ଆୟୋଜକ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ବର୍ଷା ଜନିତ କାରଣରୁ ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇପାରି ନ ଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ସର୍ବାଧିକ ୫୭, ମିଧାଂଶୁ ଦାସ ୪୬ ରନ ସଂଗ୍ରହ କରିଥିଲେ। ବିପକ୍ଷ ବୋଲର ଅଭିଷେକ ସେନାପତି ୩ ଉଇକେଟ ନେଇଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୨୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ମଲିକ ସର୍ବାଧିକ ୨୪ ରନ କରିଥିଲେ। ବିଜୟୀ ଦଳର ମିଧାଂଶୁ ଦାସ ଓ ମୃତ୍ୟୁଞ୍ଜୟ ଦାସ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମିଧାଂଶୁ ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଅତିଥି ଭାବରେ ରଣଜୀ ଖେଳାଳି ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଏବଂ ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ ଜ୍ୱାଇଁ ତପନ କୁମାର ପାଢ଼ୀ ଯୋଗ ଦେଇଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସୂର୍ଯ୍ୟ ତ୍ରିପାଠୀ, ବିନୋଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ମିଧାଂଶୁ ଦାସଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# Classified Everyday

**0674-2580101, 9692975378**

## REAL ESTATE



**SALE**

Gharabari plot sale CV Raman College and Gudiapokhari location, 7008492511. D-74

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106



Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

## LOST

I, Sunil Kumar Padhi, aged about 29 years, S/o.- Krushna Chandra Padhi, of Village- Dhobadi, Post- Kumbhari, P.S.- Kotinada, Dist. Ganjam, I came to Laxmi Bazar, Aska on dated- 20.03.2024 for my official work and I lost my bag containing the sale deed (Original) vide Khata No.- 452, Plot No.- 323/2135, Ac.0.023dec of Mouza Magura, lodged a written report at Aska Police Station vide case No.- 016, dtd.25.11.2024. D-75


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## AFFIDAVIT

I, Idris Shaikh Mohmmed, S/o.- Younus Shaikh Mohmmed, R/o. At- Masjidlane, Ward No.19, Dist.- Jharsuguda, Odisha declare by this affidavit No.1713, Dtd.- 07.04.26 that now onwards I shall be known as SHAIKH MOHMMED IDRIS and my father shall be known as SHAIKH MOHMMED YOUNUS for all future purposes. D-71

By virtue of an Affidavit No.3105 dtd.- 09.04.2026 sworn before Executive Magistrate, Bhadrak, I, Sradhanjali Panda, W/o.- Srikanta Padhi, Vill.- Satasola, P.O.- Manjuriroad, P.S.- Bhandaripokhari, Dist.- Bhadrak, Odisha, PIN- 756121 declare that I have changed my name from Sradhanjali Padhi to Sradhanjali Panda. Henceforth, I shall be known as Sradhanjali Panda for all future purposes. D-76


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ରଶ୍ମିରାୟଙ୍କ Ph.D. ଲାଭ



ରଶ୍ମିରାୟ, କଲେଜ ଅଫ୍ ନର୍ସିଂ, ବ୍ରହ୍ମପୁରର ଅଧ୍ୟାପକ, ବିଜ୍ଞପ୍ତି No. JJT/ Ph.D./ Exam/2655 dtd. 17.03.26 ଦ୍ୱାରା Shri JJTU (Rajasthan) University ଦ୍ୱାରା ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Exploring Depression & Cognitive Coping strategies Among Elders men and women and their quality of life in old age homes"। ରଶ୍ମିରାୟ Prof. Dr. Pradeep V.S.ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡାକ୍ତର ରଶ୍ମିରାୟ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା ଓ ଜ୍ୟେଷ୍ଠ କନ୍ୟା ଅନିଶା ପ୍ରଧାନ ଓ କନିଷ୍ଠ କନ୍ୟା ସାନିଆ ପ୍ରଧାନ, ସମସ୍ତ ପରିବାରବର୍ଗ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଡାକ୍ତର ରଶ୍ମିରାୟ ବ୍ରହ୍ମପୁରସ୍ଥିତ College of Nursingରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଛନ୍ତି। ଧ-୭୮

## LEGAL NOTICE

Letter No.- 588, dtd. 09.04.26

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୨୧୭/୨୦୨୫

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ....ବାଦୀ

ବନାମ

ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୪ ରାମଚନ୍ଦ୍ର ନାୟକ, ପିତା- ସ୍ୱର୍ଗତ ମୁଲି ନାୟକ, ଗ୍ରାମ/ପୋଷ୍ଟ- ସିନାପାଦ, ଥାନା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼, ୫ ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬ କୃଷ୍ଣ ଶ୍ରୀଚନ୍ଦନ, ୭ ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୮ ରାମଚନ୍ଦ୍ର ଶ୍ରୀଚନ୍ଦନ
ପ୍ରତିବାଦୀ ନଂ. ୬ ରୁ ୮ଙ୍କ ପିତା ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୯ ହୃଷୀକେଶ ଶ୍ରୀଚନ୍ଦନ, ୧୦ ବିଚିତ୍ରା ଶ୍ରୀଚନ୍ଦନ, ୧୧ ସୁଚିତ୍ରା ଶ୍ରୀଚନ୍ଦନ, ୧୨ ସୁରେଖା ଶ୍ରୀଚନ୍ଦନ
ପ୍ରତିବାଦୀ ନଂ ୯ ରୁ ୧୨ଙ୍କ ପିତା ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୩ ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା ସ୍ୱର୍ଗତ ପୀତବାସ ଶ୍ରୀଚନ୍ଦନ, ୧୪ ରଜନୀ ଶ୍ରୀଚନ୍ଦନ, ୧୫- ସୁବଶ୍ରୀ ଶ୍ରୀଚନ୍ଦନ ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୧୮।୦୫।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ,
ସାବକ ଖାତା ନମ୍ବର ୨୩୦, ପ୍ଲଟ୍ ନମ୍ବର ୮୯୨, ରକବା ଏ୦.୫୬୦ଡେସିମିଲ ରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର ୨୪୪, ପ୍ଲଟ୍ ନମ୍ବର ୩୯୭୬, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୮୦

Letter No.- 587, dtd. 09.04.26

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୨୧୯/୨୦୨୫

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ....ବାଦୀ

ବନାମ

ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୪ ହୃଷୀକେଶ ଦାସ, ପିତା- ଅବନୀ କୁମାର ଦାସ, ଗ୍ରାମ/ପୋଷ୍ଟ- ଜାମ୍ବୁ, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୫- ଲକ୍ଷ୍ମୀପ୍ରିୟା ମାଝୀ, ସ୍ୱାମୀ- ଧରଣୀଧର ମାଝୀ, ଗ୍ରାମ/ପୋଷ୍ଟ- ବରକୋଳି ଖାଲା, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୬- ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭- କୃଷ୍ଣ ଶ୍ରୀଚନ୍ଦନ, ୮- ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୯- ରାମଚନ୍ଦ୍ର ଶ୍ରୀଚନ୍ଦନ
ପ୍ରତିବାଦୀ ନଂ. ୭ ରୁ ୯ଙ୍କ ପିତା- ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୧୦- ହୃଷୀକେଶ ଶ୍ରୀଚନ୍ଦନ, ୧୧- ବିଚିତ୍ରା ଶ୍ରୀଚନ୍ଦନ, ୧୨- ସୁଚିତ୍ରା ଶ୍ରୀଚନ୍ଦନ, ୧୩- ସୁରେଖା ଶ୍ରୀଚନ୍ଦନ
ପ୍ରତିବାଦୀ ନଂ ୧୦ ରୁ ୧୩ଙ୍କ ପିତା- ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୪ ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା- ସ୍ୱର୍ଗତ ପୀତବାସ ଶ୍ରୀଚନ୍ଦନ, ୧୫- ରଜନୀ ଶ୍ରୀଚନ୍ଦନ, ୧୬- ସୁବଶ୍ରୀ ଶ୍ରୀଚନ୍ଦନ ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୧୮।୦୫।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ,
ସାବକ ଖାତା ନମ୍ବର ୨୩୦, ପ୍ଲଟ୍ ନମ୍ବର ୮୯୨, ରକବା ଏ୦.୫୬୦ଡେସିମିଲ ରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର ୧୦୨୩, ପ୍ଲଟ୍ ନମ୍ବର ୪୦୩୯, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୯

IN THE COURT OF THE HON'BLE DISTRICT JUDGE, BOUDH,
R.F.A. No. 06 of 2024
(From the Judgement and decree dt. 27.01.2024/ 03.02.2024 in C.S 58/2018 of the court of Civil Judge S.D, Boudh)

Laba Kishore Pradhan & Others ........Appellants

Vrs.

Madhuchhanda Bastia & Others ........ Respondents

NOTICE

To

1. Baby Bishi @ Nayak, aged about 55 years, W/o.- Sanjeeb Nayak, D/o.- Tribikrama Bishi & Late Chanchala Purohit @ Bishi, R/o.- Vill./Post: Mahadevpali, District: Subarnapur, 2. Sanjaya Bishi, aged about 50 years, 3. Nirod Kumar Bishi, aged about 40 years, 4. Jitendra Kumar @ Jitu Bishi, aged about 35 years, Sl. Nos. 2 to 4 are sons of Tribikrama Bishi & Late Chanchala Purohit @ Bishi, Resident of Village: Raithani, P.O.: Sarasara, P.S./Sub. Dvn. Munsiffi/District: Boudh, ......Respondents No. 3,4,6 and 7.

Take Notice that an appeal from the decree of Civil Judge S.D, Boudh in Civil Suit No. 58/2018 has been presented by Sri S.C.Meher, Advocate, Boudh on behalf of the 5th day of appellants and registered in this Court as R.F.A No 06/2024 and the 5th day of May 2026 has been fixed by this Court for hearing of the appeal.

You are hereby directed to appear in person or through your pleader on the said 5th day of May 2026 at 7.30 am positively.

If no appearance is made on your behalf either by yourself or by your Pleader the appeal shall be heard and decided in your absence.

Given under my hand and the seal of Court, this the 3rd day of April 2026

Sd./- District Judge, Boudh
D-72

ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ, ଖୋରଧା
ଆର.ଏଫ୍.ଏ. ନଂ. ୪୦/୨୦୨୨

ପ୍ରଫୁଲ୍ଲ କୁମାର ମହାପାତ୍ର ଓଗେର ..........ଅପିଲକାରୀ

ବନାମ

ମୁରଲୀଧର ମହାପାତ୍ର ..........ଉତ୍ତରଦାତା

ପ୍ରକାଶନ ନୋଟିସ ନିୟମ-୨୦ ଆଦେଶ- ୫ ସି.ପି.ସି. ୧୯୦୮ର ଅନୁଯାୟୀ

୧. ଚିଣ୍ଟୁ ଓରଫ ବିଜୟ କୁମାର ମହାପାତ୍ର, ବ୪୦ର୍ଷ, ୨. ଅଜୟ ମହାପାତ୍ର, ବ୩୭ର୍ଷ ଉଭୟଙ୍କ ପିତା- ୰ ମୁରଲୀଧର ମହାପାତ୍ର, ସା- ମୁକୁନ୍ଦପ୍ରସାଦ, ପୋ- ପି.ଏନ୍. କଲେଜ, ଥା- ଖୋରଧା ଶିଳ୍ପାଞ୍ଚଳ, ଜି- ଖୋରଧା, ୩. ଶ୍ରୀମତୀ ସ୍ୱପ୍ନା ମଞ୍ଜରୀ ମହାପାତ୍ର, ବ୩୬ର୍ଷ, ପି- ୰ ମୁରଲୀଧର ମହାପାତ୍ର, ବର୍ତ୍ତମାନର ଠିକଣା ସ୍ୱାମୀ ଶ୍ରୀକାନ୍ତ ଦାଶ, ସା- ଜଗନ୍ନାଥ ଭବନ, ପୋ/ଥା-ଫତେଗଡ଼, ଜି- ନୟାଗଡ଼, ୪. କୁମୁଦିନୀ କର, ବ୮୦ର୍ଷ, ସ୍ୱାମୀ- ୰ ସାଧୁଚରଣ କର, ଗ୍ରା- ବେଦପୁର, ପୋ/ଥା- ବାଙ୍କୀ, ଜି- କଟକ. ୫. ଆଶାମଣି ପଣ୍ଡା, ବ୭୫ର୍ଷ, ସ୍ୱା- ୰ ରଘୁନାଥ ପଣ୍ଡା, ଗ୍ରା- ବରଡ଼ାବାଡ଼ି, ପୋ- ଖଳିସାହି, ଜି- ନୟାଗଡ଼।

ଏତଦ୍ୱାରା ଏଥିଲିଖିତ ସମସ୍ତ ପକ୍ଷମାନଙ୍କୁ ଜଣାଇ ଦିଆଯାଉଛି କି ଟି.ଏସ୍ କେସ୍ ନଂ. ୮୦/୧୯୯୭ ମସିହା ବିରୁଦ୍ଧେ ଆବେଦନକାରୀ କରିଥିବା ଅପିଲ କେସ୍ ନଂ. ୪୦/୨୦୨୨ ଖୋରଧାଙ୍କ ଅତିରିକ୍ତ ଦୌରାଜଜ୍ କୋର୍ଟରେ ବିଚାର ନିମନ୍ତେ ରହିଅଛି। ଆପଣମାନଙ୍କୁ ବାରମ୍ବାର ନୋଟିସ ସତ୍ତ୍ୱେ ଆପଣମାନେ ହାଜର ହେଉନାହାନ୍ତି କିମ୍ବା ନୋଟିସ ଗ୍ରହଣ କରୁନାହାନ୍ତି।

ଏଣୁ ଆପଣମାନଙ୍କୁ ଅଦାଲତଙ୍କ ଆଦେଶ ମୁତାବକ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଗଲା କି ନିଜେ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ୧୫।୦୫।୨୦୨୬ ଦିବା ଘ୧୦.୩୦ମି ସମୟରେ ଅଦାଲତରେ ହାଜର ହୋଇ ନିଜ ନିଜର ପକ୍ଷ ରଖିବେ। ଅନୁପସ୍ଥିତ ସତ୍ତ୍ୱେ ଅଦାଲତ ମୋକଦ୍ଦମାର ଶୁଣାଣି ଓ ବିଚାର ନିର୍ଦ୍ଧାରିତ ହେବ।

ଅଦାଲତଙ୍କ ମୋହର ଓ ସ୍ୱାକ୍ଷର ସମ୍ବଳିତ ସ୍ଥାନିତ ଅଛି।
ସ୍ୱା./- ଅତିରିକ୍ତ ଜିଲ୍ଲା ଦୌରାଜଜ୍, ଖୋରଧା
ଧ-୮୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

U/O- 5, Rule- 20 C.P.C.,
IN THE COURT OF 2ND, ADDI. CIVIL JUDGE (SR. DIVN.): CUTTACK.
C.S.No. 489/2024.

Sri Manoranjan Mohanty ..........PLAINTIFF.

VRS.

Orissa State Financial Corporation, Cuttack & others ......... DEFENDANTS.

To,

SRI MIHIR RANJAN MOHANTY, S/o.- Late Barada Prasad Mohanty of Vill.- Naganpur, P.O.- Kudanagari, Dist.- Kendrapara, PIN- 754156, the Ex-Proprietor of Tyro Multipurpose Industries, At/P.O./P.S.- Jagatpur, Cuttack, PIN- 754021, the Defendant No.3.

Whereas, the above named plaintiff has instituted the above Civil suit against you and others, and you are avoiding Summon sent to you by Registered post on 18.07.2024.

Take notice, that the above case is fixed to 23.04.2026 for settlement of issue and you are hereby noticed to appear on the same date and file your W.S. failing which the case will be decided in your absence.

Sd./- 2nd. Addl. Civil Judge (Sr.Divn.), Cuttack
D-73

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଉମାକାନ୍ତ ନାୟକ**

ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ
ଆବିର୍ଭାବ : ୧୩।୦୪।୧୯୪୫
ତିରୋଧାନ : ୩୧।୦୩।୨୦୨୬

ବାପା ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲି ପାରୁ ନାହୁଁ। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ, ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁଅ- ବୋହୂ : ଉଦୟ- ଜ୍ୟୋତ୍ସ୍ନାରାଣୀ, ବିନୟ-ଶସ୍ମିତା, ଝିଅ- ଭାଗ୍ୟଲକ୍ଷ୍ମୀ, ସୌଭାଗ୍ୟଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ଓ ନାତିନାତୁଣୀ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ।
ଧ-୭୭

# ହାତଗୋଡ଼ ନ ଥାଇ ବିଶ୍ୱ ବିଜୟିନୀ

**ବିଭୁକୃପା ଥିଲେ ପଙ୍ଗୁ ମଧ ଗିରି ଲଙ୍ଘିପାରେ। ଏହାର ସଦ୍ୟତମ ଉଦାହରଣ ପାଲଟିଛନ୍ତି ଓଡ଼ିଶାର ପାୟଲ ନାଗ। ନିଷ୍ଠା, ସାଧନା, ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ବଳରେ ସେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ହାତଗୋଡ଼ ବିହୀନ ବିଶ୍ୱର ପ୍ରଥମ ପାରା ଆଥଲେଟ୍‌ଭାବେ ସେ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ନିଜେ ଉଦାହରଣ ସାଜିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପଥ ପ୍ରସ୍ତୁତ କରିଛନ୍ତି...**

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ



କୁଲଦୀପ ବେଦୱାନଙ୍କଠାରୁ ପ୍ରଶିକ୍ଷଣ ଅବସରରେ...



ପାୟଲ ନାଗ

## ପାରା ସ୍ପୋର୍ଟ୍ସ ବିସ୍ମୟ ପାୟଲ

ହାତ ନାହିଁ କି ଗୋଡ଼ ନାହିଁ। ସେ କିନ୍ତୁ ବିଶ୍ୱ ବିଜୟିନୀ। ବିଭୁକୃପା ଥିଲେ ପଙ୍ଗୁ ମଧ ଗିରି ଲଙ୍ଘିପାରେ। ଏହାର ସଦ୍ୟତମ ଉଦାହରଣ ସେ ପାଲଟିଛନ୍ତି। ନିଷ୍ଠା, ସାଧନା, ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ ବଳରେ ସେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ପରି ବଡ଼ ଅନ୍ତର୍ଜାତୀୟ ମଞ୍ଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ବନିଛନ୍ତି ନୂଆ ଚାମ୍ପିୟନ। ବିଶ୍ୱର ନଂ-୧ ଖେଳାଳିଙ୍କୁ ପରାସ୍ତ କରିଛନ୍ତି ଏବଂ ଜିତିଛନ୍ତି ୨ ସ୍ୱର୍ଣ୍ଣ ପଦକ। ହାତ ଏବଂ ଗୋଡ଼ ନ ଥିବା ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ସେ ଏହି ସଫଳତା ପାଇଛନ୍ତି। ରାଜ୍ୟ ଓ ଦେଶକୁ ଗର୍ବିତ କରିଥିବା ଓଡ଼ିଶାର ଏହି ବିସ୍ମୟ ପାରା ଆର୍ଚେରୀ ପ୍ରତିଭା ହେଲେ ପାୟଲ ନାଗ। ବଲାଙ୍ଗୀରର ପାୟଲଙ୍କ ପାଇଁ ଏବେ ରାଜ୍ୟ ଏବଂ ଦେଶ ଗର୍ବିତ। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ପ୍ରତିଯୋଗିତା ସମୟର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଅନ୍ତିମ ଲକ୍ଷ୍ୟଭେଦ ପରେ ତାଙ୍କ ମୁହଁରେ ହସ ଅଗଣିତ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତିଛି। ସାରା ଦେଶରେ ପାୟଲଙ୍କୁ ନେଇ ଚର୍ଚ୍ଚା। ହାତଗୋଡ଼ ବିନା କିଛି କରିବା ଅସମ୍ଭବ ବୋଲି ଅନେକଙ୍କ ମନରେ ଥିବା ଧାରଣାକୁ ଭୁଲ୍‌ବୋଲି ପ୍ରମାଣିତ କରିଛନ୍ତି ପାରଙ୍ଗମ ପାୟଲ। ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬ରେ ନୂଆ ବିଶ୍ୱ ବିଜେତା ସାଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍‌ର ମହିଳା ଟିମ୍ କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ବିଶ୍ୱର ନଂ-୧ ମହିଳା ପାରା ତୀରନ୍ଦାଜ ଶୀତଲ ଦେବୀଙ୍କୁ ସାଥିକରି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ପାୟଲ। କଡ଼ା ଚ୍ୟାଲେଞ୍ଜ ସତ୍ତ୍ୱେ ପାୟଲ ଓ ଶୀତଲଙ୍କ ଯୋଡ଼ି ୧୫୦-୧୪୭ରେ କାଜାଖସ୍ତାନ ଟିମ୍‌କୁ ପରାସ୍ତ କରିଥିଲେ। ଏହାପରେ ବ୍ୟକ୍ତିଗତ କମ୍ପାଉଣ୍ଡ ଫାଇନାଲରେ ଯାହା ଘଟିଲା ତାହା ଇତିହାସ ପାଲଟିଲା। ପାୟଲ ନିଜର ଆଦର୍ଶ ତଥା ବିଶ୍ୱର ନମ୍ବର ୱାନ ଖେଳାଳି ଶୀତଲଙ୍କୁ ହରାଇ ହାସଲ କଲେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଅନେକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜୟିନୀ ଶୀତଲ ଏଠାରେ କିନ୍ତୁ ପାୟଲଙ୍କ ପ୍ରଦର୍ଶନ ଆଗରେ ହାର ମାନିଥିଲେ ଏବଂ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ତିମ ରାଉଣ୍ଡ ପର୍ଯ୍ୟନ୍ତ କଡ଼ା ଟକ୍କର ହୋଇଥିଲେ ମଧ ଶେଷରେ ପାୟଲ ୧୩୯-୧୩୬ ପଏଣ୍ଟରେ ବିଜୟିନୀ ହୋଇଥିଲେ। ପାୟଲଙ୍କ ଏହି ପ୍ରଦର୍ଶନ ବଲାଙ୍ଗୀର ସମେତ ସାରା ରାଜ୍ୟ ଏବଂ ଦେଶର କ୍ରୀଡା ଜଗତରେ ଖୁସିର ଲହରି ଖେଳାଇଦେଇଛି। ଉଭୟ ହାତ ଏବଂ ଗୋଡ ନ ଥିବା ପାୟଲ ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ଏହି ସଫଳତା ହାସଲ କରିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

ଜନ୍ମଠାରୁ ଏ ପର୍ଯ୍ୟନ୍ତ ପାୟଲଙ୍କ ଜୀବନଯାତ୍ରା କୌଣସି ଚଳଚ୍ଚିତ୍ରର ଲୋମଟାଙ୍କୁରା କାହାଣୀଠାରୁ କମ୍ ନୁହେଁ। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଯମୁନାବାହାଲ ଗାଁର ଏକ ଗରିବ ପରିବାରରେ ପାୟଲଙ୍କ ଜନ୍ମ। ୨୦୧୬ରେ ପାୟଲ ମାତ୍ର ୮ବର୍ଷର ହୋଇଥିବାବେଳେ ତାଙ୍କ ମା' ଜନତା ନାଗ ଓ ବାପା ବିଜୟ ନାଗ ଛତିଶଗଡର ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ବାପା ଜଣେ ରାଜମିସ୍ତ୍ରି। ନିର୍ମାଣାଧୀନ କୋଠାର ପଞ୍ଚମ ମହଲାରେ ନବନିର୍ମିତ ଖୋଲା ଛାତରେ ସେ ସାନ ଭାଇ ସହିତ ଖେଳୁଥିବା ବେଳେ ହଠାତ କିଛି ସେକେଣ୍ଡ ମଧରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା। ଖୋଲାଛାତରେ ପାଣିଥିଲା ଏବଂ ଏହା କରେଣ୍ଟଯୁକ୍ତ ତାର ସଂସ୍ପର୍ଶରେ ଆସି ଯାଇଥିଲା। ବିଦ୍ୟୁତ୍ ଆଘାତ ତାଙ୍କୁ ଗୁରୁତର କରିଥିଲା। ତାଙ୍କ ଜୀବନ ବଞ୍ଚାଇବାପାଇଁ ହାତ ଓ ଗୋଡ଼ ୪ଟି ଯାକ ଅଙ୍ଗ କାଟିବା ବ୍ୟତୀତ ଡାକ୍ତରଙ୍କ ନିକଟରେ ଆଉ କିଛି ବିକଳ୍ପ ନ ଥିଲା। ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିଲେ ପାୟଲ। ଜୀବନ ଦୁର୍ବିଷହ ହୋଇ ଯାଇଥିଲା। ଛଅ ସଦସ୍ୟବିଶିଷ୍ଟ ପରିବାରକୁ ପ୍ରତିପୋଷଣ ପାଇଁ ପୂର୍ବରୁ ସଂଘର୍ଷ କରୁଥିବା ମା' ଓ ବାପା ହତାଶା ମଧକୁ ଚାଲି ଯାଇଥିଲେ। ଝିଅର ଯତ୍ନ ନେବାପାଇଁ ଅନ୍ୟ ଉପାୟ ନ ଥିବାରୁ ସେମାନେ ପାୟଲଙ୍କୁ ଜିଲା ପ୍ରଶାସନ ଦ୍ୱାରା ପରିଚାଳିତ ବଲାଙ୍ଗୀରସ୍ଥିତ ଅନାଥାଶ୍ରମ ପାର୍ବତୀଗିରି ବାଲ୍ ନିକେତନରେ ରଖିଥିଲେ। ସେ ସମୟରେ ପାଖ ପଡୋଶୀଙ୍କ ପରାମର୍ଶ ଥିଲା ଅତ୍ୟନ୍ତ କଠୋର। 'ସେ ଖାଇ ପାରିବ ନାହିଁ କି ଚାଲି ପାରିବ ନାହିଁ, ତେଣୁ ତାଙ୍କୁ ଜହର ଦେଇଦେବା ଭଲ ହେବ' ବୋଲି କେତେକ ପରାମର୍ଶ ଦେଇଥିଲେ। ମାତ୍ର ନିୟତିର ନିର୍ଦ୍ଦେଶ ଥିଲା କିଛି ଭିନ୍ନ। ମା'-ବାପା ମଧ ଏପରି କଥାରେ ଭାସିଯାଇ ନ ଥିଲେ। ବାଲ୍ ନିକେତନରେ ରହଣି ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ପ୍ରତିଭା ରହିଥିବା ଜଣାପଡିଥିଲା। ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ତତ୍କାଳୀନ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଉତ୍ସାହିତ କରି ଜମ୍ମୁ-କଶ୍ମୀରର କଟ୍ରା ସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇବାକୁ ଅନୁମତି ଦେଇଥିଲେ। ସେଠାରେ ଏକ ଭିନ୍ନ ପାୟଲଙ୍କ ଆବିର୍ଭାବ ହୋଇଥିଲା। ୨୦୨୩ ମସିହାର କଥା। ସେଠାରେ ପାୟଲଙ୍କ ଜୀବନ ଭିନ୍ନ ମୋଡ଼ ନେଇଥିଲା। ଆର୍ଚେରୀ ପ୍ରଶିକ୍ଷକ କୁଲଦୀପ ବେଦୱାନ ସୋସିଆଲ୍ ମିଡିଆ (ଟୁଇଟର)ରେ ପାୟଲଙ୍କ ହାତ ଏବଂ ଗୋଡ଼ ନ ଥିବା ଫଟୋ ଦେଖିଥିଲେ। ଦୂରଦ୍ରଷ୍ଟା ବେଦୱାନ ଏହାପରେ ପାୟଲଙ୍କୁ ତାଙ୍କ ଏକାଡେମୀ (ଶ୍ରୀ ମାତା ବୈଷ୍ଣୋଦେବୀ ଆର୍ଚେରୀ ଏକାଡେମୀ)କୁ ଆଣିବାକୁ ସ୍ଥିର କରିଥିଲେ। ପୂର୍ବରୁ ହାତ ନ ଥିବା ଶୀତଲ ଦେବୀଙ୍କୁ ଚାମ୍ପିୟନ ଖେଳାଳିରେ ପରିଣତ କରିଥିବାରୁ ସେ ପାୟଲଙ୍କ କ୍ଷେତ୍ରରେ ମଧ ତାହା କରିପାରିବେ ବୋଲି ବିଶ୍ୱାସ ରଖିଥିଲେ। ପାୟଲଙ୍କୁ ଅନାଥାଶ୍ରମରୁ ବାହାରକୁ ଆଣିବାକୁ ଜିଲା ପ୍ରଶାସନର ସହାୟତା ଲୋଡ଼ିଥିଲେ। ପାୟଲ କଟ୍ରାସ୍ଥିତ ଏକାଡେମୀରେ ପହଞ୍ଚିବାପରେ ଶୀତଲଙ୍କ ସମେତ ତାଲିମ ନେଉଥିବା ଅନ୍ୟ ପିଲାଙ୍କୁ ଦେଖି ଭାଙ୍ଗି ପଡ଼ିଥିଲେ। ହାତଗୋଡ଼ ନ ଥିବାରୁ କେମିତି ତୀରଚାଳନା କରିବେ ବୋଲି ମନରେ ପ୍ରଶ୍ନ ଆସିଥିଲା। ବେଦୱାନ ତାଙ୍କ ମନରେ ଆତ୍ମବିଶ୍ୱାସ ଭରିଥିଲେ ଏବଂ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ହାତ କିମ୍ବା ଗୋଡ଼ ନ ଥିବାରୁ ପାୟଲଙ୍କ ପାଇଁ ଧନୁ ଉଠାଇବା ଚିନ୍ତାଜନକ ଥିଲା। ତେଣୁ ବେଦୱାନ କଷ୍ଟୋମାଇଜ୍ଡ ଉପକରଣ ଡିଜାଇନ୍ କରିଥିଲେ। ଯେଉଁଥିରେ ଧନୁକୁ ଉଠାଇବା ପାଇଁ ତାଙ୍କ କୃତ୍ରିମ ଗୋଡରେ ଫିଟ୍ ହୋଇଥିବା ଏକ ଷ୍ଟିଲ୍ ଡିଭାଇସ୍ ଅନ୍ତର୍ଭୁକ୍ତ ଥିଲା। ପ୍ରଥମେ ତାଙ୍କ କୃତ୍ରିମ ଗୋଡରେ ଦୁଇଟି ଉପକରଣ ଫିଟ୍ କରାଯାଇଥିଲା। ଏହି ଉପକରଣ ସହିତ ଅଭ୍ୟସ୍ତ ହେବାକୁ ପାୟଲ ପାଖାପାଖି ୩ ମାସ ସମୟ ନେଇଥିଲେ। ୩୬ଟି ତୀର ମଧ୍ୟରୁ ସେ ଯେତେବେଳେ ୩୫୦-୩୫୫ ସ୍କୋର କରିବା ଆରମ୍ଭ କଲେ ସେତେବେଳେ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବେଦୱାନ ଜାଣି ପାରିଥିଲେ। ଗୋଟିଏ ଗୋଡ଼ରେ ଦୁଇଟି ଉପକରଣ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅନୁମତିପ୍ରାପ୍ତ ନ ଥିଲା। ତେଣୁ ବେଦୱାନ ପରେ ତାଙ୍କ ଡାହାଣ କୃତ୍ରିମ ଗୋଡରେ ସିଙ୍ଗଲ ଡିଭାଇସ୍ ଫିଟ୍ କରିଥିଲେ। 'ୱାର୍ଲ୍ଡ ଆର୍ଚେରୀ' ଏହି କଷ୍ଟୋମାଇଜ୍ ଉପକରଣକୁ ଅନୁମୋଦନ କରିବା ପରେ ଦୁବାଇ ୨୦୨୫ ଏସୀୟ ଯୁବ ପାରା ଗେମ୍ସରେ ପାୟଲଙ୍କର ଅନ୍ତର୍ଜାତୀୟ ଡେବ୍ୟୁ ହୋଇଥିଲା। ବିଶ୍ୱର ପ୍ରଥମ ହାତଗୋଡ଼ ବିହୀନ ଆର୍ଚର ଭାବେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। କୋଚ୍ ଅଭିଳାଷା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ବ୍ୟାଙ୍କକ୍‌ରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିବାରୁ ଆଗକୁ ଆହୁରି ସଫଳତା ଅର୍ଜନ କରିବେ ବୋଲି ଆଶା ବଢ଼ିଛି।



ଶୀତଲ ଦେବୀଙ୍କ ସହ ପାୟଲ



ବିଜୟ ନାଗ ଓ ଜନତା ନାଗ

**ତଥ୍ୟ ଓ ଫଟୋ ସହାୟତା: ବୀରେନ୍ଦ୍ର କୁମାର ଝାଙ୍କର, ବଲାଙ୍ଗୀର**

## 'ସରକାର ପାୟଲଙ୍କ ଦାୟିତ୍ୱ ନିଅନ୍ତୁ'

ହାତଗୋଡ଼ ନ ଥାଇ ବିଶ୍ୱର ପ୍ରଥମ ପାରା ଆଥଲେଟ୍ ଭାବେ ପାୟଲ ନାଗ ବିଶ୍ୱର ମହାମଞ୍ଚରେ ସ୍ୱର୍ଣ୍ଣ ପଦକ ଜିତି ଉଦାହରଣ ସୃଷ୍ଟି କରିଥିବାରୁ ସ୍ୱାଭାବିକଭାବେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛନ୍ତି ବାପା ବିଜୟ ନାଗ ଓ ମା' ଜନତା ନାଗ। ଆଗକୁ ଝିଅ ବଡ଼ ପ୍ରତିଯୋଗିତାରେ ଏପରି କି ପାରାଲିମ୍ପିକ୍ସରେ ମଧ ଭାଗ ନେଇ ପଦକ ଜିତିପାରିବ ବୋଲି ତାଙ୍କ ମନରେ ବିଶ୍ୱାସ ଜନ୍ମିଛି। ଝିଅର କ୍ରୀଡ଼ା ଜୀବନ ଯାତ୍ରାପାଇଁ ବାପା ବିଜୟ ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ଏବଂ ଶ୍ରୀ ମାତା ବୈଷ୍ଣୋଦେବୀ ଆର୍ଚେରୀ ଏକାଡେମୀର ମୁଖ୍ୟ କୁଲଦୀପ ବେଦୱାନଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। "୨୦୧୬ରେ ମୁଁ ରାୟପୁରରେ ଏକ ନିର୍ମାଣାଧୀନ କୋଠାରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ଯେତେବେଳେ ଝିଅକୁ କରେଣ୍ଟ ଲାଗିବା ଖବର ଜଣେ ସିକ୍ୟୁରିଟି ଗାର୍ଡଙ୍କଠାରୁ ପାଇଥିଲି। ସେତେବେଳେ ଦୁନିଆ ମୋତେ ଅନ୍ଧାର ଦେଖାଯାଇଥିଲା। ତେବେ ଧୈର୍ଯ୍ୟଧରି ସଙ୍ଗେସଙ୍ଗେ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲି। ସେଠାରେ ଦିନକୁ ୧୦,୦୦୦ ଟଙ୍କା ଖର୍ଚ୍ଚ ହେଉଥିଲା। ଝିଅକୁ ବଞ୍ଚାଇବାଲାଗି ଝିଅର ହାତ ଓ ଗୋଡ଼ କାଟିବା ଜରୁରୀ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଫଳରେ ଆମେ ରାଜି ହେବାଛଡ଼ା ଅନ୍ୟ ଉପାୟ ନ ଥିଲା। ଆମେ ଦିନ ମଜୁରିଆ ହୋଇଥିବାରୁ ଘରୋଇ ଡାକ୍ତରଖାନାରେ ଅଧିକ ଦିନ ଝିଅକୁ ରଖିବା ସମ୍ଭବ ହୋଇ ନ ଥିଲା। ଫଳରେ ସମସ୍ତ ଜମିବାଡ଼ି ବିକି ଗହଣା ବନ୍ଧା ପକାଇ ଝିଅର ଚିକିତ୍ସା କରିଥିଲି। ପରେ ଏକ ସରକାରୀ ଡାକ୍ତରଖାନାକୁ ଆଣି ଝିଅର ଚିକିତ୍ସା କଲୁ। ପାଖ ପଡୋଶୀ ବିଭିନ୍ନ କଥା କହିଥିଲେ। ଏପରି ଝିଅ ଭବିଷ୍ୟତରେ ବଞ୍ଚିବା କଷ୍ଟକର ବୋଲି ମଧ କେତେଜଣ ମତ ଦେଇଥିଲେ। ମାତ୍ର ଆମେ ସେ ସବୁକୁ ଶୁଣି ନ ଥିଲୁ। ଠାକୁରଙ୍କ ଉପରେ ବିଶ୍ୱାସ ରଖିଥିଲୁ। ଏବେ ସବୁକିଛି ବଦଳି ଯାଇଛି। ନକାରାତ୍ମକ ମତ ଦେଉଥିବା ଲୋକମାନେ ଭୁଲ୍ ପ୍ରମାଣିତ ହୋଇଛନ୍ତି। ପାୟଲ ନିଜ ପ୍ରତିଭା ଓ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ଠିକ୍ ଜବାବ ଦେଇଛନ୍ତି" ବୋଲି ବିଜୟ ନାଗ ପ୍ରକାଶ କରିଛନ୍ତି।

### ଦେଶର ସମ୍ପତ୍ତି

ପୁଅ ଆକାଶ, ତିନିଝିଅ ବର୍ଷା, ପାୟଲ ଓ ପ୍ରୀତିଙ୍କୁ ନେଇ ଆମ ପରିବାର। ୬ ଜଣ କୁଟୁମ୍ବଙ୍କୁ ଚଳାଇବା କ୍ରମେ ଦୁର୍ବିଷହ ହୋଇ ପଡୁଛି। ଏବେ ଏକାଡେମୀରେ ପାୟଲଙ୍କର ଦେଖାଶୁଣା ବଡ଼ଝିଅ ବର୍ଷା କରୁଛି। ଉଭୟଙ୍କର ରହିବା ଏବଂ ଅନ୍ୟ ସମସ୍ତ ଖର୍ଚ୍ଚ ଏକାଡେମୀ ପକ୍ଷରୁ ବହନ କରାଯାଉଛି। ଗାଁକୁ ପଳାଇ ଆସିବାରୁ ଦିନେ କାମ ମିଳିଲେ ଦୁଇଦିନ ଘରେ ବସିବାକୁ ପଡୁଛି। ଜମିବାଡ଼ି ସବୁ ଚାଲି ଯାଇଛି। ପାୟଲ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତି ଏବେ ଦେଶର ସମ୍ପତ୍ତି ହୋଇଯାଇଛି। ତେଣୁ ସରକାର ଏବେ ସମ୍ପୂର୍ଣ୍ଣଭାବେ ତାଙ୍କର ଦାୟିତ୍ୱ ନିଅନ୍ତୁ ବୋଲି ଆମେ ଚାହୁଁଛୁ। ଇତିମଧ୍ୟରେ ପାୟଲଙ୍କର ଆତ୍ମବିଶ୍ୱାସ ଖୁବ୍ ବଢ଼ି ଯାଇଛି। ଆଗାମୀ ଦିନରେ ହେବାକୁଥିବା ଜାତୀୟ ପାରା ତୀରନ୍ଦାଜୀରେ ମଧ ସେ ପଦକ ଜିତିବାନେଇ ଆଶାବାଦୀ ଅଛନ୍ତି। ଓଡ଼ିଶା ସରକାର ସହାୟତା କଲେ ପାୟଲ ପାରାଲିମ୍ପିକ୍ସରେ ଭାଗନେବା ସହ ପଦକ ଜିତିବା ନେଇ ଆମେ ଆଶାବାଦୀ ଅଛୁ ବୋଲି ବିଜୟ କହିଛନ୍ତି।

## ଖେଳ ଜଗତର ଭିତିରି କଥା

### ମିଲରଙ୍କୁ ଗାଭାସ୍କରଙ୍କ ସମର୍ଥନ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ନିକଟରୁ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୧ ରନରେ ପରାଜୟ ବରଣ କରିଛି। ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଦିଲ୍ଲୀ ଦଳର ପ୍ରଶଂସକ। କାରଣ ଗୁଜରାଟ ଟାଇଟନ୍ସ ପକ୍ଷରୁ ଧାର୍ଯ୍ୟ ୨୧୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଦିଲ୍ଲୀ ଅନ୍ତିମ ଓଭରରୁ ମାତ୍ର ୧୩ ରନ ଆବଶ୍ୟକ କରୁଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରଥମ ବଲକୁ ବିପ୍ରଜ ନିଗମ ଚୌକାରେ ପରିଣତ କରିଥିବାବେଳେ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ତୃତୀୟ ବଲ୍‌ରୁ କୁଲଦୀପ ଯାଦବ ୧ ରନ ନେବାପରେ ୪ର୍ଥ ବଲ୍‌କୁ ଡେଭିଡ ମିଲର ଛକାରେ ପରିଣତ କରି ମ୍ୟାଚକୁ ହାତମୁଠାକୁ ନେଇ ଆସିଥିଲେ। ଅନ୍ତିମ ୨ ବଲ୍‌ରୁ ଦିଲ୍ଲୀ ୨ ରନ ଆବଶ୍ୟକ କରୁଥିଲା। ୫ମ ବଲ୍‌କୁ ମିଲର ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌କୁ ମାରିଥିଲେ ହେଁ ସିଙ୍ଗଲ ନେଇ ନ ଥିଲେ। ଏହି ସିଙ୍ଗଲ ନେଇଥିଲେ ମ୍ୟାଚ ଟାଇ ହୋଇ ଯାଇଥାନ୍ତା। ଅନ୍ତିମ ବଲ୍‌ରେ ରନ ହୋଇ ନ ଥିଲେ ମ୍ୟାଚ ସୁପର ଓଭରକୁ ଯାଇଥାନ୍ତା। ମାତ୍ର ନିଜ ଉପରେ ପର୍ଯ୍ୟାପ୍ତ ଭରସା କରି ମିଲର ଅନ୍ତିମ ବଲ୍‌ରେ ମ୍ୟାଚ ଫିନିଶ୍ କରିବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଲୋ ବାଉନ୍ସରକୁ ମିସ୍ କରି ଯାଇଥିଲେ ମିଲର। ରନପାଇଁ ଦୌଡ଼ିଥିଲେ ମଧ କୁଲଦୀପ ରନଆଉଟ ହୋଇ ଯାଇଥିଲେ। ଫଳରେ ପରାଜୟ ଦ୍ୱାରରେ ଥାଇମଧ ଗୁଜରାଟ ଅପ୍ରତ୍ୟାଶିତଭାବେ ବିଜୟଲାଭ କରିଥିଲା। ୫ମ ବଲ୍‌ରେ ମିଲରଙ୍କ ସିଙ୍ଗଲ ନ ନେବା ନିଷ୍ପତ୍ତିକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ମାତ୍ର ମିଲରଙ୍କୁ ସମର୍ଥନ ଜଣାଇଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର। ମିଲରଙ୍କର ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା। ସେ ପୂର୍ବରୁ ମଧ ତାହା କରି ଦେଖାଇଛନ୍ତି। ତେଣୁ ତାଙ୍କର ସେହି ଉଦ୍ଦେଶ୍ୟକୁ କେହି ଦୋଷଦେବା ଉଚିତ ନୁହେଁ ବୋଲି ଗାଭାସ୍କର କହିଛନ୍ତି। ୨୦୨୨ ଆଇପିଏଲ୍ କ୍ୱାଲିଫାୟର-୧ରେ ଶେଷ ଓଭରରୁ ବିଜୟପାଇଁ ୧୬ ରନ ଆବଶ୍ୟକ ହେଉଥିବାବେଳେ ମିଲର ପ୍ରତିପକ୍ଷ ବୋଲର ପ୍ରସିଦ୍ଧଙ୍କ ପ୍ରଥମ ୩ଟି ବଲ୍‌କୁ ଛକାରେ ପରିଣତ କରି ଦଳକୁ ବିଜୟୀ କରିଥିଲେ। ମାତ୍ର ଏଥର ତାଙ୍କ ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।




### ଫୁଟ୍‌ବଲ ମ୍ୟାଚ୍ ବେଳେ ହୃଦ୍‌ଘାତରେ ପ୍ରଶଂସକଙ୍କ ମୃତ୍ୟୁ

ଫ୍ରାଙ୍କଫର୍ଟ ଷ୍ଟାଡିୟମରେ ଗତ ୫ ତାରିଖରେ ଜର୍ମାନ ବୁନ୍ଦେସଲିଗାର ଏକ ମ୍ୟାଚ୍ ବେଳେ ହୃଦ୍‌ଘାତର ସମ୍ମୁଖୀନ ହୋଇଥିବା ୮୭ ବର୍ଷୀୟ ପ୍ରଶଂସକଙ୍କର ୭ ତାରିଖରେ ମୃତ୍ୟୁ ଘଟିଛି। ରବିବାର ଫ୍ରାଙ୍କଫର୍ଟ ଓ କୋଲଗେନ ମଧରେ ମ୍ୟାଚ୍ ଚାଲିଥିବା ବେଳେ ଉକ୍ତ ପ୍ରଶଂସକ ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ। ଏହା ଜଣାପଡ଼ିବା ପରେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ପାରାମେଡିକ୍ସ ସପୋର୍ଟ ଦିଆଯାଇଥିଲା। "ଦୀର୍ଘ ବର୍ଷ ହେଲା ଆମ କ୍ଲବ ସହ ରହିଥିବା ୮୭ ବର୍ଷୀୟ ପ୍ରଶଂସକ ମ୍ୟାଚ୍ ବେଳେ ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ। ପାରାମେଡିକ୍ସ ସପୋର୍ଟ ସତ୍ତ୍ୱେ ସ୍ୱାସ୍ଥ୍ୟାବସ୍ଥାକୁ ସ୍ଥିର କରାଯାଇ ପାରି ନ ଥିଲା" ବୋଲି ଫ୍ରାଙ୍କଫର୍ଟ ପକ୍ଷରୁ କୁହାଯାଇଛି।

## ପସିବୁଲ

ଭାରତର ଦୁଇ ଶୁଟର ପଲକ
ଓ ମୁକେଶ ନିଲାଭାଲି
ଆଇଏସଏସଏଫ ୱାର୍ଲ୍ଡ କପରେ
ପକାଇ ପିସ୍ତଲ ପାଲି
ଚାଇନାକୁ ଦେଲେ ଠେଲି
ଜୁନିୟର ବିଶ୍ୱ ରେକର୍ଡରେ ଗୋଲ୍ଡ
ମେଡାଲ ପାଇ ଦୁହେଁ ନାଲି... ୧




ଇଣ୍ଟରନ୍ୟାଶନାଲ ଚେସ୍ ଫେଡ଼େରେଶନ
ତାଲିକାରେ ପ୍ରକାଶିତ
ଭାରତୀୟ ବଂଶୋଦ୍ଭବ ଇଂଲଣ୍ଡର
ବୋଧନା ଶୀର୍ଷରେ ସତ
ବିଶ୍ୱ ସାରା ଯାଆ ମିତ
ଭାରତ ମାଟିର ମହକ ସବୁଠି
ଏକ୍‌ଜାମ୍ପୁଲ ଅଛି ଶତ... ୨

ବିଶ୍ୱ ତୀରନ୍ଦାଜୀ ପାରା ସିରିଜିରେ
ଓଡିଶା ପାୟଲ ନାଗ
ସାଥୀ ତୀରନ୍ଦାଜ ଶୀତଲ ସାଥିରେ
ଖେଳିକି ଉଭୟ ବାଗ
ପାଇଲେ ଗୋଲ୍‌ଡେନ ଆଗ
ଇଚ୍ଛାଶକ୍ତି ଥିଲେ ସବୁ ପସିବୁଲ
ଜାଗ ଯୁବ ଶକ୍ତି ଜାଗ... ୩

-ସୁବାସ ଚନ୍ଦ୍ର ପ୍ରଧାନ

# ଲକ୍ଷ୍ନୌକୁ ଜିତାଇଲେ ମୁକୁଳ


ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମୁକୁଳ ଚୌଧାରୀ।

**କୋଲକାତା,୯।୪**

ନବାଗତ ମୁକୁଳ ଚୌଧାରୀଙ୍କ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୩ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ଦ୍ୱିତୀୟ ବିଜୟ ହୋଇଥିବା ବେଳେ କେକେଆର ଲାଗି ଏହା ତୃତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରିଥିଲା। ଦଳ ପାଇଁ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୪ ବଲରେ ୪୧ (୪ ଚୌକା ଓ ୨ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୩୩ ବଲରେ ୪୫ (୫ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ବେଙ୍ଗାଲୁରୁ
ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

କାମେରନ ଗ୍ରୀନ ୨୪ ବଲରେ ୩୨ (୩ ଚୌକା ଓ ୧ ଛକା) ଓ ରୋଭମାନ ପାୱେଲ ୨୪ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଲକ୍ଷ୍ନୌ ୧୬ ଓଭର ସୁଦ୍ଧା ୧୨୮ ରନରେ ୭ ଉଇକେଟ ହରାଇ ପରାଜୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ମୁକୁଳ ଏକାକୀ ଦଳକୁ ଜିତାଇଥିଲେ। ସେ ୨୭ ବଲରେ ୨ ଚୌକା ଓ ୭ ଛକା ସହାୟତାରେ ୫୪ ରନ କରି କେକେଆରଠାରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଆୟୁଷ ବଦୋନୀ ୩୪ ବଲରେ ୫୪ (୭ ଚୌକା ଓ ୨ ଛକା) ରନ କରିଥିଲେ। ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୮୨ ରନ କରିନେଇଥିଲା। କେକେଆର ପକ୍ଷରୁ ବୈଭବ ଆରୋରା ଓ ଅନୁକୂଳ ରୟ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୮୧/୪ (ଅଜିଙ୍କ୍ୟ ରାହାନେ-୪୨, ଅଙ୍ଗକ୍ରିଶ ରଘୁବଂଶୀ-୪୫, ରୋଭମାନ ପାୱେଲ-୩୯*, କାମେରନ ଗ୍ରୀନ-୩୨* ଦିଗବିଜୟ ସିଂ ରାଠି-୧/୨୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୮୨/୭ (ଆୟୁଷ ବଦୋନୀ-୫୪, ମୁକୁଳ ଚୌଧାରୀ-୫୪*, ବୈଭବ ଆରୋରା-୨/୩୮, ଅନୁକୂଳ ରୟ-୨/୩୨, ସୁନିଲ ନାରିନ-୧/୧୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୦ | ୬ | +୨.୪୦୩ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୦ | ୧ | ୫ | +୦.୬୩୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୦ | ୪ | +୨.୫୦୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୦ | ୪ | +୦.୮୧୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୦ | ୪ | -୦.୩୫୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୦ | ୨ | +୦.୨୭୫ |
| ଗୁଜରାଟ ଟାଇଟନ୍ସ | ୩ | ୧ | ୨ | ୦ | ୨ | -୦.୨୭୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୦ | ୨ | -୦.୭୧୫ |
| ନାଇଟ ରାଇଡର୍ସ | ୪ | ୦ | ୩ | ୧ | ୧ | -୧.୩୧୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୦ | ୩ | ୦ | ୦ | -୨.୫୧୭ |

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

# ମହିଳା ଦଳକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ

**ଉଲାନବାଟାର,୯।୪ (ପି.ଟି.)**

ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ମୀନାକ୍ଷୀ ହୁଡା ଓ ପ୍ରିତି ପାୱାରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ମୋଟ ୧୦ ପଦକ ହାସଲ କରିଛି। ମୀନାକ୍ଷୀ (୪୮କେଜି) ଓ ପ୍ରିତି (୫୪କେଜି)ଙ୍କ ବ୍ୟତୀତ ସ୍ୱର୍ଣ୍ଣ ଜିତିଥିବା ଅନ୍ୟ ଦୁଇ ବକ୍ସର ହେଲେ ପ୍ରିୟା ଘନ୍‌ଘାସ (୬୦କେଜି) ଏବଂ ବିଶ୍ୱ ବକ୍ସିଂ କପ୍ ସ୍ୱର୍ଣ୍ଣ ପଦକ ବିଜେତା ଅରୁନ୍ଧତୀ ଚୌଧାରୀ (୭୦କେଜି)। ଭାରତ ପାଇଁ ସବୁଠାରୁ ବଡ଼ ବିପର୍ଯ୍ୟୟ ହେଲା ୫୭ କେଜି ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଯସ୍ମିନ ଲାମ୍ବୋରିଆଙ୍କ ପରାଜୟ। ସେ ଥାଇଲାଣ୍ଡର ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ପୁନରାୱି ରୁଇନର୍ସଙ୍କଠାରୁ ୦-୫ରେ ହାରିଯାଇଥିଲେ। ଭାରତ ପାଇଁ ଅନ୍ୟ ଏକ ରୌପ୍ୟ ପଦକ ଜିତିଛନ୍ତି ରନର-ଅପ୍ ଅଲଫିୟା ପଠାନ (୮୦+କେଜି)। କେତେକ ଓଜନ କାଟେଗୋରିରେ ସୀମିତ ସଂଖ୍ୟକ ବକ୍ସର ଅଂଶଗ୍ରହଣ କରିଥିଲେ। ମାତ୍ର ୩ ଜଣ ଭାଗ ନେଇଥିଲେ। ଲଭଲିନା ବର୍ଗୋହେନ୍ (୭୫କେଜି), ପୂଜାରାଣୀ (୮୦କେଜି) ଓ ଅଲଫିୟା ଅଂଶଗ୍ରହଣକାରୀ ହିସାବରେ ପଦକ ପାଇଥିଲେ। ଗୁରୁବାର ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ ମୀନାକ୍ଷୀ। ସେ ମଙ୍ଗୋଲିଆର ନୋମୁନ୍ଦାରୀ ଏନ୍‌ଖ-ଅମ୍‌ଗାଲାନଙ୍କ ବିପକ୍ଷ ବାଉଟ୍‌କୁ ୫-୦ରେ ଜିତିଥିଲେ। ପରେ ପ୍ରୀତି ଅନ୍ୟ ଏକ ଫାଇନାଲରେ ୩ଥର ବିଶ୍ୱ ଚାମ୍ପିୟନ ଚାଇନିଜ ତାଇପେର ହୁଆଙ୍ଗ ସିଆଓ-ୱେନ୍‌ଙ୍କୁ ୫-୦ରେ ପରାସ୍ତ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ, ଉତ୍କଳ ରନର ଅପ୍



ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର କୃତୀ ଖେଳାଳିମାନେ।

**ସମ୍ବଲପୁର,୯।୪(ପ୍ରମୋଦ ବହିଦାର)**

**ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡକୁଦ**

ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମଠାରେ ଆୟୋଜିତ ୪ର୍ଥ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ଉଭୟ ମହିଳା ଓ ପୁରୁଷ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ରନର ଅପ ହୋଇଛି। ପ୍ରତିଯୋଗିତାର ଶେଷ ଦିନରେ ପୁରୁଷ ଓ ମହିଳା ବିଭାଗର ୧୦,୦୦୦ ମିଟର ଦୌଡ଼, ୨୦୦ ମିଟର ସ୍ପ୍ରିଣ୍ଟ ଏବଂ ୪x୪୦୦ ମିଟର ରିଲେ ଦୌଡ଼ ଆୟୋଜିତ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ଆୟୋଜିତ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହେବାର ଗୌରବ ହାସଲ କରିଛି। ସମୁଦାୟ ୨୫୧ ପଏଣ୍ଟ ସହ ୧୬ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଏବଂ ୧୪ଟି ବ୍ରୋଞ୍ଜ ପଦକ ଜିତି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଲିକାର ଶୀର୍ଷରେ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୧୫୭ ପଏଣ୍ଟ ସହ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୧୧ ବ୍ରୋଞ୍ଜ ପଦକ ଜିତି ପ୍ରଥମ ରନର ଅପ ଏବଂ ଜିଏମ୍ ବିଶ୍ୱବିଦ୍ୟାଳୟ ୧୧୬ ପଏଣ୍ଟ ସହିତ ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ଜିତି ପାଇ ଦ୍ୱିତୀୟ ରନର ଅପ ବିବେଚିତ ହୋଇଛନ୍ତି। ପୁରୁଷ ବର୍ଗରେ ଏସ୍‌ୟୁର ଦୟାନିଧି ମୁଣ୍ଡା (୨୮ ପଏଣ୍ଟ) ଓ ମହିଳାବର୍ଗରେ ଜିଏମ୍ ବିଶ୍ୱବିଦ୍ୟାଳୟର ଦୀପ୍ତିରାଣୀ ସାହୁ (୨୬ ପଏଣ୍ଟ) ପାଇ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି।

# ରବି ଶାସ୍ତ୍ରୀଙ୍କ ନାମରେ ଷ୍ଟାଣ୍ଡ୍

**ମୁମ୍ବାଇ,୯।୪**

ପୂର୍ବତନ ଅଲରାଉଣ୍ଡର ତଥା ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ନାମରେ ଗୁରୁବାର ୱାଙ୍ଖେଡେ ଷ୍ଟାଡିୟମରେ ଏକ ଷ୍ଟାଣ୍ଡ ଉନ୍ମୋଚିତ କରାଯାଇଛି। ଭାରତୀୟ କ୍ରିକେଟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରିବା ପାଇଁ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ୱାଙ୍ଖେଡେ ଷ୍ଟାଡିୟମରେ ପ୍ରେସ ବକ୍ସର ତଳେ ଥିବା ଷ୍ଟାଣ୍ଡକୁ 'ରବି ଶାସ୍ତ୍ରୀ ଷ୍ଟାଣ୍ଡ' ନାମରେ ନାମିତ କରାଯାଇଛି। ଏଥିସହିତ ପୂର୍ବତନ ମହିଳା ଅଧିନାୟକ ଡାଏନା ଇଦୁଲ୍‌ଜି, ଏକନାଥ ସୋଲକର ଓ ଦିଲୀପ ସରଦେସାଇଙ୍କ ନାମରେ ଯଥାକ୍ରମେ ଗେଟ୍ ନଂ.୩, ନଂ. ୬ ଓ ନଂ. ୫ ନାମିତ କରାଯାଇଛି। ଏହି ଅବସରରେ ସୁନୀଲ ଗାଭାସ୍କର ଓ ସୂର୍ଯ୍ୟକୁମାର ଯାଦବ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଟି୨୦ରେ ବ୍ରାଜିଲର କାରଡୋସୋଙ୍କ ବିଶ୍ୱ ରେକର୍ଡ

**ଦୁବାଇ,୯।୪(ପି.ଟି.)**

ବ୍ରାଜିଲର ଫାଷ୍ଟ ବୋଲର ଲୌରା କାରଡୋସୋ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପ୍ରଥମ ଖେଳାଳି ଭାବେ ୯ ଉଇକେଟ ସଫଳତା ହାସଲ କରିଛନ୍ତି। ଲୌରା ଗାବୋରୋନସ୍ଥିତ ବୋଟ୍‌ସ୍ୱାନା କ୍ରିକେଟ ଆସୋସିଏଶନ ଓଭାଲଠାରେ ଚାଲିଥିବା ବିସିଏ କଳାହାରୀ ମହିଳା ଟି୨୦ ଟୁର୍ନାମେଣ୍ଟରେ ଲେସୋଥୋ ବିପକ୍ଷ ମ୍ୟାଚ୍‌ରେ ୩ ଓଭରରେ ୪ ରନ ଦେଇ ୯ ଉଇକେଟ ନେଇଥିଲେ, ଯାହାକି ପୁରୁଷ ଓ ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏକ ବିଶ୍ୱରେକର୍ଡ। ଏଥିପୂର୍ବରୁ ଏହି ରେକର୍ଡ ଭୁଟାନର ସୋନମ ୟେଶେଙ୍କ ନାମରେ ଥିଲା। ସେ ୨୦୨୫ରେ ମ୍ୟାନ୍‌ମାର ବିପକ୍ଷ ଏକ ପୁରୁଷ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ୭ ବ୍ୟୟରେ ୮ ଉଇକେଟ ନେଇଥିଲେ।

ଅନ୍ତର୍ଜାତୀୟ ମହିଳା ଟି୨୦ରେ କାରଡୋସୋ ଇଣ୍ଡୋନେସିଆର ରହମାଲା ରୋହମାଲିଆଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ରହମାଲା ୨୦୨୪ରେ ମଙ୍ଗୋଲିଆ ବିପକ୍ଷରେ ବିନା ରନ ଦେଇ ୭ ଉଇକେଟ ହାସଲ କରିଥିଲେ।







# ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର ଗୋପୀନାଥଙ୍କ ପରଲୋକ

**ନୂଆଦିଲ୍ଲୀ,୯।୪(ପି.ଟି.)**

ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର ଗୋପୀନାଥଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ଚେନ୍ନାଇର ଆଡିଆରଠାରେ ତାଙ୍କ ଝିଅ ଘରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଶେଷ ନିଃଶ୍ୱାସ ନେଇଛନ୍ତି। ୧୯୫୨ରେ ମାଡ୍ରାସଠାରେ ଇଂଲଣ୍ଡ ବିପକ୍ଷରେ ଭାରତ ହାସଲ କରିଥିବା ସର୍ବପ୍ରଥମ ଟେଷ୍ଟ ବିଜୟୀ ଦଳର ସେ ଅନ୍ତିମ ଜୀବିତ ସଦସ୍ୟ ଥିଲେ। ତାଙ୍କ ବିୟୋଗ ଯୋଗୁ ଏବେ ଭାରତ ତଥା ମୁମ୍ବାଇର ୯୫ ବର୍ଷୀୟ ଉଇକେଟକିପର ବ୍ୟାଟର ଚନ୍ଦୁ ପାଟନକର ହେଉଛନ୍ତି ଏବେ ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର। ସେ ୧୯୫୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ଗୋପୀନାଥ ଭାରତ ପାଇଁ ୮ ଟେଷ୍ଟ ଖେଳି ଏକ ଅର୍ଦ୍ଧଶତକ ସହ ୨୪୨ ରନ କରିଥିଲେ। ସେ ୧୯୫୫ରୁ ୧୯୬୩ ପର୍ଯ୍ୟନ୍ତ ମାଡ୍ରାସ ଓ ଦୁଲୀପ ଟ୍ରଫିରେ ସାଉଥ ଜୋନର ନେତୃତ୍ୱ ନେଇଥିଲେ। ରଣଜୀ ଟ୍ରଫିରେ ତାଙ୍କ ଆଭରେଜ ୫୦ରୁ ଅଧିକ ଥିଲା ଏବଂ ୨୩୪ ତାଙ୍କର ସର୍ବାଧିକ ସ୍କୋର ଥିଲା। ଖେଳାଳି ଭାବେ ଅବସର ନେବା ପରେ ଗୋପୀନାଥ ମୁଖ୍ୟ ଜାତୀୟ ଚୟନକର୍ତ୍ତା ଓ ୧୯୭୯ରେ ଇଂଲଣ୍ଡ ଟୁର କରିଥିବା ଭାରତୀୟ ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ